# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ମେ ୧୩/୨୦୧୯ (୧୬ ପୃଷ୍ଠା) | Sambalpur, Monday, May 13/ 2019 | ★★

୧୫ଶ ଭାଗ ୧୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ରିଷି କପୁରଙ୍କୁ ଭେଟିଲେ ଦୀପିକା**
ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ନ୍ୟୁୟର୍କରେ ଚିକିତ୍ସାଧୀନ ବିଶିଷ୍ଟ ଅଭିନେତା ରିଷି କପୁରଙ୍କୁ ସାକ୍ଷାତ କରିଛନ୍ତି।
୦୨

୧୪
**ୱେଲଟରୱେଟ୍ ଟାଇଟଲ ପାଇଁ ଲଢେଇ କରିବେ ପାକ୍ୱିଓ**
ଫିଲିପାଇନ୍ସର ବକ୍ସିଂ କିମ୍ବଦନ୍ତୀ ମ୍ୟାନି ପାକ୍ୱିଓ ୱାର୍ଲ୍ଡ ବକ୍ସିଂ ଆସୋସିଏଶନ ୱେଲଟରୱେଟ୍ ଟାଇଟଲ ଲଢେଇରେ କିଥ୍ ଥରମ୍ୟାନଙ୍କ ସହିତ ଲଢେଇ କରିବେ।



■ ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ଘର ଭାଙ୍ଗିଥିଲେ ମିଳିବ ପକ୍କାଘର

ଭୁବନେଶ୍ୱର,୧୨।୫(ବ୍ୟୁରୋ)

■ ୧୫ରୁ କ୍ଷୟକ୍ଷତି ଆକଳନ
■ ସପ୍ତାହେ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ
■ ଜୁନ୍ ୧ରୁ କାର୍ଯ୍ୟାଦେଶ ମିଳିବ
■ ପ୍ରଭାବିତ ଜିଲାରେ ପାନୀୟଜଳ ଯୋଗାଣକୁ ଗୁରୁତ୍ୱ
■ ସୁଧୁରିଛି ଟାୱାର ସମସ୍ୟା

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ଯେଉଁମାନଙ୍କ ଘର ସମ୍ପୂର୍ଣ୍ଣ ଓ ବହୁଳଭାବେ କ୍ଷତିଗ୍ରସ୍ତ ହୋଇଥିବ ସେମାନଙ୍କୁ ନୂତନ ପକ୍କାଘର ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ସଚିବାଳୟରେ ଏହି ଘୋଷଣା କରିଛନ୍ତି। ଚଳିତ ମାସ ୧୫ରୁ କ୍ଷତିଗ୍ରସ୍ତ ହୋଇଥିବା ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯିବ। ପ୍ରକ୍ରିୟା ଆରମ୍ଭର ସପ୍ତାହକ ମଧ୍ୟରେ ଆକଳନ ସାରିବା ନେଇ ସମୟ ଧାର୍ଯ୍ୟ କରାଯାଇଛି। ଫନୀ ଦ୍ୱାରା ବହୁଳ କ୍ଷତିଗ୍ରସ୍ତ ବ୍ଲକରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା କ୍ଷୟକ୍ଷତି ଆକଳନ କରାଯିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ନୂଆ ପକ୍କାଘର ପାଇଁ ଆସନ୍ତା ଜୁନ୍ ୧ରୁ କାର୍ଯ୍ୟାଦେଶ ବଣ୍ଟନ କରାଯିବ। ସେହିଭଳି ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ପକ୍କାଘରରୁ ବଞ୍ଚିତ ନ ହେବେ, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷରେ ବାତ୍ୟା ପ୍ରଭାବିତ ଜିଲାରେ ରିଲିଫ୍ ବଣ୍ଟନ ଏବଂ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ସୂଚନା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକସମ୍ପର୍କ ସଚିବ ସଞ୍ଜୟ ସିଂ କହିଛନ୍ତି ଯେ, ପୁରୀ ଜିଲାରେ ୨୪୩, ଖୋର୍ଦ୍ଧାରେ ୩୩୯ ଗ୍ରାମୀଣ ପାଇପ୍ ପାଣି ଯୋଗାଣ ଯୋଜନା କାର୍ଯ୍ୟକାରୀ ହୋଇଛି। ସେହିଭଳି ଭଦ୍ରକ, କେନ୍ଦ୍ରାପଡା ଜିଲାରେ ଶତପ୍ରତିଶତ ଏବଂ ଯାଜପୁର ଓ ଜଗତ୍‌ସିଂହପୁର ଜିଲାରେ ୯୮% ଗ୍ରାମୀଣ ପାଇପ୍ ପାଣି ଯୋଗାଣ ସ୍ୱାଭାବିକ ହୋଇଛି। ଫନୀ ଦ୍ୱାରା ପ୍ରଭାବିତ ୨୩୬୪ ୱାଟର ପଏଣ୍ଟରୁ ୨୧୧୪ଟିର ମରାମତି ସରିଥିବା ସଚିବ ସିଂ କହିଛନ୍ତି। ଏହା ବ୍ୟତୀତ ୧୨୬୬ ଭ୍ରାମ୍ୟମାଣ ୱାଟର ଟ୍ୟାଙ୍କ୍ ୭ଟି ଜିଲାରେ ବୁଲୁଛି। ସହରାଞ୍ଚଳରେ ମଧ୍ୟ ଜଳଯୋଗାଣକୁ ବ୍ୟାପକ କରାଯାଇଛି। ଜଗତ୍‌ସିଂହପୁର ଜିଲାରେ ଫନୀ ପୂର୍ବସ୍ଥିତି ଫେରିଲାଣି। ବିଶେଷ ଭାବେ ପୁରୀ, ଖୋର୍ଦ୍ଧା ସହରରେ ପାନୀୟଜଳ ଯୋଗାଣକୁ ☞ପୃଷ୍ଠା-୪

## ଆଜିଠୁ ଫନୀ ପ୍ରଭାବିତ ଅଞ୍ଚଳ ଗସ୍ତ କରିବ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୧୨।୫(ବ୍ୟୁରୋ)

■ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅତିରିକ୍ତ ସଚିବ ନେଉଛନ୍ତି ନେତୃତ୍ୱ
■ ମୃତ୍ୟୁସଂଖ୍ୟା ୬୪ ଛୁଇଁଲା
■ ପୁରୀରେ ସର୍ବାଧିକ ୩୯
■ ୧୪ ଜିଲାର ୧.୬୪ କୋଟି ଲୋକ ପ୍ରଭାବିତ

ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ଓଡ଼ିଶା ଉପକୂଳ ବହୁଳ ଭାବେ ପ୍ରଭାବିତ ହୋଇଛି। ପୁରୀ ଏବଂ ଖୋର୍ଦ୍ଧା ଜିଲାରେ ଏହାର ପ୍ରଭାବ ସର୍ବାଧିକ ହୋଇଥିବା ବେଳେ କଟକ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଫନୀ ପ୍ରଭାବିତ ଅଞ୍ଚଳକୁ କେନ୍ଦ୍ରୀୟ ଟିମ୍ ସୋମବାର ଗସ୍ତକରି କ୍ଷୟକ୍ଷତି ଆକଳନ କରିବେ। ପ୍ରଭାବିତ ଅଞ୍ଚଳ ବୁଲିସାରିବା ପରେ ରାଜ୍ୟ ପ୍ରଶାସନ ସହ ଟିମ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିନିଧି ଦଳରେ ☞ପୃଷ୍ଠା-୪



ହାଇଦ୍ରାବାଦ: ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ଫାଇନାଲରେ ଚେନ୍ନାଇ ସୁପର କିଙ୍ଗ୍ସ ଖେଳାଳି ସୁରେଶ ରାଇନାଙ୍କ ଉଇକେଟ ପତନ ପରେ ଖୁସି ମୁହୂର୍ତ୍ତରେ ମୁମ୍ବାଇ ଇଣ୍ଡିଆନ୍ସ ବୋଲର ରାହୁଲ ଚହର।

# ମୁମ୍ବାଇକୁ ଚତୁର୍ଥ ଟାଇଟଲ

ଆଇପିଏଲ୍ ୧୨

ହାଇଦ୍ରାବାଦ, ୧୨।୫(ପି.ଟି.)

ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ୨୦୧୯ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟାଇଟଲ ହାସଲ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହାଇଭୋଲ୍ଟେଜ ଫାଇନାଲ ମ୍ୟାଚ୍‌ରେ ମୁମ୍ବାଇ ୧ ରନରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସକୁ ହରାଇ ରେକର୍ଡ ଚତୁର୍ଥଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଟସ୍ ଜିତି ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ଚେନ୍ନାଇ ଅନ୍ତିମ ବଲରେ ଅବଶ୍ୟକ ଦୁଇ ରନ ସଂଗ୍ରହ କରି ନ ପାରି ୭ ଉଇକେଟ ହରାଇ ୧୪୮ ରନରେ ☞ପୃଷ୍ଠା-୪

# ଭୋଟ ବେଳେ ହିଂସା

କୋଲକାତା,୧୨।୫(ପି.ଟି.)

■ ପଶ୍ଚିମବଙ୍ଗରେ ଟିଏମ୍‌ସି ସମର୍ଥକଙ୍କ ଆକ୍ରମଣ
■ ଲୁହାରଡ୍ ମାଡ଼ରେ ଭାଜପା କର୍ମୀ ମୃତ
■ ମନ୍ଦିରରେ ଆଶ୍ରୟ ନେଲେ ପ୍ରାର୍ଥୀ ଭାରତୀ

ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ବେଳେ ରବିବାର ପଶ୍ଚିମବଙ୍ଗର କେତେକ ସ୍ଥାନରେ ହିଂସାକାଣ୍ଡ ଘଟିଛି। ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ଭାଜପା ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟି ଝାଡ଼ଗ୍ରାମ ଜିଲାରେ ଜଣେ ଭାଜପା କର୍ମୀଙ୍କ ମୃତ୍ୟୁ ଘଟିଛି। ସେହିପରି ଟିଏମ୍‌ସି କର୍ମୀଙ୍କ ଆକ୍ରମଣରେ ଜଣେ ପ୍ରାର୍ଥୀ ଆହତ ହୋଇଛନ୍ତି। ଏହାକୁ ନେଇ ରାଜନୀତି ସରଗରମ ହୋଇଛି।

ଷଷ୍ଠ ପର୍ଯ୍ୟାୟରେ ୭ ରାଜ୍ୟର ୫୯ ଆସନରେ ରବିବାର ଭୋଟଗ୍ରହଣ କରାଯାଇଛି। ପଶ୍ଚିମବଙ୍ଗର ୫ ଜିଲାର ୮ ଲୋକ ସଭା ଆସନରେ ମତଦାନ ଚାଲିଥିବାବେଳେ ଘଟାଲର କେଶୁପର ଗ୍ରାମ ଟିଏମ୍‌ସି ଏବଂ ଭାଜପା କର୍ମୀଙ୍କ ପାଇଁ ରଣକ୍ଷେତ୍ର ପାଲଟିଛି। ଝାଡ଼ଗ୍ରାମର ବଲ୍ଲବପୁରରେ ଭୋଟଗ୍ରହଣ ବେଳେ ଭାଜପା କର୍ମୀ ରମେନ୍ ସିଂ(୩୦)ଙ୍କ ଉପରେ ଲୁହାରଡ୍‌ରେ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ରମେନ୍‌ଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ହତ୍ୟାକାଣ୍ଡ ପଛରେ ଟିଏମ୍‌ସିର ହାତ ଥିବା ଭାଜପା ଅଭିଯୋଗ ଆଣିଛି। ସେହିପରି ପଶ୍ଚିମ ମେଦିନୀପୁର ଜିଲା ଘଟାଲ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ତଥା ପୂର୍ବତନ ଆଇପିଏସ୍ ଅଧିକାରୀ ଭାରତୀ ଘୋଷଙ୍କୁ ମତଦାନ କେନ୍ଦ୍ରକୁ ଯିବାକୁ ଦିଆଯାଇ ନ ଥିଲା। ଫଳରେ ତାଙ୍କର ଜଣେ ସୁରକ୍ଷା କର୍ମୀ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଜଣେ ଟିଏମ୍‌ସି କର୍ମୀ ଆହତ ହେବା ପରେ ଅନ୍ୟ ସମର୍ଥକମାନେ ଉତ୍ତ୍ୟକ୍ତ ହୋଇ ଭାରତୀଙ୍କୁ ଆକ୍ରମଣ କରିଥିଲେ। ଏଥିରୁ ରକ୍ଷା ପାଇବା ପାଇଁ ଭାରତୀ ବାଧହୋଇ ଏକ ମନ୍ଦିରରେ ଆଶ୍ରୟ ନେଇଥିଲେ। ଭାରତୀ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରୁଥିବା ଅଭିଯୋଗ ଆଣି ଟିଏମ୍‌ସି ସମର୍ଥକ ତାଙ୍କୁ ପୁନର୍ବାର ଆକ୍ରମଣ କରିଥିଲେ। ଫଳରେ କେଶୁପୁର ଥାନା ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଭିଡ଼କୁ ଘଉଡାଇବା ଲାଗି ପୋଲିସ ଏବଂ ରାପିଡ୍ ଆକ୍ସନ୍ ଫୋର୍ସ (ଆର୍‌ଏଏଫ୍) ଯବାନ ଲାଠିଚାର୍ଜ କରିଥିଲେ। ଅନୁରୂପ ଭାବେ ଝେଟ୍‌ଲା ଅଞ୍ଚଳରେ ମଧ୍ୟ ଭାରତୀଙ୍କ ସୁରକ୍ଷା ଗାଡ଼ିକୁ ଟାର୍ଗେଟ କରି ବୋମାମାଡ଼ ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, ଯାହାକୁ ଟିଏମ୍‌ସି ଖଣ୍ଡନ କରିଛି। ନିର୍ବାଚନ କମିଶନ (ଇସି) ଏହାକୁ ନେଇ ମେଦିନୀପୁର ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**
**ଅନୁସନ୍ଧିତ୍ସୁ ଚିନ୍ତାଧାରା**

**ଆଜିର ମନ୍ତବ୍ୟ**
" ଦେଶର ଧାର୍ମିକ ଐତିହ୍ୟକୁ କଳଙ୍କିତ କରିବା ଲାଗି 'ହିନ୍ଦୁ ଆତଙ୍କବାଦ'ର ଷଡ଼ଯନ୍ତ୍ର ରଚିଥିଲା କଂଗ୍ରେସ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ





NECC NATIONAL EGG CO-ORDINATION COMMITTEE | 12.05.2019 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 106 | 166 | 176 |
| BDK | 112 | 174 | 184 |
| BLS | 112 | 174 | 184 |
| ANG | 107 | 166 | 177 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers


# ନିଶାରେ ଭାସିଥିଲା ନିର୍ବାଚନ

କଟକ ଅଫିସ, ୧୨।୫

■ ୨ ମାସ ମଧ୍ୟରେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମଦ ଜବତ
■ ଭଦ୍ରକ ମଦମୃତ୍ୟୁ ଘଟଣାକୁ ଚାପିଦେଲା ଫନୀ


ନିଶାରେ ଭାସିଥିଲା ଓଡ଼ିଶାର ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନ। ଭଦ୍ରକରେ ନିର୍ବାଚନ ସମୟରେ ବିଷାକ୍ତ ମଦ ପିଇ ୧୦ ଜଣ ପ୍ରାଣ ହରାଇଥିଲେ। କିନ୍ତୁ ନିର୍ବାଚନ ପରବର୍ତ୍ତୀ ସମୟରେ ଫନୀ ବିଭୀଷିକା ଏହି ବୃହତ୍ ଘଟଣାକୁ ଚାପି ଦେଲା। ନିର୍ବାଚନ ଆଚରଣବିଧି ସଂହିତା ଅନୁଯାୟୀ ମତଦାନର ଦୁଇଦିନ ପୂର୍ବରୁ ମଦ ଦୋକାନ ବନ୍ଦ ରହିଥାଏ। କିନ୍ତୁ ଆଗ ତାଲା, ପଛ ଖୋଲା ନୀତିରେ ମଦ କାରବାର ଚୋରାରେ ଚାଲିଥିଲା, ଯାହା ଭଦ୍ରକ ମଦମୃତ୍ୟୁ ଘଟଣା ସାମ୍ନାକୁ ଆଣିଛି। କେବଳ ଭଦ୍ରକ ନୁହେଁ ସମଗ୍ର ରାଜ୍ୟରେ ନିର୍ବାଚନ ସମୟରେ ଚୋରା ମଦ ସହିତ ଅନ୍ୟାନ୍ୟ ନିଶା ସାମଗ୍ରୀର ଅବାଧ କାରବାର ଚାଲିଥିଲା। ଗତ ମାର୍ଚ୍ଚ ୧୦ରୁ ମେ ପହିଲା ମଧ୍ୟରେ ଅବକାରୀ ବିଭାଗ ଜବତ କରିଥିବା ଚୋରା ନିଶା ସାମଗ୍ରୀକୁ ଦେଖିଲେ ଏହାର ସ୍ପଷ୍ଟ ପ୍ରମାଣ ମିଳୁଛି।

ଉପରୋକ୍ତ ସମୟ ମଧ୍ୟରେ ଅବକାରୀ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୫୯,୧୬୧.୨୪୩ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଜବତ ମଦର ମୂଲ୍ୟ ୨,୯୫,୮୦,୬୨୧.୫୦ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଚୋରା କାରବାରରେ ୫୨୭ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଉପରୋକ୍ତ ଅବଧି ମଧ୍ୟରେ ୪୩୩୮.୨୫୫ ଲିଟର ବିୟର ଜବତ କରାଯାଇଛି। ଏହାର ମୂଲ୍ୟ ୭,୮୦,୮୮୫.୯୦ ଟଙ୍କା ହେବ। ଏହି ଚୋରା କାରବାର ଅଭିଯୋଗରେ ୧୮୯ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ଦେଶୀ ମଦ କାରବାର ମଧ୍ୟ କିଛି କମ୍ ନ ଥିଲା। ନିର୍ବାଚନ ଚାଲିଥିବା ସମୟରେ ଅବକାରୀ ବିଭାଗ ପକ୍ଷରୁ ୩୨,୩୬୯.୦୮୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା, ଯାହାର ମୂଲ୍ୟ ୪୮,୫୫,୩୬୨.୭୫ ଟଙ୍କା ହେବ। ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୯୮୩ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ସମାନ ସମୟ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୬୮,୬୯୧.୧୨୦ ଲିଟର ହାତରନ୍ଧା ମଦ ଜବତ କରାଯାଇଥିଲା। ତାହାର ମୂଲ୍ୟ ୬୮,୬୯,୧୧୨ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି। ଏହି ଘଟଣାରେ ୨୩୮୫ ଜଣଙ୍କୁ ଗିରଫ କରାଯାଇଛି। ମୋଟାମୋଟି ଭାବେ ଦେଖିଲେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୩,୦୭୯ଟି ଚଢାଉ କରାଯାଇ ୧,୬୪,୫୫୯.୭୦୩ ଲିଟର ମଦ ଜବତ କରାଯାଇଛି। ☞ପୃଷ୍ଠା-୪



" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ଆଳରେ ପଶ୍ଚିମବଙ୍ଗରେ ସମାନ୍ତରାଳ ସରକାର ଚଳାଉଛନ୍ତି।
– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ




ସୁନୀଲ ଆରୋରା


ପ୍ରଣବ ମୁଖାର୍ଜୀ


ରାହୁଲ ଗାନ୍ଧୀ


ସୋନିଆ ଗାନ୍ଧୀ


ଅରବିନ୍ଦ କେଜ୍‌ରିୱାଲ


ପ୍ରିୟଙ୍କା ଗାନ୍ଧୀ ଭଦ୍ରା


ସୁଷମା ସ୍ୱରାଜ


ହର୍ଷବର୍ଦ୍ଧନ


ପ୍ରଜ୍ଞା ସିଂ ଠାକୁର


ଶୀଲା ଦୀକ୍ଷିତ ଓ ସନ୍ଦୀପ ଦୀକ୍ଷିତ


ସୀମା ସିସୋଡିଆ ଓ ମନୀଷ ସିସୋଡିଆ


ଶିବରାଜ ସିଂ ଚୌହାନ


ଦିବ୍ୟାଙ୍କା ତ୍ରିପାଠୀ


ମନୋଜ ତିୱାରୀ


ଗୌତମ ଗମ୍ଭୀର ଓ ନତାସା ଜୈନ୍

## ୫୪୩ରୁ ଆଉ ୫୯ ଆସନରେ ଭୋଟ ବାକି

# ଷଷ୍ଠ ପର୍ଯ୍ୟାୟରେ ୬୨.୨୭% ମତଦାନ

**ନୂଆଦିଲ୍ଲୀ,୧୨।୫(ପି.ଟି.)**

ଲୋକ ସଭାର ୫୪୩ ଆସନ ମଧ୍ୟରୁ ୪୨୪ଟିରେ ପୂର୍ବ ୫ ପର୍ଯ୍ୟାୟରେ ମତଦାନ ହୋଇଥିବାବେଳେ ରବିବାର ୫୯ ଆସନରେ ଭୋଟଗ୍ରହଣ କରାଯାଇଛି। ଏଥିସହ ୪୮୪ ଆସନରେ ନିର୍ବାଚନ ଶେଷ ହୋଇଛି। ଆସନ୍ତା ୧୯ରେ ଅବଶିଷ୍ଟ ୫୯ ଆସନରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଷଷ୍ଠ ପର୍ଯ୍ୟାୟ ନିର୍ବାଚନରେ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶର କେତେକ ସ୍ଥାନରେ ହିଂସାକୁ ଛାଡ଼ିଦେଲେ ପ୍ରାୟ ସମସ୍ତ ଆସନରେ ରବିବାର ଶାନ୍ତିପୂର୍ଣ୍ଣ ଭାବେ ଭୋଟଗ୍ରହଣ କରାଯାଇଛି। ରାତି ୮ଟା ସୁଦ୍ଧା ୬୨.୨୭% ମତଦାନ ହୋଇଥିବା ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ସୂଚନା ଦିଆଯାଇଛି।


ବିହାରର ୮, ହରିୟାଣା (୧୦), ଝାଡ଼ଖଣ୍ଡ (୪), ମଧ୍ୟପ୍ରଦେଶ (୮), ୟୁପି (୧୪), ପଶ୍ଚିମବଙ୍ଗ (୮) ଏବଂ ଦିଲ୍ଲୀ–ଏନ୍‌ସିଆର୍ (୭) ଲୋକ ସଭା ଆସନରେ ରବିବାର ଭୋଟଗ୍ରହଣ କରାଯାଇଛି। ୭ ରାଜ୍ୟର ୫୯ ଆସନରେ ମତଦାନ



ପାଇଁ ୧.୧୩ ଲକ୍ଷ ପୋଲିଂ ବୁଥ୍ ପ୍ରତିଷ୍ଠା କରାଯାଇଥିଲା। ୧୦ କୋଟି ୧୭ ଲକ୍ଷ ଭୋଟରଙ୍କ ମଧ୍ୟରୁ ୬୧.୧୪% ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରି ସେମାନଙ୍କ ମନପସନ୍ଦର ପ୍ରତିନିଧି ବାଛିଛନ୍ତି। ଏଥିସହ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ବନ୍ଦ ହୋଇଯାଇଛି ୯୭୯ ପ୍ରାର୍ଥୀଙ୍କ ଭାଗ୍ୟ। ଭାଗ୍ୟ ନିର୍ଦ୍ଧାରିତ ହୋଇଥିବା ହେଭିୱେଟଙ୍କ ମଧ୍ୟରେ ଅଛନ୍ତି, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶୀଲା ଦୀକ୍ଷିତ୍, ଅଲିମ୍ପିଆନ୍ ବକ୍ସର ବିଜେନ୍ଦର ସିଂ, କ୍ରିକେଟରରୁ ରାଜନେତା ସାଜିଥିବା ଭାଜପାର ଗୌତମ ଗମ୍ଭୀର, କେନ୍ଦ୍ରମନ୍ତ୍ରୀ ରାଧାମୋହନ ସିଂ, ମାନେକା ଗାନ୍ଧୀ, ହର୍ଷବର୍ଦ୍ଧନ, ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଲେଶ ଯାଦବ ଓ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ୟୋତିରାଦିତ୍ୟ ସିନ୍ଧିଆ। ସେହିପରି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ୧୬ ବର୍ଷ ପରେ ମଇଦାନକୁ ଓହ୍ଲାଇଥିବାବେଳେ ଭୋପାଳ ଆସନରେ ତାଙ୍କୁ କଡ଼ା ଟକ୍କର ଦେଇଛନ୍ତି ଭାଜପାର ବିବାଦୀୟ ନେତା ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର। ଷଷ୍ଠ ପର୍ଯ୍ୟାୟରେ ମତଦାନ ବେଳେ କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଦେଖାଦେଇଥିଲା। ଭୋଟ ଦେବା ପାଇଁ ମତଦାତାଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଓ ଉତ୍ସାହ ଦେଖିବାକୁ ମିଳିଥିଲା। ପଶ୍ଚିମବଙ୍ଗରେ ସର୍ବାଧିକ ୮୦.୧୬%, ହରିୟାଣା ୬୫.୪୮, ବିହାର ୫୯.୨୯, ଝାଡ଼ଖଣ୍ଡ ୬୪.୫୦, ମଧ୍ୟପ୍ରଦେଶ ୬୨.୦୬, ଦିଲ୍ଲୀ–ଏନ୍‌ସିଆର୍ ୫୮.୦୧ ଏବଂ ଉତ୍ତରପ୍ରଦେଶରେ ସର୍ବନିମ୍ନ ୫୪.୨୪% ମତଦାନ ହୋଇଛି।

- ୭ ରାଜ୍ୟର ୫୯ ଆସନରେ ମତଦାନ
- ୧.୧୩ ଲକ୍ଷ ପୋଲିଂ ବୁଥ୍‌ରେ ଭୋଟଗ୍ରହଣ
- ୯୭୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କଲେ ୧୦.୧୭ କୋଟି ଭୋଟର
- ଇଭିଏମ୍‌ରେ ମାନେକା, ପ୍ରଜ୍ଞା, ଦିଗ୍‌ବିଜୟ, ଅଖିଳେଶଙ୍କ ଭାଗ୍ୟ

## ଭୋଟ ଦେଲେ ପ୍ରଥମ ନାଗରିକ



ରାଷ୍ଟ୍ରପତି ରାମନାଥ କୋବିନ୍ଦ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ କମ୍ପ୍ଲେକ୍ସସ୍ଥିତ ରାଜେନ୍ଦ୍ର ପ୍ରସାଦ ସର୍ବୋଦୟ ବିଦ୍ୟାଳୟରେ ରବିବାର ମତଦାନ କରିବା ପରେ ଅଙ୍ଗୁଳିର କାଳିଚିହ୍ନ ଦେଖାଉଛନ୍ତି।

## ସଂକ୍ଷେପରେ

### ଦିଲ୍ଲୀରେ ସବୁଠୁ ବୟସ୍କ ଭୋଟରଙ୍କ ମତଦାନ



**ନୂଆଦିଲ୍ଲୀ,୧୨।୫(ପି.ଟି):** ଦିଲ୍ଲୀରେ ସବୁଠୁ ବୟସ୍କ ଭୋଟର ବଚନ ସିଂ ରବିବାର ତିଲକ ବିହାରସ୍ଥିତ ଏକ ମତଦାନ କେନ୍ଦ୍ରରେ ଭୋଟ ଦେଇଛନ୍ତି। ତାଙ୍କର ବୟସ ୧୧୧ ବର୍ଷ। ୨୦୧୫ରେ ଦିଲ୍ଲୀରେ ହୋଇଥିବା ଶେଷ ବିଧାନସଭା ନିର୍ବାଚନରେ ବଚନ ସାଇକେଲ ଚଢ଼ି ଭୋଟ ଦେବାକୁ ଯାଇଥିଲେ। ଏଥର ତାଙ୍କୁ ପୋଲିଂ ଅଧିକାରୀମାନେ ଏକ କାର୍‌ରେ ମତଦାନ କେନ୍ଦ୍ରକୁ ନେଇଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ଘେରି ରହିଥିଲେ। ଏହାପରେ ତାଙ୍କୁ ଏକ ହୁଇଲ୍ ଚେୟାର ଯୋଗେ ମତଦାନ କେନ୍ଦ୍ରକୁ ନିଆଯାଇଥିଲା। ୩ ମାସ ହେଲା ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ। ବଚନ ସିଂ ପୂର୍ବଭଳି ସ୍ପଷ୍ଟ କଥା କହିପାରୁ ନ ଥିଲେ ମଧ୍ୟ ଭୋଟଦାନର ମହତ୍ତ୍ୱ ବୁଝିଛନ୍ତି। ଯିଏ ଆମ ପାଇଁ କାମ କରୁଛନ୍ତି ତାଙ୍କୁ ଭୋଟ ଦେବେ ବୋଲି ସେ କହିଥିଲେ। ମଜାର କଥା ହେଉଛି ଭାରତରେ ଆମ୍ ଆଦମୀ ପାର୍ଟି ନାମରେ ଏକ ରାଜନୈତିକ ଦଳ ଅଛି ଏବଂ ତାହା ପୁଣି ଦିଲ୍ଲୀରେ ସରକାର ଗଢ଼ିଛି ବୋଲି ସେ ଜାଣନ୍ତି ନାହିଁ। କେବଳ ସେ ଜାଣନ୍ତି ଭାଜପା ଓ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ୧୯୫୧ରୁ ହୋଇ ଆସୁଥିବା ସବୁ ନିର୍ବାଚନରେ ବଚନ ଭୋଟ ଦେଇଥାଆନ୍ତି ବୋଲି ତାଙ୍କ ପୁତ୍ର ଯଶବୀର ସିଂ ପ୍ରକାଶ କରିଛନ୍ତି।

### ବିସ୍ଫୋରଣରେ ୪ ମୃତ

**ଗିରିଡ଼ିହ,୧୨।୫ :** ଝାଡ଼ଖଣ୍ଡର ଗିରିଡ଼ିହଠାରେ ରବିବାର ବିସ୍ଫୋରଣ ହେବାରୁ ୪ ଜଣ ମୃତ୍ୟୁବରଣ କରିଥିଲାବେଳେ ଜଣେ ଗୁରୁତର ହୋଇଛନ୍ତି। ଗାଣ୍ଡେ ପୋଲିସ ଷ୍ଟେଶନ୍ ଅଧୀନ ପଦମ୍‌ତାଣ୍ଡ୍ ବର୍‌ମାସିଆରେ ଏଭଳି ଅଘଟଣ ଘଟିଥିବା ପୋଲିସ କହିଛି। ଜଣେ ବ୍ୟକ୍ତି କୂଅ ଖୋଳିବା ଲାଗି ଏକ ଦୁଇଚକିଆ ଗାଡ଼ିରୁ ବିସ୍ଫୋରକ କାଢୁଥିବାବେଳେ ଏଭଳି ବିସ୍ଫୋରଣ ହୋଇଥିଲା ବୋଲି ଗିରିଡ଼ିହ ଏସ୍‌ଡ଼ିପିଓ ଜେ.ଭି.ରାମ ପ୍ରକାଶ କରିଛନ୍ତି।

## ଭୋଟର ଲିଷ୍ଟରେ ନାଁ ନ ଥିବାରୁ ଅସନ୍ତୋଷ

**ନୂଆଦିଲ୍ଲୀ,୧୨।୫**

### ଦିଲ୍ଲୀରେ ଇଭିଏମ୍ ତ୍ରୁଟି

ଷଷ୍ଠ ପର୍ଯ୍ୟାୟ ଲୋକ ସଭା ନିର୍ବାଚନବେଳେ ରବିବାର ଦିଲ୍ଲୀର କେତେକ ବୁଥ୍‌ରେ ଇଭିଏମ୍ ତ୍ରୁଟି ଦେଖିବାକୁ ମିଳିଛି, ଯାହାକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି। ମାଟିଆ ମହଲ ଅଞ୍ଚଳର ୮୪, ୮୫, ୮୬ ନମ୍ବର ବୁଥ୍‌ରେ ଇଭିଏମ୍ କାମ କରୁ ନ ଥିବା ଜଣାପଡ଼ିଛି। ସେହିଭଳି ମାଲବ୍ୟନଗର ବୁଥ୍ ନଂ ୧୧୬, ୧୧୭, ୧୨୨ରେ ଖରାପ ରହିଥିଲା। ହଉଜ୍‌ରାନିର ବୁଥ୍ ନଂ ୧୩୨ରେ ଭୋଟ ଆରମ୍ଭ ହେଇ ନ ଥିବାବେଳେ ୫୦ଟି ଭୋଟ ପଡ଼ିଥିବା ଦେଖାଯାଇଥିଲା। ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ ରଣବୀର ସିଂ ୫.୫% ଇଭିଏମ୍ ଖରାପ ରହିଥିବା ସ୍ୱୀକାର କରିଥିବାବେଳେ ଚାନ୍ଦିନୀଚୌକ ଓ ମାଲବ୍ୟନଗରରେ ତ୍ରୁଟି ଦେଖାଦେଇଥିବା କହିଛନ୍ତି। ଅଭିଯୋଗ ପରେ ଇଭିଏମ୍‌କୁ ପରିବର୍ତ୍ତନ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ବେଗୁମ୍‌ପୁର, ବାଲ୍ମିମରାମ୍ ଆଦି ସ୍ଥାନରେ ଇଭିଏମ୍ ତ୍ରୁଟି ଯୋଗୁ ମତଦାନ ବାଧାପ୍ରାପ୍ତ ହୋଇଥିଲା। ତିଲକ୍‌ନଗର ବୁଥ୍ ନଂ ୨୭ରେ ଇଭିଏମ୍ ଘଣ୍ଟାଏ କାମ କରୁ ନ ଥିବା ଅଭିଯୋଗ କରାଯାଇଛି।

ସେହିଭଳି ଅନେକ ଭୋଟର୍‌ଙ୍କ ନାମ ଭୋଟର୍ ଲିଷ୍ଟରେ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଭୋଟର ତାଲିକାରେ ନାଁ ନଥିଲେ ଫର୍ମ ନଂ.୬ ପୂରଣ କରି ଏପ୍ରିଲ ୧୩ ପୂର୍ବରୁ ଦିଆଯାଇ ପାରିଥାନ୍ତା ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ରଣବୀର ସିଂ ପ୍ରକାଶ କରିଛନ୍ତି। ଜାଣିଶୁଣି ଲକ୍ଷାଧିକ ଭୋଟରଙ୍କ ନାମ ଭୋଟର ତାଲିକାରୁ କଟାଯାଇଛି ବୋଲି ଏଏପି ପକ୍ଷରୁ ଅଭିଯୋଗ କରାଯାଇଥିଲାବେଳେ ରଣବୀର ଏହାକୁ ଖଣ୍ଡନ କରିଛନ୍ତି। ଦିଲ୍ଲୀରେ ୧.୪୩ କୋଟି ଯୋଗ୍ୟ ଭୋଟର ୧୬୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି।

## ନେପାଳରେ ୧୨ ଭାରତୀୟ ଗିରଫ

**କାଠମାଣ୍ଡୁ,୧୨।୫**

ନେପାଳରେ ବେଆଇନ ନେଟ୍‌ୱର୍କ ବିଜନେସ୍ କରି ଏଥିରେ ବହୁ ଲୋକଙ୍କୁ ଠକିଥିବା ଅଭିଯୋଗରେ ୧୨ ଭାରତୀୟ ନାଗରିକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଉତ୍ତର ପ୍ରଦେଶର ଓ ସେମାନଙ୍କୁ କାଠମାଣ୍ଡୁସ୍ଥିତ ଏକ ହୋଟେଲ୍‌ରୁ ଧରାଯାଇଛି। ପ୍ରାୟ ୩୦୦ ନେପାଳୀଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରିବା ଲାଗି ପ୍ରସ୍ତୁତି ଚଳାଇଥିବାବେଳେ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଏହି ବେଆଇନ ନେଟ୍‌ୱର୍କ ବିଜନେସ୍‌ରେ ବିଦେଶକୁ ଟଙ୍କା ପଠାଯାଇଥାଏ।

## ଅଲଓ୍ୱାରର ଗଣବଳାତ୍କାର: ମାୟାବତୀଙ୍କୁ ମୋଦିଙ୍କ ଟାର୍ଗେଟ

# କଂଗ୍ରେସ ହାତ ଛାଡ଼

**କୁସିନଗର/ଦେଓରିଆ,୧୨।୫**


ରାଜସ୍ଥାନର ଅଲଓ୍ୱାର ଗଣବଳାତ୍କାର କରାଯିବା ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାଜସ୍ଥାନରେ କ୍ଷମତାସୀନ କଂଗ୍ରେସ ସରକାରକୁ ସମର୍ଥନ ଦେଉଥିବା ମାୟାବତୀ କୁମ୍ଭୀର କାନ୍ଦଣା ନ କରି ଏହାକୁ ଗୁରୁତରଭାବେ ନେବା ସହ ତୁରନ୍ତ ହାତ ଛାଡନ୍ତୁ ବୋଲି ମୋଦି କହିଛନ୍ତି। ପ୍ରକାଶଥାଉ କି, ଗତ ଏପ୍ରିଲ ୨୬ ତାରିଖରେ ଜଣେ ଦଳିତ ମହିଳା ମୋଟର ସାଇକେଲ୍‌ରେ ଯାଉଥିବାବେଳେ କେତେଜଣ ବ୍ୟକ୍ତି ଅଟକାଇ ତାଙ୍କ ସ୍ୱାମୀଙ୍କୁ ମାଡ଼ମାରିଥିଲେ। ଏହାସହ ମହିଳାଙ୍କୁ ତାଙ୍କ ଆଗରେ ଗଣବଳାତ୍କାର କରିଥିଲେ। ସେଇଦିନ ପୋଲିସକୁ ପୀଡ଼ିତାଙ୍କ ସ୍ୱାମୀ ଅବଗତ କରାଇଥିବାବେଳେ ମେ ୨ ତାରିଖରେ ଏଫଆଇଆର ହୋଇଥିଲା। ପୋଲିସ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥିବା କହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ପୀଡ଼ିତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଜଣେ ମହିଳାଙ୍କ ଉପରେ ଅତ୍ୟାଚାର କରାଯାଇଥିବାବେଳେ କଂଗ୍ରେସ ସରକାରକୁ ମାୟାବତୀ ସମର୍ଥନ ଦେଉଛନ୍ତି କିପରି ବୋଲି ମୋଦି ପ୍ରଶ୍ନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ଏହି ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି।

## [ଇତିହାସର ଆଇନାରେ]

### ମେ ୧୩ର ପ୍ରମୁଖ ଘଟଣା

**୧**୯୮୯ ମେ ୧୩ରେ ଟିନାମେନ୍ ସ୍କୋୟାରରେ ଏକ ବୃହତ୍ ଛାତ୍ର ଗୋଷ୍ଠୀ ପକ୍ଷରୁ ଅନଶନ ଧର୍ମଘଟ କରାଯାଇଥିଲା। ଚାଇନା ରାଜଧାନୀ ବେଜିଂର କେନ୍ଦ୍ରଭାଗରେ ଟିନାମେନ୍ ସ୍କୋୟାର ଅବସ୍ଥିତ। ବିଶ୍ୱର ବୃହତ୍ ୧୦ ସ୍କୋୟାର ମଧ୍ୟରୁ ଏହା ଅନ୍ୟତମ। ଏହା ୧୦୯ ଏକର ପରିମିତ ସ୍ଥାନରେ ଅବସ୍ଥିତ। ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଏଠାରେ ଘଟିଥିବାରୁ ଚାଇନା ଇତିହାସରେ ଉକ୍ତ ସ୍ଥାନ ମହାନ୍ ସାଂସ୍କୃତିକ ଗୁରୁତ୍ୱ ବହନ କରେ।

**୨**୦୧୧ ମେ ୧୩ରେ ପାକିସ୍ତାନର ଖାଇବର-ପାଖ୍‌ତୁନଖ୍ୱା ପ୍ରଦେଶସ୍ଥିତ ଚାର୍ସଦ୍ଦା ଜିଲାରେ ଦୁଇଟି ବିସ୍ଫୋରଣ ଘଟିଥିଲା। ଏଥିରେ ୯୮ ନିହତ ଓ ୧୪୦ ଆହତ ହୋଇଥିଲେ। ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନରେ ଅଲ୍‌କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ୍ ନିହତ ହେବାପରେ ଏହା ଥିଲା ସବୁଠୁ ବଳି ମରଣାନ୍ତକ ବିସ୍ଫୋରଣ।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ


**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୦ | ୨୬.୪ |
| ଚାନ୍ଦବାଲି | ୩୯.୦ | ୨୮.୬ |
| କଟକ | ୩୭.୨ | ୨୫.୪ |
| ପାରାଦ୍ୱୀପ | ୩୨.୮ | ୨୮.୫ |
| ଭୁବନେଶ୍ୱର | ୩୬.୭ | ୨୭.୫ |
| ଗୋପାଳପୁର | ୩୨.୭ | ୨୬.୮ |
| ପୁରୀ | ୩୪.୨ | ୨୭.୮ |
| ଅନୁଗୋଳ | ୩୯.୧ | ୨୩.୬ |
| ବାରିପଦା | ୩୮.୪ | ୨୭.୪ |
| ଝାରସୁଗୁଡ଼ା | ୪୩.୬ | ୨୭.୪ |
| କେନ୍ଦୁଝର | ୩୮.୫ | ୨୪.୨ |
| ସମ୍ବଲପୁର | ୪୨.୭ | ୨୭.୨ |
| ସୁନ୍ଦରଗଡ଼ | ୪୧.୦ | ୨୩.୦ |
| ହୀରାକୁଦ | ୪୨.୪ | ୨୭.୫ |
| ତାଳଚେର | ୪୧.୫ | ୨୫.୬ |
| ଭବାନୀପାଟଣା | --- | --- |
| ବଲାଙ୍ଗୀର | ୪୨.୦ | ୨୬.୫ |
| କୋରାପୁଟ | ୩୪.୬ | ୨୨.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୩.୫ | ୨୫.୦ |
| ମାଲକାନଗିରି | ୪୧.୪ | ୨୨.୨ |
| ସୋନପୁର | ୪୩.୩ | ୨୪.୪ |
| ଦାରିଙ୍ଗିବାଡ଼ି | ୩୬.୦ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍

## ରିଷି କପୁରଙ୍କୁ ଭେଟିଲେ ଦୀପିକା



**ମୁମ୍ବାଇ:** ମେଟ୍ ଗାଲା ଉତ୍ସବ ପାଇଁ ଗତ ସପ୍ତାହରୁ ନ୍ୟୁୟର୍କରେ ଥିବା ଅଭିନେତ୍ରୀ ଦୀପିକା ପାଦୁକୋନ୍ ସେଠାରେ ଚିକିତ୍ସାଧୀନ ବିଶିଷ୍ଟ ଅଭିନେତା ରିଷି କପୁରଙ୍କୁ ସାକ୍ଷାତ କରିଛନ୍ତି। ନୀତୁ କପୁର ଦୀପିକାଙ୍କୁ ଖୁବ୍ ଆଦର ସହକାରେ ପାଛୋଟି ନେଇଥିଲେ। ସଂଧ୍ୟାରେ ୩ ଜଣଙ୍କ ଏକ ବିଶେଷ ମୁହୂର୍ତ୍ତର ଫଟୋକୁ ନୀତୁ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଶେୟାର କରିଛନ୍ତି। ନୀତୁଙ୍କ କନ୍ୟା ରିଦ୍ଧିମା କପୁର ଉକ୍ତ ଫଟୋ ସୋସିଆଲ ମିଡିଆରେ ଦେଖିବା ପରେ ଆନନ୍ଦଭରା କମେଣ୍ଟ ଦେଇଛନ୍ତି।

ରିଷି କପୁର କିଛିମାସ ହେଲା ଚିକିତ୍ସା ପାଇଁ ନ୍ୟୁୟର୍କରେ ଅଛନ୍ତି। ଗତମାସରେ ତାଙ୍କ ଭାଇ ରଣଧୀର କପୁର ରିଷି କ୍ୟାନ୍ସରମୁକ୍ତ ଏବଂ ସେ କିଛିମାସ ମଧ୍ୟରେ ଭାରତ ଫେରିଆସିବେ ବୋଲି ସୂଚନା ଦେଇଥିଲେ। ସ୍ୱାମୀଙ୍କ ପାଖେ ପାଖେ ରହି ନୀତୁ ଉଠାଇଥିବା କେତେକ ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ସହିତ ପ୍ରଶଂସକଙ୍କୁ ରିଷିଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ସୂଚନା ଦେଇଆସୁଥିଲେ। ପୂର୍ବରୁ ଆମିର ଖାନ୍, ପ୍ରିୟଙ୍କା ଚୋପ୍ରା ଜୋନ୍‌ସ ଏବଂ ଅନୁପମ ଖେରଙ୍କ ସମେତ ବଲିଉଡର ଅନେକ କଳାକାର ନ୍ୟୁୟର୍କରେ ରିଷି କପୁରଙ୍କୁ ସାକ୍ଷାତ କରିସାରିଛନ୍ତି।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

# ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ

■ ବାପା, ପୁଅଙ୍କ ସମେତ ୩ଗିରଫ



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି ।

**ଅମରପାଲି, ୧୨।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ତଥା ଲୁଡୁରପଙ୍କ ପଞ୍ଚାୟତ ଅନ୍ତର୍ଗତ ବାବୁପାଲି ଗ୍ରାମରେ ରବିବ୍ୟାର ସକାଳେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ ଗ୍ରାମର ଲଛମନ ଥପାଙ୍କ ଏକମାତ୍ର ପୁତ୍ର ମକାରୁ ଥପା(୨୭)। ତାଙ୍କୁ ପଡୋଶୀ ଘରର ୩ଜଣ ହତ୍ୟା କରିଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ଭାଗୀରଥି ସାହୁ(୪୬), ତାଙ୍କ ଭାଇ ଋଷଭ ସାହୁ(୫୦) ଓ ଋଷଭଙ୍କ ପୁଅ ଭରତ ସାହୁ(୧୮)। ଗ୍ରାମରକ୍ଷୀଙ୍କ ଅଭିଯୋଗ ଆଧାରରେ ସୁବଳୟା ଥାନାରେ ଏକ ମାମଲା(ନଂ. ୨୩/୧୯)ରୁଜୁ ହୋଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଓ କାଠ ଫାଳିଆ ଜବତ ହୋଇଛି। ଏସ୍‌ଡିପିଓ ଧିରୋଜ ଚୋପଦାର, ଅନୁସନ୍ଧାନକାରୀ ପୋଲିସ ଅଧିକାରୀ ପ୍ରଦୀପ ପ୍ରଧାନ ଘଟଣାସ୍ଥଳକୁ ଯାଇ ତନାଘନା ଚଳାଇଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ମକାରୁ ପ୍ରାୟ ୬ବର୍ଷ ତଳେ ତାଙ୍କ ପରିବାର ସହିତ ଚିପିଲିମା ଅଞ୍ଚଳରୁ ଆସି ବାବୁପାଲି ଗାଁମୁଣ୍ଡରେ ଏକ ମାଟିଘର କରି ରହୁଥିଲେ। ନିଶା ସେବନ କରି ଅଧିକାଂଶ ସମୟ ସେ ସାହି ପଡିଶାଙ୍କ ସହିତ ପାଟିତୁଣ୍ଡ କରିଥାନ୍ତି। ରବିବାର ସକାଳ ସାଢ଼େ ୮ଟାରେ ମକାରୁ କୌଣସି କାରଣକୁ ନେଇ ଗ୍ରାମର ଭାଗୀରଥି ସାହୁଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ତାଙ୍କ ଘରକୁ ବର୍ଜ୍ୟବସ୍ତୁ ଓ ମଳ ଫିଙ୍ଗିଥିଲେ। ବାରଣ ପରେ ବି ନ ମାନିବାରୁ ପଡୋଶୀ ଋଷଭ ସାହୁ ମକାରୁଙ୍କ ମା' ବୈଦେହୀଙ୍କୁ ଏ ନେଇ ଯାଇ ଜଣାଇଥିଲେ। ଏହି ସମୟରେ କ୍ରୋଧିତ ହୋଇ ମକାରୁ ଏକ ଠେଙ୍ଗାରେ ଋଷଭଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଚିତ୍କାର ଶୁଣି ଋଷଭଙ୍କ ପୁଅ ଭରତ ଏବଂ ଭାଇ ଭାଗୀରଥି ସଂଘବଦ୍ଧଭାବେ କାଠ ଫାଳିଆ ଓ ଠେଙ୍ଗାରେ ମକାରୁଙ୍କୁ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ଘର ସମୀପ ଲୁଡୁରପଙ୍କ ହାଇସ୍କୁଲ ଆଡକୁ ମକାରୁ ଦୌଡି ପଳାଇଥିଲେ। ହେଲେ ତାଙ୍କୁ ଏହି ତିନିହେଁ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁହଁ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ପ୍ରବଳ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ହିଁ ଟଳି ପଡିଥିଲେ ମକାରୁ। ସୁବଳୟା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି।

# ବଜ୍ରପାତରେ ୨ ମୃତ, ୨ ଗୁରୁତର

**ଭୁବନେଶ୍ୱର,(ବ୍ୟୁରୋ)/ କୁନ୍ଦୁରା,୧୨।୫(ଡି.ଏନ୍.ଏ.)**



ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଲୋକଙ୍କୁ ହନ୍ତସନ୍ତ କରିଦେଲାଣି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏହିଭଳି ତାତି ଅନୁଭୂତ ହେବ। ଏହି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ୯ ଜିଲାରେ ତାପମାତ୍ରା ୪୧ଡିଗ୍ରୀ ଉପରେ ରହିଥିଲା। ୪୩.୬ଡିଗ୍ରୀରେ ଝାରସୁଗୁଡ଼ା ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବା ବେଳେ ଟିଟିଲାଗଡ଼ ୪୩.୫, ସୋନପୁର ୪୩.୩, ସମ୍ବଲପୁର ୪୨.୭, ହୀରାକୁଦ ୪୨.୪, ବଲାଙ୍ଗୀର ୪୨, ତାଳଚେର ୪୧.୫, ମାଲକାନଗିରି ୪୧.୪ ଓ ସୁନ୍ଦରଗଡ଼ ୪୧ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି କଟକ ୩୭.୨ ଓ ଭୁବନେଶ୍ୱର ୩୬.୭ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୪ ଦିନ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୨ରୁ ୩ଡିଗ୍ରୀ ବଢ଼ିପାରେ। ୧୭ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହେବା ସମ୍ଭାବନା ରହିଛି। ତେବେ ୧୬ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ବରଗଡ଼, ଦେବଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନବରଙ୍ଗପୁର ଓ ରାୟଗଡ଼ା ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ସମ୍ଭାବନା ରହିଛି। ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, କୋରାପୁଟ, ମାଲକାନଗିରି, ଗଞ୍ଜାମ, ନବରଙ୍ଗପୁର ଓ ରାୟଗଡ଼ା ଜିଲାରେ ୩୦ରୁ ୪୦କିଲୋମିଟର ବେଗରେ ପବନ ବହିବା ସହିତ କାଳବୈଶାଖୀ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ସେପଟେ ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହୋଇଥିବା ସୂଚନା ମିଳିଛି। କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ବଜ୍ରପାତରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଓ ଆହତଙ୍କ ମଧ୍ୟରୁ ୩ଜଣ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ କୁନ୍ଦୁରା ବ୍ଲକ ବାଣୁଆଗୁଡ଼ା ପଞ୍ଚାୟତ ନାରାଗାଁର ପେଣ୍ଠିଆ ପରିବାର ଘରପଛ ଆମ୍ବଗଛ ମୂଳେ ବସିଥିବା ବେଳେ କାଳବୈଶାଖୀ ଆସିଥିଲା। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ପରିବାରର କରଫୁଲ ପେଣ୍ଠିଆ(୮)ଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ହୋଇଥିବା ଜେଜେବାପା ନାଥ ପେଣ୍ଠିଆ(୫୫) ଓ ସାନ ନାତୁଣୀ ସୁମିତ୍ରା ପେଣ୍ଠିଆ(୫)ଙ୍କୁ ପ୍ରଥମେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। କିନ୍ତୁ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ସେମାନଙ୍କୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ମୃତ କରଫୁଲଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ବ୍ଲକର ଆସନା ପଞ୍ଚାୟତ କାଉଡ଼ିଆଗୁଡ଼ା ଗ୍ରାମର ଦୈତାରୀ ପୂଜାରୀ(୪୬) ମଧ୍ୟ ବଜ୍ରାଘାତରେ ପ୍ରାଣ ହରାଇଛନ୍ତି। କୁନ୍ଦୁରା ସିଏଚ୍‌ସି ପକ୍ଷରୁ କୌଣସି ସୁବିଧା ନ ଥିବାରୁ ସୋମବାର ଭାର କିମ୍ବା ବାଇକ୍‌ରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଅଣାଯିବ। ଅନ୍ୟପକ୍ଷରେ ସେହି ପଞ୍ଚାୟତ ଅଧୀନ ପାକନାଗୁଡ଼ା ଛକରେ ୩ ଗାଈଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜିଲାସ୍ତରୀୟ ୧୬ ବର୍ଷରୁ କମ୍ କ୍ରିକେଟ ପ୍ରଶିକ୍ଷଣ ଶିବିର, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ସାଢ଼େ ୫ଟା।
- ଗ୍ରୀଷ୍ମକାଳୀନ ମାଶର୍ଲଆର୍ଟ ଶିବିର, ବିନାଖଣ୍ଡୀ, ସକାଳ ୬ଟା।
- ଗ୍ରୀଷ୍ମକାଳୀନ ଟେନିସ ପ୍ରଶିକ୍ଷଣ ଶିବିର, ମହାନଦୀ କ୍ଲବ, ଅପରାହ୍ନ ସାଢ଼େ ୫ଟା।
- ଗ୍ରୀଷ୍ମକାଳୀନ ନୃତ୍ୟ ଗୀତ ପ୍ରଶିକ୍ଷଣ ଶିବିର, ସାଇ ଶିକ୍ଷା ପରିଷଦ, ସକାଳ ୬ଟା।

**ବରଗଡ଼**

- ରାମଲୀଳା ଯାତ୍ରା ମହୋତ୍ସବ, କଟାପାଲି, ସନ୍ଧ୍ୟା ୫ଟା ୩୦ମିନିଟ୍।
- ରାମାୟଣ ପାରାୟଣ, ସରଣ୍ଡା ମହାପାତ୍ରପଡ଼ା କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୮ଟାରୁ ରାତ୍ରି ୮ଟା।
- ରାମାୟଣ ପାରାୟଣ, ସନ୍ଧିବାହାଲ(ଗାଇସିଲେଟ୍), ପୂର୍ବାହ୍ନ ୯ଟା।

**ଦେବଗଡ଼**

- ବାରକୋଟ କଲା ଚନ୍ଦନ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, କଲା ଗ୍ରାମ, ସନ୍ଧ୍ୟା ୬ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଏମ୍‌ସିଆଇ ଜାରି କଲା ବିଜ୍ଞପ୍ତି

# ମେଡିକାଲ କଲେଜରେ ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ

**କଟକ ଅଫିସ, ୧୨।୫**

ଦେଶର ସରକାରୀ ମେଡିକାଲ କଲେଜଗୁଡ଼ିକରେ ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ। ମେଡିକାଲ କାଉନ୍‌ସିଲ ଅଫ ଇଣ୍ଡିଆ(ଏମସିଆଇ) ପକ୍ଷରୁ ଏ ନେଇ ଶନିବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ କଲେଜ ଏହି ନିୟମକୁ ପାଳନ ନ କରିବ ତାହାର ଅନୁମତି ପତ୍ରକୁ ଏମ୍‌ସିଆଇ ପକ୍ଷରୁ ପ୍ରତ୍ୟାହାର କରାଯିବ ବୋଲି କୁହାଯାଇଛି। ଦୈନିକ ପୂର୍ବାହ୍ନ ୯ଟା, ଅପରାହ୍ନ ୨ଟା ଓ ୫ଟାରେ ଡାକ୍ତରମାନଙ୍କୁ ବାୟୋମେଟ୍ରିକ ଉପସ୍ଥାନର ସାମ୍ନା କରିବାକୁ ପଡ଼ିବ। ଏମ୍‌ସିଆଇ ପକ୍ଷରୁ ଏ ନେଇ ଏକ ସଫ୍ଟୱେର ପ୍ରସ୍ତୁତ କରାଯାଇଛି। ଡାକ୍ତର ଟିପ ଚିହ୍ନ ଦେବା ମାତ୍ରେ ତାହା ଆପଣା ଛାଏ ଲଗ୍-ଇନ ହୋଇଯିବ। ଫଳରେ ଏମ୍‌ସିଆଇ

**ଡାକ୍ତରଙ୍କ ଘରୋଇ ରୋଜଗାର ଉପରେ ଅଙ୍କୁଶ**

ଅଧିକାରୀମାନେ ଦିଲ୍ଲୀରେ ବସି ଏସ୍‌ସିବି ମେଡିକାଲର କେଉଁ ଡାକ୍ତର ହସ୍ପିଟାଲରେ ଅଛନ୍ତି କି ନାହାନ୍ତି ତାହା ଜାଣିପାରିବେ। ଏହାଦ୍ୱାରା ଡାକ୍ତରମାନଙ୍କ ସରକାରୀ ଡ୍ୟୁଟି ସମୟରେ ଘରୋଇ ରୋଜଗାର ଉପରେ ବଡ଼ଧରଣର ଅଙ୍କୁଶ ଲଗାଯାଇ ପାରିବ ବୋଲି କୁହାଯାଉଛି। ସୂଚନାଥାଉ କି, ୨୦୧୭ ଅଗଷ୍ଟ ମାସରେ ଏମ୍‌ସିଆଇ ପକ୍ଷରୁ ବାୟୋମେଟ୍ରିକ ଉପସ୍ଥାନ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ମାତ୍ର ତାହାକୁ ଅଧିକାଂଶ ମେଡିକାଲ କଲେଜ ଅନୁପାଳନ କରି ନ ଥିଲେ। ଫଳରେ ଏହାକୁ ଏବେ ବାଧ୍ୟତାମୂଳକ କରାଯାଇଛି। ଏସ୍‌ସିବି ମେଡ଼ିକାଲକୁ ଦେଖିଲେ ମୋଟ୍ ୩୨ଟି ବିଭାଗ କାର୍ଯ୍ୟ କରୁଛି। ଅଧିକାଂଶ ବିଭାଗର ଡାକ୍ତରମାନେ ମନଇଚ୍ଛା ମେଡିକାଲକୁ ଆସୁଥିବାବେଳେ କେତେଜଣ ଡାକ୍ତର ମେଡିକାଲରେ ହାଜିରା ଦେଇ ଘରୋଇ ଭାବେ ରୋଗୀ ଦେଖିଥାନ୍ତି। ଏବେ ଏହି ଡାକ୍ତରମାନଙ୍କ ପାଇଁ ଏମ୍‌ସିଆଇ କଟକଣା ଅଡୁଆ ସୃଷ୍ଟି କରିଛି। ସୂଚନାଥାଉ କି, ୨୦୧୧ ମସିହାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ପକ୍ଷରୁ ଏସ୍‌ସିବିରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଉକ୍ତ ମେଶିନଗୁଡ଼ିକୁ ଜାଣିଶୁଣି ଖରାପ କରାଯାଇଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସି.ବି.କେ. ମହାନ୍ତି କୁହନ୍ତି, ଏମ୍‌ସିଆଇ ପକ୍ଷରୁ ଏଥି ନିମନ୍ତେ ଏକ କଣ୍ଟ୍ରୋଲ ମନିଟରିଂ ସିଷ୍ଟମ କରାଯାଇଛି। ଏମ୍‌ସିଆଇ ଆମକୁ ମେଶିନ ଯୋଗାଇ ଦେବା ମାତ୍ରେ ଆମେ ଏହି ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବୁ।


**ପ୍ରଥମ ମାସିକିଆ ପୂଜା**



**BIDYAKSHI (PARI)**

ଆଜି ତୋର ପ୍ରଥମ ମାସିକିଆ ପୂଜାରେ ଶ୍ରୀମା ଶ୍ରୀଅରବିନ୍ଦ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ:
ଆଈ, ଗୁଡୁ ମାଉସୀ, ଡାଏନା ମାଉସୀ, ମାମା, ପାପା ଓ ପରିବାରବର୍ଗ ।


# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଓଏମ୍‌ସି ଦେଲା ୧୦୦ କୋଟି

**ଭୁବନେଶ୍ୱର,୧୨।୫(ବ୍ୟୁରୋ)–** ସାମୁଦ୍ରିକ ଝଡ ଫନୀ କ୍ଷତିଗ୍ରସ୍ତଙ୍କ ସହାୟତା ପାଇଁ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ୧୦୦ କୋଟି ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଶିଳ୍ପ ସଚିବ ତଥା ନିଗମ ଅଧକ୍ଷ ସଞ୍ଜୀବ ଚୋପ୍ରା, ପରିଚାଳନା ନିର୍ଦ୍ଦେଶକ ଆର.ଭିନିଲ କ୍ରିଷ୍ଣା ଏବଂ ଅର୍ଥ ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି ପ୍ରମୁଖ ରବିବାର ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଜଣାଶୁଣା ହୃଦରୋଗ ବିଶେଷଜ୍ଞ ତଥା ଏସିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ଉପାଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡ. ରମାକାନ୍ତ ପଣ୍ଡା ୧.୫ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୂଆଦିଲ୍ଲୀସ୍ଥିତ ହେପାଟୋଲୋଜି ଆସୋସିଏଟ୍ ପ୍ରଫେସର ଡ. ଅଶୋକ ଚୌଧୁରୀ ୫୧,୦୦୦ ଟଙ୍କା, ବଡ଼ବିଲର ଏସ୍.ଏନ୍. ମହାନ୍ତି ଗ୍ରୁପ ଏକ କୋଟି ଟଙ୍କା ଏବଂ ଭୁବନେଶ୍ୱରର ସ୍ୱୟଂ ଶାଶ୍ୱତ ସିଂ ୧୦,୦୦୦ ଟଙ୍କା ପ୍ରଦାନ କରିଛନ୍ତି।

# ଦୁର୍ଘଟଣାରେ ଅଭିନେତା ସଲିଲ ମିତ୍ର ଗୁରୁତର

**କେନ୍ଦୁଝର, ୧୨।୫(ସ୍ୱ.ପ୍ର.)**



କେନ୍ଦୁଝର ଜିଲା ଘଟଗାଁ କଲେଜ ଛକ ନିକଟରେ ଏକ କାର ଦୁର୍ଘଟଣାରେ ଓଡ଼ିଆ ସିନେ ତାରକା ସଲିଲ ମିତ୍ର ଏବଂ ଗାଡ଼ି ଚାଳକ ଗୁରୁତର ହୋଇଛନ୍ତି। ଖବର ଅନୁଯାୟୀ ରବିବାର କାର ଯୋଗେ ସଲିଲ ୨୦ ନଂ ଜାତୀୟ ରାଜପଥ ଦେଇ ଭୁବନେଶ୍ୱରରୁ କରଞ୍ଜିଆ ଅଭିମୁଖେ ଯାଉଥିଲେ। ଘଟଗାଁ କଲେଜ ଛକ ନିକଟରେ ଏକ ବଳଦଗାଡ଼ି ପଶିଆସିବାରୁ କାରଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ସଲିଲ ଏବଂ ଚାଳକ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ସଲିଲଙ୍କ ଡାହାଣ ହାତ ଏବଂ ଗୋଡ଼ ଭାଙ୍ଗିଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି।


**Birthday Wish**



Thanks for coming in my life
*Happy Birthday* my Princess
**(Pragyan)**
Best Complements from Raj and Family

D-12464

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



**ଦେବସ୍ମିତା ସାହୁ**

ଶିରିପୁର, ଭୁବନେଶ୍ୱର

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଏବଂ ତୋର ଚଲାପଥ ପୁଷ୍ପିତ ହେଉ।

ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାରବର୍ଗ

ଧ-୧୨୪୭୩

BADRIPRASAD Group of Institutions

ADMISSION OPEN

DIPLOMA ENGINEERING

BCA BBA BA B.Sc. B.Com

100% Placement Assistance



At: Debaipali, Majhipali Chowk, P.O.- Sason, Dist.- Sambalpur, PIN- 768200
Contact: 7008920803, 7008757504, 8327725282, 7008483493
Web.: www.bitsambalpur.in
E-mail: bitechsbp@gmail.com, bcctsbp@gmail.com / bdcsbp@gmail.com



# ସାପକାମୁଡା

ସତର୍କ ରୁହନ୍ତୁ ସୁରକ୍ଷିତ ରୁହନ୍ତୁ

DSPL-10

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

## କ'ଣ କରିବେ

- ଆଦୌ ଡରନ୍ତୁ ନାହିଁ କି ବିଚଳିତ ହୁଅନ୍ତୁ ନାହିଁ।
- ସାପ କାମୁଡ଼ିଥିବା ବ୍ୟକ୍ତିଙ୍କୁ ଆଶ୍ୱାସନା ଦିଅନ୍ତୁ ଓ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ।
- ସାପ କାମୁଡ଼ିଥିବା ବ୍ୟକ୍ତି ପିନ୍ଧିଥିବା ମୁଦି, ଘଣ୍ଟା, ବ୍ରତ, ପାଉଞ୍ଜି ଆଦି ଖୋଲି ଦିଅନ୍ତୁ।
- ସାପକାମୁଡା ବ୍ୟକ୍ତିଙ୍କୁ ଚଲାବୁଲା ବା କୌଣସି କାମ କରିବାକୁ ବାରଣ କରନ୍ତୁ ଓ ତାଙ୍କଠାରେ ଦେଖାଯାଇଥିବା ଲକ୍ଷଣ ଡାକ୍ତରଙ୍କୁ ସବିଶେଷ କୁହନ୍ତୁ।

## କ'ଣ କରିବେ ନାହିଁ

- ଗୁଣି-ଗାରେଡି, ମନ୍ଦିରରେ ପାଣି ଢ଼ାଳିବା, ଫୋନ୍‌ରେ ବିଷ ଝାଡିବା, ଗଦ-ଚେରମୂଳୀ ଲଗାଇବା ଆଦି କାମରେ ସମୟ ନଷ୍ଟ କରନ୍ତୁ ନାହିଁ।
- ସାପ କାମୁଡିଥିବା ବ୍ୟକ୍ତିଙ୍କୁ ନିଶାଦ୍ରବ୍ୟ ଦିଅନ୍ତୁ ନାହିଁ।
- କ୍ଷତ ନିକଟରେ କୌଣସି ଜିନିଷ ବାନ୍ଧନ୍ତୁ ନାହିଁ।
- କ୍ଷତ ସ୍ଥାନକୁ ଆଦୌ ଧୁଅନ୍ତୁ ନାହିଁ, ବ୍ଲେଡ୍, ଛୁରୀ ଇତ୍ୟାଦିରେ କାଟନ୍ତୁ ନାହିଁ, ଚୁଚୁମନ୍ତୁ ନାହିଁ କିମ୍ବା ଚିପାଚିପି କରନ୍ତୁ ନାହିଁ।
- କ୍ଷତ ସ୍ଥାନରେ ବରଫ ଘଷନ୍ତୁ ନାହିଁ କିମ୍ବା ରୋଗୀକୁ ଇଲେକ୍ଟ୍ରିକ୍ ଶକ୍ ଦିଅନ୍ତୁ ନାହିଁ।

10003/13/0005/1920



ସାପକାମୁଡା ପ୍ରତି ସାବଧାନ ରୁହନ୍ତୁ। ସାପକାମୁଡିଲେ ରୋଗୀଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇଯାଆନ୍ତୁ।

ସାପ ବିଷ ନିରୋଧକ ଇଞ୍ଜେକ୍ସନ୍ (ASV) ସମସ୍ତ ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା


# ବିଦ୍ୟୁତ୍ ଖୁଣ୍ଟ ପଡ଼ି ନାବାଳକ ମୃତ

**ଫୁଲନଖରା, ୧୨।୫(ଡି.ଏନ୍.ଏ.):** କଟକ ସଦର ଥାନା ଅଧୀନ ନୁଆଗଡ ଗ୍ରାମରେ ରବିବାର ବିଦ୍ୟୁତ୍ ଖୁଣ୍ଟ ପଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ସଦର ଥାନା ଅଧୀନ ତେନ୍ତୁଳିନାଳୀ ଗ୍ରାମର ବଣ୍ଟି ନାୟକ(୧୨)। ମିଳିଥିବା ସୂଚନା ଅନୁଯାୟୀ, ଫନୀ ପ୍ରଭାବରେ ଅନେକ ବିଦ୍ୟୁତ୍ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ରବିବାର ନୁଆଗଡ ଗ୍ରାମରେ ନୂତନ ବିଦ୍ୟୁତ୍ ଖୁଣ୍ଟ ପୋତାଯାଉଥିଲା। ଉକ୍ତ ଗ୍ରାମରେ ଥିବା ମାମୁଘରକୁ ବୁଲିବାକୁ ଆସିଥିବା ବଣ୍ଟି ଓ ସ୍ଥାନୀୟ କେତେଜଣ ପିଲା ଛିଡା ହୋଇ ଏହି କାର୍ଯ୍ୟକୁ ଦେଖୁଥିଲେ। ବିଦ୍ୟୁତ୍ ଖୁଣ୍ଟ ଉପରକୁ ଉଠାଇବା ପାଇଁ ଶ୍ରମିକମାନେ ରଶି ଲଗାଇ ଟାଣୁଥିଲେ। ହଠାତ୍ ରଶି ଛିଣ୍ଡି ଯିବାରୁ ଖୁଣ୍ଟଟି ବଣ୍ଟିଙ୍କ ଉପରେ ପଡିଯାଇଥିଲା। ଫଳରେ ବଣ୍ଟି ଗୁରୁତର ହୋଇଥିଲେ।


OUTSTANDING PERFORMANCE of Class Room Prog. in JEE MAIN - 2019



AMARNATH BISWAL PERCENTILE 99.1170416
SAMBHRANT DORA PERCENTILE 99.0598283
PRAYASH CH. PADHAN PERCENTILE 98.1270983
ADARSH SWARNAKAR PERCENTILE 97.8654827

ADMISSION OPEN

Total No. Selection 45 in JEE Main

MEDICAL & ENGINEERING
NEET, AIIMS, JEE (Main & Advanced) & Other Medical / Engineering Entrance Exams


2 years Classroom Program - ( Elig: 10th passed )
1 year Target Batch - ( Elig: 12th passed )

FOUNDATION
NTSE, Olympiads / School / Board Exams
( Elig: 7th / 8th / 9th / 10th )

| PROGRAM | COURSE | BATCH START |
| --- | --- | --- |
| 2 Years 2nd Batch | XI / XII BOARD / JEE / NEET / AIIMS | 06-05-2019 (Monday) |
| 1 Year 1st Batch | JEE (Main & Adv.) / OUAT / IISER / NISER | 06-05-2019 (Monday) |
| 1 Year 1st Batch | NEET / AIIMS | 09-05-2019 (Thursday) |

Virat MEDICAL . IIT-JEE . FOUNDATIONS
Viratian Educational Services (P) Ltd

0663 - 2541836, 7381652000, 9040010599
viratfoundation@gmail.com www.virat.org.in
2nd Floor, Anand Super Bazar, Budharaja, Sambalpur



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚାଲିଲା ୧୮ ଏକ୍ସପ୍ରେସ୍ ଟ୍ରେନ୍



ଭୁବନେଶ୍ୱର,୧୨।୫(ବ୍ୟୁରୋ)

ବାତ୍ୟା ପାଇଁ ବାତିଲ ହୋଇଥିବା ସମସ୍ତ ଏକ୍ସପ୍ରେସ୍ ଟ୍ରେନ୍ ପୁଣିଥରେ ଚଳାଚଳ ଆରମ୍ଭ କରିଛି। ରବିବାରଠାରୁ ଦେଶର ବିଭିନ୍ନ ପ୍ରାନ୍ତକୁ ମୋଟ ୧୮ ଏକ୍ସପ୍ରେସ୍ ଟ୍ରେନ୍ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଚଳାଚଳ ଆରମ୍ଭ କରିଛି। ଏହାମଧ୍ୟରୁ କେବଳ ପୁରୀରୁ ୧୫ ଏକ୍ସପ୍ରେସ୍ ରବିବାର ଯାତ୍ରା କରିଛି। ବାତ୍ୟା 'ଫନୀ'ରେ ପୁରୀ ରେଳଷ୍ଟେଶନ ଏବଂ ରେଳପଥ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପୂର୍ବତଟ ରେଳପଥ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଟ୍ରାକ୍ ମରାମତି କରାଯାଇ ଟ୍ରେନ୍ ଚଳାଚଳ ଆରମ୍ଭ କରାଯାଇଛି। ସେହିଭଳି ବାତ୍ୟା ପରେ ବାତିଲ ହୋଇଥିବା ଭୁବନେଶ୍ୱରରୁ ଦୁଇଟି ଏକ୍ସପ୍ରେସ୍ ଏବଂ ଖୋର୍ଦ୍ଧା ରୋଡ୍‌ରୁ ଗୋଟିଏ ଏକ୍ସପ୍ରେସ୍ ଟ୍ରେନ୍ ପୂର୍ବଭଳି ଚଳାଚଳ କରିଛି। ଏହାବ୍ୟତୀତ ପୁରୀ-ହାଓ୍ୱଡା ଶତାବ୍ଦୀ ଏବଂ ପାରାଦୀପ-ବଡ଼ବିଲ ଇଣ୍ଟରସିଟି ଏକ୍ସପ୍ରେସ୍ ପୂର୍ବରୁ ବାତ୍ୟା ପାଇଁ ବାତିଲ କରାଯାଇଥିବା ବେଳେ ଏବେ ଏହା ସାଧାରଣ ଭାବେ ଚଳାଚଳ ଆରମ୍ଭ କରିଛି।

### ପୁରୀରୁ ସମସ୍ତ ଏକ୍ସପ୍ରେସ୍ ଟ୍ରେନ୍ ସେବା ଆରମ୍ଭ

ଏପଟେ ଟ୍ରେନ୍ ସେବା ଆରମ୍ଭ ହେବା ପରେ ବାତ୍ୟା ପରବର୍ତ୍ତୀ ସ୍ଥିତିରେ ପରିବର୍ତ୍ତନ ହେବା ନେଇ ଆଶା କରାଯାଉଛି। ବିଶେଷକରି ପର୍ଯ୍ୟଟନସ୍ଥଳ ପୁରୀ ପୁଣିଥରେ ସାଧାରଣ ଅବସ୍ଥାକୁ ଫେରିବ ବୋଲି ଆଶା କରାଯାଉଛି। ଜୁନ୍ ପ୍ରଥମ ସପ୍ତାହରୁ ପର୍ଯ୍ୟଟକଙ୍କ ପାଇଁ ପୁରୀ ଦ୍ୱାର ଖୋଲିବା ନେଇ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଘୋଷଣା କରାଯାଇଥିବା ବେଳେ ସ୍ୱାଭାବିକ ଟ୍ରେନ୍ ସେବା ଏଥିରେ ସାହାଯ୍ୟ କରିବ ବୋଲି କୁହାଯାଇଛି।

# ଚିଲିକାରେ ୪ ନୂଆ ମୁହାଣ

## ବଢ଼ିଛି ଲବଣ ମାତ୍ରା

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ବାତ୍ୟା 'ଫନୀ' ପ୍ରଭାବରେ ଚିଲିକାରେ ୪ ନୂଆ ମୁହାଣ ସୃଷ୍ଟି ହୋଇଛି। ପୂର୍ବରୁ ଥିବା ଦୁଇଟି ମୁହାଣ ମଝିରେ ଆଉ ତିନୋଟି ଏବଂ ଉତ୍ତରପଟକୁ ଆଉ ଗୋଟିଏ ମୁହାଣ ଖୋଲିଛି। ନୂଆ ମୁହାଣ ଖୋଲିବା ଦ୍ୱାରା ଚିଲିକାରେ ଲବଣର ମାତ୍ରା ବଢ଼ିଯାଇଛି। ତେବେ କେବଳ ପ୍ରାକୃତିକ ଉପାୟରେ ବାଲି ହୋଇ ଏହା ପୂର୍ବ ଅବସ୍ଥାକୁ ଆସିବ ବୋଲି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ଜୈବ ବିବିଧତାରେ ଅସନ୍ତୁଳନ ଦେଖାଯାଇଛି। ଅତି ସ୍ପର୍ଶକାତର ଜଳଚର ଜୀବମାନେ ବାତ୍ୟା ଓ ଜୁଆର ପ୍ରଖରତାରେ ପ୍ରଭାବିତ ହୋଇପାରିଥାଆନ୍ତି। ତେଣୁ ଚିଲିକା କର୍ତ୍ତୃପକ୍ଷ ଖୁବ୍‌ଶୀଘ୍ର ଏହା ଅନୁଧ୍ୟାନ କରିବେ ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସେପଟେ ପୁରୀରେ ଉପୁଡ଼ି ଓ ଭାଙ୍ଗିପଡ଼ିଥିବା ଗଛ କାଟିବା ପାଇଁ ୯୦ଟି ଦଳ ନିୟୋଜିତ ହୋଇଥିବା ବେଳେ ବ୍ରହ୍ମଗିରି-ସାତପଡ଼ା ଅଞ୍ଚଳରେ ୨୦ଟି ଦଳ ନିୟୋଜିତ ଅଛନ୍ତି। ପୁରୀ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଓଡ଼ିଶା ବନ ନିଗମ ପକ୍ଷରୁ ପୁରୀ ସହର, ନିକଟବର୍ତ୍ତୀ ଅଞ୍ଚଳ ଏବଂ ନିମାପଡ଼ା ଅଞ୍ଚଳ ପାଇଁ ୬୦ଟି ଦଳକୁ ମୁତୟନ କରାଯାଇଛି। ସେହିପରି ୧୨୦ ଗଛକଟାଳି ଦଳ ଭୁବନେଶ୍ୱରର ବିଭିନ୍ନ ୟୁନିଟ୍ ଅଞ୍ଚଳ, ସଚିବାଳୟ ଅଞ୍ଚଳ, ଆର୍‌ବିଆଇ କଲୋନୀ, ବିଜୁ ପଟ୍ଟନାୟକ ପାର୍କ, ବୁଦ୍ଧ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ, ମଧୁସୂଦନ ପାର୍କ ଆଦି ଅଞ୍ଚଳରେ ପଡ଼ିଥିବା ଗଛ କାଟିବା ସହ ବିଦ୍ୟୁତ୍ ସଂଯୋଗୀକରଣରେ ସେସବୁକୁ ସହାୟତା ରହିବେ। ଏଥିସହିତ ବିଏମ୍‌ସି ଅଞ୍ଚଳରେ ମଧ୍ୟ ଗଛକଟା ଓ ଆବର୍ଜନା ସଫେଇରେ ସହଯୋଗ କରିବେ ବୋଲି ରବିବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନି ୬.୩୬% ବୃଦ୍ଧି ଘଟି ୮୩.୭ ବିଲିୟନ ଡଲାର ରହିଛି। ଏହା ୨୦୧୭-୧୮ରେ ୭୮.୭ ବିଲିୟନ ଡଲାର ରହିଥିଲା।

- ବାଣିଜ୍ୟ ମନ୍ତ୍ରଣାଳୟ

## ପ୍ରଥମ ପୃଷ୍ଠାରୁ...

### ଘର ଭାଙ୍ଗିଥିଲେ...

ଦ୍ରୁତଗତିରେ କରାଯାଉଛି। ପୁରୀ ଗ୍ରାମାଞ୍ଚଳର ୮୦% ପ୍ରଭାବିତଙ୍କୁ ପାଇପ ଜଳ ଯୋଗାଣ କରାଯାଇଛି। ପୁରୀ ଜିଲାରେ ସ୍ୱତନ୍ତ୍ର ଭାବେ ୧୧ଟି ଟିମ୍‌କୁ କାର୍ଯ୍ୟରେ ଲଗାଯାଇଛି। ସୋମବାର ସୁଦ୍ଧା ସବୁ ଅଞ୍ଚଳରେ ପାଇପ ପାଣି ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ଖୋର୍ଦ୍ଧା ଜିଲାରେ ୫୭ ପ୍ରତିଶତ ଏବଂ ସମଗ୍ର ପୁରୀ ଜିଲାରେ ୩୪ ମୋବାଇଲ ଟାୱାର କାର୍ଯ୍ୟକ୍ଷମ ହେଲାଣି। କଟକ ଜିଲାରେ ଏହା ୭୦% ଏବଂ ଭୁବନେଶ୍ୱର ୫୬%, ପୁରୀ ସହରରେ ୧୮% ଏବଂ କଟକ ସହରରେ ୭୩% ଟାୱାର କାର୍ଯ୍ୟକ୍ଷମ ହୋଇଛି। ଆଗାମୀ ଦିନରେ ଏୟାରଟେଲ, ଜିଓ ଏବଂ ବିଏସ୍‌ଏନ୍‌ଏଲ୍‌ର ମିଳିତ ସହଭାଗିତାରେ ୮ଟି ଭ୍ରାମ୍ୟମାଣ ଟାୱାର ଲାଗିବ। ଚକ୍ରତୀର୍ଥ ରୋଡ୍, ସ୍ୱର୍ଗଦ୍ୱାର ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ଅଞ୍ଚଳରେ ଏହି ଟାୱାର ଲଗାଯିବ। ଫନୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଥ୍ରୀ-ଜି ଏବଂ ଫୋର୍-ଜି ଇଣ୍ଟରନେଟ୍ ବ୍ୟବସ୍ଥାରେ ୫୦ ପ୍ରତିଶତ ସୁଧାର ଆସିଲାଣି ବୋଲି ସିଂ କହିଛନ୍ତି।

ଫନୀ ଦ୍ୱାରା ବହୁସଂଖ୍ୟକ ସରକାରୀ ସ୍କୁଲ କ୍ଷତିଗ୍ରସ୍ତ ହୋଇଛି। ହେଲେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ସବିଶେଷ ରିପୋର୍ଟ ଆସିନାହିଁ। ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ୧୩୮ଟି ସ୍କୁଲର ଭିତ୍ତିଭୂମି ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଇଛି। କ୍ଷୟକ୍ଷତିର ପରିମାଣ ୫୯୨.୨୪ ଲକ୍ଷ ଟଙ୍କା ହେବ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସଂଗ୍ରହାଳୟ ଏବଂ କଳାଭୂମି ପରି ରାଜଧାନୀରେ ଥିବା ଆଦିବାସୀ ସଂଗ୍ରହାଳୟ ମଧ୍ୟ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ଆଦିବାସୀ ସଂଗ୍ରହାଳୟ କ୍ଷୟକ୍ଷତିର ଆକଳନ ୧.୯ କୋଟି ଟଙ୍କା ବୋଲି କୁହାଯାଇଛି। ରବିବାରଠାରୁ ଏହା ଜନତାଙ୍କ ପାଇଁ ପୁନର୍ବାର ଖୋଲାଯାଇଛି। ରାଜ୍ୟ ପ୍ରଶାସନ ପକ୍ଷରୁ ପୁରୀ ଜିଲାରେ ୨୩.୪ ପ୍ରତିଶତ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଖୋର୍ଦ୍ଧାରେ ୭୩.୪ %, ଜଗତ୍‌ସିଂହପୁର ୭୫.୨%, କେନ୍ଦ୍ରାପଡା ୮୭.୪%, କଟକ ୭୩.୨% ଏବଂ ଭୁବନେଶ୍ୱର ସହରରେ ୭୭.୬% କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନୁରୂପ ଭାବେ ପୁରୀରେ ୬୦%, ଜଗତ୍‌ସିଂହପୁରରେ ୮୫.୦୫%, କେନ୍ଦ୍ରାପଡା ୭୨.୦୯%, କଟକ ୬୭.୦୨%, ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ୭୭%, ଖୋର୍ଦ୍ଧାରେ ୧୬ ପ୍ରତିଶତ ଲୋକଙ୍କୁ ପଲିଥିନ୍ ଯୋଗାଇ ଦିଆଯାଇଛି। ପ୍ରଥମ ଦଫାରେ କେବଳ ରାଶନ କାର୍ଡଧାରୀଙ୍କୁ ଫନୀ ସହାୟତା ମିଳୁଥିବା ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି କ୍ଷେତ୍ରସ୍ତରୀୟ ରାଜସ୍ୱ ଅଧିକାରୀଙ୍କ କ୍ଷୟକ୍ଷତି ରିପୋର୍ଟ ପରେ ସହାୟତା ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

### ନିଶାରେ...

ଜବତ କରାଯାଇଥିବା ସମୁଦାୟ ମଦର ମୂଲ୍ୟ ୪ କୋଟି ୨୦ ଲକ୍ଷ ୮୫ହଜାର ୯୮୨ ଟଙ୍କା ୧୫ ପଇସା ହେବ ବୋଲି ଅବକାରୀ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚୋରା କାରବାର ବିରୋଧରେ ଅବକାରୀ ବିଭାଗରେ ୪୭୬୮ ମାମଲା ରୁଜୁ କରାଯାଇ ୪୦୮୪ ଜଣଙ୍କୁ ଗିରଫ କରାଯାଇଛି। ଏହାବାଦ ଅନ୍ୟାନ୍ୟ ଚୋରା ସାମଗ୍ରୀ ଯଥା ଗଞ୍ଜେଇ, ଅଫିମ ଓ ଅନ୍ୟାନ୍ୟ ନିଶା ସାମଗ୍ରୀ କାରବାର ମଧ୍ୟ ଖୁଲମଖୁଲା ଥିଲା। କାରଣ ମାର୍ଚ୍ଚ ୧୦ ରୁ ମେ ପହିଲା ମଧ୍ୟରେ ଅବକାରୀ ବିଭାଗ ପକ୍ଷରୁ ୯୭ ଲକ୍ଷ ୨ହଜାର ୮୨୫ ଟଙ୍କାର ସାମଗ୍ରୀ ଜବତ କରାଯାଇଥିବା ସୂଚନା ଦିଆଯାଇଛି। ଉପରୋକ୍ତ ତଥ୍ୟକୁ ଦେଖିଲେ ମନେ ହୁଏ ନିର୍ବାଚନ ଆସିଲେ ଚୋରା ମଦ ବ୍ୟବସାୟୀଙ୍କ ପାଇଁ ପୁଷ ମାସ ଆଣିଥାଏ। କାରଣ ସରକାରୀ ଭାବେ ମଦ ଦୋକାନ ବନ୍ଦ ରହିଥିବା ଘୋଷଣା କରାଯାଇଥିବାରୁ ଚୋରା ବ୍ୟବସାୟୀମାନେ ବେଶ୍ ଲାଭବାନ ହୋଇଥାନ୍ତି। ଏହି କାରବାର ଦ୍ୱାରା ସରକାର ମଧ୍ୟ ବିପୁଳ ପରିମାଣର ରାଜସ୍ୱ ହରାଇଥାନ୍ତି। କାରଣ ସରକାରୀ ଭାବେ ଯେଉଁ ମଦର ମୂଲ୍ୟ ୧୦୦ ଟଙ୍କା ତାହା କଟକଣା ସମୟରେ ୨୦୦ରୁ ୩୦୦ ଟଙ୍କା ଛୁଇଁଥାଏ। ମୁଖ୍ୟତଃ ଏହି କଟକଣା ସମୟ ମଧ୍ୟରେ ଅବକାରୀ ବିଭାଗର କେତେଜଣ ମୁନାଫାଖୋର ଅଧିକାରୀ ବେଶ୍ ଲାଭବାନ ହେଉଥିବା ରାଜ୍ୟ ନିଶା ନିବାରଣ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ସଂଗଠନର କର୍ମକର୍ତ୍ତା ରମାକାନ୍ତ ମଣ୍ଡଳଙ୍କ କହିବା ଅନୁଯାୟୀ, ମଦ ଦୋକାନ ବନ୍ଦ ରହିବା ପ୍ରଚାର କେବଳ ଧର୍ମକୁ ଆଖିଠାର। କାରଣ କଟକଣା ସମୟରେ ପୋଲିସ ଓ ଅବକାରୀ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସହାୟତାରେ ମଦ କାରବାର ଚୋରାରେ ଚାଲେ। କେବଳ ସେତିକି ନୁହେଁ, ଚଢ଼ା ମୂଲ୍ୟରେ ମଦ ବିକ୍ରି ହେବା ସହ ଅଧିକ ଫାଇଦା ଗୋଟାଇବାକୁ ଯାଇ ଚୋରା ବ୍ୟବସାୟୀମାନେ ତାହାକୁ ଭେଜାଲ କରିବାକୁ ପଛାଇ ନ ଥାନ୍ତି। ଫଳସ୍ୱରୂପ ବିଷାକ୍ତ ମଦ ମୃତ୍ୟୁ ଭଳି ଘଟଣା ଘଟୁଛି।ଅବକାରୀ ବିଭାଗର ଡେପୁଟି କମିଶନର ରାମଚନ୍ଦ୍ର ପାଲଟା କୁହନ୍ତି, ନିର୍ବାଚନ ସମୟରେ ଚୋରା ନିଶା କାରବାରକୁ ବନ୍ଦ କରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଯଥେଷ୍ଟ ଉଦ୍ୟମ କରାଯାଇଛି। ଏପରିକି ସ୍ୱତନ୍ତ୍ର ସ୍କ୍ୱାଡ୍ ମଧ୍ୟ ଗଠନ କରାଯାଇଥିଲା। ଉକ୍ତ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢାଉ କରିବା ଫଳରେ ବିପୁଳ ପରିମାଣର ନିଶା ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି। ତେବେ ଭଦ୍ରକ ଘଟଣାକୁ ବିଭାଗ ପକ୍ଷରୁ ଗୁରୁତ୍ୱର ସହିତ ଗ୍ରହଣ କରାଯାଇଥିବା ପାଲଟା କହିଛନ୍ତି।

### ଭୋଟ ବେଳେ...

ଜିଲାପାଳଙ୍କୁ ରିପୋର୍ଟ ମାଗିବା ସହ ଭାରତୀଙ୍କ ବିରୋଧରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦୋଗାଡ଼ିଆ ସମେତ ଅନ୍ୟ କେତେକ ସ୍ଥାନରେ ଭାଜପା କର୍ମୀଙ୍କ ଆକ୍ରମଣରେ ମଧ୍ୟ ୪ ଟିଏମ୍‌ସି ସମର୍ଥକ ଆହତ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ମୁଖ୍‌ତାର ଅବାସ୍ ନକ୍‌ଭୀ କହିଛନ୍ତି, ପଶ୍ଚିମବଙ୍ଗରେ ଟିଏମ୍‌ସି ଗୁଣ୍ଡାରାଜ ଚଳାଇବା ସହ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସକରିବା ଲାଗି ଉଦ୍ୟମ କରିଛି। ନିର୍ବାଚନ କମିଶନ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେଇନାହାନ୍ତି।

ଅନ୍ୟପକ୍ଷରେ ଉତ୍ତରପ୍ରଦେଶର ବହୁଚର୍ଚ୍ଚିତ ସୁଲତାନପୁର ଲୋକ ସଭା ଆସନରେ ମଧ୍ୟ ହିଂସାକାଣ୍ଡ ଦେଖିବାକୁ ମିଳିଛି। ଧନପତ୍‌ଗଞ୍ଜ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଭାଜପା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପ୍ରାର୍ଥୀ ଚନ୍ଦ୍ର ଭଦ୍ରା ସିଂଙ୍କ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୧୨ରୁ ଊର୍ଦ୍ଧ୍ୱ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସେହିପରି ମଧ୍ୟପ୍ରଦେଶର ଭିନ୍ଦ୍ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସନ୍ଧ୍ୟା ରାୟ, କଂଗ୍ରେସର ଦେବାଶିଷ ଜରାରିଆ ଏବଂ ବିଏସ୍‌ପି ଟିକେଟରେ ଲଢୁଥିବା ବାବୁଲାଲ ଜାମେରଙ୍କୁ ରବିବାର ମତଦାନ ବେଳେ ହିଂସାକୁ ଏଡ଼ାଇବା ଲାଗି ଗୃହବନ୍ଦୀ କରାଯାଇଛି।

### ଆଜିଠୁ ଫନୀ...

୧୧ ଜଣ ସଦସ୍ୟ ରହିଛନ୍ତି। ଗୃହ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବିବେକ ଭରଦ୍ୱାଜଙ୍କ ନେତୃତ୍ୱରେ ଏହି ଟିମ୍ ସୋମବାରରୁ ବୁଧବାର ପ୍ରଭାବିତ ଅଞ୍ଚଳ ଗସ୍ତ କରିବ। ଗସ୍ତ ପରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ବାଦ୍ ଦେଇ କେନ୍ଦ୍ରୀୟ ଶକ୍ତି ମନ୍ତ୍ରଣାଳୟ ସଚିବଙ୍କ ନେତୃତ୍ୱରେ ଟେଲିକମ୍ ଅଧିକାରୀଙ୍କ ଏକ ଟିମ୍ ମଧ୍ୟ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରିବ ବୋଲି ଜଣାପଡିଛି। ଅପରପକ୍ଷେ ଫନୀ ପ୍ରଭାବିତ ମୃତ୍ୟୁସଂଖ୍ୟା ୬୪କୁ ବୃଦ୍ଧି ପାଇଛି। ସର୍ବାଧିକ ପ୍ରଭାବିତ ହୋଇଥିବା ପୁରୀ ଜିଲାରେ କେବଳ ୩୯ ଜଣଙ୍କର ମୃତ୍ୟୁ ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଖୋର୍ଦ୍ଧାରେ ୯, କଟକ ୬, ମୟୂରଭଞ୍ଜ ୪, ଯାଜପୁର ଓ କେନ୍ଦ୍ରାପଡ଼ାରେ ୩ ଲେଖାଏଁ ବ୍ୟକ୍ତିବିଶେଷଙ୍କ ମୃତ୍ୟୁ ହୋଇଥିବା ଉଲ୍ଲେଖ କରାଯାଇଛି। ବାତ୍ୟା ଦ୍ୱାରା ୧୪ ଜିଲାର ପ୍ରାୟ ୧.୬୪ କୋଟି ଜନସାଧାରଣ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

### ମୁମ୍ବାଇକୁ...

ସୀମିତ ରହି ପରାସ୍ତ ହୋଇଥିଲା। ୧୫୦ ରନ ସାଧାରଣ ଟାର୍ଗେଟର ପିଛା କରି ଚେନ୍ନାଇ ପ୍ରଥମେ ଫାଫ୍ ଡୁପ୍ଲେସିଙ୍କୁ ହରାଇଥିଲା। ଡୁପ୍ଲେସି ୧୩ ବଲରୁ ୩ ଚୌକା ଓ ୧ ଛକା ସହ ୨୬ କରିଥିବା ବେଳେ କ୍ରୁନାଲ ପାଣ୍ଡ୍ୟାଙ୍କ ବଲ୍‌ରେ ଉଇକେଟକିପର କ୍ୱିଣ୍ଟନ ଡିକକ୍‌ଙ୍କ ଦ୍ୱାର ଷ୍ଟମ୍ପ ଆଉଟ୍ ହୋଇଥିଲେ। ପ୍ରଥମ ଉଇକେଟର ଡୁପ୍ଲେସି ଓ ଶେନ୍ ୱାଟସନ ୨୩ ବଲରୁ ୩୩ ରନ ସଂଗ୍ରହ କରିଥିଲେ। ଅଭିଜ୍ଞ ସୁରେଶ ରାଇନା ୮ ରନ କରିଥିବା ବେଳେ ରାହୁଲ ଚହରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ରାଇନା ଓ ୱାଟସନ ୩୨ ବଲରୁ ୩୭ ରନ କରିଥିଲେ। ଏହାପରେ ମାତ୍ର ୧ ରନ କରିଥିବା ବେଳେ ନିର୍ଭରଯୋଗ୍ୟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ମାତ୍ର ୧ ରନ କରି ଉଇକେଟ କିପର କ୍ୱିଣ୍ଟନ ଡିକକ୍‌ଙ୍କୁ କ୍ୟାଚ୍ ଦେଇ ଯଶପ୍ରୀତ୍ ବୁମରାଙ୍କ ଦ୍ୱାର ଆଉଟ ହୋଇଥିଲେ। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ମାତ୍ର ୨ ରନ କରିଥିବା ବେଳେ ଇଶାନ କିଷନଙ୍କ ଡାଇରେକ୍ଟ ଥ୍ରୋରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ ଓ ଚେନ୍ନାଇର ସମସ୍ୟା ବଢିଯାଇଥିଲା। ତେବେ ୧୬ତମ ଓଭରରେ ଲାସିଥ ମଲିଙ୍ଗା ୨୦ ରନ ବ୍ୟୟ କରି ଚେନ୍ନାଇକୁ ସୁଯୋଗ ଦେଇଥିଲେ। ଅର୍ଦ୍ଧଶତକ ହାସଲ ପରେ ୱାଟସନ ଏକ ଜୀବନ ଦାନ ପାଇଥିଲେ ଓ ସେ ଏହାର ଭରପୂର ଫାଇଦା ଉଠାଇଥିଲେ। ୧୮ ଓଭରରେ କ୍ରୁନାଲ ପାଣ୍ଡ୍ୟା ମଧ୍ୟ ୨୦ ରନ ବ୍ୟୟ କରିଥିଲେ। ଡ୍ୱେନ ବ୍ରାଭୋ ୧୫ ବଲରୁ ୧ ଛକା ସହ ୧୫ ରନ ବୁମ୍‌ରାଙ୍କ ବଲରେ ଡିକକ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ପଞ୍ଚମ ଉଇକେଟ ଯୋଡିରେ ୩୪ ବଲରୁ ୱାଟସନ ଓ ବ୍ରାଭୋ ୫୧ ରନ ସଂଗ୍ରହ କରିଥିଲେ। ଅନ୍ତିମ ଓଭରର ବିଜୟ ପାଇଁ ୯ ରନ ଅବଶ୍ୟକ ହେଉଥିବା ବେଳେ ଚତୁର୍ଥ ବଲ୍‌ରେ ୱାଟସନ ୫୯ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୪ ଛକା ସହ ୮୦ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ଫଳରେ ମ୍ୟାଚ୍‌ର ରୋମାଞ୍ଚ ବଢିଯାଇଥିଲା। ଅନ୍ତିମ ବଲ୍‌ରେ ବିଜୟ ପାଇଁ ୨ ରନ ଆବଶ୍ୟକ ହେଉଥିବା ବେଳେ ସାର୍ଦ୍ଦୁଳ ଠାକୁର ମାଲିଙ୍ଗା ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଫଳରେ ମୁମ୍ବାଇ ୧ ରନରେ ବାଜି ମାରିଥିଲା। ବୋଲିଂରେ ମୁମ୍ବାଇ ତରଫରୁ ବୁମରା ୨, କ୍ରୁନାଲ, ମାଲିଙ୍ଗା ଓ ରାହୁଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ମୁମ୍ବାଇ ଆରମ୍ଭରୁ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ ସାଥୀ ଓପନର କ୍ୱିଣ୍ଟନ ଡିକକ୍ ଧୂଆଁଧାର ବ୍ୟାଟିଂର ନମୁନା ପ୍ରଦର୍ଶନ କରିଥିଲେ। ତେବେ ଡିକକ୍ ୧୭ଟି ବଲ୍ ଖେଳି ୪ ଛକା ସହ ୨୯ ରନ କରିଥିବା ବେଳେ ଶାର୍ଦ୍ଦୁଳ ଠାକୁରଙ୍କ ଏକ ବାଉନ୍ସରକୁ ଖେଳିବାକୁ ଯାଇ ବିଫଳ ହୋଇଥିଲେ। ବଲ୍ ତାଙ୍କ ଗ୍ଲୋଭ୍‌ରେ ବାଜିଥିଲା ଓ ସେ ଉଇକେଟକିପର ଧୋନୀଙ୍କ ହାତରେ ଧରାପଡିଥିଲେ। ପ୍ରଥମ ଉଇକେଟରେ ରୋହିତ ଓ ଡିକକ୍ ୨୯ ବଲରୁ ୪୫ ରନ ସଂଗ୍ରହ କରିଥିଲେ। ଏହାର ଠିକ୍ ଦୁଇଟି ବଲ୍ ପରେ ରୋହିତ ଦୀପକ ଚହରଙ୍କ ଏକ ସ୍ଲୋ ବଲ୍‌କୁ ଖେଳିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଧୋନୀ ଡାଇଭ ମାରି କ୍ୟାଚ୍ ନେଇଥିଲେ। ଚହର ଦ୍ୱିତୀୟ ଓଭରରେ କୌଣସି ରନ୍ ନ ଦେଇ ମେଡେନ ନେବା ସହ ଗୋଟିଏ ଉଇକେଟ ନେଇଥିଲେ। ରୋହିତ ଆଉଟ୍ ହେବା ପରେ ରନ୍ ସଂଗ୍ରହ ହାରରେ ଅବନତି ହୋଇଥିଲା। ରୋହିତ ୧୪ ବଲରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୧୫ ରନ ସଂଗ୍ରହ କରିଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଷନ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରି ତୃତୀୟ ଉଇକେଟରେ ୩୬ ବଲରୁ ୩୭ ରନ ସଂଗ୍ରହ କରିଥିଲେ। ତେବେ ସୂର୍ଯ୍ୟକୁମାର ୧୭ଟି ବଲ୍ ଖେଳି ୧ ଚୌକା ସହ ୧୫ ରନ କରି ଅଭିଜ୍ଞ ସ୍ପିନର ଇମ୍ରାନ ତାହିରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ବ୍ୟାଟ୍‌ର ଏଜ୍ ନେଇ ବଲ୍ ଷ୍ଟମ୍ପରେ ବାଜିଥିଲା। ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ବେଶି ସମୟ ତିଷ୍ଠିପାରି ନ ଥିଲେ। ୭ଟି ବଲରୁ ୭ ରନ କରିଥିବା ବେଳେ ସେ ଠାକୁରଙ୍କ ଦ୍ୱାର କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଏହାପରେ ଇଶାନଙ୍କ ପାଳି ପଡିଥିଲା। ସେ ୨୬ଟି ବଲରୁ ୩ ଚୌକା ସହ ୨୩ ରନ କରିଥିବା ବେଳେ ସୁରେଶ ରାଇନାଙ୍କୁ କ୍ୟାଚ୍ ଦେଇ ତାହିରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଚମକ ଦେଖାଇପାରି ନ ଥିଲେ। ସେ ୧୦ଟି ବଲ୍ ଖେଳି ଗୋଟିଏ ଲେଖାଏ ଚୌକା ଓ ଛକା ସହ ମାତ୍ର ୧୬ ରନ କରି ଚହରଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ରାହୁଲ ଖାତା ଖୋଲିବା ପୂର୍ବରୁ ଡୁପ୍ଲେସିଙ୍କୁ କ୍ୟାଚ୍ ଦେଇ ଚହରଙ୍କ ତୃତୀୟ ଶିକାର ହୋଇଥିଲେ। ୧୯ତମ ଓଭରର ଦ୍ୱିତୀୟ ଓ ଚତୁର୍ଥ ବଲ୍‌ରେ ଚହର ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିଥିଲେ। ରନ ନେବାକୁ ପ୍ରୟାସ କରି ମିଚେଲ ମ୍ୟାକ୍‌କ୍ଲିନହାନ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ମୁମ୍ବାଇ ୧୯ତମ ଓଭରରେ ଦୁଇ ଉଇକେଟ ହରାଇବା ସହ ୪ ଓ ଅନ୍ତିମ ଓଭରରେ ଗୋଟିଏ ଉଇକେଟ ହରାଇବା ସହ ମାତ୍ର ୮ ରନ କରିଥିଲା। ଫଳରେ ଦଳର ସ୍କୋର ଦେଢଶହ ମଧ୍ୟରେ ସୀମିତ ରହିଥିଲା। ଚେନ୍ନାଇ ବିପକ୍ଷରେ ଚଳିତ ସେସନରେ ବେଶ୍ ଭଲ ପ୍ରଦର୍ଶନ କରିଥିବା କିରନ ପୋଲାର୍ଡ ନିଜ ଜନ୍ମଦିନରେ ୨୫ ବଲରୁ ୩ଟି ଲେଖାଏ ଚୌକା ଓ ଛକା ସହ ୪୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଚେନ୍ନାଇ ତରଫରୁ ଚହର ସର୍ବାଧିକ ୩, ତାହିର ଓ ଠାକୁର ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ତାହିର ଏଥିସହ ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡ଼ାଙ୍କୁ ପଛରେ ପକାଇ ଚଳିତ ଆଇପିଏଲ୍‌ରେ ସର୍ବାଧିକ ଉଇକେଟ ହାସଲ କରି ପର୍ପଲ କ୍ୟାପ୍‌ର ଅଧିକାରୀ ହୋଇଛନ୍ତି। ମୁମ୍ବାଇ ଦଳରେ ଗୋଟିଏ ପରିବର୍ତ୍ତନ ହୋଇଥିବା ବେଳେ ଚେନ୍ନାଇ ଦଳ ଅପରିବର୍ତ୍ତିତ ରହିଥିଲା। ମୁମ୍ବାଇ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜୟନ୍ତ ଯାଦବଙ୍କ ବଦଳରେ ମିଚେଲ ମ୍ୟାକ୍‌କ୍ଲିନ୍‌ହାନଙ୍କୁ ଦଳରେ ସାମିଲ କରିଥିଲା।

**ସଂକ୍ଷିପ୍ତ ସ୍କୋର:**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୪୯/୮
(ପୋଲାର୍ଡ- ୪୧*, ଡିକକ୍- ୨୯, ଇଶାନ-୨୩, ରୋହିତ- ୧୫, ସୂର୍ଯ୍ୟକୁମାର- ୧୫, ହାର୍ଦ୍ଦିକ- ୧୬, ଚହର- ୩/୨୬, ଠାକୁର- ୨/୩୭, ତାହିର- ୨/୨୩ )।
ଚେନ୍ନାଇ ସୁପର କିଙ୍ଗ ୨୦ ଓଭରରେ ୧୪୮/୭
(ୱାଟସନ- ୮୦, ଡୁପ୍ଲେସି- ୨୬, ବୁମରା- ୨/୧୪, କ୍ରୁନାଲ- ୧/୩୯, ମାଲିଙ୍ଗା- ୧/୪୯,ରାହୁଲ-୧/୧୪ )।


classifieds Everyday
0674-2580101, 2549302

real estate
SALE

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332. D-66366

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପ୍ରତ୍ୟେକ କାମଗୁଡିକ ଟିକିଏ ବିଳମ୍ବ ଓ ଝାମେଲା ଭିତରେ ହିଁ ହେବ କିନ୍ତୁ ଯଦି ତରବରିଆ ପଦକ୍ଷେପ ନେବେ ତେବେ ବେଶି ହଇରାଣ ହେବେ। ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କେତେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ**
ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାରର ଘରୋଇ ଝାମେଲା କାରଣରୁ ମନଟା ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ।

**ମିଥୁନ**
ଦୀର୍ଘ ଦିନରୁ ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ, ଅବଶ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କର କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ସକାଶେ କର୍ମମୁଖର ହେବେ। କଳା, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ**
ଅତୀତ କଥାକୁ ଚିନ୍ତା କରି ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ।

**ସିଂହ**
ପ୍ରତ୍ୟେକ ପ୍ରକାରର ପ୍ରତିଦ୍ୱନ୍ଦ୍ୱିତାନ୍ଦ, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅଫସରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇ ପାରନ୍ତି। ମାଲିମକଦ୍ଦମା, ରଚନାତ୍ମକ କାର୍ଯ୍ୟ, ଯାତ୍ରା, ଗବେଷଣା ତଥା ପରିବହନରେ ଲାଭବାନ ହେବେ। ବହୁ ବିଳମ୍ବରେ ହାତକୁ ନେଇଥିବା କାର୍ଯ୍ୟ ହାସଲରେ ସମର୍ଥ ହେବେ।

**କନ୍ୟା**
ସକାଳୁ ସକାଳୁ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇବେ। ଯାତ୍ରା କାଳରେ କୌଣସି ଖଳ ଲୋକମାନଙ୍କ କଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ହଇରାଣ ହେବାକୁ ପଡିପାରେ। ମାଲି ମକଦ୍ଦମା, ତର୍କ ବିତର୍କ, ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା**
ପୂର୍ବର ମତାନ୍ତର ଜନିତ କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ସହଯୋଗ ପାଇବେ ନାହିଁ। ସାମାଜିକ ଓ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା,ସାହିତ୍ୟ,ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ହଠାତ୍ କୌଣସି ଆଶାନୁରୂପ ସଫଳତା ମିଳି ନ ପାରେ।

**ବିଛା**
ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ମନ ଉଦାସ ରହିପାରେ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଭଲ ସମ୍ପର୍କଥିବା ବନ୍ଧୁଙ୍କ ସମ୍ମୁଖରେ ପ୍ରିୟକଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ଆଲୋଚନା ମାଧମରେ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରିବେ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ନଚେତ୍ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇ ପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଅନ୍ୟ ମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନୀ କାରବାର ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ।

**କୁମ୍ଭ**
ବହୁତ ଖୋଜାଖୋଜି ପରେ ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ବନ୍ଧୁଙ୍କ ମାଧମରେ ତାହା ଅତି ସୁବିଧାରେ ପାଇଯିବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁ ମାନଙ୍କ ସହ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ।

**ମୀନ**
ଦୀର୍ଘ ଦିନରୁ ଅଟକି ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ବୈଶାଖ ଶୁକ୍ଳପକ୍ଷର ସୀତା ନବମୀ, ସୋମବାର, ମେ ୧୩ ତାରିଖ, ରାଷ୍ଟ୍ରୀୟ ଏକତା ଦିବସ, ସକାଳ ଘ୧୦।୩୯ମି. ପର୍ଯ୍ୟନ୍ତ ମଘା/ସିଂହ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଦିବା ଘ୬।୫୦ମି. ମଧ୍ୟେ ଘ୧।୨୫ମି. ଗତେ ଘ୩।୦୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୫ମି. ଗତେ, ଘ୧୦।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୬।୫୨ମି. ଗତେ, ଘ୮।୨୯ମି. ମଧ୍ୟେ ରାହୁକାଳ।


ଆଇ ଇଞ୍ଜିଷ୍ଟ
ଗରମକୁ କର
Symphony®
ପଙ୍ଖା
ଯେତିକି ଇଲେକ୍ଟ୍ରିସିଟିରେ
ସିମ୍ଲା ପରି
ଥଣ୍ଡା
www.symphonylimited.com
FOR LARGE ROOMS
TOUCH 110 ₹ 19,999
WINTER 80XL ₹ 14,999
SIESTA 70XL ₹ 13,499
JUMBO 61i ₹ 12,999
SUMO i ₹ 12,499
FOR MID-SIZED ROOMS
CLOUD ₹ 14,999
DIET 50i BLACK ₹ 12,799
TOUCH 35 ₹ 10,499
JUMBO 41DB ₹ 9,499
JUMBO 41 ₹ 8,999
SUMO JR ₹ 8,499
FOR SMALL ROOMS
HICOOL i BLACK ₹ 11,499
DIET 22i ₹ 10,299
TOUCH 20 ₹ 7,499
DIET 12T ₹ 6,799
ICE CUBE 27 ₹ 6,599
KITCHEN COOLER
SILVER i
• କମ୍ ସ୍ଥାନ ଅଧିକାର କରେ
• ଧୂଆଁ ଏବଂ ଦୁର୍ଗନ୍ଧ ଅବଶୋଷଣ କରେ
• ଗ୍ୟାସ୍ ଫ୍ଲେମ୍‌କୁ ବାଧା ଦିଏ ନାହିଁ
• ଉତ୍ତମ ପରିଚ୍ଛନ୍ନତା ପାଇଁ ଅପସାରଣ ଯୋଗ୍ୟ ଟ୍ୟାଙ୍କ୍
₹ 6,999
ଏୟାର୍ କୁଲିଂରେ ବିଶ୍ୱରେ ଅଗ୍ରଣୀ
ଫ୍ୟାନ୍ ଚାଲିବା ମୂଲ୍ୟରେ ଚାଲେ
ଇନଭର୍ଟରରେ ଚାଲେ
i-Pure ଟେକ୍ନୋଲୋଜି
ଡିଜିଟାଲ୍ ଟଚ୍ ସ୍କ୍ରିନ୍
ଭଏସ୍ ଆସିଷ୍ଟ
ଟାଇମର୍ ସହିତ ରିମୋଟ୍ କଣ୍ଟ୍ରୋଲ୍
ପାଣି ଟାଙ୍କି ଶୂନ୍ୟ ହେବା ଆଲାର୍ମ
କୁଲ୍ ଫ୍ଲୋ ଡିସପେନ୍‌ସର୍
ସିଷ୍ଟମ ରିଷ୍ଟୋର୍ ଫଙ୍କସନ୍
ଉପରେ ଦର୍ଶାଯାଇଥିବା ଟ୍ରଲି ସୀମିତ ଅବଧି ପାଇଁ ମାଗଣା ରହିଛି। ବୈଶିଷ୍ଟ୍ୟଗୁଡ଼ିକ ଭିନ୍ନ ଭିନ୍ନ ମଡେଲ୍ ପାଇଁ ବଦଳିପାରେ. | ₹ ଏମ୍ଆରପି.
ର ଅବସ୍ଥାନ/ଉତ୍ପାଦ ସୂଚନା ପାଇଁ 08000400111ରେ ମିସଡ୍ କଲ୍ ଦିଅନ୍ତୁ ଏବଂ ଆମ୍ଭେମାନେ ଆପଣଙ୍କୁ କଲ୍ ବ୍ୟାକ୍ କରିବୁ। (ସକାଳ ୫ଟାରୁ – ରାତି ୫ଟା ପର୍ଯ୍ୟନ୍ତ)।
ସହଜ ଫାଇନାନ୍ସ ବିକଳ୍ପ*
BAJAJ FINSERV
IDFC FIRST Bank
HDB FINANCIAL SERVICES
କେବଳ ବଛା ବଛା ସହରରେ ଓ ଆଉଟଲେଟ୍‌ରେ ବଛା ବଛା ମଡେଲ୍‌ରେ ଉପଲବ୍ଧ ରହିଛି।
ଗ୍ରାହକ ସେବା
LOGIN symphonylimited.com/service
CALL 09510070111
(ପିନ୍ କୋଡ୍, ମୋବାଇଲ୍ ନମ୍ବର ଏବଂ କ୍ରମିକ ସଂଖ୍ୟା ପ୍ରଦାନ କରନ୍ତୁ)
ସିମ୍ଫୋନି ଇଣ୍ଡଷ୍ଟ୍ରିଆଲ୍ ଏବଂ କମର୍ସିଆଲ୍ ଏୟାର୍ କୁଲରର ବ୍ୟାପକ ରେଞ୍ଜ ମଧ୍ୟ ଉପଲବ୍ଧ ରହିଛି।
କୌଣସି ଅନୁସନ୍ଧାନ ପାଇଁ :
industrial@symphonylimited.com
* ଆର୍ଥିକ ସହାୟତା ପ୍ରଦାନକାରୀଙ୍କ ଏକକ ନିର୍ଦ୍ଦେଶ ଅନୁଯାୟୀ ଆର୍ଥିକ ସହାୟତା ହୋଇଥାଏ.

ପୃଥିବୀର କ୍ରମବିକାଶ ଧାରାରେ ମଣିଷର ଅତିମାନବ ସ୍ତରକୁ ଉତ୍ତୀର୍ଣ୍ଣ ହେବା ହେଉଛି ପ୍ରକୃତିର ଏକ ନିକଟବର୍ତ୍ତୀ ସମ୍ପାଦନ ବା କୃତିତ୍ୱ। ସେହିଠାରେ ଇ ରହିଛି ଆମର ନିୟତି। ଏବଂ ସେହିଠାରେ ହିଁ ରହିଛି ଆମ ମୁକ୍ତିର ଚାବିକାଠି– ଯାହା ପାଇଲେ ଆମେ ଆମର ଏହି ଅଭୀପ୍ସା ପରାୟଣ ଅଥଚ ସୀମାବଦ୍ଧ ଓ ବାଧାବିଘ୍ନ ସଂକୁଳ ଜୀବନରୁ ରକ୍ଷାପାଇବୁ।

–ଶ୍ରୀଅରବିନ୍ଦ

# ଅନୁସନ୍ଧିତ୍ସୁ ଚିନ୍ତାଧାରା

ପୃଥିବୀରେ ଯେତେ ବିପ୍ଳବ ଜରିଆରେ ସଂସ୍କାର ଅଣାଯାଇଛି, ସବୁଥିରେ ଯୁବପିଢ଼ିଙ୍କ ଅବଦାନ ସର୍ବାଗ୍ରେ ରହିଆସିଛି। ୧୭୮୯ ଫରାସୀ ରାଷ୍ଟ୍ର ବିପ୍ଳବଠାରୁ ଆରମ୍ଭ କରି ୨୦୧୧ର ଟ୍ୟୁନିସିଆର ଯସ୍ମିନ୍ ରିଭଲ୍ୟୁଶନ ଯାଏ ଯୁବବର୍ଗ ପ୍ରମୁଖ ଭୂମିକା ନିଭାଇ ଆସିଛନ୍ତି। ଏକ ପ୍ରଗତିଶୀଳ ସମାଜ ଗଠନ ଲାଗି ଯୁବ ମାନସିକତା ଆଗକୁ ବଢ଼ିବାକୁ ଖୋରାକ ଯୋଗାଇଥାଏ। ଭାରତ ପରିପ୍ରେକ୍ଷୀରେ ଦେଖିଲେ ଜନସଂଖ୍ୟାର ୬୫ ପ୍ରତିଶତରୁ ଉର୍ଦ୍ଧ୍ୱ ହେଉଛନ୍ତି ଯୁବବର୍ଗ। ଏତେସଂଖ୍ୟକ ମାନବ ସମ୍ବଳ ସାମାଜିକ ଓ ଅର୍ଥନୈତିକ ଉନ୍ନତିରେ ନିଶ୍ଚିତ ଭାବେ ସକାରାତ୍ମକ ପରିବର୍ତ୍ତନ ଆଣିବା କଥା। କିନ୍ତୁ ଭାରତବର୍ଷରେ ଯୁବପିଢ଼ିର ଇନ୍‌କ୍ୟୁଜିଟିଭ୍ ଥଟ୍ ବା ଅନୁସନ୍ଧିତ୍ସୁ ଚିନ୍ତାଧାରାର ଘୋର ଅଭାବ ରହିଛି। ସେଥିପାଇଁ ଏହି ଦେଶରେ କୌଣସି ଯୁବକ ଗବେଷଣା କରି ନୂଆ କିଛି ସାମଗ୍ରୀ ବା ଚିନ୍ତା ପୃଥିବୀକୁ ଦେଇନାହିଁ।

ଆମେ ସବୁବେଳେ କହିଥାଉ ଯେ, ଆମକୁ ସୁବିଧା ଓ ସୁଯୋଗ ଦିଆଯାଉ ନାହିଁ। ମାତ୍ର ସୁବିଧାରେ ଥିବା ବ୍ୟକ୍ତି କେବେହେଲେ ନୂତନ ଭାବନାକୁ ଜନ୍ମ ଦେଇ ନ ଥାଏ। ଇଂଲିଶ୍‌ରେ କୁହାଯାଏ 'ନେସେସିଟି ଇଜ୍ ଦି ମଦର ଅଫ୍ ଇନ୍‌ଭେନ୍‌ଶନ'। ଓଡ଼ିଆରେ ଏହାର ଅର୍ଥ ହେଉଛି 'ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ'। ଆମ ପିଢ଼ିକୁ ଯୁଗ ଯୁଗ ଧରି ଶିଖାଇ ଆସିଛୁ ଯେ ରାଜା ହୁଅନ୍ତୁ ବା ଗଣତାନ୍ତ୍ରିକ ସରକାର, ସାହାଯ୍ୟ ଓ ସହଯୋଗ ଯୋଗାଇଲେ ତୁମେ ପାଠ ପଢ଼ିପାରିବ ଏବଂ ସମାଜ ଉପରେ ଏକ ବିରାଟବଡ଼ ବୋଝ ହେବାର ଦକ୍ଷତା ହାସଲ କରିବ। କୌତୂହଳରେ ଏହା ମଧ୍ୟ କୁହାଯାଏ 'ଭୋକେ ଓଡ଼ିଆ ନିଦ ଯାଏ'। ଏହିଭଳି ଢଗ ଆମ ଚରିତ୍ରର ସ୍ପଷ୍ଟ ଚିତ୍ର ଦେଉଛି। ଅନ୍ୟ ସମାଜରେ ଭୋକିଲା ଲୋକ ବୈପ୍ଳବିକ ଚିନ୍ତାଧାରା ପୋଷଣ କରି ବିଭିନ୍ନ ପ୍ରକାର ପରିଶ୍ରମ କରିବାକୁ ଚେଷ୍ଟା କରିଥାଏ। ଏଠାରେ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍‌ସଙ୍କ ଉକ୍ତି ମନେପଡ଼େ। ତାଙ୍କ ଭାଷାରେ 'ଇଫ୍ ୟୁ ଆର୍ ବର୍ନ ପୁଅର ଇଟ୍ ଇଜ୍ ନଟ୍ ୟୋର ମିସ୍‌ଟେକ୍, ବଟ୍ ଇଫ୍ ୟୁ ଡାଏ ପୁଅର ଇଟ୍ ଇଜ୍ ୟୋର ମିସ୍‌ଟେକ୍'। ଅର୍ଥାତ୍ ଗରିବ ହୋଇ ଜନ୍ମ ହେବାରେ ତୁମର ଦୋଷ ନାହିଁ, କିନ୍ତୁ ଦରିଦ୍ର ହୋଇ ମରିବା ହେଉଛି ଦୋଷ'।

ଦୁଃଖର ବିଷୟ ହେଉଛି, ସ୍ୱାଧୀନତାଠାରୁ ଆଜି ପର୍ଯ୍ୟନ୍ତ ଏହି ଦେଶର ରାଜନୈତିକ ନେତୃବୃନ୍ଦ ସବୁବେଳେ ଲୋକଙ୍କୁ ଲାଞ୍ଚ ଦେଇ ସନ୍ତୁଷ୍ଟ କରି ରଖିବାକୁ ଚେଷ୍ଟା କରିଆସୁଛନ୍ତି। କେବେହେଲେ ଯୁବପିଢ଼ିକୁ ସ୍ୱାବଲମ୍ବୀ ହୋଇ ନୂଆ କିଛି କରିବା ଲାଗି ପ୍ରେରଣା ଦିଆଯାଉ ନାହିଁ। ଏ ଦେଶରେ ଜଣେ ହେଲେ ବି ମୂଳରୁ ନିଜସ୍ୱ ଚିନ୍ତାଧାରାକୁ ଆଧାର ଭାବେ ବ୍ୟବହାର କରି ଶିଳ୍ପପତି ହୋଇ ନାହାନ୍ତି। ତେବେ ସମଗ୍ର ବିଶ୍ୱର ଏବର ଯୁବପିଢ଼ି ପାଇଁ ଆଦର୍ଶ ପାଲଟିଥିବା ଅପଲ୍ ପ୍ରତିଷ୍ଠାତା ଷ୍ଟିଭ୍ ଜବ୍‌ସ ହୁଅନ୍ତୁ ବା ଫେସ୍‌ବୁକ୍‌ର ମାର୍କ ଯୁକରବର୍ଗ ଚିନ୍ତାକୁ ପୁଞ୍ଜି କରି ବିରାଟ ବ୍ୟକ୍ତି ହୋଇପାରିଛନ୍ତି। ହେଲେ ଭାରତରେ ଗୋଟିଏ ପଟେ ଧ୍ୱନି ଦିଆଯାଉଛି ଯେ, ଏକ ଦୁର୍ନୀତିମୁକ୍ତ ସମାଜ ଗଢ଼ିବାର ଆବଶ୍ୟକତା ରହିଛି। ଅନ୍ୟପଟେ ସବୁ ପ୍ରକାରର ମାଗଣା ଯଚାଯାଇ ଶ୍ରମଶକ୍ତିକୁ ସ୍ଥାଣୁ କରି ଦିଆଯାଉଛି। ଜନସାଧାରଣ ମଧ୍ୟ ଏହା ଚାହାନ୍ତି। ପିଢ଼ି ପରେ ପିଢ଼ି ସେହି ଶଗଡ଼ଗୁଳାରେ ଚାଲିଛନ୍ତି।

## ଚିରନ୍ତନୀ

ମାନବ ଜୀବନ ଲଭିଅଛୁ ଯେବେ ଦି'ଦିନ ପାଇଁ
ତେବେ କିପାଁ କରୁ ବିରସ ବଦନ କହ ତ ଭାଇ!
ମରଣ ଆଗରୁ କି ଡର କହ ତ ମରିବା ଡରି
ଯେତେ ଦିନ ତୋର ଜୀବନ ସଉଦା ଯାଇନି ସରି?
ମୁଖେ ଅଛି ହସ, ଆଖିରୁ ତୋହର ଶୁଖିନି ପାଣି
ନିରୋଳାରେ ଯଦି କଣ୍ଠୁ ବେଦନା ବାଜଇ ବାଣୀ।
ଚରଣ ନୋହିଛି ଶିଥିଳ ଅବଶ ହୋଇନି କର
ଲୋମର ପୁଲକ ନୟନର ତୃଷା ରହିଛି ତୋର।
ଦୁଇ ଦିନ ହସି ଦୁଇ ଟୋପା ଲୁହ ପାରିଲେ ଢାଳି
କିବା ଦୁଃଖ ତାପ ଅଛି ତୋର ଆଉ କହ ତ ଭାଳି?
ସେ ଦିନ ନୟନୁଁ ଶୁଖିଯିବ ଲୁହ ନିଭିବ କଥା
ସେହି ସିନା ଦୁଃଖ ସେହି ସିନା ତୋର ମରଣ ବ୍ୟଥା।
ଭାଷା ଯେବେ ତୋର ଜୀବିତ ରହିଚି ବଦନେ ହାସ
ଜଳିଉଠେ ଆଶା, ଆଖିରେ ପୂରଇ ଲୋତକ ପ୍ରାସ,
ଅଛି ତେବେ ସବୁ ଅଛି କାମଧେନୁ ଜୀବନ-ଗାଭୀ
ଜୀବନରୁ ବଳି କି ଲୋଡ଼ୁ ଅଧିକ କହ ତ ଭାବି?

(ଜୀବନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | 3 | | | | 1 | 7 | | | | | | | |
| 8 | | | | | | D | | | E | | 9 | | 3 | |
| | A | 9 | 3 | | 8 | | | 4 | | | 6 | | | |
| | | D | 1 | | | | | | C | | 3 | 2 | 7 | 4 |
| | | | | 4 | | 9 | C | | 2 | D | | | | |
| | | C | 4 | | | E | | | | 9 | | 8 | 6 | 0 |
| 1 | | | | | | | A | | 0 | | | | E | 5 |
| | B | A | | | 2 | 4 | 1 | C | | | | | | |
| | | | E | 7 | 5 | | | 2 | A | B | | | | |
| 7 | | | | | 0 | 8 | | | | | 1 | | | |
| | | | | | | | 3 | | | | | | 5 | 2 |
| | | | | 9 | B | 6 | | | | 1 | | | C | 8 |
| | | | | D | | | B | 7 | 6 | | | | 4 | E |
| | | | 7 | | E | C | | 0 | | | | 6 | B | |
| | | | C | 6 | 4 | | | | | | 0 | | 9 | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | B | 2 | 6 | 4 | C | 8 | 0 | 1 | 7 | 9 | 5 | 3 | A |
| 1 | 8 | A | 9 | 0 | 3 | 7 | 6 | 5 | D | 2 | B | C | 4 | E |
| 9 | 5 | C | B | A | 7 | 1 | 3 | 2 | 6 | E | 4 | 0 | D | 8 |
| 7 | 3 | 2 | 8 | D | E | 4 | A | B | 0 | 5 | C | 1 | 9 | 6 |
| 4 | 6 | 0 | 1 | 5 | C | E | 9 | D | 8 | 3 | A | 2 | B | 7 |
| 0 | 7 | 6 | 3 | 1 | 5 | 8 | B | 4 | C | A | 2 | 9 | E | D |
| D | 4 | 8 | A | E | B | 2 | 7 | C | 5 | 9 | 0 | 6 | 1 | 3 |
| B | 2 | 5 | 6 | 7 | 0 | 9 | 1 | E | 3 | D | 8 | 4 | A | C |
| A | 1 | 9 | C | 8 | D | 6 | 0 | 3 | E | 4 | 7 | B | 5 | 2 |
| 3 | C | E | 4 | 2 | 9 | 5 | D | A | B | 6 | 1 | 7 | 8 | 0 |
| 5 | A | 3 | D | 4 | 2 | 0 | C | 7 | 9 | B | E | 8 | 6 | 1 |
| 2 | B | 1 | 7 | 3 | 8 | D | 4 | 9 | A | C | 6 | E | 0 | 5 |
| C | 0 | 4 | 5 | B | 1 | A | E | 6 | 7 | 8 | D | 3 | 2 | 9 |
| 6 | E | 7 | 0 | 9 | A | B | 5 | 8 | 2 | 1 | 3 | D | C | 4 |
| 8 | 9 | D | E | C | 6 | 3 | 2 | 1 | 4 | 0 | 5 | A | 7 | B |

ଗତକାଲିର ଉତ୍ତର

# ସବୁଠି ଅଯୋଗ୍ୟଙ୍କ ଭିଡ଼



ଅରୁଣ କୁମାର ପଣ୍ଡା

ରୋମ୍‌ର ସମ୍ରାଟ୍ ନିରୋଙ୍କ ନାମ କିଏ ନ ଜାଣେ! ତାଙ୍କ ସମ୍ପର୍କରେ ଗୋଟିଏ ପ୍ରସିଦ୍ଧ କଥା ଅଛି- ଯେତେବେଳେ ରୋମ୍ ଜଳୁଥିଲା, ସେତେବେଳେ ସେ ବଂଶୀବାଦନ କରୁଥିଲେ। ଠିକ୍ ଏହି ଅବସ୍ଥା ଆମର ଶାସକ ଏବଂ ଭାରତର। ପୁଣି ପ୍ରଶ୍ନ ଉଠୁଛି, କୌଣସି ଗୁଣ ନ ଥାଇ ଅର୍ଥାତ୍ ତାଙ୍କଠାରୁ ଅଧିକ ଯୋଗ୍ୟବ୍ୟକ୍ତି ଥାଇ ମଧ୍ୟ ଏହି ଶାସକବର୍ଗ ଏତେ ପ୍ରସିଦ୍ଧ କିପରି ହୋଇଯାନ୍ତି? ଏହାର ଉତ୍ତରରେ କୁହାଯାଇପାରେ ଯେ, ସେ ସମୟରେ ରୋମ୍ ସମଗ୍ର ୟୁରୋପରେ ଅତ୍ୟନ୍ତ ବୈଭବଶାଳୀ ଥିଲା ଏବଂ ସେଠାରେ ଏହାର ଅଖଣ୍ଡ ପ୍ରଭାବ ଥିଲା। ସେହିଭଳି ଏକ ରାଷ୍ଟ୍ରରେ ନିରୋଙ୍କ ପରି ଜଣେ ବ୍ୟକ୍ତି ଯିଏ ନିଜର ମା' ଓ ଭଉଣୀ ସହ ବ୍ୟଭିଚାର କରିବାକୁ ପଛାଇ ନ ଥିଲେ, ଦୀର୍ଘବର୍ଷ ଧରି ରୋମ୍‌ରେ ଏକଚ୍ଛତ୍ର ଶାସନ କରୁଥିଲେ। ସେ ଏତେ ବେପରୁଆ ଥିଲେ ଯେ ରୋମ୍ ଜଳୁଥିଲେ ମଧ୍ୟ ତାଙ୍କ ବିଳାସବ୍ୟସନରେ ଯେପରି କୌଣସି ବାଧାବିଘ୍ନ ନ ଘଟେ, ସେଥିପ୍ରତି ଦୃଷ୍ଟିଦେବାକୁ ରାଜାଦେଶ ଥିଲା। ସେ ଏଭଳି କ୍ରୂର ଅତ୍ୟାଚାରୀ ଥିଲେ ଯେ ସାମାନ୍ୟ ଅପରାଧ କରିଥିବା ବ୍ୟକ୍ତିଙ୍କୁ କେବଳ ନିଜର ମନୋରଞ୍ଜନ ପାଇଁ ସିଂହର ପିଞ୍ଜରା ଭିତରକୁ ଫିଙ୍ଗିଦେଉଥିଲେ। ଏସବୁ ସତ୍ତ୍ୱେ ସେ ଥିଲେ ରୋମ୍‌ର ପ୍ରିୟ ସମ୍ରାଟ୍।

ସେହିଭଳି ଆଉ ଏକ ଉଦାହରଣ ମୋଗଲ ସମ୍ରାଟ୍ ଆକବରଙ୍କ ପୁତ୍ର ସମ୍ରାଟ୍ ଜାହାଙ୍ଗୀରଙ୍କ ସମ୍ପର୍କରେ ଦିଆଯାଇପାରେ। କୁହାଯାଏ, ଜାହାଙ୍ଗୀର ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରୁଥିଲେ। ସେ ନିଜର ରାଜଭବନ ବାହାରେ ଏକ ବିଶାଳ ଘଣ୍ଟା ଟାଙ୍ଗିଥିଲେ, ଯାହାକୁ ବଜାଇ କୌଣସି ବି ପ୍ରଜା ସମ୍ରାଟ୍‌ଙ୍କୁ ନିଜର ଦୁଃଖ ଜଣାଇପାରିବେ। କିନ୍ତୁ ସମ୍ରାଟ୍ ଜାହାଙ୍ଗୀରଙ୍କ ଜୀବନକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେ ଯେତିକି ଅନ୍ୟାୟ କରିଛନ୍ତି ଇତିହାସରେ ସେଭଳି ନଜିର ଦେଖିବାକୁ ମିଳେନାହିଁ।

ଆମ ଦେଶରେ କ୍ଷମତାସୀନ ନେତାମାନଙ୍କ ଅବସ୍ଥା ଏହିପରି। ଯେତେ ଦୁର୍ନୀତି, ଭ୍ରଷ୍ଟାଚାର, ପ୍ରିୟାପ୍ରୀତି, ହତ୍ୟା, ବଳାତ୍କାର କଲେ ମଧ୍ୟ ନ୍ୟାୟିକ ବ୍ୟବସ୍ଥା ଥାଇ ବି ଏମାନେ ଖସିଯାଆନ୍ତି। ଯେଉଁମାନଙ୍କ ଦ୍ୱାରା ଦେଶ ବରବାଦ ହେଲା, ଦେଶର ରାଜସ୍ୱ ଲୁଣ୍ଠିତ ହେଲା, ସାଧାରଣ ଲୋକଙ୍କ ଅର୍ଥକୁ ଯେଉଁମାନେ ଆତ୍ମସାତ୍ କରି ନିଜର ଅୟସରେ ବିନିଯୋଗ କଲେ, ସେହିମାନଙ୍କ ପାଇଁ ଆମେ ପାଞ୍ଚ ଦଶ କୁଇଣ୍ଟାଲର ଫୁଲମାଳ ତିଆରି କରୁଛୁ, ବୀର କିମ୍ବା ହିରୋମାନଙ୍କ ପାଇଁ ନୁହେଁ। କୁକର୍ମ, ଚରିତ୍ରହୀନତା, ଅମଣିଷପଣିଆ ତଥା ଦୁରାଚାର ପାଇଁ ଯେଉଁମାନଙ୍କ ମୁହଁରେ ଛେପ ପକାଇବା କଥା, ଗଣମାଧ୍ୟମଠାରୁ ଆରମ୍ଭ କରି ଆମେ ପ୍ରାୟ ସମସ୍ତେ ସେମାନଙ୍କୁ ପ୍ରସିଦ୍ଧି ଦେଉଛୁ; ସେମାନଙ୍କ ପୂଜା କରୁଛୁ। କାକତାଳୀୟ ନ୍ୟାୟରେ ଯେଉଁମାନେ ଥରେ କ୍ଷମତା ଅଳିନ୍ଦ ଭିତରେ ପ୍ରବେଶ କରିଗଲେ, ସେମାନେ ସେଠାରେ ଆସନ ଜମାଇ ବସିଲେ ଏବଂ ପ୍ରସିଦ୍ଧିର ଚରମ ଶିଖରରେ ପହଞ୍ଚିଗଲେ। ଅପରପକ୍ଷରେ ମହାନ୍ ବିଦ୍ୱାନ୍, ପ୍ରତିଭାବାନ୍, ଦେଶଭକ୍ତ, ସାମାଜିକ କର୍ମୀ, ଚରିତ୍ରବାନ୍ ସଂଗ୍ରାମୀ ମଣିଷଙ୍କୁ କେହି ଚିହ୍ନିଲେ ନାହିଁ କି ଜାଣିଲେ ନାହିଁ। ଏମାନଙ୍କର ଦୁଇଟି ପ୍ରମୁଖ ଅସ୍ତ୍ର ହେଲା ସ୍ୱାର୍ଥ ଏବଂ କୂଟନୀତି। ଆଉ ସବୁଠାରୁ ମାରାତ୍ମକ ପ୍ରତିଭା ହେଲା ସମାଜରେ ଗୋଷ୍ଠୀ, ଜାତିବିବାଦ ଓ ସଂଘର୍ଷ ସୃଷ୍ଟିକରି ନିଜ ଆସନକୁ ସୁରକ୍ଷିତ ରଖିବା।

ଥରେ କ୍ଷମତାର ଶୀର୍ଷରେ ପହଞ୍ଚିବା ପରେ ତଥା ଯଦି ତାଙ୍କର କେହି ଆତ୍ମୀୟ (ପୁତ୍ର, କନ୍ୟା, ବୋହୂ କିମ୍ବା ନାତିନାତୁଣୀ) ଉଚ୍ଚ ପଦାଧିକାରୀ ହୋଇଥାନ୍ତି, ତେବେ ସେ ସିଧାସଳଖ ମହାତ୍ମା କିମ୍ବା ମହାପୁରୁଷ ପଦବୀକୁ ଉନ୍ନୀତ ହୁଅନ୍ତି। ଦେଶସାରା କିମ୍ବା ରାଜ୍ୟସାରା ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଏ। ସେମାନଙ୍କ ନାଁରେ ବିଶ୍ୱବିଦ୍ୟାଳୟ, କଲେଜ, ସ୍କୁଲ, ଷ୍ଟାଡିୟମ, ପାର୍କ, ରୋଡ୍ ଏବଂ ବିଭିନ୍ନ ଜନକଲ୍ୟାଣ ଯୋଜନା ନାମିତ ହୁଏ। ଅପରପକ୍ଷରେ ବାସ୍ତବରେ ଯେଉଁମାନଙ୍କୁ ମହାପୁରୁଷ କୁହାଯାଇପାରିବ, ସେମାନଙ୍କୁ କେହି ସ୍ମରଣ କରନ୍ତି ନାହିଁ। ଗଣମାଧ୍ୟମରେ ସେମାନେ ପ୍ରଚାରିତ କିମ୍ବା ପ୍ରସାରିତ ହୁଅନ୍ତି ନାହିଁ। ସେମାନଙ୍କ ପ୍ରତିମୂର୍ତ୍ତି ମଧ୍ୟ ଦେଖିବାକୁ ମିଳେ ନାହିଁ ଅଥବା ସେମାନଙ୍କ ସ୍ମୃତିଦିବସ କି ଜନ୍ମଦିବସ ମଧ୍ୟ ପାଳନ କରାଯାଏ ନାହିଁ। ସ୍ୱାଧୀନତାର ୭୦ବର୍ଷ ପରେ ଏହି ଅବସ୍ଥାର ଏକମାତ୍ର କାରଣ ହେଲା ସର୍ବଶକ୍ତିମାନ ଜନତାର ଉଦାସୀନ, ସ୍ପୃହାହୀନ ମାନସିକତା। ଅନ୍ୟାୟ, ଅନୀତିକୁ ପ୍ରତିବାଦ କରିବା ପାଇଁ ଅନ୍ତର୍ମନର ଅଭାବ ଏବଂ ଗଧ ପରି ସବୁକିଛି ସହିଯିବାର ଚିରାଚରିତ ସ୍ୱଭାବ।

ଗୋଟିଏ ଦୃଷ୍ଟାନ୍ତ ଦେଲେ କଥାଟି ସ୍ପଷ୍ଟ ହେବ। ଭାରତୀୟ ଗଣତନ୍ତ୍ରର ଦୁଇଟି ବଡ଼ ପରିସର ହେଲା ଲୋକ ସଭା ଏବଂ ରାଜ୍ୟ ସଭା। ଲୋକ ସଭାକୁ ପ୍ରାର୍ଥୀ ସିଧାସଳଖ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଆସନ୍ତି। ରାଜ୍ୟ ସଭା ଯାହାକୁ ଇଂଲିଶରେ 'ଏଲ୍‌ଡର୍ସ ହାଉସ୍' ବା 'ଅପର ହାଉସ୍' କୁହାଯାଏ, ସେଠାକୁ ସମାଜର ପ୍ରତିଷ୍ଠିତ ବିଦ୍ୱାନ୍, ପ୍ରତିଭାବାନ୍ ବୁଦ୍ଧିଜୀବୀମାନେ ଅପ୍ରତ୍ୟକ୍ଷ ଭାବେ ବିଧାୟକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଆସନ୍ତି। ପରନ୍ତୁ ଏହି ମହାନ୍ ବ୍ୟବସ୍ଥାକୁ ଏବେ ପରିହାସରେ ପରିଣତ କରାଯାଇଛି। ଯେଉଁମାନେ ବିଧାନସଭା କିମ୍ବା ଲୋକ ସଭା ନିର୍ବାଚନରେ ପରାଜିତ ହୁଅନ୍ତି ଅଥବା ଦଳୀୟ କନ୍ଦଳ ପାଇଁ ଟିକେଟ ପାଆନ୍ତି ନାହିଁ ଅଥଚ ମୁଖ୍ୟ ନେତାଙ୍କ ନିକଟତର, ସେମାନଙ୍କ ଭିତରୁ କେତେଜଣଙ୍କ ଥଇଥାନ କେନ୍ଦ୍ର ହେଲା ରାଜ୍ୟ ସଭା। ତେଣୁ ଏହି ସମ୍ମାନଜନକ ଗୃହର ବହୁ ସଦସ୍ୟ କେଉଁ ମାନର ହୋଇଥିବେ, ତାହା ସହଜରେ ଅନୁମେୟ। ଠିକ୍ ସେହିଭଳି ରାଜ୍ୟପାଳ ପଦବୀ। ରାଜ୍ୟପାଳ ହେଉଛନ୍ତି ରାଜ୍ୟର ଶାସନ ମୁଖ୍ୟ। ଏହି ପଦବୀରେ ଦକ୍ଷ, କର୍ମଠ ଏବଂ ବିଦ୍ୱାନ ତଥା ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ବସାଇବା ପରିବର୍ତ୍ତେ ଥଇଥାନ କରିବା ପାଇଁ ନେତାଙ୍କୁ ବସାଯାଉଛି। ଏହି ପ୍ରକ୍ରିୟା ଯେତେଦିନ ଚାଲିବ, ଏହିଭଳି ଥଇଥାନ ହୋଇଥିବା ନେତାମାନେ କେବଳ ଶାସକଙ୍କ ଚାମଚାଗିରି ହିଁ କରୁଥିବେ ଏବଂ ଭାରତୀୟ ଗଣତନ୍ତ୍ର ଦୁର୍ବଳ ହେବାରେ ଲାଗିଥିବ।

କେବଳ ଏତିକି ନୁହେଁ, ଅନେକ ଅଯୋଗ୍ୟ ବ୍ୟକ୍ତି କଳେବଳେ କୌଶଳେ ଯୋଗ୍ୟ ସ୍ଥାନରେ ବସିଗଲା ପରେ ତାଙ୍କର କାର୍ତ୍ତି ବଢ଼ିବାକୁ ଲାଗେ। ନିଜର ଶିକ୍ଷା କ୍ୟାରିୟରରେ ସର୍ବୋଚ୍ଚ ସ୍ଥାନରେ ଥିବା ଛାତ୍ରଟି ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ପାରି ସାଧାରଣ ଚାକିରି କରୁଥିବା ବେଳେ ତା'ଠାରୁ ବହୁପଛରେ ଥିବା ଛାତ୍ରଟି ବଡ଼ ପ୍ରଶାସକ ହେବାରେ ସମର୍ଥ ହୁଏ। ସଂରକ୍ଷଣ ନୀତି କାରଣରୁ ଅନେକ ଯୋଗ୍ୟ ଛାତ୍ରଙ୍କୁ ପଛରେ ପକାଇ ସଂରକ୍ଷିତ ତାଲିକାଭୁକ୍ତମାନେ ଉପରକୁ ଯାଆନ୍ତି ଏବଂ ଯୋଗ୍ୟମାନଙ୍କୁ ବାଧ୍ୟତାମୂଳକ ଭାବେ ତାଙ୍କ ଅଧୀନରେ ମନସ୍ତାପରେ କାମ କରିବାକୁ ପଡ଼େ। ଏସବୁ କାରଣରୁ ଦେଶକୁ ଉଚିତ ସେବା ମିଳିପାରୁନାହିଁ। ଫଳରେ ଦେଶର ସାମଗ୍ରିକ ବ୍ୟବସ୍ଥା ଦୁର୍ବଳ ହେବାରେ ଲାଗିଛି। ଯେଉଁ ସରକାରୀ ଅଧିକାରୀଙ୍କୁ ମାସକୁ ଲକ୍ଷାଧିକ କିମ୍ବା ସେହି ପାଖାପାଖି ଟଙ୍କା ବେତନ ଦିଆଯାଉଛି, ସେମାନେ ନିଶ୍ଚିତ ଭାବେ ସେବା ପ୍ରଦାନ କରୁନାହାନ୍ତି। କମିଶନ ବସାଇ କର୍ମଚାରୀଙ୍କ ବେତନ ବଢ଼ାଇଦେଲେ ଉନ୍ନତମାନର ସେବା ମିଳିବ ବୋଲି ଯେଉଁ ଆଶା କରାଯାଉଥିଲା, ତାହା ଭୁଲ୍ ପ୍ରମାଣିତ ହୋଇଛି। ଏବେ ଦେଶର ଲକ୍ଷଲକ୍ଷ ଉଚ୍ଚଶିକ୍ଷାପ୍ରାପ୍ତ ଯୁବତୀଯୁବକ ଠିକ୍ କର୍ମନିଯୁକ୍ତି ପାଉନାହାନ୍ତି। ଅନେକ ଘରୋଇ କମ୍ପାନୀ ସାମାନ୍ୟ କିଛି ବେତନ ଦେଇ ଏମାନଙ୍କଠାରୁ ନାକବୁଡ଼ା କାର୍ଯ୍ୟ ହାସଲ କରୁଛନ୍ତି। ଏଭଳି ଅନେକ କର୍ମରତ ଯୁବତୀଯୁବକ ମାନସିକ ଅବସାଦରେ ଜୀବନ ବିତାଉଛନ୍ତି। କେବଳ ଭବିଷ୍ୟର ଆଶା ମରୀଚିକା ପଛରେ ଗୋଡ଼ାଇ ଏମାନେ କୌଣସି ପ୍ରକାରେ ବଞ୍ଚି ରହିଛନ୍ତି। ଏହି ପରିସ୍ଥିତିରେ ନିଷ୍ପାପର, ଦକ୍ଷ, ଏବଂ ଯୋଗ୍ୟ କର୍ମଚାରୀଙ୍କ ମାନସିକ ଅବସ୍ଥା କ'ଣ ଥିବ, ତାହା ସହଜରେ ଅନୁମାନ କରିହେବ। ଗଣପତିଙ୍କ ଦେଶ ଭାରତରୁ ଗଧମାନଙ୍କ ଦୌରାତ୍ମ୍ୟକୁ ରୋକିବାକୁ ହେଲେ ସମାନତା ଓ ବିବେକଶୀଳ କାର୍ଯ୍ୟପନ୍ଥା ଆବଶ୍ୟକ।

ବରିଷ୍ଠ ସାମ୍ବାଦିକ, ୧୩୪୮/୪-ସି, ସେକ୍ଟର-୬, ମର୍କତ ନଗର, ସିଡିଏ, କଟକ-୧୪

# ଶିକ୍ଷା ଓ ନୈତିକତା



ଡ. ବାସୁଦେବ ମିଶ୍ର

ଉଚ୍ଚଶିକ୍ଷା ଲାଭ କରିବା ପରେ ସମ୍ମାନଜନକ ପଦପଦବୀରେ ଅଧିଷ୍ଠିତ କୌଣସି ବ୍ୟକ୍ତି ଯେ ନିହାତି ଜଣେ ସାଧୁସ୍ୱଭାବର ହୋଇଥିବେ, ଏମିତି କିଛି କଥା ନାହିଁ। ଆଜିର ସମାଜରେ ଉଚ୍ଚ ପଦବୀ ପ୍ରାପ୍ତହେବା ନିମିତ୍ତ ଯେ ସର୍ବଦା ସାଧୁ ଉପାୟର ସହାୟତା ନିଆଯାଏ, ତାହା ମଧ୍ୟ ନୁହେଁ। ବରଂ ଏ ଦିଗରେ ଅନେକତ୍ର ଅସାଧୁ ଉପାୟର ସହାୟତା ନିଆଯିବାର ଉଦାହରଣ ଅନେକ। କିଛିବର୍ଷ ପୂର୍ବରୁ ଆମ ଦେଶରେ ଯେଉଁ ଶିକ୍ଷାବ୍ୟବସ୍ଥା ପ୍ରଚଳିତ ଥିଲା ତାହା ଆଜି ନାହିଁ। ଏବର ଶିକ୍ଷାପଦ୍ଧତି ଆଉ କିଛିବର୍ଷ ପରେ ବଦଳିଯିବା ନିଶ୍ଚିତ। କିଛି ଦଶନ୍ଧି ପୂର୍ବରୁ ଆମ ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାଳୟ ସ୍ତରରେ ବିଭିନ୍ନ ବିଷୟ ପଢାଯିବା ସହିତ କିଛି ନୈତିକ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷା ପ୍ରଦାନ କରାଯାଉଥିଲା। ପରିବାରରେ ଗୁରୁଜନମାନେ ଭୁଲକୁ ଭୁଲ ଏବଂ ଠିକ୍‌କୁ ଠିକ୍ ବୋଲି ଚିହ୍ନାଇ ଦେବାରେ କେବେହେଲେ ଅବହେଳା କରୁ ନ ଥିଲେ। କଥାରେ କଥାରେ ପାଠ ପଢ଼ାଇବା ଭିତରେ ଗୁରୁଜନମାନେ, ଶିକ୍ଷକମାନେ କିଛି ଉତ୍ତମ ଚାଲିଚଳନଗତ, ସଂସ୍କାରଗତ ବିଚାର ପିଲାମାନଙ୍କୁ ଦେଉଥିଲେ, ନିଜ ଆଚରଣରେ ମଧ୍ୟ ଦେଖାଉଥିଲେ। ଆଜିର ପିଲାମାନଙ୍କୁ ଏସବୁ ଦେଖିବାକୁ, ଶୁଣିବାକୁ ସମୟ ନାହିଁ। ପିଠିରେ ତା'ର ବହିର ଓଜନିଆ ବୋଝ। ତା' ଛଡା ପରୀକ୍ଷାରେ ଅଧିକରୁଅଧିକ ନମ୍ବର ରଖିବାନିମିତ୍ତ ପରିବାରଠାରୁ ଆରମ୍ଭକରି ବିଦ୍ୟାଳୟର ଶିକ୍ଷକମାନଙ୍କ ପର୍ଯ୍ୟନ୍ତ ସର୍ବଦିଗରୁ ଗୁରୁତର ଚାପ। ତେଣୁ ପିଲାଟିଦିନରୁ ତା' ମନରେ ଧାରଣା ସୃଷ୍ଟିହେବା ସ୍ୱାଭାବିକ ଯେ ପରୀକ୍ଷାରେ ଅଧିକ ନମ୍ବର ରଖିବା ହେଉଛି ତା' ପାଇଁ ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟ, ମହାନ କର୍ତ୍ତବ୍ୟ, ଧର୍ମ, କର୍ମ ଯାହାକିଛି। ଏଣେ ପରିବାରରେ ମାତାପିତାଙ୍କର ମଧ୍ୟ ପିଲାଟିକୁ କୌଣସି ନୀତି ନୈତିକତା ସମ୍ପର୍କରେ କହିବା ପାଇଁ ସମୟ ନାହିଁ। ଉଭୟ ନିଜ ନିଜ ଚାକିରି, ବ୍ୟବସାୟ ତଥା ଏଣ୍ଟରଟେନମେଣ୍ଟ ନେଇ ବ୍ୟସ୍ତ। ପିଲାଟିର ଖାଦ୍ୟପେୟ ଇତ୍ୟାଦିର ଦାୟିତ୍ୱ ଆୟା ଉପରେ। ଏପରି କ୍ଷେତ୍ରରେ ପିଲାଟି ଛୋଟରୁ ବଡ଼ ହେଉଥିବା ଭିତରେ ତା' ମନରେ ଏକପ୍ରକାର ରୁକ୍ଷତା ବସା ବାନ୍ଧେ। ଏହି ରୁକ୍ଷତା ତାକୁ କ୍ରମେ ନମ୍ରତା ଓ ସାଧୁତାଠାରୁ ଦୂରକୁ ନେଇଯାଏ। ଭାରତୀୟ ପ୍ରଶାସନିକ ସେବାପରି ଅନ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଯୁବକଟି ନିମିତ୍ତ ତା'ର ମାତାପିତା, ବନ୍ଧୁବାନ୍ଧବ, ଗାଁ, ସାହିପଡିଶା ଏପରିକି ଜିଲାର ଲୋକେ ଗର୍ବ କରିଥାନ୍ତି। କିନ୍ତୁ ଆଜିର ଦୁନିଆରେ ପରିସ୍ଥିତି ଆଉ ଏପରି ନାହିଁ। କାରଣ କିଏ କହିବ ଯେଉଁ ଯୁବକର ଏପରି ସଫଳତା ପାଇଁ ଆଜି ସେମାନେ ଗର୍ବ ଅନୁଭବ କରୁଛନ୍ତି, ଆସନ୍ତାକାଲି ସେମାନେ ସେହି ଯୁବକଟି ପାଇଁ ଲଜ୍ଜା ଅନୁଭବ ନ କରିବେ ବୋଲି। ଅସାଧୁ ଉପାୟ ଅବଲମ୍ବନରେ ଅର୍ଥ ଉପାର୍ଜନ କରିବା, ସରକାରୀ ଅର୍ଥ ତୋସରପାତ କରିବା ଅପରାଧରେ ତାକୁ ଜେଲ୍ ଯିବାକୁ ନ ପଡ଼ିବ ବୋଲି? ପାରମ୍ପରିକ ଶିକ୍ଷା ସହିତ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ମଧ୍ୟ ନିତାନ୍ତ ଜରୁରୀ ଏ କଥା ଆମକୁ ବୁଝିବାକୁ ହେବ ଯଥାଶୀଘ୍ର।

ପିଲାଟିବେଳେ ଚିତ୍ର ବେଶି, ଲେଖା କମ୍ ଥିବା ପୁସ୍ତକଟିଏ ଧରାଇ ଆମକୁ ଚିହ୍ନାଇ ଦିଆଯାଏ ଏଇଟା ଗଛ, ଏଇଟା ଚଢ଼େଇ, ଏଇଟା ଘର। ପୁଣି ପ୍ରତ୍ୟକ୍ଷଭାବେ ଚିହ୍ନାଇ ଦିଆଯାଏ ଇଏ ମା', ଇଏ ଜେଜେମା', ଇଏ ପିଉସୀ, ଇଏ ମାଉସୀ। ସେମିତି ତାକୁ ମଧ୍ୟ ଚିହ୍ନେଇଦେବା ଦରକାର- ଏଇଟା କରିବା ଉଚିତ, ଏଇଟା କରିବା ଅନୁଚିତ। ଏଇଟା ଭୁଲ୍, ଏଇଟା ଠିକ୍। ଏମିତି କାମ କଲେ ଲୋକଙ୍କର ଉପକାର ହୁଏ। ଲୋକେ ପ୍ରଶଂସା କରନ୍ତି। ଏମିତି କଲେ ଲୋକେ ଦୁଃଖ ପାଆନ୍ତି, ସେଥିପାଇଁ ନିନ୍ଦା ମିଳେ। ଏଇ କାମଟି ସାମାଜିକତାର ସମ୍ପର୍କ ରଖେ ଇତ୍ୟାଦି। କିନ୍ତୁ ସେପରି କିଛି ହୁଏନାହିଁ। ଆମ ମାତାପିତାଙ୍କ ପରି ଶିକ୍ଷକମାନଙ୍କ ପାଖରେ ମଧ୍ୟ ସମୟ ନାହିଁ। ସେମାନେ ତାଙ୍କର ବର୍ଷକ ଭିତରେ ପଢ଼ାଯିବାକୁ ଥିବା କୋର୍ସତକ ସାରିଦେଇ ନିଜର କର୍ତ୍ତବ୍ୟ ଶେଷ କରନ୍ତି। ତା' ବ୍ୟତୀତ ଯେ କୌଣସିମତେ ପରୀକ୍ଷାରେ ଅଧିକରୁ ଅଧିକ ମାର୍କ ରଖିବାର ବ୍ୟବସ୍ଥା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣିକି ସେ ଯେଉଁ ପ୍ରକାରର ସାହାଯ୍ୟ ନେଉଛି ନେଉ। ନୈତିକତାକୁ ଧରିବସିଲେ ମିଳିବ କ'ଣ?

ସଂସାରରେ ଉଚିତ ପଥ ମାତ୍ର ଗୋଟିଏ। ଅନୁଚିତ ପଥ ଅନେକ। ସତ ଗୋଟିଏ ଥିବାବେଳେ ଅସତ୍‌ର ଅନେକ ରୂପ। ସତର ଆଶ୍ରୟ ନିଅ, ବାସ୍ କଥା ସଇଲା। କିନ୍ତୁ ଗୋଟିଏ ମିଛ କୁହ, ପଛକୁ ପଛ ଆସିଯିବେ ଅନେକ ମିଛ ଲମ୍ବା ଧାଡିରେ ହାତ ଧରାଧରି ହୋଇ। ପ୍ରଥମେ କହିଥିବା ସେଇ ଗୋଟିଏ ମିଛ ପାଇଁ ଆପଣଙ୍କୁ ଅନେକ ମିଛର ଆଶ୍ରୟ ନେବାକୁ ପଡ଼ିବ। ତେଣୁ ଯେଉଁ ପିଲା ପରୀକ୍ଷାରେ ଅଧିକ ନମ୍ବର ରଖିବା ଉପରେ ଗୁରୁତ୍ୱ ଦେଇ ଥରେ ଅନୁଚିତ ପଥର ଆଶ୍ରୟ ନେଇଗଲା, ତା' ମନ ଭିତରେ ଜାଣ ଅନୈତିକତାର ଏକ ସୁନ୍ଦର ଏବଂ ବିରାଟ ପ୍ଲାଟଫର୍ମ ତିଆରି ହୋଇଗଲା। ଉଚିତ କଥାଟିକୁ ସେ ଆଉ ତା'ର ମନର ଅଗଣାକୁ ବିଚାର କରିବା ନିମିତ୍ତ ଆଣିପାରେ ନାହିଁ ଶତ ଚେଷ୍ଟା ସତ୍ତ୍ୱେ। ସବୁବେଳେ ସବୁ କଥାରେ ସେ ତା'ର ସ୍ୱାର୍ଥହାସଲ କରିବା ପାଇଁ ଚେଷ୍ଟା କରେ ଯେକୌଣସି ଉପାୟରେ। ତାକୁ ହୁଏ ତ ସଫଳତା ମିଳେ, କିନ୍ତୁ ତା' ସହିତ ମିଳେ ଗ୍ଲାନି, ଆତ୍ମଗ୍ଲାନି, ଯାହା ତାକୁ ଦିନରାତି ଭିତରେ ଭିତରେ ଖାଉଥାଏ, ଜଳାଇ ମାରୁଥାଏ।

ଅନ୍ୟପକ୍ଷରେ ପିଲାଟିଦିନୁ ସତ୍‌କୁ ଆପଣେଇବା ପାଇଁ ପାଇଥିବା ଉପଦେଶକୁ ମନରେ ଧରି ରଖିଥିବା ବାଳକଟି ନିଜ କର୍ତ୍ତବ୍ୟପଥରେ କେବେ ପଛାଏ ନାହିଁ। ଆଗକୁ ଯିବାରେ ତା'ପାଇଁ ପ୍ରତିବନ୍ଧକ ଅନେକ ଥାଏ। ସେଗଡ଼ିକୁ ପ୍ରତିହତ କରିବାନିମିତ୍ତ ସେ ନିଜକୁ ପ୍ରସ୍ତୁତ କରେ। ଭାଙ୍ଗିପଡ଼େ ନାହିଁ କି ଅସତ୍ ନିକଟରେ ଆତ୍ମସମର୍ପଣ କରେନାହିଁ। ତାହା ହିଁ ସତ୍‌ର ବଳ। ମନରେ ଶକ୍ତି ସୃଷ୍ଟି କରିବା ଦିଗରେ ତାହା ଏକ ଟନିକ୍‌ର କାର୍ଯ୍ୟ କରେ, ଯାହା ନିତି ପ୍ରତି ତା'ର ମନର ଶକ୍ତିକୁ ବଢ଼ାଇ ଚାଲିଥାଏ।

ଉଦୟପୁର, ଦଶରଥପୁର, ଯାଜପୁର, ମୋ ୯୪୩୮୩୨୮୭୫୫, drbasudevmishra70@gmail.com

## ଏଇ ଭାରତରେ

ଭାରତରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକେ ବାସ କରନ୍ତି। ବିବିଧତା ମଧ୍ୟରେ ଏକତା ଏହି ଦେଶର ମୂଳମନ୍ତ୍ର। ସଭିଏଁ ହେଉଛନ୍ତି ଭାରତବାସୀ। ଦେଶର ବିଭିନ୍ନ ଅଞ୍ଚଳରେ ରହିଛି ଭିନ୍ନ ଭିନ୍ନ ପରମ୍ପରା, ଚଳଣି ଏବଂ ସଂସ୍କୃତି। କିନ୍ତୁ କୌଣସି କାରଣକୁ ନେଇ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ବେଳେବେଳେ ଭେଦଭାବ ସୃଷ୍ଟି ହୁଏ। ସାମ୍ପ୍ରଦାୟିକ ଉତ୍ତେଜନା ପାଇଁ ଦେଶରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ହୋଇଥାଏ। ଏହାଦ୍ୱାରା ଜାତୀୟ ସଂହତି ବାଧାପ୍ରାପ୍ତ ହୁଏ। ଗୋଟିଏ ସମ୍ପ୍ରଦାୟର ଲୋକେ ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ଘୃଣାଦୃଷ୍ଟିରେ ଦେଖିଥାଅନ୍ତି। କିନ୍ତୁ ଆମ ଦେଶର ଗୁଜରାଟ ରାଜ୍ୟର ସୁରଟରେ ଥିବା ହଜରତ୍ ଖ୍ୱାଜା ଦରଘାରେ ଦୀର୍ଘବର୍ଷ ଧରି ଜାରି ରହିଛି ଏକ ନିଆରା ପରମ୍ପରା। ସେଠାରେ ହିନ୍ଦୁ-ମୁସଲମାନ୍ ସମ୍ପ୍ରଦାୟର ଲୋକେ ଏକାଠି କରନ୍ତି ରୋଜା-ଇଫ୍‌ତାର। ଉଭୟ ହିନ୍ଦୁ ଓ ମୁସଲମାନ୍ ରମଜାନ୍ ମାସରେ ଭୋର୍ ସମୟରେ ରୋଜା ରଖିବା ସହିତ ସନ୍ଧ୍ୟାରେ ମିଳିତ ଭାବେ ଇଫ୍‌ତାର କରିଥାନ୍ତି। ହଜରତ୍ ଖ୍ୱାଜାଙ୍କ ଦରଘାରେ ସମସ୍ତ ଧର୍ମର ଶ୍ରଦ୍ଧାଳୁ ଉପାସନା କରି ଖ୍ୱାଜାଙ୍କ ପାଖରେ ମାନସିକ କରିଥାନ୍ତି। ଏହା ପୂରଣ ହେବା ପରେ ଫାତିହା ମଧ୍ୟ କରନ୍ତି। ଏହା ଏକ ସର୍ବଧର୍ମ ସମନ୍ୱୟ କ୍ଷେତ୍ର ଭାବେ ବେଶ୍ ପରିଚିତି ହାସଲ କରିଛି। ଧର୍ମ ଓ ସମ୍ପ୍ରଦାୟ ନାମରେ ଉତ୍ତେଜନାକୁ ଉତ୍ସାହିତ କରୁଥିବା ଲୋକଙ୍କ ପାଇଁ ଏହା ଏକ ଆଦର୍ଶ ଧର୍ମପୀଠ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ମେ ୧୯୯୪**

- ଆମେରିକା ପ୍ରତିରକ୍ଷା ବିଭାଗର ଉପସଚିବ ଫ୍ରାଙ୍କ ୱିସନରଙ୍କୁ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଭାରତର ନୂତନ ରାଷ୍ଟ୍ରଦୂତ ମନୋନୀତ କଲେ।
- ଆମେରିକା ଚାପରେ ମୁଣ୍ଡ ନୁଆଁଇ ଭାରତ ସରକାର ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷା କାର୍ଯ୍ୟକ୍ରମକୁ ବାତିଲ କରିଛନ୍ତି ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ଅଭିଯୋଗ।
- ଉତ୍ତର ଓ ଦକ୍ଷିଣ ୟେମେନର ପ୍ରତିଦ୍ୱନ୍ଦ୍ୱୀ ସୈନ୍ୟଙ୍କ ମଧ୍ୟରେ ଲଢେଇରେ ୨୫ ଜଣ ନିହତ।

## ସାପ୍ତାହିକ ପଞ୍ଜିକା

ମେ ୫- ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟଙ୍କ ଶପଥ ଗ୍ରହଣ।

୬- ଓଡ଼ିଶାର ବାତ୍ୟାଞ୍ଚଳ ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ହଜାର କୋଟି ଟଙ୍କା ତତ୍କାଳ ସହାୟତା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି।

୭- ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟତା ସପକ୍ଷରେ ଫ୍ରାନ୍ସ ମତ ଦେଇଛି।

* ସିରିଆର ଉତ୍ତର-ପଶ୍ଚିମାଞ୍ଚଳରେ ସୁରକ୍ଷା କର୍ମୀ ଓ ଜେହାଦୀଙ୍କ ମଧ୍ୟରେ ସଂଘର୍ଷ ଘଟି ୨୨ ସୁରକ୍ଷା କର୍ମୀ ଓ ୨୧ ଜେହାଦୀଙ୍କ ମୃତ୍ୟୁ।

୮- ମାଓବାଦୀ ଉପଦ୍ରୁତ କୋରାପୁଟ ଜିଲା ନନ୍ଦପୁର ଅଞ୍ଚଳର କିତୱା ଜଙ୍ଗଲରେ ନିରାପତ୍ତା ରକ୍ଷୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ୫ ମାଓବାଦୀ ନିହତ ହୋଇଛନ୍ତି।

୯- ଆସନ୍ତା ୨୩ରେ ଭୋଟ ଗଣତି ହେବାକୁ ଥିବାବେଳେ ଯଦି ଇଭିଏମ୍ ଓ ଭିଭିପିଏଟି ମେଶିନ ଗଣନା ମଧ୍ୟରେ ପ୍ରଭେଦ ଦେଖାଯାଏ, ତେବେ ଭିଭିପିଏଟିର ଗଣନାକୁ ବୈଧ ଭାବେ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ କହିଛନ୍ତି।

୧୦- ଜଷ୍ଟିସ୍ ଅଭୟ ଶ୍ରୀନିବାସ ଓକା କର୍ନାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ।

## ଆମ ସମସ୍ୟା

### ଏଲ୍‌ଇଡି ବଲ୍‌ବ ମିଳୁନି

ମହାଶୟ,

କଟକ ସଦର ଅନ୍ତର୍ଗତ ଆୟତପୁର ପଞ୍ଚାୟତର ଦଣ୍ଡୁଆସପଡ଼ା ୬ ନମ୍ବର ୱାର୍ଡରେ ଏଲ୍‌ଇଡି ବଲ୍‌ବ ଚାରିଟି ଲେଖାଏ ଦେବା ବ୍ୟବସ୍ଥା ସରକାର କରିଥିଲେ। ନିର୍ବାଚନ ଦୃଷ୍ଟିରୁ ତରବରିଆ ଭାବରେ ବଣ୍ଟନ କରାଯାଇଥିଲା। ପ୍ରାପ୍ୟରୁ କୌଣସି ହିତାଧିକାରୀଙ୍କୁ ବଞ୍ଚିତ କରା ଯିବା ଉଚିତ ନୁହେଁ। କିନ୍ତୁ ଡିଲରଙ୍କୁ ପଚାରିବାରୁ ଦିଆଯିବ ନାହିଁ ବୋଲି କହୁଛନ୍ତି। ସେସୁ କର୍ତ୍ତୃପକ୍ଷ ପୁନର୍ବାର ବଲ୍‌ବ ଦେବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

### ବରିଷ୍ଠ ନାଗରିକଙ୍କ ଦ୍ୱାରରେ ସେବା ପ୍ରହସନ

ଭାରତୀୟ ରିଜର୍ଭ ବ୍ୟାଙ୍କ ବରିଷ୍ଠ ନାଗରିକଙ୍କୁ ଘରେ ସେବା ଦେବା ପାଇଁ ବ୍ୟାଙ୍କଗୁଡ଼ିକୁ ଆଦେଶ ଦେଇଛନ୍ତି। ଷ୍ଟେଟବ୍ୟାଙ୍କ ଏହାର ଫାଇଦା ନେବା ପାଇଁ ବରିଷ୍ଠ ନାଗରିକଙ୍କୁ ଏହି ସେବା ଲାଗି ଦେୟ ଦେବାକୁ ହେବ ବୋଲି ଏକ ଇସ୍ତାହାର ପ୍ରକାଶ କରିଛି। ପରେ ଷ୍ଟେଟବ୍ୟାଙ୍କ ଏହି ସେବାକୁ ପ୍ରତ୍ୟାଖ୍ୟାନ କରିଛି। କାରଣ ଦେୟ ଦେବାକୁ କୌଣସି ବରିଷ୍ଠ ନାଗରିକ ସକ୍ଷମ ହେବେ ନାହିଁ। ରାଷ୍ଟ୍ରୀୟ ବ୍ୟାଙ୍କଗୁଡ଼ିକ ଜନସ୍ୱାର୍ଥକୁ ବଳି ପକାଇ ନିଜ ସ୍ୱାର୍ଥରେ ଲାଗିଛନ୍ତି।

ପଣ୍ଡିତ ରାମକୃଷ୍ଣ ମିଶ୍ର, ଏ.ଏଲ୍. ୫୩, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

### ପୋଷ୍ଟକାର୍ଡ ମିଳୁନାହିଁ

ଗତ କିଛିଦିନ ଧରି ଭୁବନେଶ୍ୱରର ଶୈଳଶ୍ରୀ ବିହାର ଡାକଘରେ ପୋଷ୍ଟକାର୍ଡ ମିଳୁନାହିଁ। ଗ୍ରାହକମାନେ ପୋଷ୍ଟକାର୍ଡ ନ ପାଇ ନିରାଶ ହୋଇ ଫେରୁଛନ୍ତି। ଓଡ଼ିଶା ମୁଖ୍ୟ ଡାକପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରିପାରିବେ।

-ମଦନମୋହନ ମାଳବ୍ୟ



## ସଂକ୍ଷେପରେ

### ଗ୍ୟାସ୍ ସିଲିଣ୍ଡର ଡେଲିଭରି ବଏ୍, ମେକାନିକ ଆସୋସିଏଶନ ବୈଠକ


ରାଉରକେଲା ଅଫିସ,୧୨।୫

ଉଦିତନଗରଠାରେ ଥିବା ନେତାଜୀ ସୁବାସ ପାର୍କଠାରେ ରବିବାର ଗ୍ୟାସ୍ ଡେଲିଭରି ବଏ୍ ଓ ମେକାନିକ ଆସୋସୋସିଏଶନର ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସାମୁଏଲ ହରିପାଲ ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ସଂଗଠନର ବିଭିନ୍ନ ସମମ୍ୟା ଉପରେ ହରିପାଲ ଆଲୋକପାତ କରିଥିଲେ। ଏଥିରେ ସଂଗଠନ ସାଧାରଣ ସଂପାଦକ ରମେଶ ବଳ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ କୁକିଂ ଫିଡର ମାଲିକଙ୍କ ଦଶାହ ଅବସରରେ ତାଙ୍କୁ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ବ୍ୟାସଦେବ ନାଥ, ଶରତ ଜେନା, ଜଗନ୍ନାଥ ତନ୍ତି, କୃଷ୍ଣ ରାଉତ, ଯୁଗଳ ବେହେରା, ଜିତେନ୍ଦ୍ର ହରିପାଲ, ସୁନୀଲ ଡାଙ୍ଗ, ଯାଦବ ସିଂ, କେଶବ ନାୟକ ଓ ଅନ୍ତର୍ଯ୍ୟାମି ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଟରରେ ମା'ଙ୍କୁ ଭାରତ ଭ୍ରମଣ କରାଉଛନ୍ତି ପୁଅ

ସୁନ୍ଦରଗଡ଼, ୧୨।୫ (ଡି.ଏନ୍.ଏ)

ସନ୍ତାନ ପାଇଁ ମା'ଙ୍କ ତ୍ୟାଗ ଅତୁଳନୀୟ। ମା'ବାପାଙ୍କ ଋଣ କେବେ ବି ସନ୍ତାନ ଶୁଝିପାରେ ନାହିଁ। କିନ୍ତୁ ସେମାନଙ୍କ ମମତାର ମୂଲ ଦେବାକୁ ଜଣେ ପୁଅ ଉଦ୍ୟମ ଆରମ୍ଭ କରିଛନ୍ତି। ମା'ଙ୍କ ତୀର୍ଥଯାତ୍ରାର ଇଚ୍ଛାଙ୍କୁ ପୂରଣ କରିବା ପାଇଁ ମହୀଶୁରର ଡି. କୃଷ୍ଣକୁମାର (୪୦) ମା'ଙ୍କୁ ସ୍କୁଟରରେ ବସାଇ ଗତ ବର୍ଷ ଜାନୁୟାରୀ ୧୬ରେ ଭାରତ ଦର୍ଶନରେ ବାହାରିଛନ୍ତି। ବର୍ତ୍ତମାନ ସେମାନେ ୩୬ହଜାର ୭ଶହ ୮୫କିଲୋମିଟର ଅତିକ୍ରମ କରି ରବିବାର ସୁନ୍ଦରଗଡରେ ପହଞ୍ଚିଛନ୍ତି। ଶ୍ରବଣ କୁମାରଙ୍କ ଭଳି ମା' ଚୂଡାରତ୍ନଙ୍କ ତୀର୍ଥ ଭ୍ରମଣ ଇଚ୍ଛାକୁ ପୂରଣ କରିବା ପାଇଁ ମହୀଶୁରରୁ ବାହାରି ସ୍କୁଟରରେ ଏହି ଯାତ୍ରା ଆରମ୍ଭ କରିଥିଲେ। କୃଷ୍ଣ କୁମାର



ମା'ଙ୍କ ସହ ଡ଼ି. କୃଷ୍ଣକୁମାର।

ମା'ଙ୍କ ସହ ସ୍କୁଟର ଯୋଗେ କେରଳ, କର୍ନାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ,

### ମଦର୍ସ ଡେ'ରେ ପହଞ୍ଚିଲେ

- ସୁନ୍ଦରଗଡ଼ରେ ପହଞ୍ଚିଲେ କୃଷ୍ଣ କୁମାର, ଚୂଡାରତ୍ନ
- ୩୬ ହଜାର ୭୮୫ କି.ମି. ଅତିକ୍ରମ କଲେଣି

ତେଲେଙ୍ଗାନା, ମହାରାଷ୍ଟ୍ର, ପୁଡୁଚେରୀ, ଗୋଆ, ଛତିଶଗଡ ଭ୍ରମଣ ପରେ ଓଡିଶାର ବିଭନ୍ନ ତୀର୍ଥସ୍ଥାନ ଦର୍ଶନ କରି ରବିବାର ସୁନ୍ଦରଗଡରେ ପହଞ୍ଚିଛନ୍ତି। ୨୦୧୫ରେ ଡି.କୃଷ୍ଣ କୁମାରଙ୍କର ବାପା ଦକ୍ଷିଣ ମୂର୍ତ୍ତିଙ୍କ ପରଲୋକ ପରେ ତାଙ୍କ ମା'ଙ୍କ ତୀର୍ଥଯାତ୍ରା ଇଚ୍ଛା ପୂରଣ କରିବା ପାଇଁ ବାପାଙ୍କ ପୁରୁଣା ସ୍କୁଟରରେ ମା'ଙ୍କୁ ଧରି ଏହି ତୀର୍ଥଯାତ୍ରାରେ ବାହାରି ଥିବା କହିଛନ୍ତି। କୃଷ୍ଣକୁମାର ଏକ ଘରୋଇ କମ୍ପାନୀର ମାର୍କେଟିଂ ବିଭାଗରେ କାର୍ଯ୍ୟ କରୁଥିଲେ। ମାତ୍ର ପିତାଙ୍କ ମୃତ୍ୟୁ ପରେ ସେ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇ ବର୍ତ୍ତମାନ ସେ ବ୍ରହ୍ମଚାରୀ ଦୀକ୍ଷା ଗ୍ରହଣ କରି ମା'ଙ୍କ ସେବାରେ ଲାଗିପଡିଛନ୍ତି। ସେ କହିଛନ୍ତି ଯେ ମାଆ ହେଉଛନ୍ତି ସବୁଠାରୁ ମହାନ୍। ମାଆଙ୍କ ଇଚ୍ଛା ପୂରଣ କରିବା ପାଇଁ ମାତୃସେବା ସଂକଳ୍ପ ଯାତ୍ରାରେ ମାଆଙ୍କୁ ତୀର୍ଥଭ୍ରମଣ କରି ସେ ନିଜକୁ ଗୌରବାନ୍ୱିତ ମନେ କରିବା ସହ ତାଙ୍କର ମନୁଷ୍ୟ ଜନ୍ମ ସାର୍ଥକ ହେଉଛି ବୋଲି କହିଛନ୍ତି। ସୁନ୍ଦରଗଡ ପରେ ସେ ଦେଓଘର ଯାତ୍ରା କରିବେ ବୋଲି କହିଛନ୍ତି। କୃଷ୍ଣକୁମାରଙ୍କ ୧୩ବର୍ଷ ଚାକିରୀ କାଳରେ ଆୟ କରିଥିବା ଅର୍ଥକୁ ନିଜ ମା'ଙ୍କ ନାମରେ ବ୍ୟାଙ୍କରେ ଜମା କରି ସୁଧ ଟଙ୍କାରେ ଏହି ଭାରତଦର୍ଶନ କରୁଥିବା କହିଛନ୍ତି।

### ବାଇକ୍ ଧକ୍କାରେ ଆଇଟିଆଇ ଛାତ୍ର ମୃତ

ବ୍ରଜରାଜନଗର,୧୨।୫(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିକଟ ଗାନ୍ଧୀ ଛକ ଫାଣ୍ଡି ଅଧୀନ ଇବ୍ ବ୍ରିଜ ଆଦିତ୍ୟ ଧଳ ମନ୍ଦିର ପାଖରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ତେବେ ମୃତ୍ୟୁ ଘଟିଥିବା ଛାତ୍ର ହେଉଛନ୍ତି ଆଦର୍ଶନଗର କଲୋନୀର ଆଶୁତୋଷ ସିଂ (୨୨)। ସେ ଜଣେ ଆଇଟିଆଇ ଛାତ୍ର। ସେହିଭଳି ଆହତ ଆହତ ହୋଇଥିବା ଛାତ୍ରଜଣକ ହେଲେ ଦୁର୍ଗାନଗର କଲୋନୀର ସୁଦର୍ଶନ କାଣ୍ଡୁଲନା (୧୯)। ଏଥର ସେ ଯୁକ୍ତ ୨ ପରୀକ୍ଷା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଉଭୟ ଆଶୁତୋଷ ଓ ସୁଦର୍ଶନ ଏକ ବାଇକ୍‌ରେ ଝାରସୁଗୁଡ଼ାରୁ ବ୍ରଜରାଜନଗର ଫେରୁଥିଲେ। ହେଲେ ଦୁର୍ଭାଗ୍ୟକୁ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ।

### ଶର୍ଟ ସର୍କିଟରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ରାଉରକେଲା ଅଫିସ ୧୨।୫

ଛେଣ୍ଡ ବ୍ୟାଙ୍କ କଲୋନୀ ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଏକ ଅଗ୍ନିକାଣ୍ଡ ଘଟିଛି। ସର୍ଟ ସର୍କିଟ ଯୋଗୁ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ପାସ୍କାଲ ବାର୍ଲାଙ୍କ ଘର ଜଳିପୋଡି ଛାରଖାର ହୋଇ ଯାଇଛି। ଏଥିରେ କାର, ବାଇକ, ଏସି, କୁଲର ଆଦି ଲକ୍ଷାଧିକ ଟଙ୍କା ମୂଲ୍ୟର ଆସବାବପତ୍ର ନଷ୍ଟ ହୋଇଥିବା ସୂଚନା ମିଳିଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।

## ୧୦ଗୋରୁ ସହ ଗାଡି ଜବତ

ରାଉରକେଲା ଅଫିସ,୧୨।୫

ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ଜଲଦା ଫାଣ୍ଡି ନିକଟରୁ ରବିବାର ଭୋର ୫ଟା ବେଳେ ବଜରଙ୍ଗ ଦଳ କର୍ମୀଙ୍କ ଦ୍ୱାରା ଚୋରା ଚାଲାଣ ବେଳେ ୧୦ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଗୋ ଚାଲାଣରେ ସମ୍ପୃକ୍ତ ଗାଡିକୁ ରଘୁନାଥପାଲ୍ଲୀ ପୋଲିସ ଜବତ କରିଥିବା ବେଳେ ଉଦ୍ଧାର ଗୋରୁଙ୍କୁ ବେଦବ୍ୟାସ ଗୋଶାଳାରେ ଛାଡି ଦିଆଯାଇଛି। ଡ୍ରାଇଭର ଫେରାର ଥିବା ବେଳେ ପୋଲିସ ପକ୍ଷରୁ ଘଟଣାର ଅନୁସନ୍ଧାନ କରାଯାଉଥିବା କୁହାଯାଇଛି। ବଜରଙ୍ଗ ଦଳ କର୍ମୀଙ୍କ କହିବାନୁସାରେ କୁତ୍ରା ଅଞ୍ଚଳରୁ ଲାଠିକଟା ନୂଆଗାଁକୁ ଗୋ ଚାଲାଣ ନେଇ ସୂଚନା ମିଳିଥିଲା। ଏମାନେ ଭୋର ୫ଟାରୁ ଜଲଦା ସି ବ୍ଲକ ନିକଟରେ ଜଗି ରହିଥିଲେ। ଘଟଣା ସ୍ଥଳରେ ଗୋରୁ ବୋଝେଇ ଗାଡି ପହଞ୍ଚିବା କ୍ଷଣି ବଜରଙ୍ଗ ଦଳର କର୍ମୀ ଏହାକୁ ଅଟକାଇ ପଚରା ଉଚରା କରିଥିଲେ। ଏତିକି ବେଳେ ଡ୍ରାଇଭର ଦ୍ରୁତ ଗତିରେ ଗାଡି ଚଳାଇ ଫେରାଇ ହେବାକୁ ଚେଷ୍ଟା କରିଥିଲେ। ଶେଷରେ ନିରାଶ ହେବାରୁ ଗାଡି ଛାଡି ଫେରାର ହୋଇ ଯାଇଥିବା କୁହାଯାଇଛି। ବଜରଙ୍ଗ ଦଳ କର୍ମୀ ପୋଲିସ ହେପାଜତରେ ଗୋରୁ ପଲଙ୍କୁ ଗୋଶାଳାରେ ଛାଡିଥିଲେ।

## ଆମ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି ଜୟଦେବଙ୍କ ଗୀତଗୋବିନ୍ଦ

ରାଉରକେଲା ଅଫିସ,୧୨।୫


ଷ୍ଟିଲସିଟିର ଅନ୍ୟତମ ସାହିତ୍ୟାନୁଷ୍ଠାନ ଉତ୍କଳ ଗୀତିକବି ସମାଜ ପକ୍ଷରୁ ଜୟଦେବ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇ ଯାଇଛି। ଝିରପାଣି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାରିଣୀ ଚରଣ ସାହୁ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନ ସାଧାରଣ ସଂପାଦକ ଭୋଳେଶ୍ୱର ବେହେରା ମଞ୍ଚ ସଂଯୋଜନା କରିଥିଲେ। ଏଥିରେ ଆରଏସପି ଅଧିକାରୀ ପ୍ରଦୀପ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସେବା ନିବୃତ ଆରଏସପି ଉପ ମହାପ୍ରବନ୍ଧକ ପଞ୍ଚାନନ ଦାସ ସମ୍ମାନୀତ ଅତିଥି ଓ ବେଦବ୍ୟାସ ଗୁରୁକୁଳ ଆଶ୍ରମ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟାପକ ଡଃ ଉମାକାନ୍ତ ପଣ୍ଡା ମୁଖ୍ୟ ଅତିଥି ରୂପେ ଜୟଦେବଙ୍କ କୃତୀ ସଂପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ଆବାହମାନ କାଳରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଗୀତଗୋବିନ୍ଦ ଗାନ କରାଯାଉଛି। ଏହାର ମହିମା ଅବର୍ଣ୍ଣନୀୟ। ଏହା ଆମ ସଂସ୍କୃତିକୁ ଋଦ୍ଧିମନ୍ତ କିରିଛି । ମଞ୍ଚାସୀନ ଅନ୍ୟ ଅତିଥିଗଣ ଜୟଦେବଙ୍କ ଅମର କୃତୀ ଏ ଜାତିକୁ ସର୍ବଦା ପ୍ରେରଣା ଦେଇ ଆସିଛି ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଗୀତଚନ୍ଦନ ଓ ମୁକ୍ତିପଥ ପୁସ୍ତିକା ଉନ୍ମୋଚନ କରାଯାଇ ଥିଲା। ଚଳି ବର୍ଷ ସହରର ବିଶିଷ୍ଟ କବି ତଥା ନାଟ୍ୟକାର ରେବତୀବଲ୍ଲଭ ବେହେରାଙ୍କୁ ଜୟଦେବ ସମ୍ମାନ ଓ କବି ଗଗନବିହାରୀ ନାୟକଙ୍କୁ ଗୀତିକବି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇ ଥିଲା। ପ୍ରାରମ୍ଭରେ ମନୋରଂଜନ କର ମଙ୍ଗଳାଚରଣ ପାଠ କରିଥିଲେ। ସେହିଭଳି ନରସିଂହ ପାଣିଗ୍ରାହୀ ଓ ତାଙ୍କ ସାଥିଙ୍କ ଦ୍ୱାରା ଜୟଦେବ ସଂଗୀତ ପରିବେଷଣ କରାଯାଇ ଥିଲା। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଶେଷରେ ରାମକୃଷ୍ଣ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବକୁ କବି ତ୍ରିଲୋଚନ ସ୍ୱାଇଁ ଓ କବୟିତ୍ରୀ ହରପ୍ରିୟା ପରିଡା ସଂଯୋଜନା କରିଥିଲେ। ଏଥିରେ ସହରର ବହୁ କବି, କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

ମାସେ ହେଲା ରାସ୍ତା ଖୋଳା ହେଲାଣି, କଲଭର୍ଟ ନିର୍ମାଣରେ ବିଳମ୍ବ

# ମରଣଯନ୍ତା ପାଲଟିଛି ବିଶ୍ରା ନୂଆଗାଁ ମୁଖ୍ୟରାସ୍ତା

ନୂଆଗାଁ, ୧୨।୫ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଆଦିବାସୀ ବହୁଳ ନୂଆଗାଁ ବ୍ଲକରେ ପ୍ରତ୍ୟେକ ବର୍ଷ କୋଟି କୋଟି ଟଙ୍କାର କାର୍ଯ୍ୟ କରାଯାଉଛି। ହେଲେ ଠିକାଦାରମାନଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁ ସେଗୁଡିକ ସ୍ୱଳ୍ପ ସମୟରେ ଶୋଚନୀୟ ହୋଇପଡିଛି। ଏପରିକି ଯେଉଁ ଠିକାଦାରମାନଙ୍କର ଏଭଳି ନିମ୍ନମାନର କାର୍ଯ୍ୟ ପାଇଁ ବାରମ୍ବାର ଅଭିଯୋଗ ଆସୁଛି, ସେମାନଙ୍କୁ ପୁଣି କାର୍ଯ୍ୟ ଦିଆଯାଉଛି। ନିକଟରେ ମିଟକୁନ୍ଦୁରୀ-କାରକାଟା ରାସ୍ତା କାର୍ଯ୍ୟକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା । ଉକ୍ତ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ବିଗତ ପ୍ରାୟ ୨ବର୍ଷ ପୂର୍ବେ କାମ ଶେଷ ହୋଇଥିଲେ ହେଁ ଏହି ରାସ୍ତା ଏତେ ନିମ୍ନମାନର କାର୍ଯ୍ୟ ହୋଇଥିଲା ଯେ ନିର୍ମାଣ ଶେଷ ହେଉ ହେଉ ଏକାଧିକ ସ୍ଥାନରେ ପିଚୁ ଉଠିଯାଇ ଗର୍ତ୍ତମାନ ସୃଷ୍ଟି ହୋଇଥିଲା। ଠିକାଦାର ପୁଣି ସମ୍ପୃକ୍ତ ରାସ୍ତାକୁ ମରାମତି କଲାପରେ ପୁଣି କିଛି ଦିନ ନ ଯାଉଣୁ ପିଚୁ ଉଠିବା ଆରମ୍ଭ ହୋଇଥିଲା । ଅର୍ଥାତ ରାସ୍ତା ନିର୍ମାଣର ୨ବର୍ଷ ଭିତରେ ୩ଥର ମରାମତି ହେଲାଣି । ଗୋଟିଏ ପ୍ରକାର କହିବାକୁ ଗଲେ ରାସ୍ତାକୁ ମରାମତି କରି ସମ୍ପୃକ୍ତ ଠିକାଦାର ଆହୁରି ଶୋଚନୀୟ କରି ଦେଇଛନ୍ତି। ମିଟକୁନ୍ଦୁରୀ- କାରକାଟା ରାସ୍ତାରେ ଏବେ ସମାନତା ନାହିଁ । କେଉଁଠି ଉଚ୍ଚ ତ କେଉଁଠି ନୀଚ। ଏହି ରାସ୍ତାକୁ ବୀରମିତ୍ରପୁର ଅଞ୍ଚଳର ଜନୈକ ଠିକାଦାର କରିଛନ୍ତି। ନିକଟରେ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଓ ମୋରମ ଦେଇଛନ୍ତି ତାହାବି ନିମ୍ନମାନର । କେଉଁଠି ମାଟି ଧୋଇଗଲାଣି ତ କେଉଁଠି ରାସ୍ତାପାର୍ଶ୍ୱରେ ଆଦୌ ମାଟି କିମ୍ବା ମୋରମ ଦିଆଯାଇ ନାହିଁ। ଏଭଳି ଠିକାଦାରଙ୍କ ହାତରେ ଏବେ ବିଶ୍ରା-ନୂଆଗାଁ ମୁଖ୍ୟ ରାସ୍ତାର ପ୍ରଶସ୍ତୀକରଣ ଓ ନିର୍ମାଣ ଦାୟୀତ୍ୱ ଟେକି ଦେଇଛି ଗ୍ରାମ୍ୟ ଉନ୍ନୟନ ବିଭାଗ। ମଣ୍ଡପଠାରୁ ବାରିଲେପ୍ଟା ଦେଇ ନୂଆଗାଁ ପର୍ଯ୍ୟନ୍ତ ପ୍ରାୟ ୧୩ କି.ମି ରାସ୍ତାର ପ୍ରଶସ୍ତୀକରଣ ଆରମ୍ଭ ହୋଇଛି ସତ ହେଲେ ନିର୍ମାଣ କାର୍ଯ୍ୟ ଅତି ମନ୍ଥରତା ବେଗରେ ଚାଲିଛି। କାର୍ଯ୍ୟ ମଧ୍ୟ ନିମ୍ନମାନର ହେଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଏପରିକି ଭେଲାପୋଷ ନିକଟରେ ଏକ କଲଭର୍ଟ ନିର୍ମାଣ ପାଇଁ ମୁଖ୍ୟରାସ୍ତାକୁ ପ୍ରାୟ୧ମାସରୁ ଊର୍ଦ୍ଧ୍ୱ ହେବ ଖୋଳି ଛାଡି ଦେଇଥିଲେ ହେଁ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସରିନାହିଁ । ଖାଲ ସ୍ଥାନରେ କୌଣସି ବାଡ ଦେଇ ନ ଥିବାରୁ ଗତ ୨ଦିନ ପୂର୍ବେ ବିଶ୍ରା କପଟମୁଣ୍ଡା ଅଞ୍ଚଳର ଏତୁଆ ଏକ୍କା (ଚୁନ୍ଦି) ନାମକ ଜଣେ ବ୍ୟକ୍ତି ବାରିଲେପ୍ଟାରୁ ନିଜଗାଁ କପଟମୁଣ୍ଡା ଫେରୁଥିବା ସମୟରେ ଅନ୍ଧାରରେ ଖାଲରେ ପଡିଯାଇ ଗୁରୁତର ହୋଇଛନ୍ତି। ଯାହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏସ.କେ ନାଏକଙ୍କୁ ପଚାରିବାରେ ସେ କହିଲେ, ଖାଲଥିବା ରାସ୍ତାରେ ବାଉଁଶ ଦେଇ ରାସ୍ତାକୁ ବନ୍ଦ କରିବା କଥା। ଯଦି କରାଯାଇ ନାହିଁ ଠିକାଦାରଙ୍କୁ କହିବି। ସେହିଭଳି ରାସ୍ତା କାର୍ଯ୍ୟ ଠିକ ଚାଲିଛି ବୋଲି ପ୍ରକାଶ କରିଥିଲେ।



ରାସ୍ତା ଖୋଳା ହୋଇପଡ଼ିଛି। ଖାଲରେ ପଡ଼ି ଆହତ ହୋଇଥିବା ବ୍ୟକ୍ତି।

### ନୂଆଗାଁ ବ୍ଲକ

- ଖୋଳା ଯାଇଥିବା ରାସ୍ତାରେ ନାହିଁ ସତର୍କ ସୂଚନା
- ଖୋଲରେ ପଡିଯାଇ ଜଣେ ବ୍ୟକ୍ତି ଗୁରୁତର
- ରାସ୍ତା ନିର୍ମାଣରେ ବି ମନ୍ଥରତା, ନିମ୍ନମାନର କାର୍ଯ୍ୟ

## ବନ୍ଧବାହାଲ ଗ୍ରାମରେ ନାମସଂକୀର୍ତ୍ତନ ସମାରୋହ

ବାଲିଶଙ୍କରା, ୧୨।୫ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକର ବନ୍ଧବାହାଲ ଗ୍ରାମରେ ୩ଦିନ ଧରି ନାମସଂକୀର୍ତ୍ତନ ସମାରୋହ ସମାପନ ହୋଇଯାଇଛି। ପ୍ରଥମ ଦିବସରେ ମହିଳାମାନେ ନିକଟସ୍ଥ ପୋଖରୀରୁ ୧୦୮ କଳସରେ ଜଳଧାରଣ କରି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ୨ଦିନ ଧରି ଅହରାତ୍ର ନାମ ସଂକୀର୍ତ୍ତନ ଚାଲିଥିଲା। ଶେଷ ଦିବସରେ ନାମ ଛାଡି ଗ୍ରାମ ପରିକ୍ରମା କରି ଦଧିଭାଣ୍ଡ ଭଞ୍ଜନ କରାଯାଇଥିଲା। ଉକ୍ତ ସମାରୋହରେ ସୁଧିର ତାଜନ ଏବଂ ତାଙ୍କ ସ୍ତ୍ରୀ ଜଗଦମ୍ବା ତାଜନ କର୍ତ୍ତା ହୋଇଥିବାବେଳେ ପୂଜକ ଭାବେ ଦୟାଧର ଦାଶ କାର୍ଯ୍ୟ ତୁଲାଇଥିଲେ। ଏହି ନାମ ସଂକୀର୍ତ୍ତନ ସମାରୋହରେ ଗାଇଡେଗା, କଇଁତରା, ବାଙ୍କିଡିହ, ରାଇଡିହି, କେରାୟୁର, ବନ୍ଧବାହାଲ, ଠେଠେଟାଙ୍ଗର, ଝରାକାନୀର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଉକ୍ତ ସମାରୋହକୁ ସଞ୍ଜିବ, ବୀରେନ୍ଦ୍ର, ନବୀନ, ପ୍ରଶ୍ନ, କୃଷ୍ଣ, ଶୁକ୍ରୁ, ଅହିବର, ରାଜେଶ, ନୃସିଂହ, ଦାମୋଦର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଭୁଲାମାଲକୁ ୧-୦ ଗୋଲରେ ହରାଇଲା ରାଜପୁର

ବେଲପାହାଡ଼,୧୨।୫(ଡି.ଏନ୍.ଏ.)

ହାଲୋ ବ୍ରଦର୍ସ ଫୁଟବଲ୍ ଆସୋସିଏଶନ ପକ୍ଷରୁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଟିଆର୍‌ଏଲ୍ ଷ୍ଟାଡିୟମରେ ନକ୍‌ଆଉଟ ଫୁଟବଲ୍ ଲିଗ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଶୁକ୍ରବାର ପ୍ରଥମ ମ୍ୟାଚ୍‌ରେ ବେଲପାହାଡ଼ର ରାଇଜିଂ ଷ୍ଟାର ବେଲପାହାଡ଼ କିଷାନ କ୍ଲବକୁ ୨-୦ ଗୋଲରେ ହରାଇଥିଲା। ଶନିବାର ଦ୍ୱିତୀୟ ମ୍ୟାଚରେ ବିଏଫ୍‌ସି କୁଚିଣ୍ଡା ଜେବିସି ସିଙ୍ଘାରପୁରକୁ ୩-୨ ଗୋଲରେ ହରାଇଥିଲା। ରବିବାର ତୃତୀୟ ମ୍ୟାଚ୍‌ରେ ରାଜପୁର ଷ୍ଟାର-୧୧ ଭୁଲାମାଲ ଖ୍ରୀଷ୍ଟ କ୍ଲବକୁ ୧-୦ ଗୋଲରେ ପରାଜିତ କରିଛି। ଷ୍ଟାର-୧୧ ଖେଳାଳି ସିରୋଜ ଖାନ ମ୍ୟାଚ୍‌ର ୪୧ ମନିଟରେ ଗୋଲ୍ ସ୍କୋର କରିଥିଲେ। ରମଣୀ ମାଝି, ବିଦ୍ୟାଧର ବାଦି, କ୍ଷମାଶୀଳ କିଷାନ ଓ ମହେନ୍ଦ୍ର ବର୍ଗର୍ତ୍ତି ମ୍ୟାଚ୍ ପରିଚାଳନା କରିଥିଲେ।

## ଟାଉନ ପୋଲିସ ପକ୍ଷରୁ ପଥଚାରୀଙ୍କୁ ସର୍ବତ ବଣ୍ଟନ

ସୁନ୍ଦରଗଡ, ୧୨।୫ (ଡି.ଏନ୍.ଏ) –

ଡହଡହ ତତଲା ଖାଞ୍ଚିରେ ସିଝୁଛି ସୁନ୍ଦରଗଡ଼। ଟାଣ ଖରାର ପ୍ରକୋପରେ ଦେହ ହାତ ପୋଡି ଯାଉଛି। ପଶୁଠାରୁ ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତେ ପାଣି ପାଇଁ ତହଳ ବିକଳ। ଆଇନ ଶୃଙ୍ଖଳା ରକ୍ଷା ସହ ସାଧାରଣ ଜନତାଙ୍କ ବନ୍ଧୁ ଭାବେ ସୁନ୍ଦରଗଡ ଟାଉନ ଥାନା ପୋଲିସ ରବିବାର ଜଳଛତ୍ର ମାଧ୍ୟମରେ ପଥଚାରୀ ମାନଙ୍କୁ ଦହିସର୍ବତ ବଣ୍ଟନ କରି ଅନ୍ୟ ଏକ ନିଆରା ଉଦାହରଣ ସୃଷ୍ଟି କରିଛି। ଥାନା ଆଇଆଇସି ବୀଭସ୍ପ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବ୍‌ଇନସପେକ୍ଟର କାଶୀନାଥ ବାରିକ, ଲକ୍ଷ୍ମୀକାନ୍ତ ପ୍ରଧାନଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପଥଚାରୀଙ୍କୁ ଜଳବଣ୍ଟନ କରିଥିଲେ।



ଟାଉନ ଥାନା ପୋଲିସ ପକ୍ଷରୁ ପଥଚାରୀମାନଙ୍କୁ ଦହିସର୍ବତ ବଣ୍ଟନ କରାଯାଉଛି।


ବଡ଼ଗାଁ ଅଞ୍ଚଳରେ ମେଗା ଉଠାଜଳସେଚନ କାର୍ଯ୍ୟକାରିତାରେ ଅବ୍ୟବସ୍ଥା

# ଚାଷୀଙ୍କ ଦାବିକୁ ଅଣଦେଖା କରୁଛନ୍ତି ଅଧିକାରୀ

ବଡ଼ଗାଁ, ୧୨।୫ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ସଫେଇ ନଦୀରେ ନିର୍ମାଣଧିନ ବୃହତ୍ତ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରିତାରେ ଅବ୍ୟବସ୍ଥା ଓ ସମସ୍ୟା ଦେଖାଦେଇଛି। ଏନେଇ ବଡ଼ଗାଁ ଅଞ୍ଚଳର ଚାଷୀମାନେ କାର୍ଯ୍ୟ ଦାୟୀତ୍ୱରେ ଥିବା ଝାରସୁଗୁଡା ବୃହତ୍ତ ଉଠାଜଳସେଚନ ନିର୍ବାହୀ ଯନ୍ତ୍ରୀ ଓ ସୁନ୍ଦରଗଡ଼ ଜିଲାପାଳଙ୍କୁ ଜଣାଇଛନ୍ତି। ହେଲେ ବିଭାଗୀୟ କିମ୍ବା ପ୍ରଶାସନ ପକ୍ଷରୁ ଏଯାଏଁ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀମାନଙ୍କ ପ୍ରସ୍ତାବ, ଦାବି, ଅଭିଯୋଗକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବଡଗାଁର କୃଷ୍ଣଚନ୍ଦ୍ର ସେଠ, କୌତୁକ ପୃଷେଟ, ଅଭିଳାଷ ପାଣିଗ୍ରାହୀ, ପରମାନନ୍ଦ ପାଣିଗ୍ରାହୀ, ଲବଣୀଧର ସା, ଲକ୍ଷ୍ମଣ ସା, କମଳାକାନ୍ତ ମିଶ୍ର, ସୁଧିର କୁମାର ନାୟକ, ବ୍ରହ୍ମାନନ୍ଦ ପାଣିଗ୍ରାହୀ ପ୍ରମୁଖ ମାର୍ଚ୍ଚ ୧୮ରେ ଝାରସୁଗୁଡା ବୃହତ୍ତ ଉଠାଜଳସେଚନ ନିର୍ବାହୀ ଯନ୍ତ୍ରୀ ଓ ଫେବୃୟାରୀ ୪ରେ ସୁନ୍ଦରଗଡ ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ୨ମାସ ବିତିଯାଇଥିଲେ ମଧ ଏହା ଉପରେ ପଦକ୍ଷେପ ନିଆଯାଇ ନାହିଁ। ସଫେଇ ନଦୀରେ ୩୫୦ ଏଚପି କ୍ଷମତା ବିଶିଷ୍ଟ ମେଗା ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ହେଉଛି। ନଦୀର ୨ଟି ସ୍ଥାନରେ ନିର୍ମାଣଧିନ ପ୍ରକଳ୍ପର ଦୂରତ୍ୱ ପ୍ରାୟ ୫ଶହ ମିଟର। ଖରିଫ ଋତୁର ମରୁଡି ସମୟରେ ନଦୀ ଶୁଷ୍କ ହୋଇଯାଇଥାଏ। ତେଣୁ ଉଚ୍ଚ କ୍ଷମତା ସମ୍ପନ୍ନ ପ୍ରକଳ୍ପ ଦ୍ୱୟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ନେଇ ସନ୍ଦେହ ଜାତ ହେଉଛି। ବହୁ ବର୍ଷ ପୂର୍ବରୁ ନଦୀରେ ଥିବା ୩ଟି ଉଠା ଜଳସେଚନ ପ୍ରକଳ୍ପ ଅଚଳ ଅବସ୍ଥାରେ ଥିବାରୁ ରବି ଚାଷ ହୋଇପାରୁନାହିଁ । ୧୦ବର୍ଷ ହେଲା ବଡଗାଁକୁ ପର୍ଯ୍ୟାପ୍ତ ପିଇବା ପାଣି ଯୋଗାଣ ହୋଇପାରୁନାହିଁ। ପ୍ରକଳ୍ପ ଦ୍ୱୟ ପୂର୍ଣ୍ଣ କାର୍ଯ୍ୟକ୍ଷମ ଏବଂ ଗ୍ରୀଷ୍ମ ଋତୁରେ ପିଇବା ପାଣିର ସଙ୍କଟ ଦୂରୀକରଣ ନିମନ୍ତେ ବ୍ୟାରେଜ ନିର୍ମାଣ ଜରୁରୀ। ଯାହାକି ନଦୀର ବଡଗାଁ, ଛାମୁଣ୍ଡା ସ୍ଥିତ ମଖର୍ଡା ବୁଲାଣି ସ୍ଥାନରେ ହୋଇପାରିବ। ପ୍ରକଳ୍ପର ଉପର ମୁଣ୍ଡରେ ପ୍ରଧାନମନ୍ତ୍ରୀ ସିଚାଇ ଯୋଜନାରେ ଇରିଗେସନ୍ ବିଭାଗ ଦ୍ୱାରା ବ୍ୟାରେଜ ନିର୍ମାଣ ପାଇଁ ମାପ ଓ ସର୍ଭେ କାମ ହୋଇଛି। ହେବାକୁ ଥିବା ବ୍ୟାରେଜ ମଖର୍ଡା ବୁଲାଣିଠାରେ ହେଉ କିମ୍ବା ଅନ୍ୟ ଏକ ବ୍ୟାରେଜ ବୁଲାଣିଠାରେ କରାଯାଉ ବୋଲି ଜିଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ନିର୍ବାହୀ ଯନ୍ତ୍ରୀଙ୍କୁ ଦେଇଥିବା ଦାବିପତ୍ରରେ ମେଗା ପ୍ରକଳ୍ପ ନିର୍ମାଣରେ ଅବ୍ୟବସ୍ଥାକୁ ନେଇ ଅଭିଯୋଗ ହୋଇଛି। ଦର୍ଶାଯାଇଛି ଯେ, ଜଳ ନିଷ୍କାଷିତ ହେବାକୁ ଥିବା ନାଳ ଉଚ୍ଚ ସ୍ଥାନରେ ସ୍ଥାପନ ନ କରି ଖାଲୁଆ ସ୍ଥାନରେ କରାଯାଇଛି। ମୁଖ୍ୟନାଳରୁ ଆସୁଥିବା ପାଇପ ଜଳ ବିଭାଜନ ସ୍ଥାନରେ ଭାଲ୍‌ଗୁଡିକ ଠିକ ଭାବରେ ଲଗାଯାଇନାହିଁ। ପାଇପ ଲାଇନ ବିଛାଇବା ପାଇଁ ଖନନ କରାଯାଇଥିବା ଚାଷ ଜମିଗୁଡିକ ଖାଲ ହୋଇ ରହିଛି । ଏହାକୁ ଚାଷ ପୂର୍ବରୁ ସମତଳ କରିବାକୁ ବାରମ୍ବାର ଦାବି ସତ୍ତ୍ୱେ କେହି ଶୁଣୁ ନ ଥିଲାବେଳେ ଆଉ ଦେଢ଼ ମାସ ପରେ ସେଠାରେ ଚାଷ କାର୍ଯ୍ୟ କରିବାରେ ସମସ୍ୟା ଦେଖାଦେବ। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ମଧ ଚାଷୀମାନଙ୍କ ଜମି ଖୋଳି ନ ପୋତିବାରୁ କେତେକ ସ୍ଥାନରେ ଚାଷ ହୋଇପାରି ନ ଥିଲା। ଚଳିତବର୍ଷ ମଧ ଖାଲ ପୋତାଯାଇ ନ ଥିବାରୁ ଚାଷୀଙ୍କ ମଧରେ ଅସନ୍ତୋଷ ରହିଛି। ତେବେ ୨ବର୍ଷ ହେଲା ଜମି ଖୋଳିଥିଲେ ମଧ୍ୟ ସମତଳ ନ କରିବା ଦେଖିଲେ ସରକାରୀ କର୍ମଚାରୀମାନେ କୃଷକମାନଙ୍କ ସମସ୍ୟାର ସମାଧାନ ଦିଗରେ କେତେ ସମ୍ବେଦନ ବେଶ ବୁଝାପଡ଼େ। ବିଭାଗୀୟ ଅଧିକାରୀ ଓ ପ୍ରଶାସନ ଯେଭଳି ଅଣଦେଖା କରୁଛନ୍ତି ତାହା ମନମୁଖି କାର୍ଯ୍ୟର ନମୁନା ବୋଲି ଅସନ୍ତୋଷ ପ୍ରକାଶ କରି ଚାଷୀମାନେ କଡା ଟିପ୍ପଣୀ ଦେଉଛନ୍ତି। ଜିଲାପାଳ ଚାଷ କାର୍ଯ୍ୟ ଆରମ୍ଭ ପୂର୍ବରୁ ସମସ୍ୟା ଦୂର କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

- ଚାଷ ଜମି ଖୋଳି ନଷ୍ଟ କରାଯାଇଛି
- ମଖର୍ଡା ବୁଲାଣିରେ ବ୍ୟାରେଜ ନିର୍ମାଣ ହେଉ
- ଜିଲାପାଳଙ୍କୁ ଜଣାଇବା ସତ୍ତ୍ୱେ ସୁଫଳ ମିଳୁନି
- ପ୍ରକଳ୍ପ ପାଇଁ ଜଳାଭାବ ଦେଖାଦେବ
- ବିଭାଗୀୟ ଅଧିକାରୀଙ୍କ ଅଣଦେଖା



ଯେଉଁମାନେ ସବୁ କଥାରେ ଅସନ୍ତୋଷ ପ୍ରକାଶ କରନ୍ତି, ସେଇମାନେ ହିଁ ସାଧାରଣତଃ ଅଳସୁଆ।
- ହେନେରୀ ଫର୍ଡ



## ସଂକ୍ଷେପରେ

### ମାନସିକ ଭାରସାମ୍ୟ ହରାଇ ଯୁବତୀଙ୍କ ଆତ୍ମହତ୍ୟା

ରିଆମାଳ, ୧୨।୫(ଡି.ଏନ.ଏ.)– ଦେବଗଡ଼ ଜିଲା ରିଆମାଳ ବ୍ଲକ କରଲଗା ପଞ୍ଚାୟତ ମନୋହରପୁର ଗ୍ରାମରେ ଜଣେ ଯୁବତୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। କୁଣ୍ଡେଇଗୋଳା ଥାନା ଖଇରିପାଲି ଫାଣ୍ଡିରେ ଏନେଇ ଅଭିଯୋଗ ହୋଇଛି। ଗ୍ରାମର ଦେବାର୍ଚ୍ଚନ ବେହେରାଙ୍କ ସାନ ଝିଅ ଦୌପଦୀ ରବିବାର ସକାଳେ ଘରେ କେହି ନ ଥିବାବେଳେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ପାଖପଡ଼ୋଶୀ ନିଆଁଧୂଆଁ ଦେଖି ଆସିବାବେଳକୁ ଦୌପଦୀଙ୍କର ମୃତ୍ୟୁ ଘଟିଥିଲା। ସେ ସ୍ନାତକ ପାସ୍ କରି ଘରେ ରହିଥିଲେ।

### ଦ୍ୱିତୀକୃଷ୍ଣଙ୍କ ପାଇଁ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା

ରାଉରକେଲା ଅଫିସ,୧୨।୫ ସିପିଆଇ ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ବିଶିଷ୍ଟ ଶ୍ରମିକ ନେତା, ମାର୍କ୍ସବାଦ ଚିନ୍ତକ, ପୂର୍ବତନ ସାଂସଦ ଓ ବିଧାୟକ ତଥା କେନ୍ଦ୍ରୀୟ ଏଆଇଟିୟୁସି ଉପସଭାପତି ସାଥି ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ସ୍ମୃତିରେ ଏକ ସର୍ବଦଳୀୟ ସଭା ବସ୍ତିଆ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେଏଆଇଟିୟୁସି ସୁନ୍ଦରଗଡ ଜିଲା ସଭାପତି ପଶୁପତିନାଥ ଚାଟାର୍ଜୀ ଅଧକ୍ଷତା କରିଥିଲେ। ସିପିଆଇ ସୁନ୍ଦରଗଡ ଜିଲା କମିଟି ସଂପାଦକ ପ୍ରଦୋଷ ମହାନ୍ତିଙ୍କ ଆହ୍ୱାନକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ସହରର ବିଭିନ୍ନ ରାଜନୈତିକ ଦଳ, ଶ୍ରମିକ ସଂଗଠନ, କବି ସାହିତ୍ୟିକ ଯୋଗ ଦେଇ ଦ୍ୱିତୀକୃଷ୍ଣଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଦ୍ୱିତୀ ବାବୁ ଜଣେ ଦରଦୀ ଶ୍ରମିକ ନେତା ଭାବେ ପ୍ରତ୍ୟକ ବର୍ଗଙ୍କ ହୃଦୟକୁ ଜିଣି ପାରିଥିଲେ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ସଭାରେ ସିଆଇଟିୟୁ ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି, ବରିଷ୍ଠ ଶ୍ରମିକ ନେତା ପ୍ରଭାତ ମିଶ୍ର, ଅଶୋକ ଦାସ, ବିଜେଡି ରାଜ୍ୟ ସଂପାଦକ ଆନନ୍ଦ ମହାନ୍ତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଡଃ. କିଶୋରୀ ଦାସ, ବାର ଆସୋସିଏସନ ସଭାପତି ରମେଶ ବଳ. ବରିଷ୍ଠ ବାମପନ୍ଥୀ ନେତା ସତ୍ୟପ୍ରିୟ ମହାନ୍ତି, ଜାହାଙ୍ଗୀର ଅଲ୍ଲୀ, ପ୍ରମୋଦ ଦାସ, ଏନକେ ମହାନ୍ତି, ଦିଗମ୍ବର ମହାନ୍ତି, ବିମାନ ମାଇତି, ରାଜକିଶୋର ପ୍ରଧାନ, କବି କୁଂଜ ବିହାରୀ ରାଉତ, ପୀତବାସ ମିଶ୍ର ଓ ଅଦୈତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।





ଡେଲି ମାର୍କେଟରେ ଅଚଳ ହୋଇପଡିଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ (ବାମ)। ସହରର ୬ନଂ ୱାର୍ଡ ସ୍ଥିତ ଛାଲ ବାହାଦୂର ବନ୍ଧକଟା ପୋତି ହେବାକୁ ବସିଲାଣି।

# ପାନୀୟ ଜଳ ସଙ୍କଟ: ଲୋକେ ହନ୍ତସନ୍ତ

**ଶଶାଙ୍କଶେଖର ଝାଙ୍କର**
**ଦେବଗଡ, ୧୨।୫(ସ୍ୱ.ପ୍ର)**

**ଦେବଗଡ଼ ସହର**
- ୧୧ ୱାର୍ଡରେ ଘରୋଇ ପାଇପ ଲାଇନ ସଂଖ୍ୟା ୨୨୧୭
- ୩.୮ ମେଟ୍ରିକ ଲିଟର ପାଣି ଆବଶ୍ୟକ, ମିଳୁଛି ୨.୧ ମେଟ୍ରିକ ଲିଟର
- ଜନସ୍ୱାସ୍ଥ୍ୟ ବିଭାଗର ଅଜବ ନୀତି, ଲାଇନ କଟିଲେ ପାଣି ବନ୍ଦ

ବର୍ତ୍ତମାନ ଦେବଗଡ଼ ସହରରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ସାଙ୍ଗକୁ ପାନୀୟ ଜଳକଷ୍ଟ ଉତ୍କଟ ଆକାର ଧାରଣ କଲାଣି। ସହରରେ ଥିବା ଅନେକ କୂଅ ପୋଖରୀ ଶୁଖିଗଲାଣି। ସହରବାସୀ ପିଇବା, ଗାଧୋଇବାରେ ଅସୁବିଧା ଭୋଗୁଛନ୍ତି। ଗୋରୁ ଛେଳି ମଧ୍ୟ ପିଇବା ପାଇଁ ମୁନ୍ଦାଏ ପାଣି ପାଇପାରୁ ନାହାଁନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁ ଭୂତଳ ଜଳସ୍ତର ଅନେକ ପରିମାଣରେ ଖସିଯାଉଛି। ଫଳରେ କୂଅ, ନଳକୂଅରେ ଶୁଦ୍ଧ ପାନୀୟଜଳ ମିଳିପାରୁ ନାହିଁ। ଦେବଗଡ଼ରେ ପୌରସଂସ୍ଥା ପକ୍ଷରୁ ଛଅଟି ଥଣ୍ଡାପାନୀୟ ଜଳ ପ୍ରକଳ୍ପ ଏବଂ ବେସରକାରୀ ଭାବେ ଦୁଇଟି ତିଆରି ହୋଇଥିଲେ ମଧ୍ୟ ପୌର ସଂସ୍ଥାର ଅବହେଳା ଯୋଗୁ ଅନେକ ଥଣ୍ଡା ପାନୀୟ ଜଳର ଫ୍ରିଜର ମେଶିନ ଅକାମୀ ହୋଇପଡ଼ିଛି। ଶାସନ ସାହି ଠାରେ ଦୀର୍ଘଦିନ ଧରି ଥଣ୍ଡା ପାନୀୟ ଜଳପାଇଁ ଘର ତିଆରି ହୋଇଥିଲେ ମଧ୍ୟ ଏଥିରେ ଜଳଯୋଗାଣ ଓ ଫ୍ରିଜ୍‌ର ମେଶିନ ବ୍ୟବସ୍ଥା କରାଯାଇନାହିଁ। ବର୍ତ୍ତମାନ ପାଣିର ଘୋର ଅଭାବ ଥିବାରୁ ଜନସ୍ୱାସ୍ଥ୍ୟ ପକ୍ଷରୁ ଦେବଗଡ଼ ସହରକୁ ସକାଳେ ୪୫ମିନିଟ୍ ଓ ସନ୍ଧ୍ୟାରେ ୩୦ ମିନିଟ୍ ଜଳ ଯୋଗାଣ ହେଉଥିବାରୁ ସହରବାସୀ ପାଣି ପାଇଁ ଅନେକ ଅସୁବିଧା ଭୋଗ କରୁଛନ୍ତି। ସହରରେ ୭ଟି ଗଭୀର ନଳକୂପ ଖନନ କରି ଜଳଯୋଗାଣ କରାଯାଉଥିବାରୁ ଲୋକମାନେ ସାମାନ୍ୟ ପିଇବା ପାଣି ମୁନ୍ଦେ ପାଇ ପାରୁଛନ୍ତି। ଦେବଗଡ଼ ସହରକୁ ଆବାହମାନ କାଳରୁ ମୁଖ୍ୟ ଜଳଯୋଗାଣ ବ୍ୟବସ୍ଥା ପ୍ରଧାନପାଟ ଜଳପ୍ରପାତରୁ ହୋଇଥାଏ। କିନ୍ତୁ ପ୍ରଧାନପାଟ ଜଳପ୍ରପାତର ଉପର ମୁଣ୍ଡରେ ଅବାଧ ଗଛ କଟା ଯୋଗୁ ଜଳଧାର ଶୁଷ୍କ ହେବାରେ ଲାଗିଛି। ଏଥିପାଇଁ ଜଙ୍ଗଲ ବିଭାଗର ନିଷ୍କ୍ରିୟତା ଓ କାଠଚୋରଙ୍କର ପ୍ରାଦୁର୍ଭାବ ଦାୟୀ ବୋଲି ଜନ ସାଧାରଣରେ ଚର୍ଚ୍ଚା ହେଉଛି। ଜଙ୍ଗଲ ବିଭାଗ ପକ୍ଷରୁ ଏହାର ପ୍ରତିକାର ସହ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷ ରୋପଣ ଓ ଏହାର ରକ୍ଷଣାବେକ୍ଷଣ ଜରୁରୀ ଅଟେ। ବର୍ତ୍ତମାନ ଜଳର ପ୍ରଚୁର ପରିମାଣରେ ଅଭାବ ଥିବା ସତ୍ତ୍ୱେ ଜନସ୍ୱାସ୍ଥ୍ୟ ବିଭାଗ ଘରୋଇ ପାଇପ୍ ଲାଇନ୍ ଯୋଗାଣ ସଂଖ୍ୟା ବର୍ତ୍ତମାନ ସହରରେ ୧୧ଟି ୱାର୍ଡରେ ୨୨୧୭। ଦେବଗଡ ସହର ପାଇଁ ଦୈନିକ ୩.୮ ମେଟ୍ରିକ ଲିଟର ପାଣି ଆବଶ୍ୟକ ହୋଇଥାଏ। କିନ୍ତୁ ୨.୧ ମେଟ୍ରିକ ଲିଟରର ଜଳଯୋଗାଇ ଦିଆଯାଉଛି। ଫଳରେ ପାଣିର ଅଭାବ ସହରରେ ଦେଖିବାକୁ ମିଳୁଛି। ଏପରକି ଜନସ୍ୱାସ୍ଥ୍ୟ ବିଭାଗର ଅଜବ ନୀତି ଯୋଗୁ ଲାଇନ କଟିଲେ ପାଣି ବନ୍ଦ ହେଉଛି। ଦେବଗଡ଼ରେ ଦୀର୍ଘଦିନ ଧରି ପାନୀୟ ଜଳ ଅଭାବକୁ ଆଖିଆଗରେ ରଖି ଜନ ସାଧାରଣଙ୍କ ବାରମ୍ବାର ଦାବି ଯୋଗୁ ରେଙ୍ଗାଳୀ ନଦୀବନ୍ଧ ରିଜର୍ଭରରୁ ଚେକ୍‌ଡ୍ୟାମ୍ ମାଧ୍ୟମରେ ଜଳଯୋଗାଣ ପାଇଁ ୧୯ କୋଟି ଟଙ୍କା ବ୍ୟୟ ଅଟକଳରେ ଯୋଜନା ମଞ୍ଜୁର କରାଯାଇ ୨କୋଟି ୭୦ଲକ୍ଷ ପ୍ରଥମ ପର୍ଯ୍ୟାୟରେ ଆସିଥିଲା। ମାତ୍ର ଏହା ବୁଡ଼ିପାଣି ହୋଇଥିବାରୁ ସରକାରଙ୍କ ପକ୍ଷରୁ ଏହି ପ୍ରକଳ୍ପକୁ ବନ୍ଦ କରାଯାଇଥିଲା। ଏବେ ଦେବଗଡ଼ ସହରଠାରୁ ୩୦କିଲୋମିଟର ଦୂର ବାରକୋଟ ବ୍ରାହ୍ମଣୀ ନଦୀରୁ ପାନୀୟ ଜଳ ଆଣି ଦେବଗଡ଼ ସହରକୁ ଯୋଗାଣ କରିବା ପାଇଁ ୩୫୦ କୋଟି ଟଙ୍କା ବ୍ୟୟ ଅଟକଳର ପ୍ରସ୍ତାବ ସରକାରଙ୍କ ନିକଟକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଠାଯାଇଛି। କିନ୍ତୁ ପ୍ରଶାସନିକ ଓ ରାଜନୈତିକ ତତ୍ପରତାର ଅଭାବ ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଦେବଗଡ଼ ପୌରାଞ୍ଚଳର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦେଖି ବର୍ତ୍ତମାନ ଦିନକୁ ଯେତକି ପାଣିର ଆବଶ୍ୟକତା ଥିବାବେଳେ ସେତିକି ପାଣି ଯୋଗାଣ ହୋଇପାରୁନାହିଁ। ଯାହାକି ସହରବାସୀ ଶୋଷ ମେଣ୍ଟାଇ ପାରୁନାହାନ୍ତି। କିଛି ଦିନ ତଳେ ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟଯନ୍ତ୍ରୀ କ୍ଷୀତୀଶ ସାହୁଙ୍କ ଅଧକ୍ଷତାରେ ଏକ ବିଶେଷଜ୍ଞ ଦଳ ଦେବଗଡ଼ ଆସି ଆଖପାଖ ଅଞ୍ଚଳରେ ବିଭିନ୍ନ ଜଳ ଉତ୍ସ ପରିଦର୍ଶନ କରି ଦେବଗଡ଼ର ପ୍ରଧାନପାଟ, ବାରକୋଟ, ଗୋହିରା ନାଳ, କୋରଡ଼କୋଟ ଜଳପ୍ରପାତ ଆଦି ଦେଖିଯାଇଥିଲେ। ଗ୍ରୀଷ୍ମକାଳୀନ ଜଳକଷ୍ଟ ଦେବଗଡ଼ର ଏକ ଦୀର୍ଘ ଦିନର ସମାସ୍ୟା ହୋଇଥିଲେ ମଧ୍ୟ ଏହାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ। ତେଣୁ ଜିଲା ପ୍ରଶାସନ, ନଗର ଉନ୍ନୟନ ବିଭାଗ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ସମନ୍ୱୟରେ ପ୍ରସ୍ତାବିତ ପାନୀୟଜଳ ପ୍ରକଳ୍ପକୁ ଶୀଘ୍ର ମଞ୍ଜୁର କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜନ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠଯନ୍ତ୍ରୀ ନେତ୍ରାନନ୍ଦ ସାହୁଙ୍କୁ ପଚାରିବାରୁ ଦେବଗଡରେ ଯେତିକି ପାଣି ଷ୍ଟକ ରହୁଛି ଯାହାକି ସହର ପାଇଁ ଯଥେଷ୍ଟ ନୁହେଁ। ସେଥିପାଇଁ ଆଗାମୀ ଦିନରେ ପାଣି ଯୋଗାଇ ଦେବା ପାଇଁ ଚେଷ୍ଟା ଚାଲିଛି ବୋଲି କହିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଘାରିଲି ଡାଲି ରସୁଣ ପକାଇ**
**ବାହାର ଚୁଲିରେ ନେଇ;**
**ଯଉବନ ଗଲା ମୁଖ ମଉଳିଲା**
**ପଚାରିଲେ କାହିଁ ପାଇଁ।**

ଯୌବନ ଚିରସ୍ଥାୟୀ ନୁହେଁ। ଯୌବନାବସ୍ଥା ପରେ ଶରୀର କ୍ରମଶଃ ମଳିନ ପଡ଼ିଯିବା ସହ ବ୍ୟକ୍ତି ନିଜର ପୂର୍ବ ଚମକ ଓ ତେଜ ହରାଇ ବସିଥାଏ। ଏପରିସ୍ଥଳେ ଛୁଆପିଲା, ରନ୍ଧାବଢ଼ା ଭଳି ସାଂସାରିକ ଜଞ୍ଜାଳରେ ଛନ୍ଦି ହୋଇଯାଇଥିବା ମହିଳା ସମୟକ୍ରମେ ନିଜର ଆକର୍ଷଣ ହରାଇବସିବା ସହ ସ୍ୱାମୀ ଆଖିରେ ଅଲୋଡ଼ା ହୋଇଯିବା ନେଇ ମନ ଊଣା କରି ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବାପ ପୁଅ ଦୁହେଁ ରାତି ଅନିଦ୍ରା,**
**ଏଣେ ମୁଗୁରା ଗାଣ୍ଠି ମେଲା।**

ମୁଗୁରା ପଛପଟ ଠିକ୍ ଭାବରେ ବନ୍ଧା ହୋଇ ନ ଥିଲେ ବା କଣା ଥିଲେ କି ଖୋଲା ଥିଲେ ମାଛ ସେଇବାଟେ ଖସି ଯାଇଥାଏ। ଦି'ପଟ ଆଡ଼ିବନ୍ଧ ଯେତେ ଟାଣ କଲେ ବା ଚାରିପଟ ଘଳିଆ ଯେତେ ମାରିଲେ ବି ଲାଭ କିଛି ମିଳି ପାରି ନ ଥାଏ। ସାମାନ୍ୟ ଅସାବଧାନତା ଯୋଗୁ ସମସ୍ତ ଶ୍ରମ ଅଟୀରେ ପଣ୍ଡ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଅଷ୍ଟପ୍ରହର ନାମଯଜ୍ଞ ଉଦଯାପିତ

**ଦେବଗଡ, ୧୨।୫(ସ୍ୱ.ପ୍ର)**

ଦେବଗଡ ପୌରାଞ୍ଚଳ ୩ନଂ ୱାର୍ଡ ଅଧୀନ ବଣିଆଁସାହି ଛକରେ ଦୁଇଦିନ ଧରି ଆୟୋଜିତ ହୋଇଥିବା ୫୬ ତମ ଅଷ୍ଟପ୍ରହର ନାମଯଜ୍ଞ ରବିବାର ଉଦଯାପିତ ହୋଇଯାଇଛି । ଏଥିରେ ଦେବଗଡ ଜିଲାର ନୂଆଁଭୁଇଁ, ତାଳବାହାଲି, ସାଧୁପାଲି, ସାମନ୍ତରାପାଲି, ଗଦଗଦା ସୋନପରୁ ବାଙ୍କଘିରୁଡି ଆଦି ମହିଳା ଓ ପୁରୁଷ ସଂକୀର୍ତ୍ତନ୍ୟ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ । ଦୁଇଦିନ ଧରି ଦିନରାତି ଏହି କାର୍ଯ୍ୟକ୍ରମ ଦେଖିବା ତଥା ଦର୍ଶନ ପାଇଁ ଏବଂ ମହିଳା ସଂକୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରିଥିବାରୁ ଆଖପାଖ ଅଞ୍ଚଳରୁ ମଣ୍ଡପ ପାଖରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା । ଏହି ଉତ୍ସବରେ ଜଗତସିଂହପୁରର ବଟ ବାବା ପୂଜକ ଭାବେ ଏବଂ କର୍ତ୍ତା ଭାବେ ପତିତପାବନ ସାହୁ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ରବିବାର ପୂର୍ବାହ୍ନ ଉଦଯାପନୀ ଉତ୍ସବରେ ସାହିବାସିନ୍ଦାଙ୍କ ସହ ସମସ୍ତ ସଂକୀର୍ତ୍ତନ ଦଳ ହୋଲି ରଙ୍ଗ ତଥା ବିଭିନ୍ନ ଫଗୁ ଲଗାଇ ହୁଳହୁଳି ଏବଂ ମୃଦଙ୍ଗବାଦ୍ୟ ଗିନି ମାଧରେ ଠାକୁରଙ୍କୁ ଧରି ନଗର ପରିକ୍ରମା କରିଥିଲେ । ପରେ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପୂଜାରେ ବଣିଆଁସାହି ଅଷ୍ଟପ୍ରହର ପୂଜା କମିଟିର ପୂର୍ବତନ ସଭାପତି ସୁଶିଲ କପରଦାର, ଜନ୍ମେଜୟ ନାୟକ ସୁବ୍ରତ ସାହୁ, ଶିବ ଶଙ୍କର ସାହୁ, କାବଲୁ ଜେନା, ରାଜପିଆରୀ ସାହୁ, ଅଶୋକ ନାୟକ, କୁଳମଣୀ ସାହୁ, ହରେକୃଷ୍ଣ ସାହୁ, ସନ୍ତୋଷ ସେନାପତି, ଶ୍ରୀତମ ଝାଙ୍କର, ଲିପୁନ, ଶୁଭମ, ପପୁନ, ସତ୍ୟମ, ପମି ନାୟକ, ଦିପୁନଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ ।



କର୍ତ୍ତା ପତିତପାବନ ସାହୁ ଠାକୁରଙ୍କୁ ଧରି ନଗର ପରିକ୍ରମା କରୁଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ASTROLOGY ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

MAHALAXMI FINANCE PVT. LTD.
ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE FINANCE

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।

- ଆର.ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ



### ମହିଳାଙ୍କଠାରୁ ମୋବାଇଲ, ଟଙ୍କା ଲୁଟ୍: ଯୁବକ ଗିରଫ

**ଟିପିଲିମା,୧୨।୫ (ଡି.ଏନ୍.ଏ.)-** ଶୁକ୍ରବାର ରାତି ସାଢ଼େ ୧୦ଟାରେ ଜଣେ ମହିଳାଙ୍କଠାରୁ ୧୦ହଜାର ଟଙ୍କା ଓ ମୋବାଇଲ ଲୁଟ ଘଟଣାରେ ବୁର୍ଲା ପୋଲିସ ସ୍ଥାନୀୟ ୱାନଆର୍ କଲୋନୀର ପ୍ରକାଶ ସୁନାର ଓରଫ ବଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବୁର୍ଲା ଥାନା ଅଧିକାରୀ ବିଭୂତିଭୂଷଣ ଭୋଇଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ଟିଟିଲାଗଡ଼ କତକିଆପଡ଼ାର ପ୍ରୀତମ କୁମ୍ଭାରଙ୍କ ସ୍ତ୍ରୀ ଶିବାନୀ କୁମ୍ଭାର ବୁର୍ଲା ବୋର୍ଡ କଲୋନୀସ୍ଥିତ ତାଙ୍କ ଭଉଣୀ ଘରକୁ ଯାଉଥିବାବେଳେ ବଣ୍ଟି ତାଙ୍କଠାରୁ ଲୁଟ୍‌ପାଟ କରିଥିଲେ। ପୋଲିସ ୩୯୪, ୩୨୩ ଆଇପିସିରେ ଏକ ମାମଲା (ନଂ. ୧୫୪/୧୯) ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଷୋହଳ ପ୍ରହର ନାମଯଜ୍ଞ

**ସମ୍ବଲପୁର,୧୨।୫ (ବ୍ୟୁରୋ)-** ସମ୍ବଲପୁର ମହାନଗର ନିଗମ ଖଣ୍ଡୁଆଲ ଗ୍ରାମରେ ଅନୁଷ୍ଠିତ ଷୋହଳ ପ୍ରହର ନାମଯଜ୍ଞ ରବିବାର ସମ୍ପନ୍ନ ହୋଇଛି। ଶୁକ୍ରବାର କଳସ ସ୍ଥାପନ କରାଯାଇ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ସୋହେଲା (ନୂଆଗାଁ), ଲରିଆପାଲି, ଭାଙ୍ଗକୁଦ, ସର୍ଗିପାଲି, ସୁବର୍ଣ୍ଣପୁର, କାର୍ତ୍ତିପୁର ଗ୍ରାମର କୀର୍ତ୍ତନ ଦଳ ସାମିଲ ହୋଇଥିଲେ। ଚିତ୍ତରଞ୍ଜନ ଦାସ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମିଳନ ଦେହୁରୀ ଓ ତାଙ୍କ ସ୍ତ୍ରୀ ସଞ୍ଜୁକ୍ତା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସୁଶାନ୍ତ ପାଣିଗ୍ରାହୀ, ସ୍ୱାଧୀନ ପାଢ଼ୀ, ସୁଶିଲ ପାଢ଼ୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ମହୁଲଫୁଲର ପୁଣି ଅଭାବୀ ବିକ୍ରି

# ବସିଲାନି କମିଟି ବୈଠକ, ହେଲାନି ଦର ଧାର୍ଯ୍ୟ

**ସମ୍ବଲପୁର,୧୨।୫ (ବ୍ୟୁରୋ)**

ଓଡ଼ିଶାରେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଅଧିକାଂଶ ଆଦିବାସୀ ପରିବାର ନିର୍ଭର କରନ୍ତି। ଋତୁ ଅନୁଯାୟୀ ମିଳୁଥିବା ଲଘୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ସେମାନେ ବର୍ଷକ ପାଇଁ ସମ୍ବଳ ଗଚ୍ଛିତ କରିଥାନ୍ତି। ଜଙ୍ଗଲ ସୁରକ୍ଷା ଉପରେ ଯେତିକି କଡ଼ା ଆଇନ ରହିଛି, ଉତ୍ପାଦିତ ଦ୍ରବ୍ୟ ବିକ୍ରି ଉପରେ ମଧ୍ୟ ଆଇନ କରାଯାଇଛି। ହେଲେ କୌଣସି ଜିଲାରେ ଠିକ୍ ଭାବେ ଏହି ଆଇନକୁ ପାଳନ କରାଯାଉ ନାହିଁ। ଫଳରେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ଆଦିବାସୀ ପରିବାର କ୍ଷତି ସହୁଛନ୍ତି। ଲଘୁ ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟରେ ମହୁଲ ଫୁଲର ଚାହିଦା ଅଧିକ। ସାଧାରଣତଃ ଗ୍ରୀଷ୍ମଋତୁରେ ମହୁଲ ଫୁଲ ଫୁଟିଥାଏ ଏବଂ ମାର୍ଚ୍ଚ, ଏପ୍ରିଲ ମାସରୁ ଫୁଲ ସଂଗ୍ରହ ହୋଇଥାଏ। ହେଲେ ଇତିମଧ୍ୟରେ ମେ' ଦ୍ୱିତୀୟ ସପ୍ତାହ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଏହାର ଦର ଧାର୍ଯ୍ୟ ପାଇଁ ଗଠିତ କମିଟିର ବୈଠକ ବସିନାହିଁ। ଫଳରେ ଦରଧାର୍ଯ୍ୟ ହୋଇପାରି ନାହିଁ। ତେଣୁ ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ମହୁଲ ଫୁଲ ଗୋଟାଳିମାନେ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ଅନେକ ସ୍ଥାନରେ ଦଲାଲମାନେ କମ୍ ଦରରେ ମହୁଲ ଫୁଲ କିଣି ନେଉଛନ୍ତି। ଫୁଲ ନଷ୍ଟ ହୋଇଯିବା ଭୟରେ ଗୋଟାଳିମାନେ କମ୍ ଦରରେ ବ୍ୟବସାୟୀଙ୍କୁ ବିକ୍ରି କରି ଦେଉଛନ୍ତି। ଚଳିତବର୍ଷ ଝଡ଼ତୋଫାନ ଯୋଗୁ ଗଛରେ ଅଧିକାଂଶ ମହୁଲ ଫୁଲ ନଷ୍ଟ ହୋଇଯାଇଥିବାରୁ ଗୋଟାଳିମାନେ କମ୍ ପରିମାଣର ଫୁଲ ସଂଗ୍ରହ କରିଥିଲେ। ହେଲେ ତାହାର ଉଚିତ୍ ଦର ମିଳୁ ନ ଥିବା ଗୋଟାଳିମାନେ ଅଭିଯୋଗ କରିଛନ୍ତି। ସଂଗ୍ରହ ପୂର୍ବରୁ ବଜାର ଦର ଓ ବିକ୍ରି ବ୍ୟବସ୍ଥା ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଓ ବିଡିଓଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହେବାର ନିୟମ ରହିଛି। ଏହି ବୈଠକରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀମାନେ ଦର ନିର୍ଦ୍ଧାରଣ କରନ୍ତି। ଅବକାରୀ ବିଭାଗ ପକ୍ଷରୁ କିଣାବିକା ପାଇଁ ଲାଇସେନ୍ସ ଦିଆଯାଇଥାଏ। ନିୟମିତ ଯାଞ୍ଚ କରିବାର ନିୟମ ମଧ୍ୟ ରହିଛି। ହେଲେ ମେ' ମାସ ଦ୍ୱିତୀୟ ବେଳକୁ ମଧ୍ୟ କୌଣସି ବୈଠକ ହୋଇନାହିଁ। ବ୍ୟବସାୟୀମାନେ ସଂଗ୍ରହକାରୀଙ୍କଠାରୁ କେ.ଜି. ପ୍ରତି ୧୫ରୁ ୨୦ ଟଙ୍କାରେ କିଣି ଦେଶୀ ମଦଭାଟିଗୁଡ଼ିକୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ସେହିପରି କେତେ ମହୁଲ ଉତ୍ପାଦନ ହେଉଛି ତାହାର ସଠିକ ତଥ୍ୟ ମଧ୍ୟ ଅବକାରୀ ବିଭାଗ ପାଖରେ ରହୁନାହିଁ। ଏପରି କି ମହୁଲ ଫୁଲ ଏଠାରୁ ରାଜ୍ୟ ବାହାରକୁ ଯଥା ; ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏଥିରେ ଦଲାଲ ତଥା ବ୍ୟବସାୟୀମାନେ ମାଲାମାଲ ହେଉଛନ୍ତି ହେଲେ ପରିଶ୍ରମ କରୁଥିବା ଗୋଟାଳିଙ୍କ ପରିବାର ନିରାଶ ହେଉଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲା କୁଚିଣ୍ଡା, ଜମନକିରା, ରେଙ୍ଗାଲି, ରେଢ଼ାଖୋଲ, ନାକଟିଦେଉଳ, ଝୁଝୁମୁରା, ମାନେଶ୍ୱର ବ୍ଲକରେ ଅଞ୍ଚଳରେ ଅଧିକ ମହୁଲ ଫୁଲ ସଂଗ୍ରହ ହୋଇଥାଏ।



ମହୁଲ ଫୁଲ ସଂଗ୍ରହ କରାଯାଇ ଶୁଖାଯାଇଛି।

### ଏମାନେ ଯାହା କୁହନ୍ତି...

- ରାଜ୍ୟ ବାହାରକୁ ଚାଲାଣ
- ଦଲାଲ, ଭାଟି ମାଲିକ ଲାଭବାନ



"ବଜାର ସୁବିଧା ନ ଥିବାରୁ ବାହାର ବେପାରୀମାନେ କିଣୁଛନ୍ତି। ଖରାପ ଓ ନଷ୍ଟ ହେବା ଭୟରେ ବାଧହୋଇ କମ୍ ଦରରେ ବିକ୍ରି କରିବାକୁ ପଡୁଛି। ତେଣୁ ମହୁଲ ଫୁଲକୁ ସରକାର କିଣନ୍ତୁ ଓ କେ.ଜି. ପ୍ରତି ଅତି କମ୍‌ରେ ୪୦ ଟଙ୍କା ମିଳିବା ଉଚିତ।

-ଗୋଲାପି ଭୋଇ, ଝୁଝୁମୁରା



"କମ୍ ଦରରେ କିଣାଯାଉଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅବକାରୀ ବିଭାଗକୁ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯିବ।

-ଶୁଭମ୍ ସକସେନା, ଜିଲାପାଳ, ସମ୍ବଲପୁର



"ପ୍ରତିବର୍ଷ ସରକାର ଦର ଧାର୍ଯ୍ୟ କରୁ ନ ଥିବାରୁ ଅଭାବୀ ବିକ୍ରିର ଶିକାର ହେବାକୁ ପଡୁଛି। ମହୁଲ ଫୁଲ ଗୋଟାଇବା ପାଇଁ ଦିନକୁ ୪ ଘଣ୍ଟା କାମ କରିବାକୁ ପଡ଼ିଥାଏ। ହେଲେ ପରିଶ୍ରମ ଅନୁସାରେ ଟଙ୍କା ମିଳେନାହିଁ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରୁଛି।

-ଅନିତା ମାଝୀ, କୁଚିଣ୍ଡା



"ମହୁଲ ଫୁଲ ପାଇଁ ସ୍ୱତନ୍ତ୍ର ବଜାର କରିବା ନିୟମ ରହିଛି। ଆର୍‌ଏମ୍‌ସି କିମ୍ବା ସରକାରଙ୍କ କୌଣସି ଅନୁଷ୍ଠାନ ଦ୍ୱାରା କିଣାଯିବା କଥା। ତାହାହେଲ ସଂଗ୍ରହକାରୀମାନେ ବ୍ୟବସାୟୀଙ୍କ ଦ୍ୱାରା ଠକେଇର ଶିକାର ହେବେ ନାହିଁ। ଆମର ୪ଟି ଗଛ ଅଛି। ଭଲ ପରିମାଣର ଫୁଲ ଗୋଟାଇଥାଉ। କେ.ଜି. ପ୍ରତି ୪୫ରୁ ୫୦ ଟଙ୍କା ମିଳିଲେ ଭଲ ହୁଅନ୍ତା।

-ହେମସିନୀ ଠାକୁର, କୁଚିଣ୍ଡା

### ଗ୍ରୀଷ୍ମକାଳୀନ ନୃତ୍ୟ, ଗୀତ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ସମ୍ବଲପୁର,୧୨।୫ (ବ୍ୟୁରୋ)**

ଗ୍ରୀଷ୍ମକାଳୀନ ନୃତ୍ୟ, ଗୀତ ପ୍ରଶିକ୍ଷଣ ଶିବିର ରବିବାର ସନ୍ଧ୍ୟାରେ ଭିଏସ୍‌ଏସ୍ ମାର୍ଗ ନିକଟ ସମ୍ବଲପୁର ଟ୍ରାଇବାଲ ଫୋକ୍ ଆଣ୍ଡ ଆର୍ଟ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଛି। ଏଥିରେ ଲୋକନୃତ୍ୟ ଗୁରୁ ରଣଜିତ ନାଗ, ଦୁଲାରାମ କଲେତ, ଯୋଗଗୁରୁ ଜେ. ଗିରିଜାଦେବୀ, ଓଡ଼ିଶୀ ନୃତ୍ୟଗୁରୁ ସନ୍ଧ୍ୟା ସରକାର ଅତିଥି ଭାବେ ଯୋଗଦେଇଥିଲେ। ନୃତ୍ୟଗୁରୁ ଆଲୋକ ପଣ୍ଡା ଶିବିର ପରିଚାଳନା କରୁଛନ୍ତି। ଜୁନ ୨ ତାରିଖରେ ଶିବିର ଉଦ୍‌ଯାପିତ ହେବ।

### ବର୍ଷା, କୁଆପଥର ମାଡ଼ ଯୋଗୁ ବ୍ୟାପକ ଫସଲ କ୍ଷତି

**ଡୁଙ୍ଗୁରିପାଲି, ୧୨।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ଗ୍ରାମ ପଞ୍ଚାୟତ ଅର୍ନ୍ତଗତ ବଡନୂଆପାଲି ଗ୍ରାମରେ ରବିବାର ଅପରାହ୍ନରେ ପ୍ରବଳ ବର୍ଷା ହେବା ସହିତ କୁଆ ପଥର ମାଡ ହୋଇଥିଲା। ଏଥିଯୋଗୁଁ ଚାଷୀଙ୍କ ବ୍ୟାପକ ଫସଲ ହାନୀ ହୋଇଥିବା ଅଭିଯୋଗ ହୋଇଛି। ଅମଳ ସମୟରେ ବର୍ଷା ସହିତ କୁଆ ପଥର ମାଡ ଯୋଗୁ ଅମଳ ହେବା ଅପେକ୍ଷାରେ ଥିବା ରବିଧାନ କ୍ଷେତରେ ଲୋଟି ଯାଇଛି। ଚାଷୀ ପୌଷ ସାହୁ, ପ୍ରଦୀପ ପଧାନ, ଡୋଳାମଣି ସାହୁ, ରୁଦ୍ରକିଶୋର ସାହୁ, ସଦାନନ୍ଦ ପଧାନ, ଅରୁଣ କୁମାର ସାହୁ, ବିପିନ ସା, ଭୋଜରାଜ ସା ପ୍ରମୁଖ ତାଙ୍କ ଫସଲ କ୍ଷତିଗ୍ରସ୍ଥ ହୋଇଥିବା କହିଛନ୍ତି। ସୋମବାର ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ ରାମପୁର ତହସିଲଦାର ଓ ଚେରୁପାଲି ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି।

## ୨ବର୍ଷର ଅଚଳ ନଳକୂପରୁ ବାହାରିଲା ପାଣି

**ଟିପିଲିମା,୧୨।୫ (ଡି.ଏନ୍.ଏ.)**

ଧରିତ୍ରୀ ପ୍ରଭାବ

ସମ୍ବଲପୁର ଜିଲା କର୍ଡୋଲା ପଞ୍ଚାୟତ ଟିପିଲିମା ପାଏନ ଟାଙ୍କିପଡ଼ାରେ ପ୍ରାୟ ଅଢ଼େଇ ବର୍ଷ ତଳେ ଏକ ନଳକୂପ ଖନନ ହୋଇଥିଲା। ହେଲେ ୬ମାସ ପରେ ନଳକୂପଟି ଅଚଳ ହୋଇଯାଇଥିଲା। ଅନେକ ଅଭିଯୋଗ ପରେ ନଳକୂପ ସଜାଡ଼ିବା ପାଇଁ ପଞ୍ଚାୟତ କର୍ମଚାରୀ ଆସିଥିଲେ ମଧ୍ୟ ସେମାନଙ୍କ ଦ୍ୱାରା ଏହାର ମରାମତି ସମ୍ଭବ ହୋଇ ନ ଥିଲା। ସେମାନେ ବ୍ଲକ ଅଧିକାରୀଙ୍କୁ ଏ ନେଇ ଅଭିଯୋଗ କରିଥିଲେ। ହେଲେ ବ୍ଲକ କର୍ମଚାରୀ ଏହାକୁ ଗୁରୁତ୍ୱ ଦେଇ ଦେଇ ନ ଥିଲେ। ପଡ଼ାବାସୀ ପାଣି ମୁନ୍ଦେ ପାଇଁ ଉହଲବିକଳ ହୋଇ ୱାର୍ଡ ସଭ୍ୟଙ୍କଠାରୁ ଆରମ୍ଭ କରି ସରପଞ୍ଚ, ବ୍ଲକ ଅଧକ୍ଷା, ଆର୍‌ଡବ୍ଲୁଏସ୍‌ଏସ୍, ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଗତ ୧୬ ତାରିଖ 'କେନାଲର ଦୂଷିତ ପାନି ପିଉଛନ୍ ଟିପିଲିମା ପାଏନଟାଙ୍କି ପଡ଼ାବାସୀ' ଶୀର୍ଷକ ଏକ ମତାମତ ଭିତ୍ତିକ ଖବର ପ୍ରକାଶିତ ହୋଇଥିଲା। ଏହାପରେ ବିଭାଗୀୟ ଅଧିକାରୀଙ୍କ ତତ୍ପରତା ପ୍ରକାଶ ପାଇଛି। ବିଳମ୍ବରେ ହେଲେ ବି ନଳକୂପ ମରାମତି ହୋଇଛି। ଏବେ ନଳକୂପରୁ ପାଣି ବାହାରୁଥିବାରୁ ପଡ଼ାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏ ନେଇ ପଡ଼ାର କିଶୋର ବାଗ, କୌଶଲ୍ୟା ନାଏକ, ଶୋଭା ନାଏକ, ପୂର୍ଣ୍ଣିମା ନାଏକ, ସୁରେଖା ବାର୍ଲା ପ୍ରମୁଖଙ୍କ ସମେତ ସମସ୍ତ ପଡ଼ାବାସୀ ଧରିତ୍ରୀକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ

**ସମ୍ବଲପୁର,୧୨।୫ (ବ୍ୟୁରୋ)**

- ନିଆଁରେ ପୋଡ଼ିଯାଇଥିଲେ
- ମୃତଦେହ ଛାଡ଼ି ଯୁବକ ଫେରାର
- ଯୁବତୀଙ୍କ ଘର ଠିକଣା ପାଉନି ପୋଲିସ

ସମ୍ବଲପୁର ଜିଲା ଝୁଝୁମୁରା ଗ୍ରାମରେ ଘର ଭଡ଼ା ନେଇ ଜଣେ ଯୁବକଙ୍କ ସହ ସ୍ୱାମୀସ୍ତ୍ରୀ ଭାବେ ରହୁଥିବା ଜଣେ ଯୁବତୀଙ୍କର ରବିବାର ସକାଳେ ବୁର୍ଲା ଭିମସାରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଯୁବତୀଙ୍କ ନାମ ଠିକ୍ ଭାବେ ଜଣାପଡ଼ିନାହିଁ। କେହି କେହି ତାଙ୍କ ନାମ ରେବତୀ କହୁଥିବାବେଳେ ପୋଲିସ ସୁନୀତା ମାଝି ଏବଂ ତାଙ୍କ ବୟସ ୧୯ବର୍ଷ ବୋଲି କହିଛି। ଯୁବତୀଙ୍କ ମୃତ୍ୟୁ ପରେ ଯୁବକ ଜଣଙ୍କ ମେଡିକାଲରେ ମୃତଦେହ ଛାଡ଼ି ଫେରାର ହୋଇଯାଇଛନ୍ତି। ଯୁବକଙ୍କ ନାମ କୁନା ପ୍ରଧାନ। ତାଙ୍କ ଘର ଦେବଗଡ଼ ଜିଲା ଛେଳିଆମେଣ୍ଢିଆ ଗ୍ରାମରେ ବୋଲି ପୋଲିସ କହୁଛି। ସେ ଡ୍ରାଇଭର ଭାବେ କାର୍ଯ୍ୟ କରିବା ସହ ଝୁଝୁମୁରା ଗ୍ରାମରେ ଭଡ଼ା ନେଇ ରହୁଥିଲେ। କୁନା ଓ ରେବତୀ ସ୍ୱାମୀସ୍ତ୍ରୀ ଭାବେ ରହୁଥିଲେ। ରେବତୀ ନିଆଁରେ ପୋଡ଼ି ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏ ନେଇ ବୁର୍ଲା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ କହିବା ଅନୁଯାରୀ, କୁନା ପରିବାର ଲୋକଙ୍କୁ ଡାକି ଆଣିବାକୁ ଯାଉଛି କହି ମେଡିକାଲରୁ ପଳାଇ ଯାଇଥିଲେ। ସେପଟେ ଯୁବତୀଙ୍କ ଘର ଠିକଣା ମିଳୁ ନ ଥିବାରୁ ପୋଲିସର ଅଡୁଆ ବଢ଼ିଯାଇଛି। କେହି ସମ୍ପର୍କୀୟ ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ନ ହୋଇ ପଡ଼ିରହିଛି। ଅନ୍ୟପକ୍ଷରେ ଉଭୟ ଯୁବତୀ ଓ ଯୁବକଙ୍କ ଠିକ୍ ଠିକଣା ନ ଜାଣି ଘର ମାଲିକ କିପରି ଘର ଭଡ଼ାରେ ଦେଇଥିଲେ ବୋଲି ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୋଲିସ ଓ ସରକାର ଘରଭଡ଼ା ଦେବା ସମୟରେ ଘର ମାଲିକମାନଙ୍କ ପାଇଁ ଅନେକ ନିୟମ ତିଆରି କରିଛନ୍ତି। ହେଲେ ଏଠାରେ ଘର ମାଲିକ ନିୟମ ପାଳନ କରିନାହାନ୍ତି। ଝିଅର ଠିକଣା ଘର ମାଲିକଙ୍କ ପାଖରେ ରହିଥିଲେ ଏବେ ପୋଲିସ ପାଇଁ ଅଡୁଆ ହୋଇ ନ ଥାନ୍ତା। ସେହିପରି ଏମାନଙ୍କ ବିବାହ ହୋଇଛି ନା ଯୁବକଙ୍କ ସହ ଯୁବତୀ ଜଣକ ଘରୁ ପଳାଇ ଆସି ଏଠାରେ ରହୁଥିଲେ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ।

ଅନ୍ୟପଟେ ଝୁଝୁମୁରା ଥାନା ଏଏସ୍‌ଆଇ ଭିକାରୀ ଚରଣ ବେହେରା କହିଛନ୍ତି ଯେ କୁନାଙ୍କ ସହ ସୁନୀତାଙ୍କର ବର୍ଷକ ତଳେ ବିବାହ ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ସୁନୀତା ଦେହରେ ଡିଜେଲ ଢାଳି ନିଆଁ ଲଗାଇ ହୋଇଥିବା ଖବର ପୋଲିସକୁ ମିଳିଥିଲା। କୁନା ରହୁଥିବା ଘର ମାଲିକ ଏ ନେଇ ଫୋନ କରିଥିଲେ। ଗୁରୁତର ଅବସ୍ଥାରେ କୁନା ରେବତୀ ଓରଫ ସୁନୀତାଙ୍କୁ ନେଇ ବୁର୍ଲା ମେଡିକାଲରେ ପହଞ୍ଚିଥିଲେ।

ଏ ସମ୍ପର୍କରେ ଏସ୍‌ପି ସଞ୍ଜୀବ ଅରୋରାଙ୍କୁ ପଚାରିବାରୁ ସେ କହିଲେ, ମୃତଦେହକୁ ୪୮ ଘଣ୍ଟା ରଖାଯିବ। ଝୁଝୁମୁରା ପୋଲିସ ଘଟଣାସ୍ଥଳରୁ ଯାଇ ତଦନ୍ତ କରିବ। କିଭଳି ଓ କେଉଁ ପରିସ୍ଥିତିରେ ଯୁବତୀଙ୍କ ଦେହରେ ନିଆଁ ଲାଗିଲା ତାହାର ତଦନ୍ତ କରାଯିବ। ଯୁବତୀଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରାଯିବ ବୋଲି କହିଥିଲେ ଆରୋରା କହିଛନ୍ତି।

## ବଡ଼ମାଲ ଚର୍ଚ୍ଚରେ ଓରାମ ସମାଜ ମହାସଭା

**ନାକଟିଦେଉଳ,୧୨।୫ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ ବଡ଼ମାଲ ସେଣ୍ଟ ଆନ୍ଥୋନି ଚର୍ଚ୍ଚରେ ରବିବାର ପଶ୍ଚିମ ଓଡ଼ିଶା ଓରାମ ସମାଜର ମହାସଭା ଅନୁଷ୍ଠିତ ହୋଇଛି। ଏଥିରେ ମହାରାଜା ଷ୍ଟାନିସଲାସ ଲାକ୍ରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଆଣ୍ଟୋସ ଟିଗା, ସମ୍ମାନିତ ଅତିଥି ଭାବେ ମହାବିଦ୍ୱାନ ଦୟାକିଶୋର ମିଞ୍ଜ, ମହା ସେକ୍ରେଟାରି ମିଖାଏଲ ଲାକ୍ରା, ଉପଦେଷ୍ଟା ସିକନ୍ଦର ଲାକ୍ରା, ସ୍ଥାନୀୟ ସରପଞ୍ଚ ଅମ୍ରିତ ପାନ୍ନା, ଆଞ୍ଜୁଲୁସ ଲାକ୍ରା, ଫାଦର ଯୁଗଳ କିଶୋର ହରୋ, ଓରାମ ଫାଦର ଅନୀଲ ଖାଲକୋ ପ୍ରମୁଖ ଯୋଗଦେଇଥିଲେ। ଏଥିରେ କୁଡୁକ ସମାଜର ରୀତିନୀତି, ଶିକ୍ଷା ବ୍ୟବସ୍ଥା ଏବଂ କୁସଂସ୍କାର ସମ୍ପର୍କରେ ଆଲୋଚନା ହୋଇଥିଲା। ସମାଜର କିପରି ଉନ୍ନତି ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ପରସ୍ପର ମଧ୍ୟରେ ଭ୍ରାତୃଭାବ ଏବଂ ସୌହାର୍ଦ୍ୟପୂର୍ଣ୍ଣ ମନୋଭାବ ରଖିବା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପାରିସ ରାଜା ଗ୍ରେଗୋରି ଲାକ୍ରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ମାଇକେଲ ଲାକ୍ରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପାରିସରୁ ୧୦ଟି ସାଂସ୍କୃତିକ ଦଳ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ବଡ଼ମାଲ ଦଳ ପ୍ରଥମ, ସମ୍ବଲପୁର ଦ୍ୱିତୀୟ ଏବଂ ମଝାପଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବେନେଦିକ ଲାକ୍ରା ଏବଂ ସୁମିତ କୁମାର କୁଜୁର ମଞ୍ଚ ପରିଚାଳନା କରିଥିଲେ। ଜୁଲିୟସ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ମହାସଭାରେ ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ବରଗଡ଼ ଏବଂ ସୁବର୍ଣ୍ଣପୁର ଜିଲାର ସହସ୍ରାଧିକ ଖ୍ରୀଷ୍ଟ ଧର୍ମାବଲମ୍ବୀ ଯୋଗଦେଇଥିଲେ।




ଜିଲାସ୍ତରୀୟ କ୍ରିକେଟ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ, ଅତିଥିଙ୍କ ସହ ଖେଳାଳିମାନେ।

## ଜିଲାସ୍ତରୀୟ କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ସମ୍ବଲପୁର,୧୨।୫ (ବ୍ୟୁରୋ)**

ଜିଲା କ୍ରୀଡ଼ା ସଂଘ ଆୟୋଜିତ ୧୬ ବର୍ଷରୁ କମ୍ ଜିଲାସ୍ତରୀୟ କ୍ରିକେଟ ପ୍ରଶିକ୍ଷଣ ଶିବିର ରବିବାର ସକାଳେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରତିଦିନ ସକାଳ ସାଢ଼େ ୫ଟାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଆସନ୍ତା ୨୬ ତାରିଖରେ ଶିବିର ଉଦ୍‌ଯାପିତ ହେବ। ଶିବିରରେ ଜିଲାର ବିଭିନ୍ନ ସ୍କୁଲ ଓ କ୍ଲବର ଖେଳାଳିମାନେ ସାମିଲ ହୋଇଛନ୍ତି। ଏଥିରେ ଡା. ଦିଲୀପ କୁମାର ନନ୍ଦ, କାଉନସିଲ ସଭ୍ୟ ବିକାଶ ମିଶ୍ର ଓ ସୟଦ ଜିନ୍ଦା, ଅମନ ସାହୁ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ କ୍ରିକେଟ ଖେଳର ବିଭିନ୍ନ କୌଶଳ ବିଷୟରେ ପ୍ରଶିକ୍ଷଣ ଦେଉଛନ୍ତି।


## ଫଟୋରେ ଖବର



ପ୍ରଚଣ୍ଡ ଖରାକୁ ଖାତିର ନ କରି ରବିବାର ସମ୍ବଲପୁର ଅଇଁଠାପାଲି ଛକରେ ତାଳପତ୍ରରେ ନିର୍ମିତ ଅସ୍ଥାୟୀ ଛାମୁଣ୍ଡିଆ ତଳେ କର୍ତ୍ତବ୍ୟରତ ଦୁଇ ଟ୍ରାଫିକ କର୍ମଚାରୀ।



ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡ଼ିଆଠାରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ମିନାବଜାର ପ୍ରସ୍ତୁତ କରାଯାଉଛି।



ପ୍ରଚଣ୍ଡ ଖରା ସତ୍ତ୍ୱେ ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡ଼ିଆଠାରେ ୨ ଶ୍ରମିକ ମୀନାବଜାର ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ମୃତ, ଜଣେ ଗୁରୁତର

**ଖୋର୍ଦ୍ଧା ଅଫିସ,୧୨।୫:** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ରାମେଶ୍ୱର ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ସମେତ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ନୟାଗଡ ଜିଲା ଓଡ଼ଗାଁ ଥାନା ଓଡ଼ଗାଁ ଲକ୍ଷ୍ମୀବଜାରର ଦୀପକ କୁମାର ସାମନ୍ତରାୟ(୨୪) ଓ ଆଖୁପଦର ଗାଁର ପ୍ରତାପ ଖିଲାର(୨୪)। ଆହତ ହେଲେ ଓଡ଼ଗାଁର ବିକାଶ ମହାପାତ୍ର(୨୫)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ନଂ. ୮୦/୧୯ରେ ମାମଲା ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୋଲିସ ଜବତ କରିଛି। ପୋଲିସ ସୂଚନା ମୁତାବକ, ଓଡ଼ଗାଁରୁ ଦୀପକଙ୍କ ସାଙ୍ଗରେ ପ୍ରତାପ ଓ ବିକାଶ ବାଇକ୍ ଯୋଗେ ପୁରୀ ଯାଉଥିଲେ। ୧୬ ନଂ. ଜାତୀୟ ରାଜପଥରେ ଯାଉଥିବାବେଳେ ରାମେଶ୍ୱର ଛକଠାରେ ଏକ ଗାଡି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ବାଇକ୍ ରାସ୍ତାକଡରେ ଥିବା କିଲୋମିଟର ଖୁଣ୍ଟକୁ ଧକ୍କା ଦେଇ ଛିଟିକି ପଡିଥିଲା।

### ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ

**ଧାମନଗର,୧୨।୫(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ପଚ୍ଛାଲୋ ଗ୍ରାମର ବସନ୍ତ ଜେନା (୬୫)ଙ୍କର ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ଧୂଷୁରୀ ଥାନାରେ ଅଭିଯୋଗ ହୋଇଛି । ଶନିବାର ବସନ୍ତ ବିଲକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ବିଲରେ ପଡିଥିବା ଖବର ପାଇ ଉଦ୍ଧାର କରିଥିଲେ।

# ବାଲ୍ୟ ବିବାହ ରୋକିଲା ପ୍ରଶାସନ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୧୨।୫(ଡି.ଏନ୍.ଏ.)**

■ବର-କନ୍ୟା ପରିବାର ଲୋକେ ଫେରାର
■କନ୍ୟା ବେଶରେ ନାବାଳିକା ଉଦ୍ଧାର
■ବର ବଡ଼ଭାଇ ଅଟକ

ଝାରସୁଗୁଡ଼ା ଏଚ୍.କଣ୍ଟାପାଲି ଗ୍ରାମରେ ରବିବାର ହେବାକୁ ଥିବା ଜଣେ ନାବାଳିକାଙ୍କ ବିବାହକୁ ପ୍ରଶାସନିକ ଅଧିକାରୀମାନେ ଭଣ୍ଡୁର କରିଛନ୍ତି। ପ୍ରସ୍ତାବିତ ବାଲ୍ୟ ବିବାହ ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ ବିବାହର କିଛି ସମୟ ପୂର୍ବରୁ ଅଧରକାରୀମାନେ ପୋଲିସ ସହ ଗ୍ରାମର ମକରଧ୍ୱଜ ସାହୁଙ୍କ ଘରେ ଚଢ଼ାଉ କରି ଏହାକୁ ରୋକିଥିଲେ। ତେବେ ବର ଓ କନ୍ୟାଘର ଲୋକେ ଫେରାର ହୋଇଯାଇଥିଲେ। ଅଧିକାରୀମାନେ କନ୍ୟା ବେଶରେ ସଜ୍ଜିତ ହୋଇଥିବା ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ଏଥିସହ ବର ପ୍ରଦୀପ ଦାସଙ୍କ ବଡ଼ଭାଇ ଦୀପକ ଦାସଙ୍କୁ ବିଟିଏମ୍ ଫାଣ୍ଡି ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ନାବାଳିକାଙ୍କୁ ସିଡବ୍ଲୁସି ତତ୍ତ୍ୱାବଧାନରେ ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଛି। କାଉନସେଲିଂ (ବୁଝାଶୁଝା) ପାଇଁ ଉଭୟ ପରିବାରକୁ ସୋମବାର ଡକାଯାଇଛି। ନାବାଳିକାଙ୍କୁ ବିଭାଗୀୟ ଅଧିକାରୀମାନେ ପଚରାଉଚୁରା ବେଳେ ଜଣାପଡ଼ିଛି ଯେ ବଲାଙ୍ଗୀର ଜିଲାର ସମ୍ପୃକ୍ତ ନାବାଳିକା ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଦେଇଥିଲେ। ପାଠ ପଢ଼ିବା ପାଇଁ ତାଙ୍କର ଇଚ୍ଛା ଥିଲା। ହେଲେ ତାଙ୍କ ମାଆ ଜଣେ ସମ୍ପର୍କୀୟଙ୍କ ସହିତ ତାଙ୍କର ବିବାହ କରିବା ପାଇଁ ବାଧ କରିଥିଲେ। ଫଳରେ



ଅଧିକାରୀମାନେ ନାବାଳିକାଙ୍କୁ ଉଦ୍ଧାର କରୁଛନ୍ତି।

ନାବାଳିକା ନିରୂପାୟ ହୋଇ ପରିବାର ଲୋକଙ୍କ କଥାରେ ରାଜି ହୋଇଥିଲେ ବୋଲି ନାବାଳିକା ପୋଲିସ ନିକଟରେ କହିଛନ୍ତି। ଶନିବାର ଝାରସୁଗୁଡ଼ା ଚାଇଲ୍ଡ ଲାଇନ୍‌କୁ ଏକ ଫୋନ୍ କଲ୍ ଆସିଥିଲା। ବେଲପାହାଡ଼ ଜୁନାଡିହି ଗ୍ରାମ ରାଧାକୃଷ୍ଣ ମନ୍ଦିରରେ ରବିବାର ସକାଳେ ଏକ ବାଲ୍ୟ ବିବାହ ହେବାକୁ ଯାଉଛି ବୋଲି ଫୋନ୍ କରିଥିବା ବ୍ୟକ୍ତି କହିଥିଲେ। ଚାଇଲ୍ଡଲାଇନ୍ ଜିଲା ସଂଯୋଜକ ଆଶିଷ ପଣ୍ଡା ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ କଲ୍ୟାଣ ସମିତି ଓ ବେଲପାହାଡ଼ ଥାନାକୁ ଏ ସମ୍ପର୍କରେ ଜଣାଇଥିଲେ। ରବିବାର ସକାଳ ୯ଟାରେ ଅଧିକାରୀମାନେ ପୋଲିସ ସହ ଜୁନାଡିହି ରାଧାକୃଷ୍ଣ ମନ୍ଦିରରେ ପହଞ୍ଚିଥିଲେ। ତେବେ ସେଠାରେ କୌଣସି ବିବାହ ହେଉ ନ ଥିବା ସେମାନେ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଗ୍ରାମରେ ପଚରାଉଚୁରା କରିବାରୁ ଜଣାପଡ଼ିଲା ଯେ ପ୍ରଦୀପଙ୍କ ବିବାହ ଗାଁ ମନ୍ଦିରରେ ହେବାର ଥିଲା। କିନ୍ତୁ ସେଠାରେ ନ ହୋଇ ଅନ୍ୟ ସ୍ଥାନରେ ହେଉଛି ବୋଲି ପ୍ରଶାସନିକ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ପୋଲିସ ପ୍ରଦୀପଙ୍କ ଘରକୁ ଯାଇଥିଲେ ମଧ୍ୟ ସେଠାରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ପୋଲିସ ତଦନ୍ତ କରି ପ୍ରଦୀପଙ୍କ ବିବାହ ତାଙ୍କ ମାମୁଘର ଗାଁ ଏଚ୍.କଣ୍ଟାପାଲିରେ ହେଉଥିବା ଜାଣିବାକୁ ପାଇଥିଲା। ଫାଣ୍ଡି ଅଧିକାରୀ ସୁଚୀସ୍ମିତା ମହାନ୍ତିଙ୍କ ସହ ବିଭାଗୀୟ ଅଧିକାରୀମାନେ ଗ୍ରାମରେ ପହଞ୍ଚି ମକରଧ୍ୱଜ ସାହୁଙ୍କ ଘରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ତେବେ ଗ୍ରାମକୁ ପୋଲିସ ଆସୁଥିବା ସମ୍ପର୍କରେ ପୂର୍ବ ସୂଚନା ପାଇ ବର ଓ କନ୍ୟା ପରିବାର ଲୋକେ ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ, ଉଦ୍ଧାର ନାବାଳିକା ଜଣକ ସମ୍ପର୍କରେ ପ୍ରଦୀପଙ୍କ ପିଉସୀ ଝିଅ ଭଉଣୀ। ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଲଖନପୁର ସିଡିପିଓ ଆରତୀ ଯୋଶୀ, ଶିଶୁ କଲ୍ୟାଣ ସମିତି ସଦସ୍ୟା ଅହଲ୍ୟା ନାଏକ ଓ ଝରଣା ଦୀପ ପ୍ରମୁଖ ସାମିଲ ଥିଲେ।

# ଅସହ୍ୟ ତାତି, ପାରଦ ଛୁଇଁଲା ୪୪ ଡିଗ୍ରୀ

**ବେଲପାହାଡ଼,୧୨।୫(ଡି.ଏନ୍.ଏ.)**

### ବଢୁଛି ପାନୀୟ ଜଳ ସମସ୍ୟା

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ଗତ ସପ୍ତାହ ହେଲା ପ୍ରବଳ ଗରମ ଅନୁଭୂତ ହେଉଛି। ସକାଳ ୯ଟାରୁ ତାତି ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ନିସ୍ତାର ମିଳୁନାହିଁ। ସହରର ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହୁଛି। ରବିବାର ଏଠାରେ ସର୍ବାଧିକ ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇଛି। ତାପମାତ୍ରା ବୃଦ୍ଧି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରଚଣ୍ଡ ତାତି ଯୋଗୁ ବ୍ୟବସାୟ ମାନ୍ଦା ପଡ଼ିଛି। ସାପ୍ତାହିକ ହାଟଗୁଡ଼ିକରେ ମଧ୍ୟ ଗହଳି ଦେଖାଯାଉନାହିଁ। ତାତି ବଢ଼ିବା ସହ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ବଢ଼ିବାରେ ଲାଗିଛି। ସହରର ଅଧିକାଂଶ ୱାର୍ଡରେ ମାଳମାଳ ନଳକୂପ ରହିଥିଲେ ମଧ୍ୟ ୯୦ ପ୍ରତିଶତ ନଳକୂପରୁ ଆଇରନ୍‌ମିଶା ପାଣି ବାହାରୁଛି। ଫଳରେ ଲୋକେ ପାନୀୟ ଜଳ ଟୋପେ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳାଭାବ ଅଞ୍ଚଳରେ ପାନୀୟ ଜଳ ପହଞ୍ଚାଇବା ପାଇଁ ପୌର ପରିଷଦ ପକ୍ଷରୁ ୧୦ରୁ ଅଧିକ ଟ୍ୟାଙ୍କର ନିୟୋଜିତ କରାଯାଉଛି। ତଥାପି ନିୟମିତ ଟ୍ୟାଙ୍କର ଆସୁ ନ ଥିବାରୁ ଲୋକେ ପାଣି ପାଉ ନ ଥିବା ଅଭିଯୋଗ କରୁଛନ୍ତି। କେତେକ ୱାର୍ଡରେ ନଳକୂପ ଅଚଳ ପରେ ଶ୍ରୀଘ୍ର ମରାମତି ହେଉ ନ ଥିବା ଅଭିଯୋଗ ଉଠୁଛି। ଗୁମାଡେରା ହନୁମାନ ମନ୍ଦିର ନିକଟରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାପିତ ନଳକୂପ ପ୍ରତିବର୍ଷ ଖରାଦିନେ ବାରମ୍ବାର ଅଚଳ ହେଉଛି। ମାତ୍ର ଏଥିପାଇଁ ବିଭାଗ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ। ରବିବାର ପୁଣି ଏହି ନଳକୂପ ଅଚଳ ହୋଇଯାଇଥିବାରୁ ଗୁମାଡେରା ମୁଖ୍ୟ ବଜାରକୁ ସଂଯୋଗ ହୋଇଥିବା ପାଇପ୍ ଲାଇନ ଯୋଗେ ଷ୍ଟାଣ୍ଡପୋଷ୍ଟଗୁଡ଼ିକୁ ପାଣି ପହଞ୍ଚି ପାରୁନାହିଁ। ସେହିପରି ବେଲପାହାଡ଼ ଫାଟକ ଯାତ୍ରୀ ପ୍ରତୀକ୍ଷାଳୟ ନିକଟରେ ସ୍ଥାପିତ ଶୀତଳ ଜଳ ପ୍ରକଳ୍ପ ଠିକ୍ ଭାବରେ କାମ କରୁ ନ ଥିବାରୁ ଥଣ୍ଡା ପାଣି ବାହାରିବା ବଦଳରେ ଉଷୁମ ପାଣି ବାହାରୁଛି। ଏଥିଯୋଗୁ ଯାତ୍ରୀ ଓ ପଥଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ବିଭିନ୍ନ ସ୍ଥାନରେ ଦେଖାଯାଇଥିବା ପାନୀୟ ଜଳ ସମସ୍ୟା ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅଚଳ ନଳକୂପଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ ଚାଲିଛି। ପ୍ରତିଦିନ ୧୮ ଟ୍ୟାଙ୍କର ଯୋଗେ ପ୍ରାୟ ୧ ଲକ୍ଷ ଲିଟର ଲେଖାଏଁ ପାନୀୟ ଜଳ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆର୍ଥିକ ସହାୟତା

**କର୍ଲାମୁଣ୍ଡା,୧୨।୫ (ଡି.ଏନ.ଏ.)**

ଓଡିଶାରେ ଫନୀ ବତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟରେ ସହାୟତା ପାଇଁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ରାଶି ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ଦାସ, ଫାର୍ମାଶିଷ୍ଟ ପବିତ୍ର କୁମାର ରଣା ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବନଲତା ଦେବୀଙ୍କ ଜରିଆରେ ପ୍ରଦାନ କରିଥିଲେ।

## ଫଟୋରେ ଖବର



ରବିବାର ସମ୍ବଲପୁର ଜିଲା ନକ୍ସାପାଲିଠାରେ ଆୟୋଜିତ ଚବିଶ ପ୍ରହର ନାମଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଉଛି ।

■ ମାତିଛନ୍ ଜଂଗଲି ବର୍‌ହା, ଉଜାଡୁଛନ୍ ଫସଲ

# ମଚାନ୍ ବାଁଧି ଫସଲ ଜୁଗିଛେ ଚାଷୀ

**ବିନିକା, ୧୨।୫(ଡି.ଏନ୍.ଏ.)**

ବିନିକା ବ୍ଲକ ଅଂଚଲରେ ଏହେଦେ ଚାଷୀ ରବିଧାନ ଫସଲ କରିଛନ୍। ଫସଲ ଅମଲ କରବାର ସମିଆ ପାଖେଇ ଆଏଲାନ, ଧାନ ମଥା ନଇଁ ଲପ୍‌ଲପେଇ ଯାଉଛେ। ଅଂଚଲର ଚାଷୀ ଇଥର ଭଲ ଅମଲ ହେବାର ଆଶ୍ ବାଁଧି ବସିଛେ। ହେଲେ ଏନ୍‌ତାଥି ଦାଉ ସାଧୁଛନ୍ ଜଂଗଲି ବର୍‌ହା। ବିନିକା ବ୍ଲକର ସିଂଘିଯୁବା, ଜାମପାଲି, ପାପି, ଭଣ୍ଡାର, ସର୍ଗୁଣା, କଦଲୀପାଲି, ଅମରପାଲି, ଅନ୍ତର୍ଡ଼ା, ମହୁଲପାଲି ଚରଦା, ବାଞ୍ଜିପାଲି, ସିଆଲଜୁରୀ, ନକ୍‌ଟାମୁଣ୍ଡା, ପଥରଖଣ୍ଡି, ମହଦା, ସିଆଲି, ଅମାମୁଣ୍ଡା ମଉଜାମାନକେ ଜଂଗଲି ବର୍‌ହା ମାତିଛନ୍। ବର୍‌ହା ଧାନ୍‌ଖେତ୍‌କେ ପସି ମଡ଼ାଦଲା କରବାର ସଂଗେ ଫସଲ ଉଜାଡ଼ି ଦେଉଛନ୍। ଇଥିରଲାଗି ଫିଦିନ ଚାଷୀକର ବଡ଼ଭାରି ନୁକ୍‌ସାନ ହେଉଛେ। ଅନେକ ଜାଗାରେ ଚାଷୀ ଖେତ୍‌ମାନକେ ମଚାନ୍ ବାଁଧି ଦିନ୍‌ରାଏତ୍ ବର୍‌ହା ଖେଦ୍‌ବାର ଲାଗି ଜୁଗିରହିଛନ୍। ବିଭାଗୀୟ ଅଧିକାରୀମାନକୁ ଇ ବାବ୍‌ଦେ ଯେତେ କହେଲେ ନାଇଁ ଶୁନୁଥିବାର ଚାଷୀ ମହଲରୁ ଅଭିଯୋଗ ହେଉଛେ। ଗଲା ଖରିଫ୍‌ରେ ବି ବର୍‌ହା ଉପଦ୍ରବରେ ଅନେକ ଚାଷୀକର ଫସଲ ଖରାପ ହେଇଥିଲା। ହେଲେ ଯେନ୍‌ହିସାବେ ଚାଷୀକର କ୍ଷତି ହେଇଥିଲା ସେ ହିସାବେ କ୍ଷତିପୂରନ ନାଇଁମିଲି। ଗଲା ଖରିଫ୍‌ରେ ବର୍‌ହା ଉପଦ୍ରବର କ୍ଷୟକ୍ଷତି ବାବ୍‌ଦେ ୫ରୁ ୬ ଏକର ପଟ୍ଟାଧାରୀ ଚାଷୀକୁ ୯ଶହରୁ ୧୨ଶହ ଟଁକା ତକ୍ ମିଲିଥିଲା। ଯେନ୍‌ଟା ଚାଷୀର କ୍ଷତିର ୫ ଭାଗ୍ ବି ଭରନା ନାଇଁ ହେଇପାରି। ବିନିକା ଅଂଚଲର ଚାଷୀ ଗୁଟେ ପରେ ଗୁଟେ ଅସବିଧାର ସାମନା କରୁଛନ୍। କେତେବେଲେ ପାଏନ୍ ଅଭାବୁ ଚାଷ୍ ମରୁଛେ ତ ଆର କେତେବେଲେ ରୋଗ୍‌ପୋକ୍, ଜଂଗଲି ବର୍‌ହାକର ଉତ୍‌ପାତରେ ଫସଲ ମାଡ଼ ଖାଉଛେ। ଏହେଦେ ରବିଧାନ ଫସଲ ଅମଲ ହେବାର ପାସ ପାସ ହେଲାନ। ଇ ସମିଆରେ ଜଂଗଲ ତରାମାନକେ ଥିବାର ଗାଁମାନ୍‌କେ ଜଂଗଲି ବର୍‌ହା ଚାଷୀକର ଫସଲ ଉଜାଡୁଛନ୍। ବେଲବୁଡ଼ଲେ ଦଲ ଦଲ ବର୍‌ହା ଖେତ୍‌ମାନକୁ ପସି ଫସଲ ମାଡ଼ିଦଲି କେଚ୍‌କେଚା କରିପକଉଛନ୍। ଏନ୍‌ତାଥି ଫସଲର ବଡ଼ଭାରି ନୁକ୍‌ସାନ ହେଉଥିବାର ଚାଷୀମାନେ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଚାଷୀ ବିଦ୍ୟାଧର ସାହୁଙ୍କୁଁ ପଚରାଲାରୁ ଫିବଛର ଧାନ ଫସଲ ଅମଲ କରବାର ଆଗ୍‌ରୁ ଜଂଗଲି ବର୍‌ହା ଉପଦ୍ରବ କରୁଛନ୍। ଖରିଫ୍ ଆର ଡାଲୁଅ ଦୁଇ ଫସଲରେ ବର୍‌ହାକର ଉପଦ୍ରବରେ ବଡ଼ଭାରି ନୁକ୍‌ସାନ ହେଉଛେ। ହେଲେ ଚାଷୀ ସେ ହିସାବେ କ୍ଷତିପୂରନ ନାଇଁ ପାଏବାର। ସରକାରୀ ନିୟମ ହିସାବେ ଚାଷୀକୁ ୧୫ ଦିନ୍ ଭିତରେ କ୍ଷତିପୂରନ୍ ଯୁଗେଇ ଦେବାର କଥା, ହେଲେ କିଏ କାହାକେ ପଚରଉଛେ ବଲି ସେ କହିଥିଲେ। ସେନ୍‌ତା ଚାଷୀ ଚୌବନ ସାହୁକେ ପଚରାଲାରୁ ଫିବଛର ଇ ଜଂଗଲି ବର୍‌ହାକର ଉତ୍‌ପାତ୍ ଗୁଟେ ମୁଡ୍‌ଦୁଖା ହେଇଗଲାନ ଆଗିଆଁ। ଯାହାକେ କହେଲେ କେହି ନାଇଁ ଶୁନବାର। ଗଲା ବଛର୍ ହେଇଥିବାର କ୍ଷୟକ୍ଷତିର ଟଁକା ଆଏଜ୍‌ଯାଏ ନୂହେମିଲେ। ଧାନ୍ ଅମଲ କରବାର ଆଗ୍‌ରୁ ଖେତେ ମଚାନ୍ ବାଁଧି ଦିନ୍‌କେ ରାଏତ୍ ଜୁଗବାକେ ପଡୁଛେ ବଲି ସେ କହିଥିଲେ। ଇ ଦିଗେ ବନବିଭାଗ ଦୁରୁଷ୍ଟି ଦେଇ କ୍ଷତିଗ୍ରସ୍ତ ଚାଷୀକୁ ଚିନ୍‌ହଁଟ କରବାର ସଂଗେ ଯେତେ ଜଲଦି ହେବା କ୍ଷତିପୂରନ ଯୁଗେଇ ଦେବାକେ ଅଂଚଲର ଚାଷୀମାନେ ଦାବି କରିଛନ୍।



ବର୍‌ହା ଉପଦ୍ରବ ଲାଗି ମଚାନ୍ ବାଁଧି ଦୁଇଝନ୍ ଚାଷୀ ଫସଲ ଜୁଗିଛନ୍।


■ଏଟିଏମ୍‌କୁ ଟଙ୍କା ନେଉଥିବା ଗାଡ଼ିକୁ ବୋମାମାଡ଼

# ୨ ଗୁରୁତର, ଲୁଟି ନେଲେ ୯୪ ହଜାର


**ବେଗୁନିଆ,୧୨।୫ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ରବିବାର ଅପରାହ୍ନରେ ଏଟିଏମ୍‌କୁ ଟଙ୍କା ନେଇ ଯାଉଥିବା ଏକ ଗାଡି ଉପରକୁ କେତେଜଣ ଦୁର୍ବୃତ୍ତ ବୋମାମାଡ କରିଛନ୍ତି। ଏଥିରେ ୨ ଜଣ ଗୁରୁତର ଆହତ ହୋଇଥିବା ବେଳେ ଗାଡିରେ ଥିବା ବାକ୍ସରୁ ୯୪ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ପଳାଇ ଯାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ହେଲେ ଦୁର୍ବୃତ୍ତମାନଙ୍କ କୌଣସି ସନ୍ଧାନ ପାଇ ପାରିନାହିଁ। ଏଟିଏମ୍ କାଉଣ୍ଟରଗୁଡିକରେ ଟଙ୍କା ବୋଝେଇ କରି ଏକ ଗାଡି ନଂ. ଓଆର ୦୨ ବି କ୍ୟୁ ୬୧୯୦ ଯୋଗେ ୨ ଜଣ କର୍ମଚାରୀ, ଜଣେ ଚାଳକଙ୍କ ସହ ସୁକ୍ୟୁରିଟି ଗାର୍ଡ କଳାପଥର ପଟୁ ଖୋର୍ଦ୍ଧା ଅଭିମୁଖେ ଫେରୁଥିଲେ। ବାଘମାରୀ-କଣ୍ଟିଲୋ ରାସ୍ତା ଅଧୀନ ଗୋବିନ୍ଦପୁର ଛକ ନିକଟରେ ଅପରାହ୍ନ ସାଢେ ୪ଟାରେ ୬ ଜଣ ଦୁର୍ବୃତ୍ତ ମୁହଁରେ କଳା କପଡା ବାନ୍ଧି ୩ଟି ବାଇକ୍ ଯୋଗେ ପିଛା କରିଥିଲେ। ସେମାନେ ଟଙ୍କା ବୋଝେଇ ଗାଡିର ପଛ ପଟୁ ଗୁଳିମାଡ କରିଥିଲେ। ହେଲେ ଚାଳକ ଜଣଙ୍କ ଗାଡିଟିକୁ ଦ୍ରୁତଗତିରେ ଚଳାଇଥିଲେ। ଦୁର୍ବୃତ୍ତମାନେ ଗାଡିକୁ ଅତିକ୍ରମ କରି ଆଗପଟୁ ଚାଳକଙ୍କୁ ଗୁଳିମାଡ କରିଥିଲେ। ଫଳରେ ଗାଡିଟି ଅଟକି ଯାଇଥିଲା। ପରେ ଗାଡିରେ ବସିଥିବା ସିକ୍ୟୁରିଟି ଗାର୍ଡଙ୍କ ଉପରକୁ ଗୋଟିଏ ବୋମାଗାଡ କରିଥିଲେ। ଅଥଚ ବୋମାଟି ଲକ୍ଷ୍ୟଭ୍ରଷ୍ଟ ହୋଇ ଗାଡ କାଚରେ ବାଜିଥିଲା। ଘଟଣାସ୍ଥଳରେ ଦୁର୍ବୃତ୍ତମାନେ ଅନ୍ୟମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ପରେ ବାକ୍ସରୁ ୯୪ ହଜାର ଟଙ୍କା ଲୁଟି ନେଇ ବେଗୁନିଆ ଆଡେ ପଳାଇ ଯାଇଥିଲେ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ଗୁରୁତର ଆହତ ହୋଇଥିବା ଚାଳକ ପ୍ରଭୁଦତ୍ତ ପରିଡା ଏବଂ ସିକ୍ୟୁରିଟି ଗାର୍ଡ ସନ୍ତୋଷ କୁମାର ପଣ୍ଡାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ଅନ୍ୟ ୨ କର୍ମଚାରୀ ବିଜୟ କୁମାର ପଡିଆରୀ ଏବଂ ଲକ୍ଷ୍ମୀଧର ପରିଡାଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଖବର ଲେଖା ଗଲାବେଳକୁ ଥାନାରେ କୌଣସି ମାମଲା ହୋଇ ନ ଥିବା ଜଣାପଡିଛି।

## ଫଟୋରେ ଖବର



ଗ୍ରୀଷ୍ମର ପ୍ରକୋପରେ ଜଳାଭାବ ଦେଖା ଦେଇଥିବାବେଳେ ରାଉରକେଲା ଶୀତଳପଡ଼ାରେ ପିଲାଙ୍କ ପାଣି ସଂଗ୍ରହ।



ରାଉରକେଲା ସେକ୍ଟର-୨୨ ଅଞ୍ଚଳରେ ତାଳସଜ ପସରା।



ସମ୍ବଲପୁରରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ୨ଜଣ ବାଳକ ମହାନଦୀ ବାଲିବନ୍ଧା ଘାଟରେ ଗାଧୋଉଛନ୍ତି ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



## ସଂକ୍ଷେପରେ

### ନଦୀରେ ବୁଡ଼ି ଛାତ୍ର ମୃତ

**ଆଳି,୧୨।୫(ଡି.ଏନ.ଏ.):** ଜଣେ ଆତ୍ମୀୟଙ୍କ ଶୁଦ୍ଧିକ୍ରିୟା ପାଇଁ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ନଦୀରେ ବୁଡ଼ି ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଆଳି ଥାନା ଅଧୀନ ଅରଗଳ ଗ୍ରାମରେ। ମୃତ ଛାତ୍ର ଜଣଙ୍କ ହେଲେ ଅରଗଳ ଦାସଙ୍କ ପୁଅ ସିପୁନ(୧୫)। ଘଟଣା ମୁତାବକ, ଗ୍ରାମର ଡମ୍ବରୁଧର ଦାସଙ୍କ ସ୍ତ୍ରୀ ଭାରତୀଙ୍କ ଶୁଦ୍ଧିକ୍ରିୟା ପାଇଁ ଆତ୍ମୀୟମାନେ ଖରସ୍ରୋତା ନଦୀକୁ ଯାଇଥିଲେ। ଶୁଦ୍ଧିକ୍ରିୟା ସରିବା ପରେ ସିପୁନ ଅନ୍ୟ ଦୁଇଜଣଙ୍କ ସହ ନଦୀରେ ଗାଧୋଉଥିବା ବେଳେ ଗଭୀରକୁ ଚାଲିଯାଇଥିଲେ। ଅନ୍ୟ ଦୁଇଜଣ ପହଁରି ପହଁରି କୂଳକୁ ଚାଲି ଆସିଥିଲେ ହେଁ ସିପୁନ ଗଭୀର ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ଖୋଜାଖୋଜି ପରେ ଜାଲ ପକାଇ ସିପୁନଙ୍କୁ ଉଦ୍ଧାର କରାଯାଇଥିଲା। ସଙ୍ଗେସଙ୍ଗେ ତାଙ୍କୁ ନିକଟସ୍ଥ କଣ୍ଡିଆ ମେଡିକାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଳି ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସିପୁନ ସ୍ଥାନୀୟ ଏଡିଏମ ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଥିଲେ।

### ଜଳସେଚିତ ଅଞ୍ଚଳରେ ଦାଦନ ଦୁଃଖ

# ଘରକୁ ଫେରିଲା ଶ୍ରମିକଙ୍କ ମୃତଦେହ

**ଭେଡ଼େନ, ୧୨।୫(ଡ଼ି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳ ସମ୍ପୂର୍ଣ୍ଣ ଜଳସେଚିତ ଅଞ୍ଚଳ ହୋଇଥିଲେ ମଧ୍ୟ ଏହି ଅଞ୍ଚଳର ଶ୍ରମଜୀବୀମାନେ ଅନ୍ୟ ରାଜ୍ୟକୁ ଦାଦନ ଶ୍ରମିକଭାବେ କାମ କରିବାକୁ ଯାଉଛନ୍ତି। ସେଠାରେ ନିର୍ଯାତନ ଭୋଗିବା ସହ ମୃତ୍ୟୁମୁଖରେ ପଡୁଛନ୍ତି। ଏପରି ଏକ ଘଟଣାକ୍ରମରେ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିରେ କାମ କରୁଥିବା ଏହି ଅଞ୍ଚଳର ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ତାଙ୍କ ମୃତଦେହ ଆସି ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ମୃତ ଶ୍ରମିକ ହେଲେ ବ୍ଲକ ଅନ୍ତର୍ଗତ କୁଶନପୁରୀ ଗ୍ରାମର ମେଙ୍ଗରାଜ ସୁନା(୫୦)।

ସୂଚନା ଅନୁସାରେ, ମେଙ୍ଗରାଜଙ୍କ ପରିବାର ଗ୍ରାମର ଅନ୍ୟ ଚାରି ପରିବାରର ସଦସ୍ୟଙ୍କ ସହ ଗତବର୍ଷ ନଭେମ୍ବର ମାସରୁ ଦାଦନ ଖଟିବା ପାଇଁ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଚନ୍ଦାବରନସ୍ଥିତ ଏକ ଇଟାଭାଟିକୁ ଯାଇଥିଲେ। ସେଠାରେ କାମ କରୁଥିବା ବେଳ ଗତ ଏପ୍ରିଲ ୫ତାରିଖରୁ ମେଙ୍ଗରାଜଙ୍କୁ ଜ୍ୱର ହୋଇଥିଲା। ଅସୁସ୍ଥ ମେଙ୍ଗରାଜ ଚିକିତ୍ସା ପାଇଁ ଘରକୁ ଆସିବାକୁ ଚାହିଁବାରୁ ଇଟାଭାଟି ମାଲିକ ମନା କରିବା ସହ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ମେଙ୍ଗରାଜ ଦୀର୍ଘ ମାସେରୁ ଊର୍ଦ୍ଧ୍ୱକାଳ ଶଯ୍ୟାଶାୟୀ ହୋଇ ପଡ଼ି ରହିଥିଲେ। ୧୧ତାରିଖରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପୁତୁରା କୁନୁ ତାଙ୍କୁ ନିକଟସ୍ଥ ହସ୍ପିଟାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇବା ପରେ ମଧ୍ୟ ଇଟାଭାଟି ମାଲିକ ସେଠାରେ ପହଞ୍ଚି ନ ଥିଲେ। ପରେ କୁନୁ ମେଙ୍ଗରାଜଙ୍କ ମୃତଦେହକୁ ଏକ ଆମ୍ବୁଲାନ୍ସ ଯୋଗେ ଆଣି ରବିବାର ଅପରାହ୍ନରେ କୁଶନପୁରୀରେ ପହଞ୍ଚିଥିଲେ। ତାଙ୍କ ସହ ଯାଇଥିବା ପରିବାରର ଅନ୍ୟ ସଦସ୍ୟମାନେ ଟ୍ରେନ ଯୋଗେ ସନ୍ଧ୍ୟାରେ ଘରକୁ ଆସିବା ପରେ ରାତିରେ ଅନ୍ତିମ ସଂସ୍କାର କରାଯାଇଛି। ଏମାନଙ୍କ ସହ ଥିବା ଗୁର୍ଖାପାଲିର ଲଳିତ ମହାନନ୍ଦ ମଧ୍ୟ ୧୫ଦିନ ହେବ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି।



ଦାଦନ ଶ୍ରମିକଙ୍କ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିଜନ।

# ନବବଧୂ ଜୀବନ୍ତ ଦଗ୍ଧ

## ଅଗ୍ନିକାଣ୍ଡରେ ଜଳିଗଲା ୮ ବଖରା

**ଭଦ୍ରକ ଅଫିସ,୧୨।୫**

ଭଦ୍ରକ ସହର ଉପକଣ୍ଠ ଉଗାଳପୁର ମାଝିସାହିରେ ରବିବାର ମଧ୍ୟାହ୍ନରେ ଭୟାଭୟ ଅଗ୍ନିକାଣ୍ଡ ଘଟି ପଙ୍କଜିନୀ ଗୁଡୁ (୨୨) ନାମ୍ନୀ ଜଣେ ନବବଧୂ ଜୀବନ୍ତଦଗ୍ଧ ହୋଇଛନ୍ତି। ୧୮ ଦିନ ପୂର୍ବେ ତାଙ୍କର ବିବାହ ହୋଇଥିଲା। ଘରେ ନିଆଁ ଲାଗିଯିବା ପରେ ସ୍ଥାନୀୟ ଲୋକେ ଧାଇଁ ଆସି ବିଭିନ୍ନ ଉପକରଣ ଘରୁ କାଢୁଥିଲେ। ସେତେବେଳେ ଜଳୁଥିବା ଚାଳଛପରର ଏକ ଅଂଶ ପଙ୍କଜିନୀଙ୍କ ଉପରେ ପଡ଼ିଯାଇଥିଲା। ନିଆଁର ତାପ ଏତେ ପ୍ରଖର ଥିଲା ଯେ ତାଙ୍କୁ ଉଦ୍ଧାର କରିବା କାହା ପକ୍ଷେ ସମ୍ଭବ ହୋଇ ନ ଥିଲା। ଫଳରେ ସେ ନିଆଁରେ ସମ୍ପୂର୍ଣ୍ଣ ଜଳି ଯାଇଥିଲେ। ଏଭଳି ଦୁଃଖଦ ଘଟଣା ଗ୍ରାମ ଓ ଅଞ୍ଚଳବାସୀଙ୍କୁ ଶୋକାକୁଳ କରିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଭଦ୍ରକ ତହସିଲଦାର ପ୍ରଦୀପ ସାହୁ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ଅଗ୍ନିକାଣ୍ଡର କାରଣ ଠିକ୍ ଭାବେ ଜଣା ପଡ଼ି ନ ଥିଲେ ମଧ୍ୟ ଶର୍ଟସର୍କିଟ୍ ଯୋଗୁ ଘଟିଥିବା ଅନୁମାନ କରାଯାଉଛି। ଏଥିରେ ୩ ପରିବାରର ୮ ବଖରା ଜଳି ପାଉଁଶ ହୋଇଯାଇଛି। ଘଟଣା ସ୍ଥଳରେ ଭଦ୍ରକ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ପଙ୍କଜିନୀଙ୍କ ବାପଘର ମାର୍କୋଣା ନିକଟସ୍ଥ ନୂଆସାହିରେ। ଗତ ଏପ୍ରିଲ ୨୪ ତାରିଖରେ ସେ ଉଗାଳପୁରର ଦୁର୍ଗାଚରଣ ଗୁଡୁଙ୍କୁ ବିବାହ କରିଥିଲେ। ପାଦରୁ ଅଳତା ଓ ହାତରୁ ମେହେନ୍ଦୀ ଲିଭି ନ ଥିବା ବେଳେ ରବିବାର ଘଟିଥିବା ଅଗ୍ନିକାଣ୍ଡରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା କହିଛି।



ପୋଡ଼ି ଯାଇଥିବା ଘର। ମୃତ ନବବଧୂ।

# ପୁରୀ ରଥଖଳାରେ ଆହତ ଶ୍ରମିକଙ୍କ ମୃତ୍ୟୁ

## ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ

**ଦଶପଲ୍ଲା,୧୨।୫ (ଡି.ଏନ.ଏ.)**

ଦଶପଲ୍ଲାରୁ ପୁରୀ ପଠାଯାଇଥିବା ରଥକାଠ ଶନିବାର ରଥଖଳାରେ ଅନ୍‌ଲୋଡ ସମୟରେ ଏକ କାଠ ଖସିପଡିବାରୁ ଦଶପଲ୍ଲା ବନ୍ଧୁଗାଁ (ରଥଗାଁ) ଗ୍ରାମର ଶ୍ରମିକ ମାନସ ପ୍ରଧାନ(୩୨) ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ପୁରୀ ଓ ପରେ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ରବିବାର ଅପରାହ୍ନରେ ମାନସଙ୍କ ମୃତଦେହ ଦଶପଲ୍ଲାରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସ୍ଥାନୀୟ ରଥଗାଁଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି। ମାନସ ଘରେ ରୋଜଗାରିଆ ପୁଅ ହୋଇଥିବା ବେଳେ ପୁଅକୁ ହରାଇ ପରିବାର ଲୋକେ ବେସାହାରା ହୋଇପଡିଛନ୍ତି। ରଥକାଠ ନେବା ପାଇଁ ଦାୟିତ୍ୱରେ ଥିବା ଠିକାଦାରଙ୍କ ସହ ମାନସ ଦୀର୍ଘବର୍ଷ ହେଲା କାର୍ଯ୍ୟ କରିଆସୁଥିଲେ। ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କର ୫ ମାସର ପୁଅଟିଏ ରହିଛି। ସମ୍ପୃକ୍ତ ଠିକାଦାର ଓ ବନବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଥିବାବେଳେ ଯାନବାହନ ଚଳାଚଳ ବନ୍ଦ ରହିଛି।

# ୩ନଂ. ବେସ୍ କ୍ୟାମ୍ପରେ କଳ୍ପନା

**ଢେଙ୍କାନାଳ ଅଫିସ, ୧୨।୫**

ଏଭରେଷ୍ଟ ଅଭିଯାନ

ଏଭରେଷ୍ଟର ଉତ୍ତୁଙ୍ଗ ଶିଖରକୁ ଛୁଇଁବାକୁ ଅଦମ୍ୟ ଇଚ୍ଛା ନେଇ ପୁଣିଥରେ ଅଭିଯାନ ଆରମ୍ଭ କରିଛନ୍ତି ଢେଙ୍କାନାଳର ଦୁଃସାହସିକା କ୍ରୀଡ଼ାବିତ୍ କଳ୍ପନା ଦାଶ। ନେପାଳର କାଞ୍ଚିମାୟା ତମାଙ୍ଗ ଏବଂ ଚାଇନାର ଲିଆମୁ ମାଙ୍କ ସହ ସେ ନେପାଳରୁ ଏଭରେଷ୍ଟ ଚଢ଼ିବା ଆରମ୍ଭ କରିଥିବାବେଳେ ଅଭିଯାତ୍ରୀ ଦଳର ସଦସ୍ୟମାନେ ୩ନଂ. ବେସ୍ କ୍ୟାମ୍ପରେ ପହଞ୍ଚିସାରିଛନ୍ତି। ରବିବାର କ୍ୟାମ୍ପରୁ ଭାରତୀୟ ଶାଢ଼ି ପିନ୍ଧି କଳ୍ପନା ନିଜର ଫଟୋ ହ୍ୱାଟ୍ସଆପ୍‌ରେ ଶେୟାର କରିବା ସହ ଅଭିଯାନ ସମ୍ପର୍କରେ ସୂଚନା ଦେଇଛନ୍ତି।

କଳ୍ପନା କହିଛନ୍ତି ଯେ, ସହଯାତ୍ରୀଙ୍କ ସହ ସେ ୩ନଂ. ବେସ୍ କ୍ୟାମ୍ପରେ ପହଞ୍ଚିଛନ୍ତି। ପ୍ରବଳ ଥଣ୍ଡା ପବନ ପ୍ରବାହିତ ହେଉଥିବାରୁ ଆଗକୁ ଚଢ଼ିବା କଷ୍ଟକର ହେଉଛି। ତଥାପି ଅଭିଯାତ୍ରୀ ଦଳ ଉଦ୍ୟମ ଚଳାଇଛନ୍ତି। ବିଶ୍ୱଶାନ୍ତି, ବନ୍ଧୁତ୍ୱ ଏବଂ ମହିଳା ସଶକ୍ତୀକରଣ ବାର୍ତ୍ତା ନେଇ ଏହି ଅଭିଯାନ ଆରମ୍ଭ ହୋଇଛି। ମହିଳାମାନେ ଦୁଃସାହସିକ କ୍ରୀଡ଼ାରେ ଭାଗନେବା ପାଇଁ ପ୍ରେରିତ କରିବା ଏହାର ଅନ୍ୟତମ ଉଦ୍ଦେଶ୍ୟ। ବିଶିଷ୍ଟ ମାଉଣ୍ଟେନର ପେମ୍ବା ଧୀରଜେ ସେରପା ଅଭିଯାନର ନେତୃତ୍ୱ ନେଉଥିବା ସେ ସୂଚନା ଦେଇଛନ୍ତି।




# ଚୋରି ସୁନା ଅଳଙ୍କାର ଜବତ, ମହିଳା ଗିରଫ

**ସମ୍ବଲପୁର,୧୨।୫(ବ୍ୟୁରୋ)**

**ସିସିଟିଭି ଫୁଟେଜ୍‌ରୁ ମିଳିଲା ସୁରାକ**

ସମ୍ବଲପୁର ଜିଲା ଧନୁପାଲି ପାୟଲ ଜୁଏଲର୍ସରୁ ଚୋରି ହୋଇଥିବା ୨ଟି ସୁନା କାନଫୁଲକୁ ଧନୁପାଲି ପୋଲିସ ଜବତ କରିଛି। କାନଫୁଲ ଚୋରି କରିଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ପୋଲିସ ଗିରଫ କରିଛି। ମହିଳା ଜଣକ ଧନୁପାଲି ଅଞ୍ଚଳର ବୋଲି ପୋଲିସ କହିଛି। ଏ ନେଇ ଏକ ମାମଲା (ନଂ.୧୬୮/୧୯) ରୁଜୁ କରାଯାଇ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚୋରି ସମ୍ପର୍କରେ ମେ' ୧୦ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ଟିମ୍ ଗଠନ କରି ତଦନ୍ତ ଜାରି ରଖିଥିଲା। ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଜଣେ ମହିଳା ଅଳଙ୍କାର ଚୋରି କରିଥିବା ସୁରାକ ମିଳିଥିଲା। ସେହି ଆଧାରରେ ପୋଲିସ ରବିବାର ମହିଳାଙ୍କ ଘରେ ଚଢ଼ାଉ ଅଳଙ୍କାର ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।

### ସଂଘବଦ୍ଧ ଆକ୍ରମଣ: ୭ଜଣଙ୍କ ନାମରେ ମାମଲା

**ଭଣ୍ଡାରିପୋଖରୀ,୧୨।୫(ଡି.ଏନ.ଏ)-** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଷୋଳମପୁର ପଞ୍ଚାୟତ ମୁଦ୍ରାପଦା ଗ୍ରାମର କଳିଙ୍ଗ ଯେନାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯିବା ଘଟଣାରେ ପୋଲିସ ୭ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଗତ ୭ତାରିଖ ସକାଳେ ସେ ଘରୁ କାମକୁ ବାହାରୁଥିବା ବେଳେ ଗ୍ରାମର କେତେକ ବ୍ୟକ୍ତି ତାଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। କଳିଙ୍ଗଙ୍କ ସ୍ତ୍ରୀ ବିନିତା ସ୍ୱାମୀଙ୍କୁ ରକ୍ଷା କରିବାକୁ ଆସି ଆକ୍ରମଣର ଶିକାର ହୋଇଥିଲେ। ଆହତ ଅବସ୍ଥାରେ କଳିଙ୍ଗଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଓ ଭଦ୍ରକ ଡାକ୍ତରଖାନା ନିଆଯାଇ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ବିନିତା ରବିବାର ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା (ନଂ. ୭୨/୧୯) ରୁଜୁ କରିଛି। ଏଏସଆଇ ଗୌରମଣି ସିଂ ଘଟଣାର ତଦନ୍ତ କରୁଥିବା ଥାନା ପକ୍ଷରୁ କୁହାଯାଇଛି।

### ୧୦ ବଖରା ପୋଡ଼ିଗଲା

**ଚାନ୍ଦବାଲି,୧୨।୫(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଭୂଇଁବୃତ୍ତି ଗାଁର ଧାନଖଣିଆ ସାହିରେ ରବିବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟି ୮ ପରିବାରର ୧୦ ବଖରା ଘର ପୋଡି ଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କଥା କୁହାଯାଉଛି। ଚାନ୍ଦବାଲିରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା। କ୍ଷୟକ୍ଷତିର ଆକଳନ ହୋଇପାରି ନାହିଁ। ନିଆଁର ପ୍ରକୋପ ଅଧିକ ଥିବାରୁ ଲୋକେ ନିଜ ନିଜର ଘରୁ କୌଣସି ଆସବାବପତ୍ର ମଧ୍ୟ ଉଦ୍ଧାର କରି ପାରି ନାହାନ୍ତି।

# ପୁରୀ ଜିଲାରେ ବାତ୍ୟା ପରବର୍ତ୍ତୀ ସ୍ଥିତି ପରଖିବେ ସ୍ୱାସ୍ଥ୍ୟ ସଚିବ

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

- ବାତ୍ୟା କ୍ଷତିଗ୍ରସ୍ତ ପୁରୀ, ଖୋର୍ଦ୍ଧା ଜିଲାରେ କାର୍ଯ୍ୟ କରିବେ ୨୦ ଡାକ୍ତର
- ମୁତୟନ ରହିବେ ୨୦୦ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ

ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ତଦାରଖ ଲାଗି ବିଭାଗୀୟ ଶାସନ ସଚିବଙ୍କ ସହ ଅନ୍ୟ ଆଇଏଏସ୍ ଓ ଓଏଏସ୍ ଅଧିକାରୀମାନେ ସୋମବାର ପୁରୀ ଜିଲାର ବିଭିନ୍ନ ବ୍ଲକ ଗସ୍ତ କରିବେ। ବାତ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା କୃଷ୍ଣପ୍ରସାଦ ବ୍ଲକକୁ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଗସ୍ତ କରିବେ। ସେହିଭଳି ପୁରୀ ସଦର ବ୍ଲକକୁ ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ ଯିବାକୁ ସ୍ଥିର ହୋଇଥିବା ବେଳେ ବ୍ରହ୍ମଗିରି ବ୍ଲକକୁ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ ମାନସ ପାଢ଼ୀ ଓ ଉପସଚିବ ରାଜେଶ ଅଗ୍ରୱାଲ ଯିବେ। ସତ୍ୟବାଦୀ ବ୍ଲକକୁ ବିଭାଗ ଯୁଗ୍ମ ସଚିବ ଯାମିନୀ ଷଡ଼ଙ୍ଗୀ ଓ ଉପସଚିବ ଦୁର୍ଗେଶ ନନ୍ଦିନୀ ସାହୁ, କଣାସ ବ୍ଲକକୁ ଉପସଚିବ ଜସ୍ମିନ ପଟ୍ଟନାୟକ ଓ ସ୍ୱତନ୍ତ୍ର ସଚିବ ଶରତ ମିଶ୍ର ଏବଂ ଗୋପ ବ୍ଲକକୁ ଯୁଗ୍ମ ସଚିବ ସ୍ମିତା ବିଶ୍ୱାଳ ଓ ଉପସଚିବ ମମତା ବାରିକ ଯିବା ପାଇଁ ସ୍ଥିର ହୋଇଛି। ଅଧିକାରୀମାନଙ୍କ ଗସ୍ତ ସମୟରେ ଡାକ୍ତରୀ ଦଳ ମଧ୍ୟ ଉପସ୍ଥିତ ରହିବେ। ପ୍ରତ୍ୟେକ ଟିମ୍ କ୍ଷେତ୍ରସ୍ଥଳକୁ ଯାଇ ବାତ୍ୟା ପରବର୍ତ୍ତୀ ସ୍ଥିତିରେ ଲୋକେ କିଭଳି ସ୍ୱାସ୍ଥ୍ୟସେବା ପାଉଛନ୍ତି, ତାହା ଅନୁଧ୍ୟାନ କରିବେ। ବିଶେଷକରି ଲୋକଙ୍କୁ ଆବଶ୍ୟକ ମୁତାବକ ଔଷଧ, ପ୍ରସୂତୀଙ୍କୁ ଉପଯୁକ୍ତ ଚିକିତ୍ସା, ଜଳ ବିଶୋଧନ ସହିତ ମହାମାରୀ ନ ବ୍ୟାପିବା ପାଇଁ ବିଭାଗ ପକ୍ଷରୁ ଜାରି ହୋଇଥିବା ସର୍ତକତାମୂଳକ ପଦକ୍ଷେପ କିଭଳି କାର୍ଯ୍ୟକାରୀ ହେଉଛି, ତାହା ଲୋକଙ୍କଠାରୁ ପଚାରି ବୁଝିବେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ପ୍ରଦାନ ଲାଗି ପ୍ରତି ୧୦ ପଞ୍ଚାୟତ ପାଇଁ ଜଣେ ଲେଖାଏ ଡାକ୍ତର ମୁତୟନ ରହିବେ। ଅନୁରୂପ ଭାବେ ପ୍ରତି ପଞ୍ଚାୟତ ଲାଗି ଜଣେ ଲେଖାଏ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଦାୟିତ୍ୱରେ ରହିବେ। ପୁରୀ ଏବଂ ଖୋର୍ଦ୍ଧା ଜିଲାର ବାତ୍ୟା ପ୍ରଭାବିତ ୯ଟି ବ୍ଲକରେ ଏଭଳି ବ୍ୟବସ୍ଥା କରାଯାଇଥିବା ବେଳେ ତଦନୁଯାୟୀ ୨୦ଜଣ ଡାକ୍ତର ଓ ୨୦୦ଜଣ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କୁ ମୁତୟନ କରାଯିବ। ଏଥିପାଇଁ ଅନୁଗୋଳ, ଢେଙ୍କାନାଳ, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲାର ସିଡିଏମ୍‌ଓମାନଙ୍କୁ ସେମାନଙ୍କ ଜିଲାରୁ ଡାକ୍ତର ଓ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପଠାଇବାକୁ କୁହାଯାଇଛି। ସୋମବାର ସକାଳ ୮ଟା ସୁଦ୍ଧା ସେମାନେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିକଟରେ ରିପୋର୍ଟ କରିବା ସହିତ ୭ ଦିନ ପାଇଁ ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଓ ଖୋର୍ଦ୍ଧା ଜିଲାରେ କାର୍ଯ୍ୟ କରିବେ। ସବିଶେଷ ସୂଚନାନୁଯାୟୀ, ରବିବାର ସୁଦ୍ଧା ବାତ୍ୟା ପ୍ରପୀଡ଼ିତ ଅଞ୍ଚଳରେ ୧୮୪ ଭ୍ରାମ୍ୟମାଣ ଚିକିତ୍ସକ ଦଳ ମୁତୟନ ହୋଇଥିବା ବେଳେ ୬୮୮ ମେଡିକାଲ ରିଲିଫ୍ କେନ୍ଦ୍ର କାର୍ଯ୍ୟ କରୁଛି। ଅନ୍ୟାନ୍ୟ ଜିଲାରୁ ୭୬ଜଣ ଡାକ୍ତର ଓ ୩୧୦ଜଣ ପାରାମେଡିକାଲ କର୍ମଚାରୀଙ୍କୁ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳକୁ ପଠାଯାଇଛି। ଗାଁ କଲ୍ୟାଣ ସମିତି ଜରିଆରେ ୧୧,୧୧୨ଟି ସଫେଇ କାର୍ଯ୍ୟକ୍ରମ ସରିଛି। ପାନୀୟ ଜଳ ବିଶୋଧନ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ହାତକୁ ନିଆଯିବା ସହିତ ରବିବାର ସୁଦ୍ଧା ୫୯,୩୨୫ଟି ମୁକ୍ତ ଜଳଉତ୍ସକୁ ବ୍ୟବହାର ଉପଯୋଗୀ କରାଯାଇପାରିଛି।

## ସେଲ୍ଫି କର୍ଣ୍ଣର



@ ଶିବୁ




@ ସିତୁନ୍



@ ତୋସିତ୍




@ ସନ୍ତୋଷ



@ ସଞ୍ଜୀବ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ନିଦ୍ରାହୀନତା ମସ୍ତିଷ୍କ ରୋଗ ପାଇଁ ଦାୟୀ



ଆମେ ଯଦି ଆବଶ୍ୟକ ମୁତାବକ ନିଦ୍ରା ଯିବା ତେବେ ଅନେକାଂଶରେ ସୁସ୍ଥ ରହିବା। ନିଦ୍ରାରେ ଅସନ୍ତୁଳନ ସୃଷ୍ଟି ହେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ଏପରି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସୁନିଦ୍ରା ପ୍ରତି ଆବଶ୍ୟକ ମୁତାବକ ଦୃଷ୍ଟି ଦେଇ ନ ଥାନ୍ତି। ଫଳରେ ସେମାନେ ନିଦ୍ରାହୀନତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଯଦି ଏହା ଅଭ୍ୟାସରେ ପରିଣତ ହୋଇଯାଏ ତେବେ ତାହା ମସ୍ତିଷ୍କଜନିତ ରୋଗ ସୃଷ୍ଟି କରିପାରେ ବୋଲି ସତର୍କ କରାଇ ଦେଇଛନ୍ତି କାଲିଫର୍ନିଆ ୟୁନିଭର୍ସିଟିର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ। ଦୀର୍ଘ ମାସ ଧରି ନିଦ୍ରାହୀନତା ସମସ୍ୟାର ସମ୍ମୁଖୀନ ହୋଇଥିବା କିଛି ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରି ସେମାନେ ଗବେଷଣା କରିଥିଲେ। ସେମାନଙ୍କ ମଧ୍ୟରୁ ପାଖାପାଖି ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ମସ୍ତିଷ୍କଜନିତ ରୋଗର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ପ୍ରତିଦିନ ଆବଶ୍ୟକ ମୁତାବକ ଜଣେ ବ୍ୟକ୍ତି ନିଦ୍ରା ଯିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

# ରବର କି ବୋର୍ଡ



ଆଜିକାଲି କମ୍ପ୍ୟୁଟର ଯୁଗ। କମ୍ପ୍ୟୁଟରର ଅନ୍ୟତମ ଅତ୍ୟାବଶ୍ୟକ ପାର୍ଟ ହେଲା କି ବୋର୍ଡ। ଏହା ସାଧାରଣତଃ କଠିନ ପ୍ଲାଷ୍ଟିକରେ ପ୍ରସ୍ତୁତ ହୋଇଥାଏ। ଅସାବଧାନତାରୁ ଯଦି ଏହା ପଡ଼ିଯାଏ କିମ୍ବା ଏଥିରେ ଜୋର୍‌ରେ ଆଘାତ ଲାଗେ ତେବେ ତାହା ଭାଙ୍ଗି ଯିବାର ସମ୍ଭାବନା ରହିଛି। ନିକଟରେ ନ୍ୟୁଜିଲାଣ୍ଡସ୍ଥିତ ଅକଲାଣ୍ଡ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏକ ରବର କି ବୋର୍ଡ ତିଆରି କରିଛନ୍ତି। ଏହି ନମନୀୟ କି ବୋର୍ଡ ତଳେ ପଡ଼ିଲେ ମଧ୍ୟ ଭାଙ୍ଗିବ ନାହିଁ। ଏପରିକି ଏହାକୁ କାଗଜ ପରି ଫୋଲ୍ଡିଂ କରି ସାଙ୍ଗରେ ନେଇ ଯାଇହେବ। 'ଡାଇ ଇଲେକ୍ଟ୍ରିକ ଏଷ୍ଟୋମୋନ୍' ନାମକ ରବରରେ ଏହାକୁ ତିଆରି କରାଯାଇଛି।

# ସର୍ଭିକାଲ ସ୍ପଣ୍ଡିଲୋସିସ୍



ଡା.ଅନନ୍ଦା ପ୍ରସାଦ ମହାନ୍ତି

"ହାଡ଼କୁ ହାଡ଼ ଘସିହୋଇ ବ୍ୟଥା ହୁଏ ଓ ବେକର ଘୂର୍ଣ୍ଣନଶକ୍ତି ନଷ୍ଟ ହୋଇଯାଏ। ହାଡ଼ ପରସ୍ପର ଘସିହେବା ଦ୍ୱାରା ନୂଆ ଛୋଟ ହାଡ଼ ସୃଷ୍ଟି ହୋଇ ମେରୁହାଡ଼ର ସ୍ନାୟୁକୁ(ସ୍ପାଇନାଲ କର୍ଡ)କୁ ଚାପିଦିଏ। ଏହାଦ୍ୱାରା ବ୍ୟଥା ବେକରୁ ଆରମ୍ଭ ହୋଇ ହାତ ଓ ହାତର ବୁଢ଼ାଆଙ୍ଗୁଠି ପର୍ଯ୍ୟନ୍ତ ଯାଏ।"

**କାରଣ**

ଏହା ବେକର ମେରୁହାଡ଼ ସମ୍ପର୍କିତ ରୋଗ। ବୟସ ଅଧିକ ହେଲେ ବା ଖରାପ ଢଙ୍ଗରେ ବେଶି ସମୟ ବସି କାମ କଲେ ବା ମୁଣ୍ଡରେ ଓଜନ ଜିନିଷ ବୁହାଇଲେ ମୁଖ୍ୟତଃ ଏହି ରୋଗ ହୋଇଥାଏ। ମହିଳାମାନଙ୍କର ଋତୁସ୍ରାବ ବନ୍ଦହୋଇ କ୍ୟାଲସିୟମ୍ ପରିମାଣ କମିଗଲେ ମଧ୍ୟ ଏହି ରୋଗ ହୋଇଥାଏ।

**ଲକ୍ଷଣ**

-ବେକରେ ବ୍ୟଥାହେବା ଓ ପରେ ବେକର ଚଳନଶକ୍ତି (ମୁଭ୍‌ମେଣ୍ଟ) କମିଯାଏ।
-ସମୟେ ସମୟେ ବ୍ୟଥା ହାତକୁ ଆସିବା, ଏପରିକି ବୁଢ଼ା ଆଙ୍ଗୁଠି ପର୍ଯ୍ୟନ୍ତ ବ୍ୟାପିଯିବା।
-ମୁଣ୍ଡ ବୁଲାଇବା ବା ମୁଣ୍ଡ ଘୂରିବା।
-ବେକ ଟାଣ(ଷ୍ଟିଫ୍) ହୋଇଯିବା, ଫୁଲିଯିବା ଓ ବଙ୍କା ହୋଇଯିବା।
-ବେକ ମୂଳ ଜାଗା, ବାହୁ, ହାତ ଓ ବୁଢ଼ା ଆଙ୍ଗୁଠି ବଧିରା ଲାଗିବା।

**ରୋଗର ପ୍ରଭାବ**

-ବେକ ହାଡ଼ ମଧ୍ୟରେ ଥିବା ଡିସ୍କ ନଷ୍ଟ ହୋଇଯାଏ।
-ହାଡ଼କୁ ହାଡ଼ ଘସିହୋଇ ବ୍ୟଥା ହୁଏ ଓ ବେକର ଘୂର୍ଣ୍ଣନଶକ୍ତି ନଷ୍ଟ ହୋଇଯାଏ।
-ହାଡ଼ ପରସ୍ପର ଘସିହେବା ଦ୍ୱାରା ନୂଆ ଛୋଟ ହାଡ଼ ସୃଷ୍ଟି ହୋଇ ମେରୁହାଡ଼ର ସ୍ନାୟୁକୁ(ସ୍ପାଇନାଲ କର୍ଡ)କୁ ଚାପିଦିଏ। ଏହାଦ୍ୱାରା ବ୍ୟଥା ବେକରୁ ଆରମ୍ଭ ହୋଇ ହାତ ଓ ହାତର ବୁଢ଼ାଆଙ୍ଗୁଠି ପର୍ଯ୍ୟନ୍ତ ଯାଏ।
- ସି୪ରୁ ସି୭ ପର୍ଯ୍ୟନ୍ତ ଏହି ଚାରିଟା ହାଡ଼ ମୁଖ୍ୟତଃ କ୍ଷତିଗ୍ରସ୍ତ ହୁଏ।
-ପରେ ପରେ ଫାସେଟ୍ ଜଏଣ୍ଟ, ଲିଗାମେଣ୍ଟ ଓ ମାଂସପେଶୀ ଏବଂ ସ୍ନାୟୁ ମୂଳ କ୍ଷତିଗ୍ରସ୍ତ ହୁଏ।

**ଚିକିତ୍ସା**

-ବେକକୁ ବିଶ୍ରାମ।
-ବ୍ୟଥା ପାଇଁ ଔଷଧ ସେବନ।
-ଗରମ ସେକ ଓ ମଲମ ପ୍ରଲେପ।
-ବେକର ବ୍ୟବହାର ଶୈଳୀ ଜାଣିବା ଓ ଶିଖିବା।
-ଫିଜିଓଥେରାପି ଏବଂ ବେକର ବ୍ୟାୟାମ।
-କ୍ୟାଲ୍‌ସିୟମ୍ ଓ ଭିଟାମିନ୍ ଡି-୩ ବଟିକା ସେବନ।
-ଡିଜିଟାଲ ଅଲ୍ଟ୍ରାସୋନିକ ରେଡିଏସନ୍ ଏବଂ ନର୍ଭ ଷ୍ଟିମ୍ୟୁଲେସନ୍।

*-ବରିଷ୍ଠ ପରାମର୍ଶଦାତା, ଅସ୍ଥିଶଲ୍ୟ ଓ ଫିଜିଓଥେରାପି ବିଭାଗ*

# ମଧୁମେହ




ଡା. ରୀତା ସାହୁ

ମଧୁମେହ, ପ୍ରମେହ ରୋଗମାନଙ୍କ ମଧ୍ୟରୁ ଗୋଟିଏ। ଏହା ମେଟାବୋଲିଜିମ୍ ସମ୍ବନ୍ଧୀୟ ବିକାର; ଯେଉଁଥିରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ବସା, ଖଣିଜଲବଣ ଓ ପାଣି ଶରୀରରେ କୌଣସି ପ୍ରକାର ପ୍ରକୋପଜନ୍ୟ ବିକାର ଦେଖାଯାଏ ଓ କେତେଗୁଡ଼ିଏ କାରଣରୁ ଏହା ଶରୀରରୁ ବାହାରକୁ ବାହାରିବାର ପ୍ରୟାସ କରିଥାଏ ତାହାକୁ ମଧୁମେହ କୁହାଯାଏ। ଶରୀରର ଗାଢ଼ ରକ୍ତ ବାହିନୀରେ ସଂଚରଣ କରୁଥିବା ରକ୍ତରେ ଏମାନଙ୍କର ସ୍ତର ବଢ଼ିବାରେ ଲାଗିଥାଏ। ଗ୍ଲୁକୋଜର ମାତ୍ରା ରକ୍ତ ଓ ମୂତ୍ରରେ ଉପସ୍ଥିତ ରହିଥାଏ। ମୂତ୍ର ତ୍ୟାଗର ଆବେଗର ମାତ୍ରା ବଢ଼ିଥାଏ, ଶୋଷ ବାରମ୍ବାର ଲାଗିଥାଏ ଓ ଥକ୍କା ଥକ୍କା ଶରୀର ରହେ। ପାଦ ଘୋଳାବିନ୍ଧା କରେ। ଆହାରରେ ଭରି ରହିଥିବା କାର୍ବୋହାଇଡ୍ରେଟ୍ ନାମକ ଅଂଶ ଆନ୍ତ୍ରମାନଙ୍କ ଦ୍ୱାରା ପାଚକରସ ସାହାଯ୍ୟରେ ପରିପାକ ହୋଇ ସୂକ୍ଷ୍ମକଣା, ଗ୍ଲୁକୋଜ ଆଦିରେ ପରିଣତ ହୋଇଥାଏ। ଏହି ଗ୍ଲୁକୋଜ ଆନ୍ତ୍ରମାନଙ୍କ ଦ୍ୱାରା ଶୋଷିତ ହୋଇ ରକ୍ତ ସଂଚରଣରେ ମିଶି ସାରା ଶରୀରରେ ପହଞ୍ଚିଥାଏ ଏବଂ ଶରୀରରେ ସମସ୍ତ କୋଷିକାମାନଙ୍କରେ ପ୍ରବେଶ କରି ଅକ୍ସିଜେନ ସାହାଯ୍ୟରେ ଉର୍ଜା ଉତ୍ପାଦନର କାର୍ଯ୍ୟ କରିଥାଏ। କିନ୍ତୁ ଗ୍ଲୁକୋଜ ସ୍ୱୟଂ କୋଷିକା ଭେଦନ କରିପାରି ନ ଥାଏ। ଗ୍ଲୁକୋଜ୍‌କୁ ଏଥିପାଇଁ 'ଇନ୍‌ସୁଲିନ୍' ନାମକ ହର୍‌ମୋନ୍ ସାହାଯ୍ୟ କରିଥାଏ। ଏଣୁ ଏହା କୁହାଯାଇପାରେ କି 'ଇନ୍‌ସୁଲିନ୍'ର ଅଭାବରେ ଗ୍ଲୁକୋଜ୍ ଏହି ଅବସ୍ଥାରେ ପଡ଼ିଥାଏ ଯେପରି ଛିଦ୍ରଯୁକ୍ତ ଫଳ ବାଲା ପାତ୍ରରେ କ୍ଷୀର ସିଝାଗଲେ ଅବସ୍ଥାର ପରିବର୍ତ୍ତନ ହୁଏ। କୋମିକାମାନେ ଉର୍ଜା ଉତ୍ପାଦନ ପାଇଁ ଗ୍ଲୁକୋଜ୍‌ର ଅଭାବରେ କ'ଣ କରିବେ ନିଶ୍ଚୟ କରି ନ ପାରି ସ୍ୱୟଂ ସଞ୍ଚିତ ଭଣ୍ଡାରରେ ରହି ପ୍ରୋଟିନ୍ କିମ୍ବା ବସାରୁ ଉତ୍ପନ୍ନ ଉର୍ଜା ଉତ୍ପାଦନ ପାଇଁ ଲାଗି ପଡ଼ିଥାଆନ୍ତି। ଏଣୁ ଶରୀରରେ ସଂଚରଣ କରୁଥିବା ରକ୍ତରେ ଗ୍ଲୁକୋଜ୍‌ର ଉପସ୍ଥିତି ଜଣାପଡ଼େ। ଏହି ଗ୍ଲୁକୋଜ୍‌କୁ ସାମାନ୍ୟ ସ୍ତରରେ ରଖିବାକୁ ସାହାଯ୍ୟ କରୁଥିବା ହର୍‌ମୋନ୍ ଇନ୍‌ସୁଲିନ୍‌ର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଉଦରରେ ଥିବା ବିଶେଷ ଗ୍ରନ୍ଥି ଅଗ୍ନ୍ୟାଶୟର ବିଟା କୋଷିକାମାନେ ଏହି କାର୍ଯ୍ୟ କରିବାକୁ ସକ୍ଷମ ଅଟନ୍ତି। ଆହାର ପାଚନ ହେବାପରେ ରକ୍ତରେ ଗ୍ଲୁକୋଜର ମାତ୍ରା ବଢ଼ିବାରେ ଲାଗିଥାଏ, ତେଣୁ ଏହାର ପ୍ରତିକ୍ରିୟା ସ୍ୱରୂପ ଅଗ୍ନ୍ୟାଶୟରେ ଇନ୍‌ସୁଲିନ୍‌ର ସ୍ରାବ ବଢ଼ି ଚାଲିଥାଏ। ପ୍ରତ୍ୟେକ କୋଷିକାରେ ଏକ ପ୍ରକାର 'ସୂଚକ' ବା 'ଇନସୁଲିନ୍ ରିସେପ୍ଟର' ଭରି ରହିଥାଏ ଯାହା ଇନ୍‌ସୁଲିନ୍‌ର ଉପସ୍ଥିତିରେ ଗ୍ଲୁକୋଜ୍‌କୁ କୋଷିକାମାନଙ୍କରେ ପ୍ରବେଶ କରିବା ମାର୍ଗମାନଙ୍କୁ ଖୋଲିଦେଇଥାଏ, ଯାହାଦ୍ୱାରା ଗ୍ଲୁକୋଜ କୋଷିକାମାନଙ୍କ ଭିତରେ ପ୍ରବେଶ କରିଥାଏ ଯାହା ଏମାନଙ୍କର ଉର୍ଜା ଉତ୍ପାଦନ ପାଇଁ ହୋଇଥାଏ। ଏହା ସହିତ ଗ୍ଲୁକୋଜ୍‌ର ସାମାନ୍ୟ ସ୍ତର ରହିଥାଏ କିନ୍ତୁ ଯେତେବେଳେ ରକ୍ତରେ ଅତିରିକ୍ତ ଗ୍ଲୁକୋଜ୍ ରହେ ସେତେବେଳେ ଯକୃତ୍ ଓ ମାଂସପେଶୀମାନେ ଇନ୍‌ସୁଲିନ୍‌ର ପ୍ରଭାବରେ ନିଜ ଭିତରେ ବାନ୍ଧିହୋଇ ଗ୍ଲାଇକୋଜେନ୍ ନାମକ ଜଟିଳ ଉଚ୍ଚ ଶର୍କରା ଏହି କାମରେ ଆସେ। ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା ମଧ୍ୟ କମିଯାଇଥାଏ। ଯେପରି ଦୁଇଟି ଭୋଜନ ମଧ୍ୟରେ ଅଧିକ ସମୟ ଉପବାସ ରହିବା କିମ୍ବା ଅତ୍ୟଧିକ ପରିଶ୍ରମ କରିବା ଫଳରେ ସେହି ଗ୍ଲାଇକୋଜେନ ପୁନଶ୍ଚ ଗ୍ଲୁକୋଜ୍‌ରେ ପରିବର୍ତ୍ତିତ ହୋଇ ରକ୍ତରେ ନିଜ ସ୍ତରକୁ ସାମାନ୍ୟ ସୀମା ଭିତରେ ରଖିଥାଏ। କିନ୍ତୁ ମଧୁମେହ ରୋଗର ଭିନ୍ନ ଅବସ୍ଥାରେ ଶରୀରର ସମ୍ପୂର୍ଣ୍ଣ ବ୍ୟବସ୍ଥାରେ ବିକୃତ ଘଟିଥାଏ।

ଶରୀରରେ ଇନ୍‌ସୁଲିନ୍ ସମ୍ପୂର୍ଣ୍ଣ ମାତ୍ରାରେ କମିଯିବା ବା ଅଗ୍ନ୍ୟାଶୟରେ ଇନ୍‌ସୁଲିନ୍ ସମ୍ପୂର୍ଣ୍ଣ ଭାବରେ ତିଆରି ହୋଇ ନ ଥାଏ କିମ୍ବା କୌଣସି କାରଣରୁ ଏହା ନିପ୍ରଭାବ ହୋଇଯିବା କାରଣରୁ କୋଷିକାମାନଙ୍କରେ ରକ୍ତରେ ଗ୍ଲୁକୋଜ ସହଜରେ ପ୍ରବେଶ କରିପାରି ନ ଥାଏ। ତେଣୁ ରକ୍ତରେ ସବୁବେଳ ପାଇଁ ଗ୍ଲୁକୋଜର ସ୍ତର ସାମାନ୍ୟ ପରିମାଣରୁ ଅଧିକ ରହିଥାଏ ତା'ସହିତ ଗ୍ଲୁକୋଜ ଅତୃପ୍ତ କୋଷିକାରେ ନିଜଠାରେ ଜମା ରଖିଥିବା ପ୍ରୋଟିନ୍ ଓ ବସାରେ ଗ୍ଲୁକୋଜ୍ ତିଆରି ଆରମ୍ଭ କରି ଦେଇଥାନ୍ତି, ଯାହାଦ୍ୱାରା ରକ୍ତରେ ଗ୍ଲୁକୋଜର ପରିମାଣ ବଢ଼ିଯାଇଥାଏ।

ଶରୀରରେ ଗ୍ଲୁକୋଜର ସ୍ତର ଅଧିକ ହେଲେ ରକ୍ତ ସଫା ହୋଇ ନ ପାରି ଏହା ଉର୍ଜା ଉପରେ ନିର୍ଭର କରେ। ଉର୍ଜା ଏ କାମ କରି ନ ପାରି ଅଧିକନ୍ତୁ ମୂତ୍ରରେ ଗ୍ଲୁକୋଜର ମାତ୍ରା ବଢ଼ାଇଥାଏ ଏହି ଗ୍ଲୁକୋଜ ମୂତ୍ର ସହ ବାହାରକୁ ବାହାରିଥାଏ। ତେଣୁ ରୋଗୀର ମୂତ୍ର ମାତ୍ରାର ଆହୁରି ଅଧିକ ହୋଇଥାଏ। ବାରମ୍ବାର ଅତ୍ୟଧିକ ମୂତ୍ର ତ୍ୟାଗ କରିବା ଦ୍ୱାରା ଶରୀରରେ ପାଣି, ଖଣିଜଲବଣ ଓ ଇଲେକ୍ଟ୍ରୋଲାଇଟ୍ ଆଦି କମ୍ ହେବାକୁ ଲାଗିଥାଆନ୍ତି। ଯାହାଦ୍ୱାରା ରୋଗୀକୁ ଅଧିକ ଶୋଷ ଲାଗିଥାଏ ଓ ଅଧିକ ମାତ୍ରାରେ ବାରମ୍ବାର ପାଣି ପିଇବାକୁ ଇଚ୍ଛା ହୋଇଥାଏ। କୋଷିକାମାନେ ଭୋଜନରୁ ପ୍ରାପ୍ତ ଗ୍ଲୁକୋଜର ଉପଯୋଗ କରିପାରି ନ ଥିବାରୁ ଅତୃପ୍ତ ରହିଥାଆନ୍ତି। ତେଣୁ ବାରମ୍ବାର ଭୋକ ଲାଗିଥାଏ।



"ଶରୀରରେ ଇନ୍‌ସୁଲିନ୍ ସମ୍ପୂର୍ଣ୍ଣ ମାତ୍ରାରେ କମିଯିବା ବା ଅଗ୍ନ୍ୟାଶୟରେ ଇନ୍‌ସୁଲିନ୍ ସମ୍ପୂର୍ଣ୍ଣ ଭାବରେ ତିଆରି ହୋଇ ନ ଥାଏ କିମ୍ବା କୌଣସି କାରଣରୁ ଏହା ନିପ୍ରଭାବ ହୋଇଯିବା କାରଣରୁ କୋଷିକାମାନଙ୍କରେ ରକ୍ତରେ ଗ୍ଲୁକୋଜ ସହଜରେ ପ୍ରବେଶ କରିପାରି ନ ଥାଏ। ତେଣୁ ରକ୍ତରେ ସବୁବେଳ ପାଇଁ ଗ୍ଲୁକୋଜର ସ୍ତର ସାମାନ୍ୟ ପରିମାଣରୁ ଅଧିକ ରହିଥାଏ ତା'ସହିତ ଗ୍ଲୁକୋଜ ଅତୃପ୍ତ କୋଷିକାରେ ନିଜଠାରେ ଜମା ରଖିଥିବା ପ୍ରୋଟିନ୍ ଓ ବସାରେ ଗ୍ଲୁକୋଜ୍ ତିଆରି ଆରମ୍ଭ କରି ଦେଇଥାନ୍ତି, ଯାହାଦ୍ୱାରା ରକ୍ତରେ ଗ୍ଲୁକୋଜର ପରିମାଣ ବଢ଼ିଯାଇଥାଏ।"

ଶରୀରରେ ସଞ୍ଚିତ ପ୍ରୋଟିନ୍ ଓ ବସା ଜମା ହୋଇ ନ ପାରି ଗ୍ଲୁକୋଜରେ ପରିଣତ ହୋଇ ଶରୀରକୁ ଦୁର୍ବଳ କରିଥାଏ। ମାଂସପେଶୀ ଶୁଖିଯାଏ। ମଧୁମେହ ରୋଗ ସୃଷ୍ଟି ହେବା ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ଆଖିର ଜ୍ୟୋତି କମ୍ ହୋଇଯିବା ଓ ଯୌନ ସମସ୍ୟା ମଧ୍ୟ ଦେଖାଯାଇଥାଏ।

ଶରୀରରେ ଗ୍ଲୁକୋଜର ମାତ୍ରା କମିଯାଉଥିବାରୁ ଶରୀର ଅଧିକ ଗ୍ଲୁକୋଜ ଯୋଗାଡ଼ରେ ଲାଗିପଡ଼େ। ଶରୀରରେ ସଂଗୃହୀତ ବସା ନଷ୍ଟ ହେବା ପରେ ଶରୀରରେ ଏସିଟୋନ୍ ବଢ଼ିବା ପରେ ରକ୍ତରେ ଅମ୍ଳୀୟତା ମଧ୍ୟ ବଢ଼ିଥାଏ। କାର୍ବନ ଡାଇଅକ୍ସାଇଡ୍‌ର ମାତ୍ରା ରକ୍ତରେ ବଢ଼ିଥାଏ। ଅଧିକ ମୂତ୍ର ହେବା ଦ୍ୱାରା ଜଳ ଅଂଶ କମ୍ ହୋଇଥାଏ। ଏହି ଅବସ୍ଥାକୁ ଡାଇବେଟିକ୍ କିଟୋ ଏସିଡୋମିସ୍ କୁହାଯାଏ। ବାରମ୍ବାର ଶୋଷ ହେବା ଦ୍ୱାରା, ବାରମ୍ବାର ମୂତ୍ର ତ୍ୟାଗ ହେବା ଦ୍ୱାରା ଶରୀରରେ ପୀଡ଼ା ହୋଇଥାଏ। ଉଦରରେ ବେଦନା ହୋଇଥାଏ, ଦୃଷ୍ଟିଶକ୍ତି କମ୍‌ଜୋର୍ ହୋଇଯାଇଥାଏ, ବାନ୍ତି ଲାଗୁଥାଏ, ଅଧିକ ନିଃଶ୍ୱାସ ନେବାକୁ ପଡ଼େ, ପାଟି ଶୁଖି ଶୁଖି ଯାଇଥାଏ, ତ୍ୱଚା ଶୁଖିଲା ଥାଏ। ଏହି ଅବସ୍ଥାରେ ରୋଗୀ ବେହୋସ ସ୍ଥିତିରେ ପଡ଼ିଥାଏ। ଏହି ଅବସ୍ଥାକୁ ଡାଇବେଟିକ୍ କୋମା କୁହାଯାଏ।

**ଏହି ରୋଗରେ କ'ଣ କରିବ**

ମଧୁମେହ ରୋଗୀ ପ୍ରାକୃତିକ ଚିକିତ୍ସା ପଦ୍ଧତିରେ ଶରୀରର ଉପଚାର କରିବା ସହିତ ଖାଇବା ପିଇବାରେ ସଂଯମତା ଆଚରଣ କରିବା ସହିତ ଦିନଚର୍ଯ୍ୟାରେ କିଛି ପରିବର୍ତ୍ତନ କରିବା ଉଚିତ। ନିୟମିତ କିଛି ଯୋଗାସନ, ବ୍ୟାୟାମ ଏବଂ ଶରୀରର ବିଶେଷ ଅଂଶରେ ମାଲିସ ଆଦି କଲେ କିଛି ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ସକ୍ରିୟ ରହିଥାଏ। ଏହିପରି କରିବା ଦ୍ୱାରା ମଧୁମେହ ରୋଗୀ କୌଣସି ଔଷଧ ନ ନେଇ ମଧ୍ୟ ଆନନ୍ଦ ପୂର୍ବକ ଲମ୍ବାଜୀବନ ବିତାଇଥାଏ। ଏହି ମଧୁମେହର ଚିକିତ୍ସା ପ୍ରଣାଳୀକୁ ୩ ଭାଗରେ ବିଭକ୍ତ କରାଯାଇଛି, ସେହି ଅବସ୍ଥାକୁ ଆଖିରେ ରଖି ଚିକିତ୍ସା ଓ ଆହାର ଆଦି ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ଔଷଧ ନିର୍ଦ୍ଧାରଣ କରାଯାଇଛି।

**ପ୍ରାକୃତିକ ଚିକିତ୍ସା ପ୍ରଣାଳୀ**

ସକାଳେ ମଳତ୍ୟାଗ ପୂର୍ବରୁ ବା ପରେ ସୁବିଧା ଅନୁସାରେ ଏକ ଗ୍ଲାସ ଉଷୁମ ପାଣିରେ ଏକ ଲେମ୍ବୁରସ ଓ ୫ ମି.ଲି.ରୁ ୭ ମି.ଲି. ଅଦାରସ ମିଶାଇ ପିଇବ। ତା'ପରେ ୨ କି.ମି.ରୁ ୩ କି.ମି. ପ୍ରାତଃ ଭ୍ରମଣ କରିବ। ସେଠାରୁ ଫେରି କିଛି ସମୟ ବିଶ୍ରାମ କରି ପୁଣି ୫ରୁ ୭ ମିନିଟ୍ ଦୌଡ଼ି କିମ୍ବା ଜଗିଙ୍ଗ୍ ଆଦି କରିବ। ପୁଣି ୧୫/୨୦ ମିନିଟ୍ ଜୋର୍ ଜୋର୍ ଦୌଡ଼ିବ କିମ୍ବା ସାଇକେଲ ଚଳାଇବ। ଏହାଦ୍ୱାରା ଗ୍ଲୁକୋଜ୍ ୪୫ରୁ ୫୦ ଗ୍ରାମ ପର୍ଯ୍ୟନ୍ତ ଶରୀର ସଂଗ୍ରହ କରି ଦେଇଥାଏ। ପୁଣି କିଛି ସମୟ ବିଶ୍ରାମ କରି ୧୦ ମିନିଟ୍ ପର୍ଯ୍ୟନ୍ତ ଶୀର୍ଷାସନ, ଅର୍ଦ୍ଧ ମତ୍ସ୍ୟେନ୍ଦ୍ରାସନ, ପଶ୍ଚିମୋଭାନାସନ ନିୟମିତ ରୂପେ କରିବ। ଏତଦ୍‌ବ୍ୟତୀତ କୌଣସି ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରନ୍ତୁ।

*-ଫ୍ଲାଟ୍ ନମ୍ବର-୧୧୭,
ମହାନଦୀ ବିହାର, କଟକ-୪
ମୋ : ୯୪୩୭୨୭୨୬୬୩*



ଡାଇବେଟିସ ରୋଗୀ ବିଶେଷ ଭାବରେ ଖାଦ୍ୟପେୟ ପ୍ରତି ସଚେତନ ରହିଥାଆନ୍ତି। ସେମାନଙ୍କୁ ମିଠାଜାତୀୟ ଏବଂ କେତେକ ଖାଦ୍ୟଠାରୁ ଦୂରତା ଅବଲମ୍ବନ କରିବାକୁ ପଡ଼ିଥାଏ। ହେଲେ ଆଜିକାଲି ବଜାରରେ ବିଭିନ୍ନ ପ୍ରକାର ସୁଗାର ଫ୍ରି ଖାଦ୍ୟ ଉପଲବ୍ଧ, ଯାହାର ମଧ୍ୟ ଢେର୍ ଚାହିଦା ରହିଛି। ହେଲେ ଏପରି ଖାଦ୍ୟ ଡାଇବେଟିସ ରୋଗୀଙ୍କ ପାଇଁ ଦାନ୍ତଜନିତ ସମସ୍ୟା ସୃଷ୍ଟି କରିପାରେ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏପରି ବିଷୟବସ୍ତୁ ଉପରେ ଅଷ୍ଟ୍ରେଲିଆସ୍ଥିତ ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏଥିରୁ ଜଣାପଡ଼ିଥିଲା ଯେ, ସୁଗାର ଫ୍ରି ମିଠା ହେଉ କି ପାନୀୟ ଡାଇବେଟିସ ରୋଗୀଙ୍କର ଦାନ୍ତ ପାଇଁ ୩୦-୫୦ ପ୍ରତିଶତ କ୍ଷତିକାରକ। ପାଖାପାଖି ୨୩ ପ୍ରକାର ସୁଗାର ଫ୍ରି ଖାଦ୍ୟ ଏବଂ ପାନୀୟ ଉପରେ ସେମାନେ ଗବେଷଣା କରି ଏକଥା ଜାଣିପାରିଥିଲେ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏପରି ଖାଦ୍ୟରେ ଥିବା ଏସିଡିକ୍ କଲର ଦାନ୍ତ ପାଇଁ କ୍ଷତିକାରକ।

# ଇନ୍‌ଫେକ୍‌ଶନର କାରଣ ହୋଇପାରେ ଟୁଥ୍‌ବ୍ରଶ




ଇନ୍‌ଫେକ୍‌ଶନର କାରଣ ହୋଇ ପାରେ ଟୁଥ୍‌ବ୍ରଶ-ଏପରି ସତର୍କ ସୂଚନା ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମେଡିସିନ ବିଶେଷଜ୍ଞମାନେ। ସେମାନେ ଏକ ସର୍ଭେରୁ ଜାଣିପାରିଛନ୍ତି ଯେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଟୁଥ୍‌ବ୍ରଶ ଯଦି ବଦଳାଉ ନାହାନ୍ତି କିମ୍ବା ଦାନ୍ତ ଘଷିବା ପରେ ଏହାର ଠିକ୍ ଭାବରେ ତଥା ଯତ୍ନର ସହ ରଖୁନାହାନ୍ତି ତେବେ ଶରୀରରେ ଇନ୍‌ଫେକ୍‌ଶନ ହେବାର ଆଶଙ୍କା ରହିଛି। ଟୁଥ୍‌ବ୍ରଶକୁ ଯଦି ଓଦା ଅବସ୍ଥାରେ କଭର ଭିତରେ ରଖୁଛନ୍ତି ତେବେ ସେପରି ଅବସ୍ଥାରେ ଟୁଥ୍‌ବ୍ରଶରେ 'ମେଥିସିଲିନ୍ ରେଜିଷ୍ଟାଣ୍ଟ ଷ୍ଟାଫିଲୋକୋକୋସ୍ ଅରେଅସ' ନାମକ କ୍ଷତିକାରକ ଜୀବାଣୁ ସୃଷ୍ଟି ହୋଇଥାଆନ୍ତି। ଏହି ଜୀବାଣୁ ଶରୀର ଭିତରକୁ ପ୍ରବେଶ କଲେ ଇନ୍‌ଫେକ୍‌ଶନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଟୁଥ୍‌ବ୍ରଶକୁ ଦାନ୍ତ ଘଷି ସାରି ଏହା ଶୁଖିଯିବା ପରେ କଭର ଭିତରେ ରଖନ୍ତୁ।

# ସ୍ୱାସ୍ଥ୍ୟ ସୂଚନା

- ❖ଘରେ ଯଦି କିଛି ମେଡିସିନ୍ ରଖିଛନ୍ତି ତେବେ ତାହାର ଏକ୍ସପାୟେରୀ ଡେଟ୍ ପ୍ରତି ସଚେତନ ରହନ୍ତୁ।
- ❖କେତେକ ରୋଗର ଚିକିତ୍ସା ସମୟରେ ଖାଦ୍ୟପେୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ଏ ବିଷୟରେ ଡାକ୍ତରଙ୍କର ନିକଟରୁ ବିଷଦ ଭାବରେ ବୁଝିନିଅନ୍ତୁ।



- ❖ଯଦି ଆପଣଙ୍କୁ ଅସୁସ୍ଥ ଲାଗୁଛି ତେବେ ସୁସ୍ଥ ଲାଗିବା ପର୍ଯ୍ୟନ୍ତ ବ୍ୟାୟାମ ବନ୍ଦ ରଖନ୍ତୁ।
- ❖କୌଣସି ସ୍ଥାନରେ ବ୍ୟାୟାମ କରିବା ପୂର୍ବରୁ ସେହି ସ୍ଥାନର ପରିବେଶ ପ୍ରତି ନଜର ଦିଅନ୍ତୁ। ସେହି ସ୍ଥାନ ପ୍ରଦୂଷଣମୁକ୍ତ ରହିବା ଆବଶ୍ୟକ।
- ❖ଯଦି ଆପଣ ଦିନତମାମ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି ତେବେ ନିଜର ଖାଦ୍ୟପେୟ ପ୍ରତି ସଚେତନ ରୁହନ୍ତୁ। ରାତିରେ ଅତିକମ୍‌ରେ ୬-୭ଘଣ୍ଟା ଶୁଅନ୍ତୁ।



- ❖ଯଦି କୌଣସି ରୋଗର ଲକ୍ଷଣ ବିଷୟରେ ଜାଣିପାରିଲେ ସେଥିପ୍ରତି ଅବହେଳା କରନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ❖ବର୍ତ୍ତମାନ ଖରାଦିନ। ତେଣୁ ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ପେଟଜନିତ ରୋଗ ସୃଷ୍ଟି କରିବ। ଏହି ଦିନରେ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରଖିବାକୁ ପ୍ରଚୁର ପାଣି ପିଅନ୍ତୁ।

> କାରବାର ବଢ଼ାଇବା ଲାଗି ଅଡି ଇଣ୍ଡିଆ ଯୋଜନା ମୁତାବକ ଦେଶର ଟିୟର-୨, ଟିୟର-୩ ସହରରେ ପ୍ରଥମେ ୱାର୍କଶପ୍ ପ୍ରତିଷ୍ଠା ପରେ ଶୋ'ରୁମ୍ ଖୋଲିବା।
>
> -ରାହିଲ ଅନସାରୀ, ଅଡି ଇଣ୍ଡିଆ ମୁଖ୍ୟ



> ଆସନ୍ତା ୫ ବର୍ଷ ମଧ୍ୟରେ ମାଷ୍ଟେକ ଡିଜିଟାଲର ରାଜସ୍ୱକୁ ୫୦ କୋଟି ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି।
>
> -ବିବେକ ଗୁପ୍ତା, ପ୍ରେସିଡେଣ୍ଟ ତଥା ସିଇଓ, ମାଷ୍ଟେକ ଡିଜିଟାଲ



## ସଂକ୍ଷେପରେ

### ଦୃଷ୍ଟିବାଧିତଙ୍କ ଲାଗି ଆର୍‌ବିଆଇର ନୋଟ୍ ଚିହ୍ନିବା ଆପ୍



**ମୁମ୍ବାଇ,୧୨-୫:** ଦୃଷ୍ଟିବାଧିତଙ୍କୁ ସହଜରେ ନୋଟ୍ ଚିହ୍ନିବାରେ ସହାୟତା କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏକ ମୋବାଇଲ ଆପ୍ ଆଣିବାକୁ ଯାଉଛି। ବର୍ତ୍ତମାନ ଦେଶରେ ୫,୧୦,୨୦,୫୦,୧୦୦, ୨୦୦, ୫୦୦ ଏବଂ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନରେ ରହିଛି। ଏହାବ୍ୟତୀତ କେନ୍ଦ୍ର ସରକାର ୧ ଟଙ୍କିଆ ନୋଟ୍ ଜାରି କରୁଛନ୍ତି। ଦୃଷ୍ଟିବାଧିତ ଯେପରି ସହଜରେ ନୋଟ୍ ଚିହ୍ନି ପାରିବେ ସେଥିପାଇଁ ଆର୍‌ବିଆଇ ପକ୍ଷରୁ ୧୦୦ଟଙ୍କାରୁ ଉର୍ଦ୍ଧ୍ୱ ନୋଟ୍‌କୁ ଇଣ୍ଟାଗ୍ଲିଓ ପ୍ରିଣ୍ଟିଂ କରିଥାଏ। ଅର୍ଥାତ୍ ଏଭଳି ନୋଟ୍‌ରେ ଲେଖାଯାଇଥିବା ଅକ୍ଷରସବୁ ସାମାନ୍ୟ ଉଠି ରହିଥାଏ। ଯାହାକୁ ଛୁଇଁ ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ସହଜରେ ନୋଟ୍ ଚିହ୍ନି ପାରୁଛନ୍ତି। ନୂଆ ମୋବାଇଲ ଆପ୍ ତିଆରି ଲାଗି ଆର୍‌ବିଆଇ ପକ୍ଷରୁ ଟେକ୍ନିକାଲ ବିଡିଂ ଆହ୍ୱାନ କରାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ପୁରୁଣା ଓ ନୂଆ ମହାତ୍ମା ଗାନ୍ଧୀ ସିରିଜର ବୈଧ ନୋଟ୍‌କୁ ମୋବାଇଲ ଆପ୍ କ୍ୟାମେରା ସମ୍ମୁଖରେ ଧରିବା କ୍ଷଣି ଏହା ତୁରନ୍ତ ନୋଟ୍‌କୁ ଚିହ୍ନଟ କରିପାରିବ। ଏଭଳି ବ୍ୟବସ୍ଥା ବିକଶିତ କରିବା ଲାଗି ଆପ୍ ନିର୍ମାତାଙ୍କୁ କୁହାଯାଇଛି। ଏହାଛଡ଼ା ଏହି ଆପ୍ ଯେକୌଣସି ଆପ୍ ଷ୍ଟୋରରେ ଭଏସ୍ କଲ୍ ଜରିଆରେ ଖୋଜାଯାଇପାରୁଥିବା ମାତ୍ର ୨ ସେକେଣ୍ଡ ମଧ୍ୟରେ ନୋଟ୍ ଚିହ୍ନଟ ଲାଗି ବ୍ୟବସ୍ଥା ରହିବ।

### 'ଏନ୍‌ବିଏଫ୍‌ସି ସେକ୍ଟରରେ ବଢ଼ିବ ସଙ୍କଟ'




**ନୂଆଦିଲ୍ଲୀ,୧୨-୫:** ଦେଶର ଅଣ-ବ୍ୟାଙ୍କିଙ୍ଗ୍ କମ୍ପାନୀ କ୍ଷେତ୍ର (ଏନ୍‌ବିଏଫ୍‌ସି) ସଙ୍କଟର ଦ୍ୱାରଦେଶରେ ଛିଡ଼ା ହୋଇଛି। କେତେକ ବଡ଼ କମ୍ପାନୀ ଦ୍ୱାରା ହୋଇଥିବା ବିତ୍ତୀୟ ଅନାୟମିତତା ଏବଂ ଋଣ ପ୍ରଦାନ ପାଇଁ ଅର୍ଥର ଅଭାବ ଯୋଗୁ ଉକ୍ତ କ୍ଷେତ୍ର ଧ୍ୱସ୍ତ ହେବାକୁ ଯାଉଛି ବୋଲି କେନ୍ଦ୍ର ସରକାର ଚେତାଇଛନ୍ତି। ସୂଚନାଥାଉ କି, ନିକଟ ଅତୀତରେ ବିଭିନ୍ନ କାରବାର ସହ ଜଡ଼ିତ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପ୍‌ରେ ଦେଖାଦେଇଥିବା ସଙ୍କଟ ଯୋଗୁ କେତେକ ବଡ଼ କମ୍ପାନୀ ଋଣ ଫେରସ୍ତ କରିବାରେ ବିଫଳ ହୋଇଛନ୍ତି। ଫଳରେ ଦେଶର ଅର୍ଥବ୍ୟବସ୍ଥା ଉପରେ ଏହାର ବେଶ୍ ପ୍ରଭାବ ପଡ଼ିଛି ଏବଂ ସମସ୍ୟା ସୃଷ୍ଟି ହୋଇଛି। ମିଡିଆ ସହ ଆଲୋଚନା କାଳରେ କର୍ପୋରେଟ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିବାସ କହିଛନ୍ତି ଯେ, ଏନ୍‌ବିଏଫ୍‌ସି ସେକ୍ଟର ଋଣ ପାଉ ନଥିବା ବେଳେ ଅଧିକ ଋଣ ପ୍ରଦାନ ଯୋଗୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାଛଡ଼ା କେତେକ ବଡ଼ କମ୍ପାନୀଙ୍କ ଭୁଲ୍ ନିଷ୍ପତ୍ତିର ମୂଲ୍ୟ ସେମାନଙ୍କୁ ଦେବାକୁ ପଡୁଛି। ସେ କହିଛନ୍ତି ଯେ, ଏନ୍‌ବିଏଫ୍‌ସି ସେକ୍ଟରରେ ସଙ୍କଟ ଆସୁଛି। ତେବେ ସେ ଆଶ୍ୱସ୍ତ କରି କହିଛନ୍ତି ଯେ, ଯେଉଁ କମ୍ପାନୀଗୁଡ଼ିକ ଏହି ସମସ୍ୟା ପାଇଁ ଦାୟୀ, ସେମାନେ ଏହି ବିପଦକୁ ଠିକ୍ ଢଙ୍ଗରେ ପରିଚାଳନା କରୁଛନ୍ତି। ଫଳରେ ବିପଦ ବୃଦ୍ଧି ପାଇବାର ସମ୍ଭାବନା ଅନେକାଂଶରେ କମିଛି।

### ପୁଞ୍ଜି ବଜାରରୁ ୩୨୦୭ କୋଟି କାଢ଼ି ନେଲେ ଏଫ୍‌ପିଆଇ

**ମୁମ୍ବାଇ,୧୨-୫:** ପୁଞ୍ଜି ବଜାରରୁ ଫରେନ ପୋର୍ଟଫୋଲିଓ ନିବେଶକମାନେ ୩୨୦୭ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି। ଆମେରିକା ଏବଂ ଚାଇନା ମଧ୍ୟରେ ବ୍ୟବସାୟିକ ଯୁଦ୍ଧ ଯୋଗୁ ନିବେଶକଙ୍କ ଚିନ୍ତା ବଢ଼ିଯାଇଛି। ଏହାର ପ୍ରଭାବ ପୁଞ୍ଜି ବଜାରରେ ପଡିଥିବା ଜଣାପଡିଛି। ବିଦେଶୀ ନିବେଶକମାନେ ଫେବୃୟାରୀ, ମାର୍ଚ୍ଚ ଏବଂ ଏପ୍ରିଲ ମାସରେ ଯଥାକ୍ରମେ ୧୧,୧୮୨ କୋଟି, ୪୫,୯୮୧ କୋଟି ଏବଂ ୧୬,୦୯୩ କୋଟି ପୁଞ୍ଜି ବଜାରରେ ନିବେଶ କରିଥିଲେ। ଡିପୋଜିଟୋରୀ ସୂଚନା ମୁତାବକ ଚଳିତ ମାସର ବର୍ତ୍ତମାନ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ୧୩୪୪ କୋଟି ଟଙ୍କା ନିବେଶ କରିଥିବା ବେଳେ ୪୫୫୨ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି। ନିବେଶକମାନେ ୩୨୦୭ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଥିବା ଜଣାପଡିଛି।

# କିରାନାରେ କ୍ରାନ୍ତି ଆଣିବ ରିଲାଏନ୍ସ

**ନୂଆଦିଲ୍ଲୀ,୧୨-୫**



- ଦେଶରେ ୭୦୦ ବିଲିୟନ ଡଲାରର ଖୁଚୁରା ବଜାର
- ୯୦% ଖୁଚୁରା ବଜାର ଅସଙ୍ଗଠିତ
- ୨୦୨୩ ସୁଦ୍ଧା ୫୦ ଲକ୍ଷ ଛୁଇଁପାରେ ଡିଜିଟାଲ ରିଟେଲ ଷ୍ଟୋର
- ବିଶ୍ୱର ସର୍ବବୃହତ୍ ଅନ୍‌ଲାଇନ ଟୁ ଅଫଲାଇନ ପ୍ଲାଟଫର୍ମ ପ୍ରସ୍ତୁତ କରୁଛି ରିଲାଏନ୍ସ

ମୁକେଶ ଅମ୍ବାନୀଙ୍କ ଦ୍ୱାରା ପରିଚାଳିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଦେଶର ଟେଲିକମ୍ ଶିଳ୍ପରେ ପରିବର୍ତ୍ତନ ଆଣିବା ପରେ ଏବେ କିରାନା ବା ଖୁଚୁରା ଷ୍ଟୋର କ୍ଷେତ୍ରରେ କ୍ରାନ୍ତି ଆଣିବା ଦିଗରେ ଅଗ୍ରସର ହେଉଛି। ଦେଶରେ ୭୦୦ ବିଲିୟନ ଡଲାରର ଖୁଚୁରା ବଜାର ରହିଛି। ଏହାର ୯୦% ଅସଙ୍ଗଠିତ । ରିଲାଏନ୍ସ ବର୍ତ୍ତମାନ ଦେଶରେ ବିଶ୍ୱର ସର୍ବବୃହତ୍ ଅନଲାଇନ ଟୁ ଅଫଲାଇନ ଇ-କମର୍ସ ପ୍ଲାଟଫର୍ମ ଆଣିବା ଦିଗରେ କାର୍ଯ୍ୟ କରୁଛି। ଅନ୍‌ଲାଇନ ରିଟେଲରେ ରିଲାଏନ୍ସର ଏଭଳି ପ୍ରୟାସ ଯୋଗୁ ଦେଶରେ ଥିବା ବର୍ତ୍ତମାନର ୧୫୦୦୦ ଡିଜିଟାଲ ରିଟେଲ ଷ୍ଟୋର ୨୦୨୩ ବେଳକୁ ୫୦ ଲକ୍ଷ ଛୁଇଁପାରେ। ବ୍ୟାଙ୍କ ଅଫ୍ ଆମେରିକା ମେରିଲ ଲିଞ୍ଚ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

ଘରୋଇ ବଜାରର କିରାନା ଷ୍ଟୋରଗୁଡିକ ସାଧାରଣତଃ ତେଜରାତି ଏବଂ ଅନ୍ୟ ସାମଗ୍ରୀ ବିକ୍ରି କରିଥାନ୍ତି। ଉକ୍ତ ଷ୍ଟୋରଗୁଡିକ ସେମାନଙ୍କ ଟେକ୍ନୋଲୋଜିକୁ ଉନ୍ନତୀକରଣ ଲାଗି ଆଗ୍ରହୀ ଥିବାରୁ ଏହା ଆଧୁନିକୀକରଣକୁ ପ୍ରୋତ୍ସାହନ କରିବାରେ ବିଶେଷ ସହାୟକ ହେବ ବୋଲି ଅଧ୍ୟୟନରୁ ସାମ୍ନାକୁ ଆସିଛି। ବାଣିଜ୍ୟର ପରିଭାଷା ଏବେ ବଦଳୁଛି। ଆଧୁନିକ ବାଣିଜ୍ୟରେ ଇ-କମର୍ସ ଅନ୍ୟ ବାଣିଜ୍ୟ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛି। ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଏ ଦିଗରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଜିଏସ୍‌ଟି ଅନୁପାଳନ ବିଲ୍ ଏବେ ବାଧ୍ୟତାମୂଳକ ହୋଇଥିବାରୁ ସଂସ୍ଥାଗୁଡିକ ଏହା ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି।

ସାରା ଦେଶରେ ରିଲାଏନ୍ସର ୧୦,୦୦୦ ରିଟେଲ ଆଉଟଲେଟ ରହିଛି। ବିଶ୍ୱର ସର୍ବବୃହତ୍ ଅନଲାଇନ ଟୁ ଅଫଲାଇନ ମାର୍କେଟ ପ୍ଲେସ ଆଡକୁ ଏହା ଏବେ ଅଗ୍ରସର। ରିଲାଏନ୍ସ ବର୍ତ୍ତମାନ କିରାନା ଷ୍ଟୋରଗୁଡିକରେ ଜିଓ ମୋବାଇଲ ପଏଣ୍ଟ ଅଫ୍ ସେଲ(ଜିଓ ଏମ୍‌ପିଓଏସ୍) ସ୍ଥାପନା ଦିଗରେ କାର୍ଯ୍ୟ କରୁଛି। ଏହା ଦ୍ୱାରା ସ୍ଥାନୀୟ ଯୋଗାଣକାରୀ କମ୍ପାନୀର ୪ଜି ହାଇସ୍ପିଡ ନେଟୱର୍କ ସହ ଯୋଡି ହେବେ। ସେହିଭଳି ଗ୍ରାହକମାନେ ଏହାକୁ ଅର୍ଡର ଯୋଗାଣ ଲାଗି ବ୍ୟବହାର କରିପାରିବେ। ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ନାପଡିଲ୍, ନୁକଡ ଶପ୍ ଗୋଫ୍ରୁଗାଲ ଭଳି ପ୍ଲାଟଫର୍ମକୁ ଏହା ପଛରେ ପକାଇବ ବୋଲି ଅନୁମାନ କରାଯାଉଛି।

ଜିଓ ଏମ୍‌ପିଓଏସ୍ ୩୦୦୦ ଟଙ୍କା ନିବେଶରେ ଉପଲବ୍ଧ ହେଉଛି। ଯାହାକୁ ସ୍ନାପଡିଲ ୫୦,୦୦୦ ଟଙ୍କାରେ ବିକ୍ରି କରୁଛି। ସେହିଭଳି ନୁକଡ ଶପ୍ ଏଥିଲାଗି ୩୦ ହଜାର ଏବଂ ଗୋ ଫ୍ରୁଗାଲ ୫୫ ହଜାର ଚାର୍ଜ କରୁଛି। ଏଥିଲାଗି ସଫ୍ଟୱେର ଲାଗି ୧୫ ହଜାରରୁ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଜିଓ ଏହାର ଏମ୍‌ପିଓଏସ୍ ଲାଗି କୌଣସି ମର୍ଚ୍ଚାଣ୍ଟାଇଜ ଡିସକାଉଣ୍ଟ ରେଟ(ଏମ୍‌ଡିଆର୍) ଚାର୍ଜ ନେବ ନାହିଁ। ଏଥିରେ ଲୟାଲଟି ପ୍ରୋଗ୍ରାମ ପ୍ରଦାନ କରିବ। ସେହିଭଳି ମର୍ଚ୍ଚାଣ୍ଟାଇଜ ଡେଲିଭରି, ବିଜ୍ଞାପନ, ଯୋଗାଣ କ୍ଷେତ୍ର ସଂଯୋଗୀକରଣ ଭଳି କ୍ଷେତ୍ରରେ ମଧ୍ୟ ସହାୟତା କରିବ। ଏଣୁ ଏହି କ୍ଷେତ୍ରରେ ରିଲାଏନ୍ସର ପ୍ରବେଶ କ୍ରାନ୍ତିକାରୀ ସାବ୍ୟସ୍ତ ହେବ ବୋଲି ଅଧ୍ୟୟନରେ କୁହାଯାଇଛି।

## ବ୍ରିଟେନର ଅତିଧନୀ ତାଲିକା

# ହିନ୍ଦୁଜା ଭ୍ରାତା ଶୀର୍ଷରେ

**ଲଣ୍ଡନ,୧୨-୫**

ବ୍ରିଟେନର ଅତିଧନୀଙ୍କ ତାଲିକାରେ ଏନ୍‌ଆର୍‌ଆଇ ହିନ୍ଦୁଜା ଭ୍ରାତା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ୨୨ ବିଲିୟନ ପାଉଣ୍ଡ(ପ୍ରାୟ ୨ ଲକ୍ଷ କୋଟି ଟଙ୍କା) ସମ୍ପତ୍ତି ସହ ହିନ୍ଦୁଜା ଭ୍ରାତା ତାଲିକାର ପ୍ରଥମ ସ୍ଥାନରେ ରହିଥିବା ବେଳେ ଅନ୍ୟତମ ପ୍ରବାସୀ ଭାରତୀୟ ରୁବେନ ଭ୍ରାତା ୧୮.୬୬ ବିଲିୟନ ପାଉଣ୍ଡ (୧,୬୯,୫୦୦ କୋଟି ଟଙ୍କା)ର ସମ୍ପତ୍ତି ସହ ଦ୍ୱିତୀୟ ସ୍ଥାନକୁ ଉଠି ଆସିଛନ୍ତି। ବ୍ରିଟେନରେ ହିନ୍ଦୁଜା ଗ୍ରୁପ୍ ଅଫ୍ କମ୍ପାନୀ ଚଳାଉଥିବା ଶ୍ରୀଚନ୍ଦ ଏବଂ ଗୋପୀଚନ୍ଦ ହିନ୍ଦୁଜାଙ୍କ ସମ୍ପତ୍ତି ଗତବର୍ଷ ତୁଳନାରେ ୧.୩୫ ବିଲିୟନ ପାଉଣ୍ଡ ବୃଦ୍ଧି ପାଇଛି। ଏଭଳି ଭାବେ ସେମାନେ 'ସଣ୍ଡେ ଟାଇମ୍ସ'ର ସବୁଠାରୁ ଧନୀ ତାଲିକାର ପ୍ରଥମ ସ୍ଥାନ ଅକ୍ତିଆର କରିବାରେ ସଫଳ ହୋଇଛନ୍ତି। ଏଥିପୂର୍ବରୁ ୨୦୧୪ ଏବଂ ୨୦୧୭ରେ ମଧ୍ୟ ସେମାନେ ଏହି ତାଲିକାର ଶୀର୍ଷରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ରୁବେନ ଭ୍ରାତା ମୁମ୍ବାଇରେ ଜନ୍ମିତ ୮୦ ବର୍ଷୀୟ ଡେଭିଡ୍ ରୁବେନ ଏବଂ ୭୭ ବର୍ଷୀୟ ସାଇମନ ରୁବେନ ଗତବର୍ଷ ଏହି ତାଲିକାର ଚତୁର୍ଥ ସ୍ଥାନରେ ରହିଥିଲେ। ଚଳିତ ବର୍ଷ ସେମାନଙ୍କ ସମ୍ପତ୍ତି ୩.୫୬ ବିଲିୟନ ପାଉଣ୍ଡ ବୃଦ୍ଧି ପାଇଛି।



ଶ୍ରୀଚନ୍ଦ ହିନ୍ଦୁଜା ଓ ଗୋପିଚାନ୍ଦ ହିନ୍ଦୁଜା

ସେହିପରି ଅନ୍ୟତମ ଏନ୍‌ଆର୍‌ଆଇ ଲକ୍ଷ୍ମୀ ନିବାସ ମିତ୍ତଲଙ୍କ ସମ୍ପତ୍ତି ୩.୯୯ ବିଲିୟନ ପାଉଣ୍ଡ ହ୍ରାସ ପାଇଛି। ଫଳରେ ସେ ଅତିଧନୀନଙ୍କ ତାଲିକାରେ ଗତବର୍ଷ ୫ମ ସ୍ଥାନରେ ରହିଥିବା ବେଳେ ଚଳିତବର୍ଷ ୧୧ତମ ସ୍ଥାନକୁ ଖସିଯାଇଛନ୍ତି। ଅନ୍ୟପକ୍ଷରେ ଗତବର୍ଷ ଶୀର୍ଷ ସ୍ଥାନରେ ରହିଥିବା ଏକ ରାସାୟନିକ କମ୍ପାନୀର ପ୍ରତିଷ୍ଠାତା ସାର୍ ଜିମ୍ ର୍ୟାଟକ୍ଲିଫ୍ ୧୮.୧୫ ବିଲିୟନ ପାଉଣ୍ଡ ସମ୍ପତ୍ତି ସହ ତୃତୀୟ ସ୍ଥାନକୁ ଖସିଯାଇଛନ୍ତି।

# ନିଯୁକ୍ତି ସଙ୍କଟ: ନୂଆ ସରକାରଙ୍କୁ ଆହ୍ୱାନ

**ନୂଆଦିଲ୍ଲୀ,୧୨-୫**




ଆଉ କେଇଟା ଦିନ ପରେ ଦେଶରେ ଚାଲିଥିବା ସାଧାରଣ ନିର୍ବାଚନ ମହାକୁମ୍ଭ ଶେଷ ହୋଇଯିବ। ମେ ୨୩ରେ ଫଳାଫଳ ଘୋଷଣା ପରେ କେନ୍ଦ୍ରରେ ନୂଆ ସରକାର କ୍ଷମତାକୁ ଆସିବେ। କିନ୍ତୁ ଆର୍ଥିକ ଦୃଷ୍ଟିରୁ ଦେଖିଲେ ଅନେକ ଆର୍ଥିକ ଆହ୍ୱାନ ରହିଛି, ଯାହାର ସାମ୍ନା ନୂଆ ସରକାରଙ୍କୁ କରିବାକୁ ହେବ। ତନ୍ମଧ୍ୟରେ ନିଯୁକ୍ତି ହ୍ରାସ ସଙ୍କଟ ଦୂର କରିବା ପ୍ରାଥମିକତା ହେବ। କାରଣ ସମସ୍ତ ସଙ୍କେତରୁ ଜଣାପଡୁଛି ଯେ, ଦେଶର ଆର୍ଥିକ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ଏହି କାରଣରୁ ନିଯୁକ୍ତି ସ୍ଥିତି ବିଗିଡି ଚାଲିଛି।

ଦେଶର ଆର୍ଥିକ ସ୍ଥିତିର ଅନୁଧ୍ୟାନ ଔଦ୍ୟୋଗିକ ଉତ୍ପାଦନରୁ ବେଶ ସ୍ପଷ୍ଟ ହୁଏ। ମାର୍ଚ୍ଚରେ ଆଇଆଇପି ଅର୍ଥାତ୍ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ୦.୧%କୁ ହ୍ରାସ ପାଇଛି। ଆର୍ଥିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଥିବା ଔଦ୍ୟୋଗିକ ଉତ୍ପାଦନର ଏହି ସ୍ତର ବିଗତ ୨୧ ମାସର ସର୍ବନିମ୍ନ କୁହାଯାଉଛି। ଫଳରେ ବିନିର୍ମାଣ(ମାନୁଫାକଚରିଂ) କ୍ଷେତ୍ର ହ୍ରାସ ପାଇବା ଚିନ୍ତାର ବିଷୟ ହୋଇଛି। ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ଫାଇନାନ୍ସ ଆଣ୍ଡ ପଲିସି ପ୍ରଫେସର ଏନ୍.ଆର.ଭାନୁମୂର୍ତ୍ତି କହିଛନ୍ତି ଯେ, ଔଦ୍ୟୋଗିକ ଉତ୍ପାଦନ ହ୍ରାସ ପାଇବା ଯୋଗୁ ରୋଜଗାର ସୃଷ୍ଟିରେ ଏହାର ଗଭୀର ପ୍ରଭାବ ପଡ଼ିବ। ଆର୍ଥିକ ବର୍ଷ ୨୦୧୮-୧୯ରେ ଆର୍ଥିକ ଅଭିବୃଦ୍ଧି(ଜିଡିପି) ୭%ରୁ କମ୍ ରହିପାରେ। ଏହି କାରଣରୁ ନୂଆ ରୋଜଗାର ସୃଷ୍ଟି ଉପରେ ଏହାର ପ୍ରଭାବ ପଡ଼ିବା ନିଶ୍ଚିତ।

### ସିମ୍ ଭଳି ପୋର୍ଟେବଲ ହେବ ସେଟ୍ ଟପ୍ ବକ୍ସ

**ନୂଆଦିଲ୍ଲୀ,୧୨-୫:** ଗ୍ରାହକଙ୍କୁ ଭଲ ତଥା ଅଧିକ ସେବା ଯୋଗାଣ ପ୍ରତି ଦୃଷ୍ଟିନିବଦ୍ଧ କରିଥିବା ଭାରତୀୟ ଟେଲିକମ ରେଗୁଲେଟୋରୀ ଅଥରିଟି(ଟ୍ରାଇ) ବର୍ଷ ଶେଷରେ ଏକ ନୂଆ ନିୟମ ଆଣିବାକୁ ଯାଉଛି। ଯାହାଦ୍ୱାରା ମୋବାଇଲ ସିମ୍ ଭଳି ସେଟ୍ ଟପ୍ ବକ୍ସ(ଏସ୍‌ଟିବି)କୁ ମଧ୍ୟ ପୋର୍ଟେବଲ କରିହେବ। ଏ ସମ୍ପର୍କରେ ଟ୍ରାଇ ସମସ୍ତ ବିକଳ୍ପ ଉପରେ ବିଚାର କରୁଛି। ବର୍ତ୍ତମାନ ପ୍ରତ୍ୟେକ ଡିଟିଏଚ୍ କମ୍ପାନୀ ନିଜସ୍ୱ ସେଟ୍ ଟପ୍ ବକ୍ସ ପ୍ରଚଳନ କରିଛନ୍ତି। ଏଭଳି ସ୍ଥିତିରେ ସେବାରେ ଅସନ୍ତୁଷ୍ଟ ଗ୍ରାହକ ସେଟ୍ ଟପ୍ ବକ୍ସ ବଦଳାଇ ପାରୁନାହାନ୍ତି। କାରଣ ତାଙ୍କୁ ପୁଣିଥରେ ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ ଏବଂ ତାଙ୍କର ପୁରୁଣା ବକ୍ସ ବେକାର ହୋଇଯାଏ।

### ସିପେଟ ପକ୍ଷରୁ ରିଲିଫ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୨-୫:** ମଞ୍ଚେଶ୍ୱରସ୍ଥିତ ସିପେଟ ସିଏସ୍‌ଟିଏସ୍ ପକ୍ଷରୁ ପୁରୀର କଣାସ ବ୍ଲକରେ ରିଲିଫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିପେଟ ଶାଖାର କେନ୍ଦ୍ର ମୁଖ୍ୟ ନିହାରିକା ପରିଡା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶାଖାର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ ଏବଂ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ।

# ବଜାଜର ନୂଆ ଆଭେଞ୍ଜର ଷ୍ଟ୍ରିଟ ୧୬୦

**ନୂଆଦିଲ୍ଲୀ,୧୨-୫**

ବଜାଜ ଅଟୋ ପକ୍ଷରୁ ବଜାରକୁ ଆସିଛି ନୂଆ ଆଭେଞ୍ଜର ଷ୍ଟ୍ରିଟ ୧୬୦ ଏବିଏସ୍ ଭାରିଆଣ୍ଟ। ନୂଆ ଉନ୍ମୋଚନ ସହ କମ୍ପାନୀ ସ୍ପୋର୍ଟସ ବାଇକ୍ ସେଗମେଣ୍ଟରେ ନିଜର ଉପସ୍ଥିତିକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିଛି। ଏଥିରେ ସିଙ୍ଗଲ ଚ୍ୟାନେଲ ଏବିଏସ୍, ରୋଡଷ୍ଟର ଡିଜାଇନର ହେଡ ଲ୍ୟାମ୍ପ, ଏଲ୍‌ଇଡି ଡିଆର୍‌ଏଲ୍, ନୂଆ ଗ୍ରାଫିକ୍ସ ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଏହା ୧୫୦-୧୬୦ ସିସି ବର୍ଗରେ ଗ୍ରାହକଙ୍କୁ ସ୍ପୋର୍ଟି କ୍ରୁଇଜର ଅନୁଭୂତି ପ୍ରଦାନ କରିବ। ଯୁବବର୍ଗଙ୍କ କ୍ରୁଇଜର ଷ୍ଟାଇଲ ଆବଶ୍ୟକତା ପୂରଣ ଦିଗରେ ଏହା ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଆଭେଞ୍ଜର ଷ୍ଟ୍ରିଟ ୧୬୦ ଏବିଏସ୍ ସମସାମୟିକ ଷ୍ଟାଇଲ ସହିତ କ୍ଲାସିକାଲ ରୋଡଷ୍ଟର ଡିଜାଇନକୁ ବଜାୟ ରଖିଥିବା ବଜାଜ ଅଟୋର ମାର୍କେଟିଂ ଉପସଭାପତି ନାରାୟଣ ସୁନ୍ଦରରମଣ ସୂଚନା ଦେଇଛନ୍ତି। ଏହା ଇବୋନି ବ୍ଲାକ ଏବଂ ସ୍ପାଇସି ରେଡ ରଙ୍ଗରେ ଉପଲବ୍ଧ। ମଡେଲଟିର ବଜାର ଦର ୮୨,୨୫୩ ଟଙ୍କା ରହିଛି।

# ଏସିସି ସିମେଣ୍ଟ ପକ୍ଷରୁ ଫନୀ ସହାୟତା




ଭୁବନେଶ୍ୱର,୧୨-୫: ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ଏସିସି ସିମେଣ୍ଟ ସହାୟତାର ହାତ ବଢାଇଛି। କମ୍ପାନୀ ପକ୍ଷରୁ ରିଲିଫ ଏବଂ ପୁନର୍ବାସ ସହାୟତା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକଙ୍କ ସହାୟତା ଦିଗରେ ପଦକ୍ଷେପ ଜାରି ରହିବ ବୋଲି ଏସିସି ଲିମିଟେଡର ଏମ୍‌ଡି ତଥା ସିଇଓ ନୀରଜ ଅଖୌରୀ ସୂଚନା ଦେଇଛନ୍ତି। ପୁରୀ ଜିଲାର ବ୍ରହ୍ମଗିରି ଅଞ୍ଚଳରେ କମ୍ପାନୀ ପକ୍ଷରୁ ୧୦୦ ଲୋକ ରିଲିଫ କାର୍ଯ୍ୟକ୍ରମରେ ନିୟୋଜିତ ଅଛନ୍ତି। ଏଥିରେ ଏସିସି ହେଲ୍ପ ଭ୍ୟାନକୁ ନିୟୋଜିତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ୨ ଆଞ୍ଚଳିକ ମୁଖ୍ୟଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର,୧୨-୫**

**ଆଲ୍ଲାହାବାଦ ବ୍ୟାଙ୍କ**



ସନ୍ଦୀପ କୁମାର ଘୋଷାଲ



ଉତ୍ତମ ଦତ୍ତ

ଆଲ୍ଲାହାବାଦ ବ୍ୟାଙ୍କ ଭୁବନେଶ୍ୱର-୧ ଏବଂ ୨ର ନୂଆ ଆଞ୍ଚଳିକ ମୁଖ୍ୟ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଭୁବନେଶ୍ୱର-୧ ଆଞ୍ଚଳିକ କାର୍ଯ୍ୟାଳୟ ନୂଆ ମୁଖ୍ୟ ଭାବେ ସନ୍ଦୀପ କୁମାର ଘୋଷାଲ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ସେହିଭଳି କାର୍ଯ୍ୟାଳୟ ୨ର ନୂଆ ଆଞ୍ଚଳିକ ମୁଖ୍ୟ ଭାବେ ସହାୟକ ମହାପ୍ରବନ୍ଧକ ଉତ୍ତମ ଦତ୍ତ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ଘୋଷାଲ ପୂର୍ବରୁ ଦେଓଗଡସ୍ଥିତ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ୧୯୯୧ରେ ଆଲ୍ଲାହାବାଦ ବ୍ୟାଙ୍କରେ ସେ କାର୍ଯ୍ୟ ଆରମ୍ଭ କରିଥିଲେ। ଉତ୍ତରପ୍ରଦେଶ, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ହରିୟାଣା ଓ ଚଣ୍ଡିଗଡ ଭଳି ସ୍ଥାନରେ ସେ କାର୍ଯ୍ୟ କରିଛନ୍ତି। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ତାଙ୍କର ଦୀର୍ଘ ୨୮ ବର୍ଷର ଅଭିଜ୍ଞତା ରହିଛି। କ୍ରେଡିଟର ଅଭିବୃଦ୍ଧି, ମାନବ ସମ୍ବଳ କ୍ଷେତ୍ରରେ ଦକ୍ଷତା ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ସେହିଭଳି ଉତ୍ତମ ଦତ୍ତ ପୂର୍ବରୁ କଲିକତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ।

## ଚାଇନାକୁ ଟ୍ରମ୍ପଙ୍କ ଚେତାବନୀ

# ସାଲିସ ନ କଲେ ପରିଣାମ ଭୋଗିବ

**ନୂଆଦିଲ୍ଲୀ,୧୨-୫**

ଆମେରିକା ଏବଂ ଚାଇନା ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ଥମୁନାହିଁ। ଏପରିସ୍ଥିତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାକୁ ଚେତାବନୀ ଦେଇଛନ୍ତି। ବାଣିଜ୍ୟ ନେଇ ଆମେରିକା ସହ ସାଲିସ କରିବାକୁ ଟ୍ରମ୍ପ କହିଛନ୍ତି। ଏଭଳି ନ କଲେ ପରିଣାମ ଭୟାବହ ହେବା ସହ ଅସୁବିଧା ଭୋଗିବ ବୋଲି ଟ୍ରମ୍ପ ଚାଇନାକୁ କହିଛନ୍ତି। ଦୁଇ ଦେଶ ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧର ସମାପ୍ତି ଲାଗି ଅନେକ ଚେଷ୍ଟା ହୋଇଛି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ ହେଉଛି। ଏହି କ୍ରମରେ ଚାଇନା ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ବେଜିଂଠାରେ ଆଗାମୀ ଦିନରେ ଅନୁଷ୍ଠିତ ହେବ ବୋଲି ଚାଇନାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବୈଠକ କେବେ ଅନୁଷ୍ଠିତ ହେବ ସେ ନେଇ ଅଧିକାରୀ ଜଣକ କୌଣସି ସୂଚନା ଦେଇ ନାହାନ୍ତି। ମାତ୍ର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକୁ ନେଇ ଚାଇନା କୌଣସି ସାଲିସ କରିବ ନାହିଁ ବୋଲି ଅଧିକାରୀ କହିଛନ୍ତି। ଟ୍ରମ୍ପ ଏକ ଟୁଇଟ ଯୋଗେ କହିଛନ୍ତି ଯେ, ଆମେରିକା ନିଷ୍ପତ୍ତିରେ ଚାଇନାକୁ ଏଭଳି ଝଟକା ଲାଗିଛି ଯେ, ୨୦୨୦ରେ ଆସିବାକୁ ଥିବା ନିର୍ବାଚନ ଯାଏ ଏହା ଅପେକ୍ଷା କରିବାକୁ ଚାହୁଁଛି। ସେମାନେ ଏୟା ଦେଖିବାକୁ ଚାହିଁଛନ୍ତି ଯେ, ୨୦୨୦ରେ କିଏ ଆମେରିକା ରାଷ୍ଟ୍ରପତି ହେଉଛି। ଯଦି କୌଣସି ଡେମୋକ୍ରାଟ ଆମେରିକାର ରାଷ୍ଟ୍ରପତି ହେଲେ ତେବେ ସେମାନେ ପ୍ରତିବର୍ଷ ୫୦୦ ବିଲିୟନ ଡଲାର ଚୂନ ଲଗେଇବା ଜାରି ରଖିବେ। ସେମାନେ ଏହା ମଧ୍ୟ ଜାଣିଛନ୍ତି ଯେ, ନିର୍ବାଚନରେ ମୁଁ ପୁଣି ଆସିବି। ଆମେରିକା ଇତିହାସରେ ରୋଜଗାର ତଥା ଆର୍ଥିକ ସ୍ଥିତି ତାଙ୍କ ସମୟରେ ଭଲ ରହିଥିବା ଟ୍ରମ୍ପ କହିଛନ୍ତି। ତେଣୁ ତାଙ୍କର ଦ୍ୱିତୀୟ ପାଳିରେ ବାଣିଜ୍ୟିକ ଆଲୋଚନା ହେଲେ ଏହା ଚାଇନା ପାଇଁ ମଙ୍ଗଳକର ହେବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଏଣୁ ବର୍ତ୍ତମାନ ଆଲୋଚନା କରିନେବା ଚାଇନା ଲାଗି ମଙ୍ଗଳକାରୀ ହେବ।

# ଟେଲିକମ୍ ନେଟୱର୍କ ପୁନରୁଦ୍ଧାର ହେଲା

**ଭୁବନେଶ୍ୱର,୧୨-୫(ବ୍ୟୁରୋ)**



**କମ୍ପାନୀଗୁଡିକର କ୍ଷତି ୭୦୦ କୋଟି ଛୁଇଁପାରେ**

ବାତ୍ୟା ପରେ ରାଜ୍ୟର ୧୪ ଉପକୂଳବର୍ତ୍ତୀ ଜିଲାରେ ଟେଲିକମ୍ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ବିଶେଷ କରି ପୁରୀ,ଖୋର୍ଦ୍ଧା, କଟକ ଭଳି ଜିଲାଗୁଡିକରେ ଟେଲିକମ୍ ଭିତ୍ତିଭୂମି ବିଶେଷ ପ୍ରଭାବିତ ହୋଇଛି। ମାତ୍ର ବାତ୍ୟାର ଗୋଟିଏ ସପ୍ତାହ ପରେ ପ୍ରମୁଖ କମ୍ପାନୀଗୁଡିକ ସେମାନଙ୍କ ନେଟୱର୍କ ସର୍ଭିସକୁ ପୁନରୁଦ୍ଧାର କରିବାକୁ ସକ୍ଷମ ହୋଇଥିବା ଶିଳ୍ପ ସୂତ୍ରରୁ ସୂଚନା ରହିଛି। କମ୍ପାନୀଗୁଡିକ ଫନୀ ଯୋଗୁ ଓଡ଼ିଶାରେ ୭୦୦ କୋଟି ଟଙ୍କା କ୍ଷୟକ୍ଷତି ସହି ପାରନ୍ତି ବୋଲି ଆକଳନ କରାଯାଇଛି। ଟେଲିକମ୍ ଶିଳ୍ପର ସୂଚନା ମୁତାବକ ଭୋଡାଫୋନ ଆଇଡିଆ ଲିମିଟେଡ, ଏୟାରଟେଲ, ରିଲାଏନ୍ସ ଜିଓ ଏବଂ ରାଷ୍ଟ୍ରାୟତ୍ତ ବିଏସ୍‌ଏନଏଲ୍ ସେମାନଙ୍କ ନେଟୱର୍କକୁ ପୁନରୁଦ୍ଧାର କରିଛନ୍ତି।

ଟେଲିକମ୍ ବିଭାଗ ତଥ୍ୟ ମୁତାବକ ୬୦୦ ବେସ୍ ଟ୍ରାନ୍ସିଭର ସିଷ୍ଟମ(ବିଟିଏସ୍) ଫନି ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଭୁବନେଶ୍ୱରରେ ପ୍ରାୟ ୩୪% ଏବଂ କଟକରେ ୩୭% ବିଟିଏସ୍ ସାମିଲ ରହିଛି। ଭୁବନେଶ୍ୱରରେ ୧୮୦୦ ବିଟିଏସ୍ ଟାୱାର ରହିଥିବା ବେଳେ କଟକରେ ଏହାର ସଂଖ୍ୟା ୧୩୦୦ ରହିଛି।

ରିଲାଏନ୍ସ ଜିଓ ପକ୍ଷରୁ ମିଳିଥିବା ସୂଚନା ମୁତାବକ ବାତ୍ୟା ପ୍ରଭାବିତ ଅଞ୍ଚଳରେ କମ୍ପାନୀ ଏହାର ୮୫% ନେଟୱର୍କକୁ ପୁନରୁଦ୍ଧାର କରିବାକୁ ସକ୍ଷମ ହୋଇଛି। ରିଲାଏନ୍ସ ଜିଓର ୮୫% ସାଇଟ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇ ପାରିଛି। ଗ୍ରାହକଙ୍କୁ ନିରନ୍ତର ସେବା ଯୋଗାଣ ଦିଗରେ ଉଦ୍ୟମ ଜାରି ରହିଥିବା ବେଳେ ଅସୁବିଧା ଥିବା ଅନ୍ୟ ଅଞ୍ଚଳଗୁଡିକୁ ମଧ୍ୟ ଶୀଘ୍ର ଠିକ୍ କରାଯିବ ବୋଲି କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ବାତ୍ୟା ପ୍ରଭାବିତ ଅଞ୍ଚଳରେ ୧୫୦୦ରୁ ଉର୍ଦ୍ଧ୍ୱ ଟେଲିକମ୍ ସାଇଟକୁ ପୁନରୁଦ୍ଧାର କରାଯାଇଥିବା ଭୋଡାଫୋନ ଆଇଡିଆ ଲିମିଟେଡ ପକ୍ଷରୁ ସୂଚନା ଦିଆଯାଇଛି। ଏହାବାଦ କମ୍ପାନୀର ଆଇସିଆର ଏବଂ ଭିଆଇଏଲ୍ ନେଟୱର୍କ ଦ୍ୱାରା ଅନ୍ୟ ସେବା ଯୋଗାଣକାରୀଙ୍କ ୪.୫ ଲକ୍ଷ ଗ୍ରାହକ ଲାଭବାନ ହୋଇଥିବା ବେଳେ ବାତ୍ୟା ପରେ ପରେ ତ୍ୱରିତ ଭିତ୍ତିରେ ନେଟୱର୍କକୁ ସଜାଡିବାକୁ ସକ୍ଷମ ହୋଇଥିବା ଏହା ପ୍ରକାଶ କରିଛି।

ଅଧିକାଂଶ ସ୍ଥାନରେ କ୍ଷତିଗ୍ରସ୍ତ ନେଟୱର୍କକୁ ସୁଧାରିଥିବା ରାଷ୍ଟ୍ରାୟତ୍ତ ବିଏସ୍‌ଏନ୍‌ଏଲ୍ କହିଛି। ଏହା ମଧ୍ୟରେ ପୁରୀ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଏଠାରେ କମ୍ପାନୀ ନେଟୱର୍କ ଉନ୍ନତୀକରଣ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା କହିଛି।

ସେହିଭଳି ଅନ୍ୟତମ ପ୍ରମୁଖ ଟେଲିକମ୍ କମ୍ପାନୀ ଏୟାରଟେଲ ନେଟୱର୍କ ପୁନରୁଦ୍ଧାର କାର୍ଯ୍ୟକୁ ଜୋରଦାର କରିଥିବା କହିଛି। ପ୍ରାଥମିକ ପର୍ଯ୍ୟାୟରେ ଏହା ରାଜ୍ୟର ପୁରୀ-ଭୁବନେଶ୍ୱର ବେଲ୍‌ଟରେ ମୋବାଇଲ ନେଟୱର୍କର ତ୍ୱରିତ ପୁନରୁଦ୍ଧାର ଲାଗି ସେଲ୍ ଅନ୍ ହ୍ୱିଲ ପଦକ୍ଷେପ ଗ୍ରହଣ କରିଛି। ସଂଯୋଗ ସୁବିଧା ଉନ୍ନତିକରଣରେ ଏହା ୧୩ ସେଲ୍ ଅନ୍ ହ୍ୱିଲ ନିୟୋଜିତ କରିଛି।

“ଚଳିତ ଇଂଲଣ୍ଡ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ଜିତିବାକୁ ହେଲେ ଆମକୁ ଜୋସ୍ ବଟଲରଙ୍କ ବ୍ୟାଟିଂରେ ଅଙ୍କୁଶ ଲଗାଇବାକୁ ପଡ଼ିବ ।
–ମିକି ଆର୍ଥର,ପାକିସ୍ତାନ କ୍ରିକେଟ କୋଚ୍



“ଅଂଶା, ଅଜୱା, ଅସ୍ମାରା ଏବଂ ଅକ୍ସା ନାମ୍ନୀ ୪ ଝିଅ ମୋ ପାଇଁ ବହୁ ମୂଲ୍ୟବାନ। ସେମାନଙ୍କ ଅଭିଳାଷ ପୂରଣ ଲାଗି ମୋର ଚେଷ୍ଟା ରହିବ ।
–ଶାହିଦ ଆଫ୍ରିଦୀ, ପୂର୍ବତନ ପାକିସ୍ତାନ କ୍ରିକେଟର



## ସଂକ୍ଷେପରେ

### ଥରମ୍ୟାନଙ୍କ ସହ ଲଢେଇ କରିବେ ପାକ୍ବିଓ

**ଲସ୍ ଆଞ୍ଜେଲ୍ସ, ୧୨।୫ (ଏଏଫ୍ପି):** ଫିଲିପାଇନ୍ସର ବକ୍ସିଂ କିମ୍ବଦନ୍ତୀ ମ୍ୟାନି ପାକ୍ବିଓ ୱାର୍ଲ୍ଡ ବକ୍ସିଂ ଆସୋସିଏଶନ (ଡବ୍ଲ୍ୟୁବିଏ) ୱେଲଟରୱେଟ୍ ଟାଇଟଲ ଲଢେଇରେ କିଥ୍ ଥରମ୍ୟାନଙ୍କ ସହିତ ଲଢେଇ କରିବେ। ତାଙ୍କ ପ୍ରମୋଟରମାନେ ଏ ବିଷୟରେ ସୂଚନା ଦେଇଛନ୍ତି। ଜାରେଟ୍ ହର୍ଡ ଏବଂ ଜୁଲିଆନ ୱିଲିୟମ୍ସଙ୍କୁ ନେଇ ଫକ୍ସ ଟେଲିଭିଜନ ବ୍ରଡକାଷ୍ଟ ତରଫରୁ ପ୍ରିମିୟର ବକ୍ସିଂ ଚାମ୍ପିୟନ୍ସ ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଶନିବାର ଏହି ବାଉଟ୍ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ୮ ଡିଭିଜନ ୱାର୍ଲ୍ଡ ଚାମ୍ପିୟନ ୪୦ ବର୍ଷୀୟ ପାକ୍ବିଓ ଜାନୁୟାରୀରେ ଆମେରିକାର ଆଡ୍ରିନ୍ ବ୍ରୋନରଙ୍କ ବିପକ୍ଷରେ ବିଜୟ ସହ ତାଙ୍କ ରେକର୍ଡକୁ ୬୧-୭-୨କୁ ନେଇ ଆସିଛନ୍ତି। ତନ୍ମଧ୍ୟରେ ୩୯ ନକ୍ଆଉଟ ସାମିଲ। ବର୍ତ୍ତମାନ ସେ ହେଉଛନ୍ତି ଡବ୍ଲ୍ୟୁବିଏର ସେକେଣ୍ଡାରୀ ‘ୱାର୍ଲ୍ଡ’ ୱେଲ୍ଟରୱେଟ୍ ଟାଇଟଲ ଅଧିକାରୀ। ଏହି ଡିଭିଜନରେ ଥରମ୍ୟାନ ଡବ୍ଲ୍ୟୁବିଏର ‘ସୁପର ୱାର୍ଲ୍ଡ ଚାମ୍ପିୟନ’ ପାଇଁ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଥରମ୍ୟାନ ଜାନୁୟାରୀ ୨୬ରେ ଏକ ୧୨ରାଉଣ୍ଡ ବିଶିଷ୍ଟ ଲଢେଇରେ ଜୋସିଟୋ ଲୋପେଜଙ୍କ ବିପକ୍ଷରେ ବିଜୟ ହାସଲ କରି ପ୍ରାୟ ଅଢେଇ ବର୍ଷ ପରେ ତାଙ୍କ ଟାଇଟଲ ବଜାୟ ରଖିଥିଲେ। ପାକ୍ବିଓ ଏବଂ ଥରମ୍ୟାନଙ୍କ ମଧ୍ୟରେ ଲଢେଇ ପାଇଁ କିନ୍ତୁ ଭେନ୍ୟୁ ଘୋଷଣା କରାଯାଇ ନାହିଁ।

### ସେମିଫାଇନାଲରେ ହାରିଲେ ଅଙ୍କିତା



**ନୂଆଦିଲ୍ଲୀ, ୧୨।୫ (ପି.ଟି.):** ଚାଇନାର ଲୁଆନଠାରେ ଚାଲିଥିବା ୬୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଆଇଟିଏଫ୍ ମହିଳା ଇଭେଣ୍ଟର ସେମିଫାଇନାଲରେ ଅଙ୍କିତା ରାଇନା ହାରିଯାଇଛନ୍ତି। ଦ୍ୱିତୀୟ ସିଡ୍ ଭାରତୀୟ ଖେଳାଳି ଏହି ହାର୍ଡକୋର୍ଟ ଇଭେଣ୍ଟର ସେମିଫାଇନାଲରେ ସ୍ଥାନୀୟ ୟିଙ୍ଗ୍-ୟିଙ୍ଗ୍ ଡୁଆନଙ୍କଠାରୁ ୩-୬, ୬-୧, ୨-୬ରେ ପରାସ୍ତ ହୋଇଯାଇଛନ୍ତି। ପରାଜୟ ସତ୍ତ୍ୱେ ଚଳିତ ସିଜନରେ ଅଙ୍କିତାଙ୍କର ଏହା ହେଉଛି ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ। ଅଙ୍କିତା ଏହି ସିଜନରେ ଦୁଇଟି ପ୍ରତିଯୋଗିତାରେ ଫାଇନାଲରେ ପ୍ରବେଶ କରିଛନ୍ତି। ସିଙ୍ଗାପୁରରେ ସେ ଏକ ଇଭେଣ୍ଟରେ ବିଜୟ ଲାଭ କରିଥିବାବେଳେ ଇସ୍ତାନାବୁଲ୍ରେ ରନର୍ସଅପ୍ ହୋଇଥିଲେ। ୧୭୫ରାଙ୍କିଙ୍ଗପ୍ରାପ୍ତ ଅଙ୍କିତାଙ୍କ ମୋଟ ର୍ୟାଙ୍କିଙ୍ଗ ପଏଣ୍ଟ ୨୯ରେ ପହଞ୍ଚିଛି।

# ଆମିକସ୍ କ୍ୟୁରିଙ୍କୁ ଭେଟିଲେ ଆଶୀର୍ବାଦ, ଧୀରେନ, ଦୀପକ

**କଟକ ଅଫିସ, ୧୨।୫**


ଆଶୀର୍ବାଦ ବେହେରା


ଧୀରେନ ପଲାଇ


ଦୀପକ ମଙ୍ଗରାଜ

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ବିଧାନ ସଂଶୋଧନକୁ ନେଇ ଏବେ ବି ଅଡୁଆ ରହିଛି। ପୂର୍ଣ୍ଣ ସଦସ୍ୟତା ଦେବା କ୍ଷେତ୍ରରେ ଟାଳଟୁଳ ନୀତି ଆପଣାଯାଇଛି ବୋଲି ରାଜ୍ୟର ବିଭିନ୍ନ କ୍ରିକେଟ କ୍ଲବ ଅଭିଯୋଗ କରିଛନ୍ତି। ଏହି ଅଡୁଆ ତୁଟାଇବାକୁ ବିସିସିଆଇ ଆମିକସ୍ କ୍ୟୁରି ଶନିବାର ସ୍ୱତନ୍ତ୍ର ବୈଠକ ଡକାଇଥିଲେ। ଦିଲ୍ଲୀ ସୁପ୍ରିମକୋର୍ଟରେ ଆମିକସ୍ କ୍ୟୁରି ପି.ଏସ୍. ନରିସୀମାଙ୍କୁ ଭେଟିଛନ୍ତି ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ ଓ ରାମେଶ୍ୱର ସ୍ପୋର୍ଟିଂ ସମ୍ପାଦକ ଦୀପକ ମଙ୍ଗରାଜ। ଓଡ଼ିଶା କ୍ରିକେଟର ଭାଗ୍ୟ, ଭବିଷ୍ୟତକୁ ନେଇ ଦୀର୍ଘ ସମୟର ଆଲୋଚନା ହୋଇଛି। ସମ୍ବିଧାନ ସଂଶୋଧନକୁ ନେଇ ରହିଥିବା ବିବାଦକୁ ତୁଟାଇବାକୁ ଆମିକସ୍ କ୍ୟୁରି ମତ ରଖିଛନ୍ତି। ତିନିଜଣଙ୍କୁ ପୃଥକ୍ ପୃଥକ୍ ଭାବେ ଆମିକସ୍ କ୍ୟୁରି ଡାକି ପଚରାଉଚରା କରିଛନ୍ତି। ଏହି ବୈଠକ ଓ ଆଲୋଚନାରୁ ଏହା ପ୍ରତିଫଳିତ ହେଉଛି ଯେ, ଓସିଏ ନିର୍ବାଚନ ପାଖେଇ ଆସୁଛି। ଓସିଏର ସମ୍ବିଧାନକୁ ତ୍ରୁଟିଶୂନ୍ୟ କରାଯାଇ ଓ ବିଭିନ୍ନ କ୍ଲବ, ସଙ୍ଗଠନର ଅଭିଯୋଗକୁ ସମାଧାନ କରାଯାଇ ନିର୍ବାଚନ ନିମନ୍ତେ ପ୍ରସ୍ତୁତ ହେବାର ଏହା ପୂର୍ବାଭାଷ।

ଗତବର୍ଷ ଅଗଷ୍ଟ ୨୧ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)କୁ ସମ୍ବିଧାନ ସଂଶୋଧନ କରାଯିବା ନେଇ ନିର୍ଦ୍ଦେଶ ଆସିଥିଲା। ନିର୍ଦ୍ଦେଶନାମାରେ ଏକ ମାସ ମଧ୍ୟରେ ସମ୍ବିଧାନ ସଂଶୋଧନ ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ଏ ନେଇ ଓସିଏ ପକ୍ଷରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଡକାଯିବା ପରେ ସମସ୍ତଙ୍କ ମତ ଲୋଡ଼ି ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ଓସିଏ କାର୍ଯ୍ୟକାରୀ କମିଟି ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ କୁହାଯାଇଥିଲା। ମାତ୍ର ବୈଠକ ଡକା ନ ଯାଇ ସମ୍ବିଧାନ ସଂଶୋଧନ ରିପୋର୍ଟ ପ୍ରସ୍ତୁତ କରାଯାଇ ପଠାସରିଛି ବୋଲି ଜଣାପଡ଼ିବା ପରେ ସେପ୍ଟେମ୍ବର ଶେଷ ସପ୍ତାହରେ ରାଜ୍ୟ କ୍ରିକେଟ କ୍ଷେତ୍ରରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। ସମ୍ବିଧାନ ସଂଶୋଧନ ରିପୋର୍ଟରେ କ୍ଲବଗୁଡ଼ିକୁ ବାଦ୍ ଦିଆଯାଇଥିବା ଜାଣି ପ୍ରମୁଖ କ୍ଲବର ମାଲିକମାନେ ମେଳି ବାନ୍ଧିବା ସହ ଏହାକୁ ତୀବ୍ର ବିରୋଧ କରିଥିଲେ। ଏପରି କି ଏ ନେଇ କ୍ଲବ ମାଲିକମାନେ ବିସିସିଆଇର ସିଇଓ ରାହୁଲ ଜୋହରୀ ଓ ସିଓଏର ଅଧ୍ୟକ୍ଷ ବିନୋଦ ରାୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏପରି କି ବରିଷ୍ଠ କ୍ରୀଡ଼ା ସଙ୍ଗଠକମାନେ ଆଇନର ଦ୍ୱାରସ୍ଥ ମଧ୍ୟ ହୋଇଥିବା ଜଣାପଡ଼ିଥିଲା। ଯେଉଁ ୨୦ଟି କ୍ଲବର ନାମ ଓସିଏ ପଠାଇଛି ସେଗୁଡ଼ିକ ହେଲା– ଟାଉନ କ୍ଲବ, ରୋଭର୍ସ କ୍ଲବ, ଜୟଦୁର୍ଗା କ୍ଲବ, ସନ୍‌ରାଇଜ କ୍ଲବ, ସନ୍‌ସାଇନ କ୍ଲବ, କିଶୋର କ୍ଲବ, ରୟାଲ କ୍ଲବ, ବିସିୟୁ, ମଙ୍ଗଳା କ୍ଲବ, ସହିଦ ସ୍ପୋର୍ଟିଂ କ୍ଲବ, ଏଲ୍ଆଇସି ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟାର କ୍ଲବ, ଓଜିପି କ୍ଲବ, ଜଗତପୁର ଆଥ୍ଲେଟିକ ଆସୋସିଏଶନ, ଏସିସି, ଏସ୍‌ବିଆଇ ସ୍ପୋର୍ଟସ କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ୟୁନିୟନ ସ୍ପୋର୍ଟିଂ କ୍ଲବ, ବିଶ୍ୱଭାରତୀ କ୍ଲବ ଓ ଜୁଭେନାଇଲ କ୍ଲବ। ଓସିଏ ପୂର୍ବତନ ସମ୍ପାଦକ ଆଶୀର୍ବାଦଙ୍କୁ କ୍ଲବ, ସ୍କୁଲ ଓ କଲେଜର ସଦସ୍ୟତା ନେଇ ଆମିକସ୍ ଅଧିକ ପଚରାଉଚରା କରିଛନ୍ତି। ଆଗାମୀ ଦିନରେ ବିଭିନ୍ନ ଘରୋଇ ଟୁର୍ନାମେଣ୍ଟର ତାରିଖ ପାଖେଇ ଆସୁଥିବାରୁ ପୂର୍ଣ୍ଣ ସଦସ୍ୟତା ଦେବା କ୍ଷେତ୍ରରେ ହେଉଥିବା ସମସ୍ୟାର ସମାଧାନ ନେଇ ମତ ରଖିବାକୁ ଆଶୀର୍ବାଦଙ୍କୁ କୁହାଯାଇଥିଲା। ପୂର୍ବରୁ ଓସିଏର ବାଇ ଲ’ ଅନୁଯାୟୀ କ୍ଲବ, ସ୍କୁଲ ଓ କଲେଜକୁ ସଦସ୍ୟତା ମିଳିଛି ବୋଲି ଆଶୀର୍ବାଦ କହିଥିଲେ। ଏହାଛଡ଼ା ଓସିଏର ସମସ୍ତ ପଦବୀ ଫାଙ୍କା ହେବା ପରଠାରୁ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ବିଭିନ୍ନ କାର୍ଯ୍ୟ ଆଗେଇନେବା ସମ୍ପର୍କରେ ମଧ୍ୟ ଆଶୀର୍ବାଦ ଆଲୋଚନା କରିଛନ୍ତି। ଓସିଏରେ ମୁଖ୍ୟ ସମସ୍ୟା କ’ଣ ରହିଛି ବୋଲି ଆମିକସ୍ କ୍ୟୁରି କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇଙ୍କୁ ପଚାରିଥିଲେ। ଏହାର ଜବାବରେ ଅଧ୍ୟକ୍ଷ ପଲାଇ କେବଳ ଅର୍ଥସଙ୍କଟ ବୋଲି ମତ ଦେଇଛନ୍ତି। ସମ୍ବିଧାନ ସଂଶୋଧନର ପ୍ରାଥମିକ ପର୍ଯ୍ୟାୟରେ ବିଭିନ୍ନ କ୍ଲବଗୁଡ଼ିକୁ ସଦସ୍ୟତା ନ ଦେବାର ପ୍ରଶ୍ନରେ ଅଧ୍ୟକ୍ଷ ପଲାଇ କହିଥିଲେ ଯେ, ଲୋଧା କମିଟିର ସୁପାରିସ ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଉଥିଲା। ନିୟମ ବାହାରକୁ ଯାଇ କୌଣସି କାର୍ଯ୍ୟ କରାଯାଇନାହିଁ। କ୍ଲବଗୁଡ଼ିକୁ ସଦସ୍ୟତା ଦିଆଯିବ କି ନାହିଁ ସେ ନେଇ ଅନେକଥର ସିଓଏକୁ ଚିଠି ଲେଖାଯାଇଥିଲା ବୋଲି ସେ କହିଥିଲେ। ଭୁବନେଶ୍ୱରର ଦୁଇ କ୍ଲବ ରାମେଶ୍ୱର ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ ସଦସ୍ୟତା ନେଇ ପୂର୍ବରୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଦୁଇ କ୍ଲବ ପକ୍ଷରୁ ରାମେଶ୍ୱର ସ୍ପୋର୍ଟିଂ ସମ୍ପାଦକ ଦୀପକ ମଙ୍ଗରାଜ ଆମିକସ୍ କ୍ୟୁରିଙ୍କ ନିକଟରେ ହାଜର ହୋଇଥିଲେ। ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିଲେ ମଧ୍ୟ ପୂର୍ଣ୍ଣ ସଦସ୍ୟତା ଦିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି ଦୀପକ ମତ ଦେଇଥିଲେ। ଦୀପକ ନିଜେ ଜଣେ ଜାତୀୟସ୍ତରର ଖେଳାଳି ହୋଇଥିବାବେଳେ ତାଙ୍କ ଦ୍ୱାରା ପରିଚାଳିତ ଏହି କ୍ଲବରୁ ପେସ୍ ବୋଲର ରାଜେଶ ମହାନ୍ତି ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଏହାଛଡ଼ା ଏବେ ରାଜେଶ ରାଜ୍ୟ ରଣଜୀ ଦଳର ଜଣେ ଆଗଧାଡ଼ିର ଦ୍ରୁତ ବୋଲର। ରାମେଶ୍ୱର ସ୍ପୋର୍ଟିଂକୁ ସଦସ୍ୟତା ନ ଦିଆଯିବା ଯୋଗୁ ଆମିକସ୍ କ୍ଷୋଭ ମଧ୍ୟ ପ୍ରକାଶ କରିଥିଲେ ବୋଲି ଦୀପକ କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାରୁ ମୋଟ ୫୧ଟି କ୍ଲବ ସଦସ୍ୟତା ପାଇବା ନିମନ୍ତେ ସିଓଏ ନିବେଦନ କରିଛନ୍ତି। ରାମେଶ୍ୱର ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂକୁ ସଦସ୍ୟତା ଦିଆଯିବା ନେଇ କିଛିମାତ୍ରାରେ ଗ୍ରୀନ୍ ସିଗ୍‌ନାଲ ମିଳିଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

**ଓସିଏ ସମ୍ବିଧାନ ସଂଶୋଧନ ଘଟଣା**

- ଅଡୁଆ ତୁଟାଇବାକୁ ଆମିକସ୍‌ଙ୍କ ଆହ୍ୱାନ
- ସଦସ୍ୟତା ଆଶାରେ ରାଜ୍ୟର ୫୧ କ୍ଲବ
- ସହିଦ, ରାମେଶ୍ୱର ସ୍ପୋର୍ଟିଂକୁ ଗ୍ରୀନ୍ ସିଗ୍‌ନାଲ

## ଫୁଟ୍‌ବଲ ତାଲିମ ଶିବିର ପୁନଃ ଆରମ୍ଭ

**ଭୁବନେଶ୍ୱର, ୧୨।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଭୁବନେଶ୍ୱରର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ୟୁନିଟ୍–୬ ଆଥ୍ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ତାଲିମ ଶିବିର ଗତ ଏପ୍ରିଲ ୨୮ରୁ ଆରମ୍ଭ ହୋଇ ମେ ୧୯ ପର୍ଯ୍ୟନ୍ତ ଚାଲିବାର ସ୍ଥିରୀକୃତ ହୋଇଥିଲା। କିନ୍ତୁ ସାମୁଦ୍ରିକ ବାତ୍ୟା ଫନୀ ହେତୁ ଏହି ଶିବିର ମେ ୩ରୁ ୧୧ ତାରିଖ ପର୍ଯ୍ୟନ୍ତ ସାମୟିକ ସ୍ଥଗିତ ରଖାଯାଇଥିଲା। ଫଳରେ ରବିବାରଠାରୁ ଏହି ଶିବିର ପୁଣି ଆରମ୍ଭ ହୋଇଛି ଏବଂ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ମୋଟ୍ ୩ଟି ବୟସ ବର୍ଗରେ ୪୫ଜଣ ବାଳକ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବାବେଳେ ସୋମବାରଠାରୁ ଶିବିରାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆୟୋଜକ କ୍ଲବର ସଭାପତି ତପନ ମହାନ୍ତି ଆଶାବ୍ୟକ୍ତ କରିଛନ୍ତି। କ୍ଲବ ପକ୍ଷରୁ ମୋବାଇଲ ଦ୍ୱାରା ଅଭିଭାବକ ଓ ଖେଳାଳିଙ୍କୁ ଯୋଗାଯୋଗ ସ୍ଥାପନ ପାଇଁ ଉଦ୍ୟମ ଜାରି ରହିଥିବା ସମ୍ପାଦକ ଦିଲୀପ ଦାସ କହିଛନ୍ତି।



ଫୁଟବଲ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀମାନେ।

## ନାଡାଲଙ୍କ ବିଦାୟ, ଫାଇନାଲରେ ଜୋକୋଭିଚ୍

**ମାଡ୍ରିଡ୍,୧୨।୫(ଏଏଫ୍‌ପି)**

ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ମାଡ୍ରିଡ୍ ଓପନ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଟାଇଟଲ ପାଇଁ ଷ୍ଟେଫାନସ ଚସିଟ୍‌ସିପାସଙ୍କ ସହ ମୁକାବିଲା କରିବେ। ୨୦ ବର୍ଷୀୟ ଷ୍ଟେଫାନସ ସେମିଫାଇନାଲରେ କ୍ଲେ କୋର୍ଟ ରାଜା ଭାବେ ଜଣାଶୁଣା ରାଫାଲ ନାଡାଲଙ୍କୁ ହରାଇ ଦେଇଛନ୍ତି। ସେମିଫାଇନାଲରେ ୬–୪, ୨–୬, ୬–୩ ସେଟ୍‌ରେ ସ୍ପାନିଶ କିମ୍ବଦନ୍ତୀ ତଥା ୧ନଂ ର୍ୟାଙ୍କ ନାଡାଲ ପରାସ୍ତ ହୋଇଛନ୍ତି। ଏହି ମ୍ୟାଚ୍ ପୂର୍ବରୁ ଟୁର୍ନାମେଣ୍ଟ ଫାଇନାଲରେ ଜୋକୋଭିଚ୍‌ଙ୍କୁ ଭେଟିବା ଲାଗି ନାଡାଲ ଫେଭରାଇଟ୍ ଥିଲେ। ହେଲେ ୧୭ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସେମିଫାଇନାଲ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ଅନ୍ୟ ଏକ ସେମିଫାଇନାଲରେ ୨ୟ ସିଡ୍ ଜୋକୋଭିଚ୍ ୭–୬(୭/୨), ୭–୬ (୭/୪) ସେଟ୍‌ରେ ଡୋମିନିକ ଥିମ୍‌ଙ୍କୁ ପରାସ୍ତ କରିଛନ୍ତି।

## ମତଦାନ ସାବ୍ୟସ୍ତ କଲେ କୋହଲି

**ଗୁରୁଗ୍ରାମ,୧୨।୫:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ରବିବାର ହରିୟାଣାର ଗୁରୁଗ୍ରାମରେ ଚଳିତ ଲୋକ ସଭା ନିର୍ବାଚନର ୬ଷ୍ଠ ପର୍ଯ୍ୟାୟରେ ମତଦାନ ସାବ୍ୟସ୍ତ କରିଛନ୍ତି। ଏକ ଟିଶାର୍ଟ ପରିଧାନ କରିଥିବା କୋହଲି ଭୋଟ ଦେବା ପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିବାର ଦେଖିବାକୁ ମିଳିଛି। ସେ କାହାରି ସହ କଥା ହୋଇ ନ ଥିଲେ। କିନ୍ତୁ ପ୍ରଶଂସକଙ୍କ ଅନୁରୋଧ ପରେ କିଛି ଅଟୋଗ୍ରାଫ ଦେଇଥିଲେ। ମତଦାନ କରିବା ପରେ ବୁଥ୍ ଭଲ୍ୟୁଣ୍ଟରଙ୍କ ନିବେଦନ କ୍ରମେ ଭୋଟରଙ୍କ ଲାଗି ସଚେତନ ପ୍ରୋଗ୍ରାମରେ ଅଂଶଗ୍ରହଣ କରିବାକୁ ସେ ରାଜି ହୋଇଥିଲେ। ଏହାପରେ କ୍ରିକେଟର କାଳି ଲାଗିଥିବା ଆଙ୍ଗୁଠି ଦେଖାଇ ପ୍ରଶଂସକଙ୍କ ସେଲଫି ଓ ଫଟୋ ଉଠାଇଥିଲେ। ହରିୟାଣାର ଗୁରୁଗ୍ରାମରେ ଭାଜପା ପ୍ରାର୍ଥୀ ରାଓ ଇନ୍ଦ୍ରଜିତ ସିଂ ଓ କଂଗ୍ରେସର କ୍ୟାପଟେନ ଅଜୟ ସିଂ ଯାଦବଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱୀ ହେଉଛି। ଗତ ୨୦୧୪ରେ ଇନ୍ଦ୍ରଜିତ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ହାରିଥିଲେ।


ମତଦାନ ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି ବିରାଟ କୋହଲି।

## ସାଇ ଏସ୍‌ଟିସି କଟକ ବିଜୟୀ

**ଲୁଧିଆନା, ୧୨।୫ (ପି.ଟି.)**

ଏଠାରେ ଚାଲିଥିବା ଇଣ୍ଡିଆନ୍ସ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ)ରେ ଓଡ଼ିଶାର ସାଇ ଏସଟିସି କଟକ ୪–୦ ଗୋଲରେ ବରୋଦା ଫୁଟବଲ ଏକାଡେମୀକୁ ପରାସ୍ତ କରିଥିବାବେଳେ ଏଫ୍‌ସି କୋହ୍ଲାପୁର ସିଟି ବିପକ୍ଷରେ ସେଥୁ ଏଫ୍‌ସି ୯–୦ ଗୋଲରେ ବିଜୟ ହାସଲ କରିଛି। ରବିବାର ବରୋଦା ଫୁଟ୍‌ବଲ ଏକାଡେମୀ ବିପକ୍ଷ ମ୍ୟାଚରେ ସାଇ ଏସଟିସି କଟକ ପକ୍ଷରୁ ସସ୍ମିତା ହେଡର ଜରିଆରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାର ମାତ୍ର ୩ ମିନିଟ ବ୍ୟବଧାନରେ ଦୀପା ନାୟକ ଏକ ଗୋଲ ଦେଇ ଦଳକୁ ୨–୦ରେ ଅଗ୍ରଣୀ କରାଇଥିଲେ। ମ୍ୟାଚର ଶେଷ ୧୦ ମିନିଟ୍ ମଧ୍ୟରେ ନିକିତା ବିଶି ଏବଂ ରଶ୍ମି ଜୀ ଆହୁରି ଦୁଇଟି ଗୋଲ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ଓଡ଼ିଶା ଦଳ ୩ ପଏଣ୍ଟ ଅର୍ଜନ କରିପାରିଛି। ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଆରତୀ ସେଠୀ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍‌ସି କୋହ୍ଲାପୁର ସିଟି ବିପକ୍ଷ ମ୍ୟାଚରେ ସେଥୁ ଏଫ୍‌ସିର ସବିତ୍ରା ଭଣ୍ଡାରୀ ଏବଂ ରତ୍ନବାଳା ଦେବୀ ଉଭୟେ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ମ୍ୟାଚରେ ସେଥୁ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ତରଫରୁ ଚତୁର୍ଥ ମିନିଟ୍‌ରେ ଡାଙ୍ଗମେଇ ଗ୍ରେସ୍ ପ୍ରଥମ ଗୋଲ ସ୍କୋର କରିଥିଲେ। ଭାରତର ଏହି ଅନ୍ତର୍ଜାତୀୟ ଖେଳାଳି ୧୫ ମିନିଟ୍ ପରେ ପେନାଲ୍ଟିସ୍ପଟ୍‌ରୁ ତାଙ୍କ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ସେଥୁ ଏହାର ପ୍ରଦର୍ଶନ ଜାରି ରଖିଥିଲା। ଡାଙ୍ଗମେଇଙ୍କ ଭାରତୀୟ ଦଳର ଟିମ୍‌ମେଟ ରତ୍ନବାଳା ଅଳ୍ପ ସମୟ ବ୍ୟବଧାନରେ ଲଗାତର ଦୁଇଟି ଗୋଲ ସ୍କୋର କରି ଦଳର ଗୋଲ ବ୍ୟବଧାନ ୪–୦କୁ ବୃଦ୍ଧି କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ପୂର୍ବରୁ କୋହ୍ଲାପୁର ଡିଫେଣ୍ଡର ଜବାମଣି ଟୁଡୁ ରତ୍ନବାଳାଙ୍କ ଏକ କ୍ରସ୍‌କୁ ତ୍ରୁଟି ବଶତଃ ଆତ୍ମଘାତୀ ଗୋଲ୍‌ରେ ପରିଣତ କରିଦେଇଥିଲେ। ସେଥୁର ନେପାଳ ଅନ୍ତର୍ଜାତୀୟ ଖେଳାଳି ସବିତ୍ରା ଦ୍ୱିତୀୟାର୍ଦ୍ଧରେ ତାଙ୍କ କାରନାମା ଦେଖାଇଥିଲେ। ସେ ୨୦ ମିନିଟ୍ ମଧ୍ୟରେ ତାଙ୍କ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ୫୭ତମ ମିନିଟ୍‌ରେ ସେ ତାଙ୍କ ପ୍ରଥମ ଗୋଲ ସ୍କୋର କରିଥିଲେ। ସନ୍ଧ୍ୟାଙ୍କ ଏକ ପାସ୍ ରତ୍ନବାଳାଙ୍କ ପାଖରେ ପହଞ୍ଚିବା ପୂର୍ବରୁ ସେ ବଲ୍‌କୁ ଗୋଲ ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। କିଛି ସମୟ ପରେ ସନ୍ଧ୍ୟାଙ୍କ ସହାୟତାରେ ସେ ତୃତୀୟ ଗୋଲ କରିବାର ସଫଳ ହୋଇଥିଲେ। ଖେଳ ଶେଷ ହେବାକୁ ଆଉ ମାତ୍ର ୧୦ ମିନିଟ୍ ସମୟ ବାକି ଥିବାବେଳେ ରତ୍ନବାଳା ଦେବୀ ତାଙ୍କ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ସେ ମଧ୍ୟ ସନ୍ଧ୍ୟାଙ୍କଠାରୁ ବଲ୍ ପାସ୍ ପାଇ ଏହି ଗୋଲଟିକୁ ସ୍କୋର କରିଥିଲେ।

**ଇଣ୍ଡିଆନ ଓମେନ୍ସ ଲିଗ୍**


ସାଇ–ଏସ୍‌ଟିସି କଟକ ଦଳର ଖେଳାଳିମାନେ।



“ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଏକାଧିକ ମ୍ୟାଚ ବିଜୟୀ ଖେଳାଳି ଥିବାରୁ ଆଇପିଏଲରେ ସ୍ଥିର ପ୍ରଦର୍ଶନ କରିପାରୁଛି ।

–ମାହେଲା ଜୟବର୍ଦ୍ଧନେ, ମୁମ୍ବାଇ ଇଣ୍ଡିଆନ୍ସ କୋଚ୍



“ମହେନ୍ଦ୍ର ସିଂ ଧୋନୀ କେବଳ ଜଣେ ଖେଳାଳି ନୁହନ୍ତି, ତାଙ୍କୁ କ୍ରିକେଟର ଏକ ଯୁଗ ବୋଲି କୁହାଯାଇପାରେ ।

–ମାଥ୍ୟୁ ହେଡେନ
ପୂର୍ବତନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ‘ମହିଳା ଟି୨୦ ଲିଗ୍‌ରେ ଅଧିକ ଦଳ ଦରକାର’

**ଜୟପୁର,୧୨।୫(ପିଟି):** ଉଦ୍‌ଘାଟନୀ ମହିଳା ଟି୨୦ ଲିଗ୍ ଆୟୋଜନ ସଫଳ ହୋଇଛି। ହେଲେ ଏହା ବହୁତ ଛୋଟିଆ ଏବଂ ଟୁର୍ନାମେଣ୍ଟରେ ଆହୁରି ଦଳ ଖେଳିବା ଦରକାର ବୋଲି ଚାମ୍ପିୟନ ସୁପରନୋଭାସ ଦଳର ଅଧିନାୟିକା ହରମନପ୍ରୀତ କୌର କହିଛନ୍ତି। ୩ଟି ଦଳକୁ ନେଇ ଅନୁଷ୍ଠିତ ଲିଗ୍ ଫାଇନାଲରେ ସୁପରନୋଭା ଦଳ ୪ ଉଇକେଟରେ ଭେଲୋସିଟିକୁ ହରାଇ ଦେଇଛି। ସୁପରନୋଭାକୁ ଜିତାଇବାରେ ଅଧିନାୟକ ହରମନପ୍ରୀତ ୫୧ ରନର୍ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ପ୍ରଥମତଃ ଏହା ମୋ ପାଇଁ ଭଲ ଟୁର୍ନାମେଣ୍ଟ ଥିଲା। ଏଥିରୁ ଆମେ ବହୁତ କିଛି ଶିକ୍ଷା କରିବାକୁ ପାଇଛୁ। ଆମେ ଭାରତରେ ଟି୨୦ ଲିଗ୍ ଖେଳିବାକୁ ଚାହୁଁଥିଲୁ। ଏଥିନେଇ ଆମେ ଅତ୍ୟନ୍ତ ଆନନ୍ଦିତ। ପରବର୍ତ୍ତୀ ସିଜନରେ ଆମକୁ ଅଧିକ ମ୍ୟାଚ୍ ଓ ଦଳ ଦରକାର। ଏପରି କି ବିଦେଶୀ ଖେଳାଳିମାନେ ମଧ ଏଥିନେଇ ଇଚ୍ଛା ପ୍ରକାଶ କରିଛନ୍ତି। ଏଥିରୁ ଘରୋଇ ଓ ବିଦେଶ ଖେଳାଳିଙ୍କ ଲାଗି ଏହି ଲିଗ୍ କେତେ ଗୁରୁତ୍ୱପୂର୍ଣ୍ଣ ଜଣାପଡୁଛି ବୋଲି ଭାରତୀୟ ଟି୨୦ ଦଳର ଅଧିନାୟିକା କହିଛନ୍ତି।

### ପୁଣେ-ହରିୟାଣା ଉଦ୍‌ଘାଟନୀ ମ୍ୟାଚ୍

**ପୁଣେ,୧୨।୫(ପି.ଟି.):** ସୋମବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି ଇଣ୍ଡୋ- ଇଣ୍ଟରନ୍ୟାଶନାଲ ପ୍ରିମିୟର କବାଡ଼ି ଲିଗ୍। ଉଦ୍‌ଘାଟନୀ ମ୍ୟାଚ୍‌ରେ ହରିୟାଣା ହିରୋଜ ଓ ଘରୋଇ ପୁଣେ ପ୍ରାଇଡ୍ ମୁହାଁମୁହିଁ ହେବେ। ସ୍ଥାନୀୟ ବେଲୱାଡି ଷ୍ଟାଡିୟମରେ ଲିଗ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହେବ।

# ବିଶ୍ୱକପ୍ ଦଳର ସବୁ ସଦସ୍ୟ ଖେଳିଛନ୍ତି ସମ୍ପୂର୍ଣ୍ଣ ଆଇପିଏଲ୍

**ନୂଆଦିଲ୍ଲୀ,୧୨।୫(ପି.ଟି.)**

ଆଇପିଏଲ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଅଧିନାୟକ ବିରାଟ କୋହଲି ବିଶ୍ୱକପ୍ ଦଳର ଖେଳାଳିଙ୍କ କାର୍ଯ୍ୟଭାର ନେଇ ଚିନ୍ତିତ ଥିଲେ। ହେଲେ ବିଶ୍ୱକପ ଦଳରେ ସ୍ଥାନ ପାଇଥିବା ପ୍ରାୟ ସମସ୍ତ ଖେଳାଳି ସମ୍ପୂର୍ଣ୍ଣ ଆଇପିଏଲ ମ୍ୟାଚ୍ ଖେଳିଛନ୍ତି। ଭାରତୀୟ ଅଧିନାୟକ କହିଥିଲେ, ପ୍ରତ୍ୟେକ ଖେଳାଳିଙ୍କୁ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଆଇପିଏଲରେ ଖେଳିବାକୁ ପଡ଼ିବ। କୌଣସି ଖେଳାଳିଙ୍କୁ କ୍ଳାନ୍ତ ଅନୁଭବ ହେଲେ ବିଶ୍ରାମ ନେଇପାରିବେ। ଯଦି ମୁଁ ୧୨ କିମ୍ବା ୧୫ ମ୍ୟାଚ୍ ଖେଳିବାକୁ ସକ୍ଷମ, ଏହା ମାନେ ନୁହେଁ ସମସ୍ତ ଖେଳାଳି ସେହି ସଂଖ୍ୟାରେ ମ୍ୟାଚ୍ ଖେଳିବେ। ମୁଁ ମୋ ସ୍ୱାସ୍ଥ୍ୟ ଅନୁଯାୟୀ ଖେଳୁଛି। କିନ୍ତୁ ଏହା କହିବା ଭଳି କାର୍ଯ୍ୟକାରୀ କରିବା ସହଜ ନୁହେଁ। କାରଣ ଫ୍ରାଞ୍ଚାଇଜମାନେ ଖେଳାଳିଙ୍କଠାରୁ ସବୁକିଛି ଦାବି କରନ୍ତି। ଅଧିନାୟକ କୋହଲି, ରୋହିତ ଶର୍ମା, ଲୋକେଶ ରାହୁଲ, ମହମ୍ମଦ ସାମି, ଯୁଜବେନ୍ଦ୍ର ଚହଲ, ଦୀନେଶ କାର୍ତ୍ତିକ ଓ କେଦାର ଯାଦବ ପ୍ରତ୍ୟେକ ୧୪ଟି ଲେଖାଏ ମ୍ୟାଚ୍ ଖେଳିଛନ୍ତି। ବିଜୟ ଶଙ୍କର ଓ ଭୁବନେଶ୍ୱର କୁମାର ୧୫ ମ୍ୟାଚ୍ ଖେଳିଥିବାବେଳେ ଶିଖର ଧାୱନ, ରବୀନ୍ଦ୍ର ଜାଡେଜା, ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶ୍ରୀତ ବୁମରା ଫାଇନାଲ ସମେତ ୧୬ ମ୍ୟାଚ୍ ଖେଳିଛନ୍ତି। ସେହିଭଳି ମହେନ୍ଦ୍ର ସିଂ ଧୋନୀ ଫାଇନାଲକୁ ମିଶାଇ ମୋଟ ୧୫ ମ୍ୟାଚ୍‌ରେ ଖେଳିଛନ୍ତି। କେବଳ ଚାଇନାମ୍ୟାନ କୁଲଦୀପ ଯାଦବ ୧୦ରୁ କମ୍ ମ୍ୟାଚ୍ ଖେଳିଛନ୍ତି। ଖରାପ ପ୍ରଦର୍ଶନ ଯୋଗୁ ୯ ମ୍ୟାଚ୍ ପରେ ତାଙ୍କୁ କେକେଆର ମ୍ୟାନେଜମେଣ୍ଟ ବାଦ୍ ଦେଇଥିଲା। ଧୋନୀ ଅଣ୍ଟା ସମସ୍ୟା ଯୋଗୁ ୨ଟି ମ୍ୟାଚ୍‌ରୁ ବିଶ୍ରାମ ନେଇଥିବାବେଳେ ରୋହିତ ଓ ଜାଡେଜା ଆହତ ସମସ୍ୟା ଯୋଗୁ ଗୋଟିଏ ଲେଖାଏ ମ୍ୟାଚ୍ ପାଇଁ ଉପଲବ୍ଧ ନ ଥିଲେ। ମାଂସପେଶୀ ଟାଣି ହୋଇଯିବାରୁ କେଦାର ଆଇପିଏଲର ଅନ୍ତିମ ଭାଗରୁ ଓହରିଯାଇଥିଲେ। ସୌଭାଗ୍ୟବଶତଃ ଦୁଇ ଥର ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟମାନେ ଗୁରୁତର ଆହତ ହୋଇନାହାନ୍ତି। ନ ହେଲେ ଦକ୍ଷିଣ ଆଫ୍ରିକା ଭଳି ଭାରତୀୟ ଦଳକୁ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଥାନ୍ତା। ଦକ୍ଷିଣ ଆଫ୍ରିକା ଦଳର ଅଭିଜ୍ଞ ପେସର ଡେଲ୍ ଷ୍ଟେଇନ ଓ କାଗିସୋ ରବାଡା ଆହତ ହୋଇ ଆଇପିଏଲରୁ ଫେରିଛନ୍ତି। ଉଭୟ ଏବେ ଧାର୍ଯ୍ୟ ସମୟ ପୂର୍ବରୁ ଫିଟ୍ ହେବାକୁ ଚେଷ୍ଟା କରୁଛନ୍ତି।



ହାଇଦ୍ରାବାଦ: ଆଇପିଏଲ୍ ଫାଇନାଲରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ୨୫ ବଲ୍‌ରୁ ୪୧ ରନ୍ ସଂଗ୍ରହ କରିଥିବା ମୁମ୍ବାଇ ଇଣ୍ଡିଆନ୍ସର କିରନ ପୋଲାର୍ଡ।

# ଇଂଲଣ୍ଡ ୧୨ ରନରେ ବିଜୟୀ

**ସାଉଥାମ୍ପଟନ, ୧୨।୫**

ସ୍ଥାନୀୟ ରୋଜ ବାଓଲଠାରେ ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଜୋସ୍ ବଟଲରଙ୍କ ଆକର୍ଷଣୀୟ ଅପରାଜିତ ଶତକ ସହାୟତାରେ ଇଂଲଣ୍ଡ ୧୨ ରନରେ ପାକିସ୍ତାନକୁ ପରାସ୍ତ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ୩୭୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ବିନିମୟରେ ୩୬୧ ରନ କରିଥିଲା। ଦଳପକ୍ଷରୁ ଫଖର ଜମାନ ସର୍ବାଧିକ ୧୩୮ ରନ କରିଥିଲେ। ବାବର ଆଜାମ ଓ ଅସିଫ ଅଲ୍ଲୀ ୫୧ ରନ ଲେଖାଏଁ କରିଥିବାବେଳେ ସର୍ଫରାଜ ଅହମ୍ମଦ ୪୧ ରନ କରି ଅପରାଜିତ ରହିଥିଲେ। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୩ ଉଇକେଟରେ ୩୭୩ ରନ କରିଥିଲା। ବଟଲର ୫୫ ବଲ୍‌ରେ ୧୧୦ରନ କରି ଅପରାଜିତ ରହିଥିଲେ। ସେହିପରି ଅଧିନାୟକ ଇଓନ ମୋର୍ଗାନ ୪୮ ବଲ୍‌ରେ ୭୧ ରନ କରି ଅପରାଜିତ ରହିଥିଲେ। ଓପନର ଜାସନ ରୟ ୮୭, ଜନି ବେୟାରଷ୍ଟୋ ୫୧, ଜୋ ରୁଟ୍ ୪୦ ରନ କରିଥିଲେ। ବଟଲର ଓ ମୋର୍ଗାନଙ୍କ ମଧ୍ୟରେ ୧୬୨ରନର ଅପରାଜିତ ପାର୍ଟନରଶିପ୍ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

- **ଇଂଲଣ୍ଡ:** ୫୦ ଓଭରରେ ୩୭୩/୩ (ବଟଲର-୧୧୦*, ଜାସନ ରୟ-୮୭, ମୋର୍ଗାନ-୭୧*, ବେୟାରଷ୍ଟୋ-୫୧, ୟାସିର ଶାହ-୧/୬୧)।
- **ପାକିସ୍ତାନ:** ୫୦ ଓଭରରେ ୩୬୧/୭ (ଫଖର ଜମାନ-୧୩୮, ବାବର ଆଜମ-୫୧, ଅସିଫ ଅଲ୍‌ଲୀ-୫୧, ଡେଭିଡ ୱିଲି-୨/୫୭, ଲିଆମ ପ୍ଲଙ୍କେଟ-୨/୬୪)।

### ବର୍ଟନ୍ସଙ୍କୁ ମାଡ୍ରିଡ୍ ଓପନ ଟାଇଟଲ

**ମାଡ୍ରିଡ୍, ୧୨।୫ (ଏଏଫପି):** କିକି ବର୍ଟନ୍ସ କ୍ୟାରିୟରର ବଡ଼ ଟାଇଟଲ ହାତେଇଛନ୍ତି। ସେ ଏଠାରେ ଚାଲିଥିବା ମାଡ୍ରିଡ୍ ଓପନ ମହିଳା ସିଙ୍ଗଲ୍ସ ବର୍ଗର ଫାଇନାଲରେ ସିମୋନା ହାଲେପଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଏହି ସଫଳତା ପାଇଛନ୍ତି। ବିଜୟ ଲାଗି ତାଙ୍କୁ ପ୍ରାୟ ଦେଢ଼ ଘଣ୍ଟା ଲାଗିଥିଲା। ବିନା କୌଣସି ସେଟ୍ ହରାଇ ଏଠାରେ ଟାଇଟଲ ଜିତିବାରେ ସେ ପ୍ରଥମ ମହିଳା। ଏହି ଟାଇଟଲ ଯୋଗୁ ସେ କ୍ୟାରିୟରର ସର୍ବଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ହାସଲ କରିବା ନିଶ୍ଚିତ ହୋଇଛି। ସେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୪ର୍ଥ ସ୍ଥାନ ଅଧିକାର କରିବେ।


### ବିବିଏଲ୍‌ରୁ ଓହରିଲେ ଡି’ ଭିଲର୍ସ

**ମେଲବୋର୍ନ,୧୨।୫:** ପୂର୍ବତନ ଦକ୍ଷିଣ ଆଫ୍ରିକା ସୁପର ଷ୍ଟାର ବ୍ୟାଟ୍ସମ୍ୟାନ ଏବି ଡି’ଭିଲର୍ସ ଆଗାମୀ ବିଗ୍ ବାଶ ଲିଗ୍ (ବିବିଏଲ)ରୁ ଓହରିଯାଇଛନ୍ତି। ପୂର୍ବରୁ ଡି’ଭିଲର୍ସଙ୍କ ମ୍ୟାନେଜମେଣ୍ଟ ବିବିଏଲ୍‌ର ପରବର୍ତ୍ତୀ ସଂସ୍କରଣରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବୋଲି କହିଥିଲେ। ଡି’ଭିଲର୍ସ ଚଳିତ ସିଜନରେ ଚମତ୍କାର ଫର୍ମରେ ଅଛନ୍ତି। ସେ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ପାଇଁ ୧୩ ମ୍ୟାଚ୍ ଖେଳି ୪୪୨ ରନ୍ କରିଛନ୍ତି।

# ୱେଷ୍ଟଇଣ୍ଡିଜର ସର୍ବବୃହତ୍ ଦିନିକିଆ ଚେଜ୍

**ଡବ୍‌ଲିନ୍, ୧୨।୫**

ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ସିରିଜରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୫ ଉଇକେଟ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଏହି ହାଇସ୍କୋରିଂ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ୍ ହରାଇ ୩୨୭ ରନ କରିଥିଲା। ଦଳ ପକ୍ଷରୁ ଆଣ୍ଡ୍ରିଉ ବଲ୍‌ବିମ୍ ୧୩୫ ରନ (୧୨୪ ବଲ, ୧୧ ଚୌକା, ୪ ଛକା) ଶତକୀୟ ଇନିଂସ ଖେଳିଥିବାବେଳେ ପଲ୍ ଷ୍ଟ୍ରିଲିଂ (୭୭) ଓ କେଭିନ ଓ’ବ୍ରାଇନ (୬୩) ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ପକ୍ଷରୁ ଶାନନ ଗ୍ରାବିଏଲ୍ ୨ ଉଇକେଟ୍ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଓପନର୍ ସୁନୀଲ ଆମ୍ବ୍ରିସ (୧୪୮ ରନ, ୧୨୬ ବଲ)ଙ୍କ ଦମ୍‌ଦାର ଶତକ ବଳରେ ୪୭.୫ ଓଭରରେ ୫ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ସାଇ ହୋପ୍ ୩୦, ଡାରେନ ବ୍ରାଭୋ ୧୭, ରୋଷ୍ଟନ ଚେଜ ୪୬, ଜୋନାଥନ କାର୍ଟର ୪୩* ଓ ଅଧିନାୟକ ଜାସନ ହୋଲ୍ଡର ୩୬ ରନ କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ବୋଡି ରାନ୍‌କିନଙ୍କୁ ସର୍ବାଧିକ ୩ଟି ଉଇକେଟ୍ ମିଳିଥିଲା। ମ୍ୟାଚ୍ ବିଜୟୀ ଇନିଂସ ଲାଗି ସୁନୀଲଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏଥିସହ ୱେଷ୍ଟଇଣ୍ଡିଜ ଏହାର ଦିନିକିଆ କ୍ରିକେଟ ଇତିହାସରେ ସର୍ବାଧିକ ରନ୍ ଚେଜ୍ କରିବାର କିର୍ତ୍ତୀମାନ ଲାଭ କରିଛି। ଟୁର୍ନାମେଣ୍ଟରେ ୱେଷ୍ଟଇଣ୍ଡିଜର ଏହା ୨ୟ ବିଜୟ ଥିଲା। ଦଳ ଏଥିପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୧୯୬ ରନରେ ପରାସ୍ତ କରିଥିଲା। ୱେଷ୍ଟଇଣ୍ଡିଜ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ସୋମବାର ବାଂଲାଦେଶକୁ ଭେଟିବ। ତେବେ ଏଥିପୂର୍ବରୁ ଜାସନ ହୋଲ୍ଡରଙ୍କ ନେତୃତ୍ୱାଧିନ ୱେଷ୍ଟଇଣ୍ଡିଜ ଦଳ ଫାଇନାଲରେ ପ୍ରବେଶ କରିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସୁନୀଲ ଆମ୍ବ୍ରିସ।

### ସବ୍‌ଜୁନିୟର ହକି: ଓଡ଼ିଶାର ବିଜୟଧାରା ଜାରି

**କଟକ ଅଫିସ,୧୨।୫:** ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁର ଠାରେ ଚାଲିଥିବା ୯ମ ଜାତୀୟ ସବ୍‌ଜୁନିୟର ବାଳକ ଚାମ୍ପିୟନଶିପ୍-୨୦୧୯(ଡିଭିଜନ-ଏ)ରେ ଓଡ଼ିଶା ଦଳର ବିଜୟ ଯାତ୍ରା ଜାରି ରହିଛି। ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ହକି ଓଡ଼ିଶା ୬-୦ ଗୋଲରେ ନାମଧାରୀ ଏକାଦଶକୁ ପରାସ୍ତ କରିଛି। ଶନିବାର ପ୍ରଥମ ମ୍ୟାଚ୍‌ରେ ଦଳ ୧୫-୦ ଗୋଲରେ ଆନ୍ଧ୍ରପ୍ରଦେଶକୁ ହରାଇ ଦେଇଥିଲା। ରବିବାର ମ୍ୟାଚ୍‌ର ୪ର୍ଥ ମିନିଟରେ ପ୍ରତାପ ଟପ୍ପୋ ଫିଲ୍ଡ ଗୋଲ ମାଧ୍ୟମରେ ହକି ଓଡ଼ିଶା ତରଫରୁ ପ୍ରଥମ ସ୍କୋର କରିଥିଲେ। ପ୍ରଥମ କ୍ୱାର୍ଟରରେ ଓଡ଼ିଶା ୩ଟି ଗୋଲ ଦେଇଥିଲା। ୭ମ ମିନିଟରେ ରାଜମୋନ ତେଲି ଓ ୧୦ମ ମିନିଟରେ ଆଶିଷ ଖେସ୍ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଅଧିନାୟକ ଲାବନ ଲୁଗୁନ ୪୦ତମ ମିନିଟରେ, ରୋଶନ କୁଜୁର ୫୦ତମ ମିନିଟରେ ଓ ପାଲୁସ ଲାକ୍ରା ୬୦ମିନିଟରେ ଗୋଟିଏ ଲେଖାଏଁ ଗୋଲ ଦେଇଛନ୍ତି ।

# ରାବାଡ଼ା ଫିଟ୍: ଷ୍ଟେଇନ, ଏନ୍‌ଗିଡିଙ୍କୁ ନେଇ ଆଶଙ୍କା



କାଗିସୋ ରାବାଡ଼ା

**ଜୋହାନ୍ସବର୍ଗ,୧୨।୫(ପି.ଟି.)**

ଆଗାମୀ ଦିନିକିଆ ବିଶ୍ୱକପ୍‌ରେ ଭାରତ ଜୁନ୍ ୫ ତାରିଖରେ ସାଉଥାମ୍ପଟନରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରୁ ତା’ର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଆରମ୍ଭ ହେବାବେଳକୁ ଦକ୍ଷିଣ ଆଫ୍ରିକା ତାରକା ଦ୍ରୁତ ବୋଲର କାଗିସୋ ରାବାଡ଼ା ଫିଟ୍ ହୋଇଯାଇଥିବେ ବୋଲି ଟିମ୍ ଡାକ୍ତର ମହମ୍ମଦ ମୋସାଜି କହିଛନ୍ତି। ତେବେ ଅଭିଜ୍ଞ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ ଓ ଲୁନ୍‌ଗି ଏନ୍‌ଗିଡିଙ୍କ ଫିଟ୍‌ନେସ୍ ନେଇ ଆଶଙ୍କା ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରାବାଡ଼ା ମୋଟ୍ ୨୫ଟି ଉଇକେଟ ହାସଲ କରି ସଫଳତମ ବୋଲର ସାବ୍ୟସ୍ତ ହୋଇଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳି ସେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ତେବେ ପିଠିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଆଇପିଏଲ୍‌ରୁ ଓହରିବାକୁ ପଡ଼ିଥିଲା। ଆଗାମୀ ୩ ସପ୍ତାହ ମଧ୍ୟରେ ରାବାଡ଼ା ସମ୍ପୂର୍ଣ୍ଣ ଫିଟ୍ ହୋଇଯାଇଥିବେ ବୋଲି ମୋସାଜି କହିଛନ୍ତି। ଦକ୍ଷିଣ ଆଫ୍ରିକା ଦଳ ପାଇଁ ରାବାଡ଼ା ଏବେ ଅପରିହାର୍ଯ୍ୟ ହୋଇପଡିଛନ୍ତି। ତେଣୁ ଯେତେଶୀଘ୍ର ସେ ଫିଟ୍ ହେବେ ଦଳ ପାଇଁ ସେତେ ଭଲ। ଷ୍ଟେଇନ୍ ଓ ଏନ୍‌ଗିଡିଙ୍କ ଫିଟ୍‌ନେସ୍ ନେଇ ମୋସାଜି କୌଣସି ଦିନ ଧାର୍ଯ୍ୟ କରିନାହାନ୍ତି। ଷ୍ଟେଇନ୍ କାନ୍ଧରେ ଆଘାତ ପାଇଥିବାବେଳେ ଏନ୍‌ଗିଡି ସାଇଡ୍ ଷ୍ଟ୍ରେନ୍ କାରଣରୁ ଚିକିତ୍ସିତ ହେଉଛନ୍ତି। ତେବେ ଏହି ଦୁଇ ତାରକା ଦ୍ରୁତ ବୋଲର ଦଳ ସହ ଇଂଲଣ୍ଡ ଯାତ୍ରା କରିବେ। ଯଦି ଏହି ଦୁଇ ବୋଲର ଫିଟ୍ ନ ହୁଅନ୍ତି, ତେବେ ଏକାଧିକ ପ୍ରତିଭାସମ୍ପନ୍ନ ବଦଳ ଖେଳାଳି ଦଳରେ ସାମିଲ ହେବେ। ଚୟନକର୍ତ୍ତାଙ୍କ ନିକଟରେ ଏ ସଂକ୍ରାନ୍ତରେ ବହୁ ବିକଳ୍ପ ରହିଛି ବୋଲି ମୋସାଜି କହିଛନ୍ତି।

# ଟାଇଟଲ ଦୌଡ଼ରେ ଭାରତ, ଇଂଲଣ୍ଡ, ପାକିସ୍ତାନ, ନ୍ୟୁଜିଲାଣ୍ଡ: ନାସିର

**ଲଣ୍ଡନ,୧୨।୫**

ଆଉ କିଛିଦିନ ପରେ ଇଂଲଣ୍ଡରେ ଆୟୋଜନ ହେବାକୁ ଯାଉଛି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପ୍। ଏଥର ବିଶ୍ୱକପ୍‌ରେ କେଉଁ ଦଳଗୁଡ଼ିକ ଟାଇଟଲ ଦୌଡ଼ରେ ଅଛନ୍ତି, ସେନେଇ ପୂର୍ବାନୁମାନ କରିଛନ୍ତି ଇଂଲଣ୍ଡ ପୂର୍ବତନ ଅଧିନାୟକ ନାସିର ହୁସେନ। ବିଶ୍ୱର ୧ ନମ୍ବର ଦିନିକିଆ ଦଳ ତଥା ଆୟୋଜକ ଇଂଲଣ୍ଡ ସମେତ ୨୦୧୫ ବିଶ୍ୱକପ୍ ଫାଇନାଲିଷ୍ଟ ନ୍ୟୁଜିଲାଣ୍ଡ, ପୂର୍ବତନ ଚାମ୍ପିୟନ ଭାରତ ଓ ପାକିସ୍ତାନ ଟାଇଟଲ ଦୌଡ଼ରେ ଅନ୍ୟ ଦଳଗୁଡ଼ିକଠାରୁ ଆଗରେ ଅଛନ୍ତି ବୋଲି ନାସିର କହିଛନ୍ତି। ଘରୋଇ ପରିବେଶରେ ଇଂଲଣ୍ଡ ଚାପର ସଫଳ ମୁକାବିଲା କରିବ। ତେବେ ଇଂଲଣ୍ଡକୁ ଭାରତ, ପାକିସ୍ତାନ ଓ ନ୍ୟୁଜିଲାଣ୍ଡ କଡ଼ା ଚ୍ୟାଲେଞ୍ଜ ଦେବେ ବୋଲି ସେ ପୂର୍ବାନୁମାନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ପାକିସ୍ତାନ କ୍ରିକେଟକୁ ପ୍ରଶଂସା କରିବାକୁ ସେ ପଛାଇନାହାନ୍ତି। ୧୯୯୨ରେ ଇମ୍ରାନ୍ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ଶେଷଥର ପାଇଁ ବିଶ୍ୱକପ୍ ଟାଇଟଲ ଜିତିଥିଲା। ଏହାପରେ ୧୯୯୯ରେ ପାକିସ୍ତାନ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ଗତ ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତକୁ ହରାଇ ଟାଇଟଲ ଜିତିଥିଲା। ତେଣୁ ପାକିସ୍ତାନ ଏକ ବିପଜ୍ଜନକ ଦଳ। ଯେକୌଣସି ସମୟରେ ଯେକୌଣସି ଦଳକୁ ପାକିସ୍ତାନ ହରାଇପାରିବ ବୋଲି ନାସିର କହିଛନ୍ତି।



ସେହିପରି ଭାରତ ମଧ ଏକ ବିଶ୍ୱସ୍ତରୀୟ ଦଳ। ଭାରତୀୟ ଦଳରେ ସନ୍ତୁଳନ ରହିଛି। ଭାରତ ଏକ ଚାମ୍ପିୟନ ଦଳ। ଇଂଲଣ୍ଡ ପରିବେଶରେ ଭାରତ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ସେହିପରି ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ମଧ ଟାଇଟଲ ଦୌଡ଼ରେ ସାମିଲ ହୋଇଛନ୍ତି ବୋଲି ନାସିର କହିଛନ୍ତି। ପାକିସ୍ତାନ ଏବେ ଆୟୋଜକ ଇଂଲଣ୍ଡ ବିପକ୍ଷରେ ଦିନିକିଆ ସିରିଜ ଖେଳୁଛି। ସେହିପରି ନ୍ୟୁଜିଲାଣ୍ଡ ମଧ ଏଥର ସମସ୍ତଙ୍କୁ ଚକିତ କରିବ। ନ୍ୟୁଜିଲାଣ୍ଡ ଦଳରେ କେତେକ ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନ, ବୋଲର ଓ ଅଲ୍‌ରାଉଣ୍ଡର ଅଛନ୍ତି। ତେଣୁ ଇଂଲଣ୍ଡ ସମେତ ଭାରତ ଓ ପାକିସ୍ତାନକୁ ନ୍ୟୁଜିଲାଣ୍ଡ କଡ଼ା ଚ୍ୟାଲେଞ୍ଜ ଦେବାର ସମ୍ଭାବନା ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ନାସିର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆକୁ ଅଣଦେଖା କରିଛନ୍ତି। ଟାଇଟଲ ଦୌଡ଼ରେ ଅଷ୍ଟ୍ରେଲିଆକୁ ସେ ସାମିଲ କରିନାହାନ୍ତି।

ଘରୋଇ ପରିବେଶରୁ ଇଂଲଣ୍ଡ ଫାଇଦା ଉଠାଇବ। ତେବେ ଅତିରିକ୍ତ ଚାପର ମଧ ସମ୍ମୁଖୀନ ହେବ। ୨୦୧୫ ବିଶ୍ୱକପ୍ ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡିବା ପରେ ଇଂଲଣ୍ଡ ଇଅନ ମୋର୍ଗାନଙ୍କ ନେତୃତ୍ୱରେ କ୍ରମାଗତ ଭାବେ ଦିନିକିଆ ଫର୍ମାଟରେ ଭଲ ପ୍ରଦର୍ଶନ କରିଆସୁଛି। ଇଂଲଣ୍ଡ ଏପର୍ଯ୍ୟନ୍ତ ୩ଥର ଫାଇନାଲରେ ପ୍ରବେଶ କରିଥିଲେ ମଧ ଟାଇଟଲ ହାସଲରୁ ବଞ୍ଚିତ ହୋଇଛି। ତେବେ ଏଥର ଇଂଲଣ୍ଡ ଟାଇଟଲ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ନାସିର ଜୋର୍ ଦେଇ କହିଛନ୍ତି। ଉଲ୍ଲେଖଥାଉ କି, ୨୦୧୯- ବିଶ୍ୱକପ୍ ଇଂଲଣ୍ଡରେ ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବ। ଲଣ୍ଡନର କେନିଂଟନ୍ ଓଭାଲ ଗ୍ରାଉଣ୍ଡରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ।




### ଦଳ ଚୟନ କଷ୍ଟକର: ମୋର୍ଗାନ



ଆଗାମୀ ବିଶ୍ୱକପ୍ ପାଇଁ ଏକ ଶ୍ରେଷ୍ଠ ୧୫ଜଣିଆ ଦଳ ଚୟନ କରିବା କଷ୍ଟକର ବୋଲି ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ୍ ସ୍ୱୀକାର କରିଛନ୍ତି। ଚଳିତ ପାକିସ୍ତାନ ବିପକ୍ଷ ଦିନିକିଆ ସିରିଜରେ ଇଂଲଣ୍ଡ ଦଳରେ ୧୭ଜଣ ଖେଳାଳି ସାମିଲ ହୋଇଛନ୍ତି। କିନ୍ତୁ ବିଶ୍ୱକପ୍ ପାଇଁ ୧୫ଜଣିଆ ଦଳ ଚୟନ କରାଯିବ। ତେଣୁ ଅନ୍ତିମ ଦଳ ଚୟନ ନିଶ୍ଚିତ ଭାବେ କଷ୍ଟକର ବୋଲି ସେ କହିଛନ୍ତି। ଜୋଫ୍ରା ଆର୍ଚରଙ୍କୁ ଦଳରେ ସାମିଲ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଗତ କେତୋଟି ମ୍ୟାଚ୍‌ରେ ଜବରଦସ୍ତ ପ୍ରଦର୍ଶନ କରି ଆର୍ଚର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂର୍ବତନ ଇଂଲଣ୍ଡ ଅଲ୍‌ରାଉଣ୍ଡର ଆଣ୍ଡ୍ର୍ୟୁ ଫ୍ଲିଣ୍ଟଫ୍ ମଧ ଆର୍ଚରଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରିବାକୁ ମତ ଦେଇଥିଲେ। କିନ୍ତୁ ଅନ୍ତିମ ୧୫ ଜଣିଆ ଦଳରେ ସବୁ ଖେଳାଳିଙ୍କୁ ସାମିଲ କରିହେବନାହିଁ। ଦୁଇଜଣଙ୍କୁ ବାଦ୍ ଦେବାକୁ ହେବ। କେଉଁ ଖେଳାଳିଙ୍କୁ ବାଦ୍ ଦିଆଯିବ, ସେ ସଂକ୍ରାନ୍ତରେ ନିଷ୍ପତ୍ତି ନେବା କଷ୍ଟକର ବୋଲି ମୋର୍ଗାନ କହିଛନ୍ତି। ଗତ ୪ ବର୍ଷ ଧରି ଲିୟମ ପ୍ଲଙ୍କେଟ ଓ ଡେଭିଡ ୱିଲି ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଆସୁଛନ୍ତି। ତେବେ ଏହି ଦୁଇ ଖେଳାଳିଙ୍କୁ ସେତେଟା ପ୍ରଶଂସା କରାଯାଇନାହିଁ। ଏହି ଖେଳାଳିଦ୍ୱୟଙ୍କୁ ଯେଉଁ ଦାୟିତ୍ୱ ପ୍ରଦାନ କରାଯାଇଛି ସେମାନେ ତାହାକୁ ସଫଳତାର ସହ ତୁଲାଇଛନ୍ତି। କିନ୍ତୁ ଯଦି ପରିସ୍ଥିତି ସୃଷ୍ଟି ହୁଏ, ତେବେ ଏହି ଦୁଇ ଖେଳାଳିଙ୍କୁ ବାଦ୍ ଦିଆଯିବା ନିଷ୍ପତ୍ତି କଷ୍ଟକର ହେବ। କେଉଁ ଖେଳାଳିଙ୍କୁ ବାଦ୍ ଦିଆଯିବ ଓ କାହାକୁ ଦଳରେ ସାମିଲ କରାଯିବ ତାହା ଚୟନକର୍ତ୍ତାଙ୍କ ଉପରେ ଅବଶ୍ୟ ନିର୍ଭର କରେ ବୋଲି ମୋର୍ଗାନ କହିଛନ୍ତି। ଆସନ୍ତା ୩୦ ତାରିଖ ଉଦ୍‌ଘାଟନୀ ମ୍ୟାଚ୍‌ରେ ଇଂଲଣ୍ଡ ଦକ୍ଷିଣ ଆଫ୍ରିକାକୁ ଭେଟିବା ପୂର୍ବରୁ ଦୁଇଟି ଅଭ୍ୟାସ ମ୍ୟାଚ୍ ମଧ ଖେଳିବ। ଅନ୍ୟପକ୍ଷେ ଇଂଲଣ୍ଡ ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ବିପକ୍ଷରେ ଦୁଇଟି ୱାର୍ମଅପ୍ ମ୍ୟାଚ୍ ମଧ ଖେଳିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ମେ ୧୩/୨୦୧୯ Sambalpur, Monday, May 13/ 2019

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଉଲୁଣ୍ଡା, ୧୨।୫(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ବିଶିପଡାରୁ କେସଲପୁରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଭାରତ ଗ୍ୟାସ ରିଫିଲିଙ୍ଗ ସେଣ୍ଟର ନିକଟରେ ଦୁର୍ଘଟଣା ଘଟି ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉଲୁଣ୍ଡା ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ଜାମପାଲି ଗ୍ରାମର ରିଙ୍କୁ ଭରାସାଗର(୨୨) । ପୋଲିସଠାରୁ ମିଳିଥିବା ସୂଚନା ମୁତାବକ ସକାଳ ପ୍ରାୟ ୬ଟାରେ ରିଙ୍କୁ ବାଇକ(ଓଡି-୩୧-ଡି-୭୩୬୫)ରେ ଆସୁଥିବା ବେଳେ ଏକ ଡିଜେ ସାଉଣ୍ଡ ବୋଝେଇ ପିକଅପ ଭ୍ୟାନ ତାଙ୍କୁ ଧକ୍କାଦେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଉକ୍ତ ଗାଡିକୁ ନେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ରିଙ୍କୁକୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ହିକୁଡି ଫାଣ୍ଡିରେ ଏକ ମାମଲା (ନଂ.୧୬/୧୯) ରୁଜୁ କରାଯାଇଥିବା ଫାଣ୍ଡି ଅଧିକାରୀ ଶିଶୁପାଲ ନାଗ ସୂଚନା ଦେଇଛନ୍ତି।

### ବିଦ୍ୟୁତ ସଂସ୍ପର୍ଶରେ ଯୁବକ ମୃତ

ରଗଡ଼ ଅଫିସ୍,୧୨।୫:ବରଗଡ଼ ସହରର ୱାର୍ଡ଼ ନଂ-୧ ନଦୀପଡ଼ାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ପଡ଼ାର ମନୋଜ ପାତ୍ର(୨୮)। ସେ ଗାଧୋଇବାକୁ ଯାଉଥିବାବେଳେ ବିଦ୍ୟୁତ୍ ଖୁଣ୍ଟରେ ଲାଖି ରହିଥିବା ତାର ତାଙ୍କ ହାତରେ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାର ଲୋକଙ୍କୁ ୱେଷ୍କୋ ପକ୍ଷରୁ କ୍ଷତିପୂରଣ ସହାୟତା ଯୋଗାଇବା ପାଇଁ ଦାବି ହୋଇଛି ।

■କୃଷି ବିଜ୍ଞାନ କେନ୍ଦ୍ରର ବାର୍ଷିକ ଯୋଜନା ପ୍ରସ୍ତୁତି

# କୃଷିର ବିକାଶ ପାଇଁ ଏକାଠି ହେଲେ କୃଷି ବିଜ୍ଞାନୀ

ସୋନପୁର,୧୨।୫(ନି.ପ୍ର.)

ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ରବିବାରଠାରୁ ଆରମ୍ଭ ହୋଇଛି ୪ଦିନିଆ କର୍ମଶାଳା। ପଶ୍ଚିମ ଓଡିଶା ଅଧୀନ ୮ଟି ଜିଲାରେ ଥିବା ୯ଟି କୃଷି ବିଜ୍ଞାନ କେନ୍ଦ୍ର(କେଭିକେ)ର ବାର୍ଷିକ ଯୋଜନା ଏହି କର୍ମଶାଳାରେ ପ୍ରସ୍ତୁତି କରାଯିବ। ମାଳ ଅଞ୍ଚଳ କୃଷିର ବିକାଶ ପାଇଁ ୪୫ଜଣ ବୈଜ୍ଞାନିକ ଓ ୯ଟି କେଭିକେର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକମାନେ ଯୋଗ ଦେଇଛନ୍ତି। ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଛନ୍ତି। ଜିଲାପାଳ ତାଙ୍କ ବକ୍ତବ୍ୟରେ ଚାଷୀମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାର୍ଷିକ ଯୋଜନା ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ଚାଷୀ କେବଳ ଧାନ ଚାଷକୁ ଆଦରି ନେଇଛନ୍ତି। ଏହି ଚାଷରେ ଅଧିକ ଜଳ ବିନିଯୋଗ ହେଉଥିଲା ବେଳେ ଖର୍ଚ୍ଚ ଅନୁପାତରେ ଲାଭ କମ୍ ହେଉଛି। ତେଣୁ ପନିପରିବା ଓ ଫଳ ଚାଷ କରିବା ପାଇଁ କୃଷକଙ୍କୁ ପ୍ରବର୍ତ୍ତାଇବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଅନ୍ୟପକ୍ଷେ କମ୍ ଜଳରେ ଚାଷ ଓ ରାସାୟନିକ ସାର କମ୍ ବ୍ୟବହାର କରିବା ଆଜିର ଦିନର ଏକ ଆହ୍ୱାନ। ଏ ଦିଗରେ କୃଷି ବିଜ୍ଞାନୀମାନେ ଯତ୍ନବାନ ହେବାକୁ କହିଥିଲେ। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ସମ୍ପ୍ରସାରଣ ଡ. ମହାମାୟା ପ୍ରସାଦ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ପଶ୍ଚିମ କେନ୍ଦ୍ର ଜଳବାୟୁ ମଣ୍ଡଳ ଓ ଉତ୍ତର ପଶ୍ଚିମ ମାଳ କୃଷି ଜଳବାୟୁ ମଣ୍ଡଳ ଭଳି ଓଡିଶାର ୨ଟି କୃଷି ଜୟବାୟୁ ମଣ୍ଡଳରେ କୃଷି ଓ କୃଷକର ବିକାଶ ପାଇଁ ବାର୍ଷିକ ଖସଡା ପ୍ରସ୍ତୁତ ହେବ ବୋଲି ସୂଚନା ଦେଇଥିଲେ। ଉତ୍ତମ ଫସଲ ପାଇଁ ମୃତ୍ତିକାକୁ ସୁସ୍ଥ ରଖିବା, ଆଧୁନିକ ପ୍ରଣାଳୀରେ ଚାଷ, ବିକ୍ରି, ଜଳର ସୁପରିଚାଳନା ଓ କୃଷିର ଉନ୍ନତି ଉପରେ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ସମ୍ବଲପୁର, ସୁନ୍ଦରଗଡ, ବରଗଡ, ଝାରସୁଗୁଡା, ସୁବର୍ଣ୍ଣପୁର, ବୌଦ୍ଧ, ଦେବଗଡ ଓ ବଲାଙ୍ଗୀର କେଭିକେର ବରିଷ୍ଠ ବୈଜ୍ଞାନିକ ଓ କୃଷି ବିଜ୍ଞାନୀ ଯୋଗ ଦେଇଛନ୍ତି। ବରିଷ୍ଠ ବୈଜ୍ଞାନିକ ତଥା ଦେବଗଡ କେଭିକେର ମୁଖ୍ୟ ଡ. ସୁଜିତ କୁମାର ନାଥ, ସୁନ୍ଦରଗଡ କେଭିକେ ୧ର ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ୨ର ଡ. ମାନସୀ ଭୋଇ, ବଲାଙ୍ଗୀରର ଡ. ଆଶିଷ ଦାସ, ବରଗଡର ଡ. ଅନିଲ କୁମାର ସ୍ୱାଇଁ, ସମ୍ବଲପୁରର ଡ. ଶାସ୍ୱତୀ ପଟ୍ଟନାୟକ ଓ ଝାରସୁଗୁଡାର ଡ. ଜ୍ୟୋତିର୍ମୟୀ ଉଦ୍‌ଗାତା ପ୍ରମୁଖ ଅଂଶଗ୍ରହଣ କରିଛନ୍ତି । ସୋନପୁର କେଭିକେର ଲୋପାମୁଦ୍ରା ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବୈଜ୍ଞାନିକ ସୁରୋଜ୍ୟୋତି ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ତଥା ସୋନପୁର କେଭିକେର ମୁଖ୍ୟ ଡ. ଜୀବନଜିତ୍ ସେନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ, ସୁପ୍ରଭା ସେଠୀ ଓ ମୟୁଖ ଅଧିକାରୀ ପ୍ରମୁଖ ସହଯୋଗ କରୁଛନ୍ତି। କୃଷି ସମ୍ପ୍ରସାରଣ ନିର୍ଦ୍ଦେଶାଳୟ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି ।




କର୍ମଶାଳାରେ ଜିଲାପାଳ ମଧୁସୂଦନ ମିଶ୍ର, ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ ଡ. ମହାମାୟା ପ୍ରସାଦ ନାୟକ ଓ ମଞ୍ଚାସୀନ ବରିଷ୍ଠ ବୈଜ୍ଞାନିକମାନେ ।

# ସାପ କାମୁଡ଼ାରେ ଶିଶୁକନ୍ୟା ମୃତ

ବୀରମହାରାଜପୁର, ୧୨।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ରଥପୁର ଗ୍ରାମରେ ସର୍ପାଘାତ ଯୋଗୁଁ ଜଣେ ୫ବର୍ଷିୟା ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମୃତା ହେଲେ ସେହି ଗ୍ରାମର ସଞ୍ଜିବ କ୍ଷେତିଙ୍କ ଝିଅ ଅଞ୍ଜଳି । ସୂଚନାମତେ, ଗ୍ରାମ୍ୟ ଅଙ୍ଗନୱାଡି କେନ୍ଦ୍ରରେ ପ୍ରାକ୍ ବିଦ୍ୟାଳୟ ପାଠ ପଢୁଥିବା ଅଞ୍ଜଳି ଶନିବାର ଅପରାହ୍ନରେ ଘରେ ଶୋଇଥିଲେ। ଏକ ବିଷାକ୍ତ ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା। ଅଞ୍ଜଳିଙ୍କୁ ତୁରନ୍ତ ସୋନପୁର ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୀରମହାରାଜପୁର ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୯/୧୯)ରୁଜୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବା।

- ଭଲ୍‌ଟାୟାର

## ଜୟପାଟଣାରେ ଝଡ଼ବର୍ଷା, ଥୁଆମୂଳ ରାମପୁରରେ କାଳବୈଶାଖୀ

# ଜଣେ ମୃତ: ଭାଙ୍ଗିଲା ଘର, ଉଜୁଡ଼ିଲା ଚାଷ

ଭବାନୀପାଟଣା,୧୨।୫ (ଡି.ଏନ.ଏ./ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ଅଚଞ୍ଚଳରେ ଶନିବାର ଅପରାହ୍ନରେ ଝଡବର୍ଷା ଓ କରାମାଡରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏଥି ଯୋଗୁ ବଡ ବଡ ଗଛ ରାସ୍ତାରେ ଭାଙ୍ଗି ପଡିଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିବାରୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। କୁଆପଥର ମାଡରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ବଜ୍ରପାତରେ ଉଜ୍ଜଳା ସଞ୍ଚାୟତ ଖଇର ଭାଡି ଗାଁର ବଳଭଦ୍ର ରାଉତ୍ (୫୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ବଳଦ ମଧ ମୃତ୍ୟୁ ହୋଇଥିବା ଜଣାଯାଇଛି। ସୂଚନା ମୁତାବକ, ଶନିବାର ଅପରାହ୍ନ ପ୍ରାୟ ୪ଟା ବେଳେ ଝଡ଼ବର୍ଷା ସହ କରାମାଡ ହୋଇଥିଲା। ବିଲ ଓ ଖଳାରେ ରହିଥିବା ଧାନ ସବୁ ପାଣିରେ ବୁଡି ଯାଇଛି। ଏହାଛଡା ଆମ୍ବ, କଦଳୀ ଗଛସବୁ ଧରାଶାୟୀ ହୋଇଛି। ଏହାଛଡା ବଡ ବଡ ଗଛ ଉପୁଡି ଯିବାରୁ କେତେକ ସ୍ଥାନରେ ରାସ୍ତା ଅବରୋଧ ରହିଛି। ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯିବା ସହ ତାର ସବୁ ତଳେ ପଡିଛି। ଫଳରେ ବିଦ୍ୟୁତ୍ ସେବା ଅନେକ ଅଞ୍ଚଳରେ ବନ୍ଦ ରହିଛି। ତେବେ




ଜୟପାଟଣା ଅଞ୍ଚଳରେ ଏକ ଘର ଉପରେ ଗଛ ଭାଙ୍ଗି ପଡ଼ିଛି (ବାମ)। ଥୁ.ରାମପୁର ଅଞ୍ଚଳରେ ଧାନ ଫସଲ ନଷ୍ଟ ହୋଇଛି।

### ବିଦ୍ୟୁତ୍ ସେବା ବ୍ୟାହତ

ସ୍ୱେଚ୍ଛାସେବୀ, ପୋଲିସ, ଅଗ୍ନିଶମ ବିଭାଗ ଗଛ କାଟି ରାସ୍ତା ସଫା କରୁଥିବା ଦେଖିବାକୁ ମିଳିଛି। ବିଦ୍ୟୁତ ସେବା ସ୍ୱାଭାବିକ ହେବାକୁ ୨ ଦିନ ଲାଗିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ ପାଇଛି। ଜୟପାଟଣା ପଞ୍ଚାୟତ ଚିର୍କା, ପୋଡାଗୁଡା, ସମେତ ୬ଟି ପଞ୍ଚାୟତ ପ୍ରାଭାବିତ ହୋଇଥିବା କରାଯାଇଛି। ସେହିପରି ଭଇଁରିପାଲିରେ କରାମାଡ ଯୋଗୁ ଆମ୍ବ ସବୁ ଝଡି ପଡିଛି। ଏହାଛଡା ଅନେକ ଘରର ଛପର ଉଡି ଯାଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରାଯାଇ ସହାୟତା ରାଶି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ସେହିପରି ଥୁଆମୂଳ ରାମପୁର ବ୍ଲକରେ ଶନିବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଘରଗୁଡିକ ଭାଙ୍ଗିଯିବା ସହ ଧାନ କ୍ଷେତରେ ପଡିଯାଇ ନଷ୍ଟ ହୋଇଥିବା ଜଣାପଡିଛି। ବିଭିନ୍ନ ସ୍ଥାନରେ ଗଛଗୁଡିକ ଭାଙ୍ଗିଯିବା ଯୋଗୁ ବିଦ୍ୟୁତ ସରବାରହ ମଧ ବନ୍ଦ ରହିଥିଲା। ଥୁଆମୂଳ ରାମପୁର ବ୍ଲକ ଚିଙ୍ଗୁଡିପାସ୍, ବଣ୍ଡାବାଗ, ଭିତରପଦର ଓ ମୂଷାଜାଲ ଆଦି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଜୋରରେ ପବନ ବୋହିବା ଯୋଗୁ ଘରଗୁଡିକ ଟିଣ ଆଜବେଷ୍ଟ ଉଡେଇ ନେଇ ଭାଙ୍ଗି ଚୁରମାର କରିଦେଇଥିଲା। ଫଳରେ ଗରିବ ଲୋକମାନେ ଏବେ ଘର ଭାଙ୍ଗି ଯିବାରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେହିପରି କୁଆପଥର ବର୍ଷା ଯୋଗୁ ଏଠାରେ ଚାଷ ହୋଇଥିବା ଧାନ ଫସଲଗୁଡିକ କ୍ଷେତରେ ପଡି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳୁଛି। ଏହାସହ ଗୃହପାଳିତ ଛେଳି, ମେଣ୍ଢା ଓ କୁକୁଡା ମଧ ମରିପଡିଥିବା ଜଣାପଡିଛି। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ଶୀଘ୍ର ଚିହ୍ନଟ କରି ସହାୟତା ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ



### ଦାଦନଙ୍କ ପୁଅଙ୍କୁ ରକ୍ତଦାନ କଲେ ବଜରଙ୍ଗଦଳ କର୍ମୀ

ନୂଆପଡା ଅଫିସ,୧୨।୫

ମା'ବାପା ରାଜ୍ୟ ବାହାରକୁ ଆଜକୁ ୪/୫ମାସ ହେବ ଦାଦନ ଖଟିବାକୁ ଯାଇଛନ୍ତି। ଏପଟେ ଗୋଟିଏ ବୋଲି ପୁଅ ନିଜ ସମ୍ପର୍କୀୟଙ୍କ ଘରେ ରହି ରୋଗରେ ଛଟପଟ ହେଉଛନ୍ତି । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ରକ୍ତହୀନତା ରୋଗରେ ପୀଡିଥିବାରୁ ଏହି ଖବର ପାଇ ବଜରଙ୍ଗ ଦଳ କର୍ମୀମାନେ ହସ୍ପିଟାଲରେ ପହଞ୍ଚି ରକ୍ତଦାନ କରିଛନ୍ତି । ଶିଶୁଟି ହେଲେ ନୂଆପଡ଼ା ଜିଲା କୋମନା ବ୍ଲକ ଦୋର୍ଲାମୁଣ୍ଡା ଗାଁର କୁନ୍ଦନ ମହାନନ୍ଦ (୧୨)। ତାଙ୍କୁ ବଜରଙ୍ଗ ଦଳର ଦିନେଶ ସୁନାନୀ ରକ୍ତଦାନ କରିଛନ୍ତି । ରକ୍ତଦାନ ସମୟରେ ଦଳ ତରଫରୁ ସଭାପତି ରୋହିତ ସାହୁ, ବିରୁ ମହାନନ୍ଦ, ତାରା ସିଂ, ନିର୍ମଳ ରାଉତ, ପିଣ୍ଟୁ ସାହୁ, ଆଡିଶ ମଲ୍ଲିକ, ବିମଳ ସାହୁ, ଅଭିଶେକ, ଲାଳେଶ୍ୱର, ଧୀରଜ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।



ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଘାରିଲି ଡାଲି ରସୁଣ ପକାଇ**
**ବାହାର ଚୁଲିରେ ନେଇ;**
**ଯଉବନ ଗଲା ମୁଖ ମଉଳିଲା**
**ପଚାରିଲେ କାହିଁ ପାଇଁ ।**

ଯୌବନ ଚିରସ୍ଥାୟୀ ନୁହେଁ। ଯୌବନାବସ୍ଥା ପରେ ଶରୀର କ୍ରମଶଃ ମଳିନ ପଡ଼ିଯିବା ସହ ବ୍ୟକ୍ତି ନିଜର ପୂର୍ବ ଚମକ ଓ ତେଜ ହରାଇ ବସିଥାଏ। ଏପରିସ୍ଥଳେ ଛୁଆପିଲା, ରନ୍ଧାବଢ଼ା ଭଳି ସାଂସାରିକ ଜଞ୍ଜାଳରେ ଛନ୍ଦି ହୋଇଯାଇଥିବା ମହିଳା ସମୟକ୍ରମେ ନିଜର ଆକର୍ଷଣ ହରାଇବସିବା ସହ ସ୍ୱାମୀ ଆଖିରେ ଅଲୋଡ଼ା ହୋଇଯିବା ନେଇ ମନ ଉଣା କରି ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବାପ ପୁଅ ଦୁହେଁ ରାତି ଅନିଦ୍ରା,**
**ଏଣେ ମୁଗୁରା ଗାଣ୍ଠି ମେଲା ।**

ମୁଗୁରା ପଛପଟ ଠିକ୍ ଭାବରେ ବନ୍ଧା ହୋଇ ନ ଥିଲେ ବା କଣା ଥିଲେ କି ଖୋଲା ଥିଲେ ମାଛ ସେଇବାଟେ ଖସି ଯାଇଥାଏ। ଦି'ପଟ ଆଡ଼ିବନ୍ଧ ଯେତେ ଟାଣ କଲେ ବା ଚାରିପଟ ଘଳିଆ ଯେତେ ମାରିଲେ ବି ଲାଭ କିଛି ମିଳି ପାରି ନ ଥାଏ। ସାମାନ୍ୟ ଅସାବଧାନତା ଯୋଗୁ ସମସ୍ତ ଶ୍ରମ ଅଟୀରେ ପଣ୍ଡ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବେଆଇନ ଖଣି ଖନନ ଉପରେ ଚଢାଉ

ସିନାପାଲି,୧୨।୫ (ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅଞ୍ଚଳରେ ଦୀଘଦିନରୁ ବେଆଇନ ଖଣି ଖନନ ଓ ପଥର ଚୋରା ଚାଲାଣ ବୃଦ୍ଧି ପାଇଛି। ଗତ ବୁଧବାର ସିନାପାଲି ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝିଙ୍କ ଦ୍ୱାରା ବେଆଇନ ଖନନ ହୋଇଥିବା ଖଣି ଉପରେ ଚଢାଉ କରାଯାଇଥିଲା। ପ୍ରକାଶ ଯେ, ବରଗାଁ ନିକଟସ୍ଥ ଦୁର୍କାଡୁଙ୍ଗରୀ ଅଞ୍ଚଳରେ ବେଆଇନ ଭାବେ ବିସ୍ଫୋରଣ ଦ୍ୱାରା ପଥର ଉତ୍ତୋଳନ ହେଉଥିବାରୁ ଅଞ୍ଚଳବାସୀ ଅନେକ ସମୟରେ ଆତଙ୍କିତ ଅବସ୍ଥାରେ ରହୁଥିବା ବେଳେ ସେମାନେ ଏ ନେଇ ସିନାପାଲି ଅତିରିକ୍ତ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତି କରି ମାଝି ବରଗାଁ ଅଞ୍ଚଳରେ ବେଆଇନ ଖନନ ହେଉଥିବା ପଥର ଖଣି ଉପରେ ଚଢାଉ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୧୧ ତାରିଖରେ ଉକ୍ତ ଖଣି ଖନନ ଲିଜ୍‌କୁ ବାତିଲ କରାଯାଇଥିଲା। ଏହା ସତ୍ତ୍ୱେ ଏ ବେଆଇନ କାର୍ଯ୍ୟ ଚାଲୁ ଥିବାରୁ ଗ୍ରାମବାସୀଙ୍କ ଦ୍ୱାରା ବରମ୍ବାର ଅଭିଯୋଗ ହୋଇଆସୁଥିଲା । ଏତଦ୍ ବ୍ୟତୀତ ଦୁର୍କାଡୁଙ୍ଗରୀ ନିକଟସ୍ଥ ପାଙ୍ଗିନିବାହାଲ ଓ ତଳମୁଣ୍ଡାର ଦୁଇଟି ରୟତି ଜମିର ପଥର ଖଣିରେ ବିସ୍ଫୋରକ ସାମଗ୍ରୀ ବ୍ୟବହାର କରି ପଥର ଫଟାଉଥିବା ଦେଖିବାକୁ ମଳିଥିଲା। ଉକ୍ତ ଜମିର ମାଲିକମାନଙ୍କୁ ମଧ ତହସିଲଦାର ପଚରଉଚୁରା କରିଥିଲେ। ଉକ୍ତ ଜମି ମାଲିକମାନେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ବିସ୍ଫୋରକ ସାମଗ୍ରୀ ବ୍ୟବହାର କରି ପଥର ଫଟାଉଥିବା ସ୍ୱୀକାର କରିଥିଲେ। ଉକ୍ତ ବ୍ୟକ୍ତିମାନଙ୍କୁ ଆଗାମୀ ଦିନରେ ବେଆଇନ ପଥର ନ ଫଟାଇବା ପାଇଁ ତାଗିଦ କରାଯାଇଥିଲା। ଏଥିସହ ଏକ ଟ୍ରିପ୍ ପଥର ଜବତ କରାଯାଇଥିଲା। ଉକ୍ତ ଚଢାଉରେ ସିନାପାଲି ରାଜସ୍ୱ ନିରୀକ୍ଷକ ଦିଲୀପ କୁମାର ମାଝି ଓ ଘନେଶ୍ୱର ପଟେଲ ସହଯୋଗ କରିଥିବା ବେଳେ ସ୍ଥାନୀୟ ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ । ଏ ନେଇ ସିନାପାଲି ଅତିରିକ୍ତ ତହସିଲଦାର ମାଝିଙ୍କୁ ପଚାରିବାରୁ ବେଆଇନ ଖଣି ଖନନରେ ଚଢାଉ କରି ପଥର ଜବତ କରାଯାଇଛି ବୋଲି କହିଥିଲେ। ଗତ ନଭେମ୍ବରରେ ଲିଜ୍ ବାତିଲ ହୋଇଥିବା ବେଳେ ବର୍ତ୍ତମାନ କାହା ଇଙ୍ଗିତରେ ଏହା ଚାଲିଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ବେଆଇନ ବ୍ଲାଷ୍ଟିଂ ଦ୍ୱାରା ଅଞ୍ଚଳର ଧନଜୀବନ ପ୍ରତି ବିପଦ ଥିବା ବେଳେ ଏଥିରେ ସମ୍ପୃକ୍ତଙ୍କୁ ଚିହ୍ନଟ କରି ଉଚିତ କାର୍ଯ୍ୟାନୁଷ୍ଠାନ ନେବା ସହ ବେଆଇନ ଖଣି ଖନନକୁ ବନ୍ଦ କରିବା ପାଇଁ ଦାବି ହେଉଛି।





କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

# ବରଗଡ଼ରେ ଶିକ୍ଷକ କର୍ମଶାଳା

ବରଗଡ଼ ଅଫିସ୍,୧୨।୫

ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଏକ ଦିବସୀୟ ଶିକ୍ଷକ କର୍ମଶାଳା ଜାଗରଣ-୧ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଏହି କର୍ମଶାଳାରେ ନୂତନ କରି ନିୟମିତ ହୋଇଥିବା ୨୦୧୨-୧୩ ବ୍ୟାଚ୍‌ର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବର୍ତ୍ତମାନର ଶୈକ୍ଷିକ ପରିବେଶରେ ସଫଳ ଭାବେ କାଯର୍‌ୟ ସମ୍ପାଦନ ପାଇଁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଉଦ୍ୟମରେ ହୋଇଥିବା ଏହି କର୍ମଶାଳାରେ ଅବସରପ୍ରାପ୍ତ ପ୍ରଫେସର ଉମେଶ ଚନ୍ଦ୍ର ଖେଡ଼ଙ୍ଗା ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ଉକ୍ତ କର୍ମଶାଳାରେ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଫାଲଗୁନୀ ପଣ୍ଡା, ଜ୍ଞାନପ୍ରକାଶ ସାହୁ, ପୃଥ୍ୱୀରାଜ ପଧାନ, ମୁକୁନ୍ଦ ମହାନନ୍ଦ, ସୁଶାନ୍ତ ପ୍ରଧାନ, ମନବୋଧ ଲୁହୁରା ପ୍ରମୁଖ ସହଯୋଗ କରିଥିଲେ।

# ରାଜଶ୍ରୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ସିନାପାଲି,୧୨।୫ (ଡି.ଏନ.ଏ.)





ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ନୂଆପଡା ଜିଲା ସିନାପାଲିସ୍ଥିତ ରାଜଶ୍ରୀ ପବ୍ଲିକ ସ୍କୁଲର ତ୍ରୟୋଦଶ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ପରିଚାଳକ ରାଜେଶ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସିନାପାଲି ବ୍ଲକ୍ ଅଧକ୍ଷା ତପସ୍ୱିନୀ ମାଝି ମୁଖ୍ୟଅତିଥି, ସିନାପାଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସିନାପାଲି ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ମୋହନ ସାହୁ, ଅଧିରାଜ ପାଣିଗ୍ରାହୀ, ପୂର୍ବତନ ବ୍ଲକ୍ ଅଧକ୍ଷ ନୀଳମଣି ମେହେର, ଉମାକନ୍ତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଅତିଥି ଶିକ୍ଷାର ବିକାଶ ହେଲେ ଅଞ୍ଚଳର ବିକାଶ ହେବା ବୋଲି ମତ ପ୍ରକାଶ କରିବା ସହ ବର୍ତ୍ତମାନ ଇଂରାଜୀ ଶିକ୍ଷାର ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ ଏହି ଅବସରରେ ସ୍ଥାନୀୟ ଶିକ୍ଷକ ରିତେଶ ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଛାତ୍ର ପ୍ରିନ୍ସ ଅଗ୍ରୱାଲ ଓ ଅର୍ପିତା ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରକାଶ ଯେ, ଗତ ଫେବୃୟାରୀ ୧୦ ତାରିଖ ସରସ୍ୱତୀ ପୂଜା ଅବସରରେ ରିଜିଓନାଲ ଅଫିସର ସିବିଏସ୍‌ଇ ଭୁବନେଶ୍ୱର ଶ୍ରୀ ଥାଙ୍କେଲେଟ୍ ମାଠେ ବାହାଲପଡାସ୍ଥିତ ଏହି ବିଦ୍ୟାଳୟର ନୂତନ ଭବନକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ପରିଶେଷରେ ରିତେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସ୍ଥାନୀୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995 7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765 8512004851

FINANCE

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469 8395030162

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755 7894961299


ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708 8929606415
SCO- 106, Second Floor, Vishal Tower, Cannaught Place, Delhi.

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday



ରଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ଲିଭାଇ ଦେବା ଓ ରୋଗମୁକ୍ତ ହେବା ଆବଶ୍ୟକ। କାରଣ ରଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ।
-ଚାଣକ୍ୟ

## ସଂକ୍ଷେପରେ

### ଆଜିଠୁ ବୈଶାଖ ମେଳା ଆରମ୍ଭ

ପାଇକମାଳ, ୧୨।୫ (ଡି.ଏନ.ଏ)
ବରଗଡ ଜିଲା ପାଇକମାଳ ବ୍ଲକ ଗନ୍ଧମାର୍ଦ୍ଧନ ପର୍ବତର ପାଦଦେଶରେ ଥିବା ନୃସିଂହନାଥ ପୀଠରେ ସୋମବାରଠାରୁ ଆରମ୍ଭ ହେଉଛି ବୈଶାଖ ମେଳା । ଏଥିପାଇଁ ନୃସିଂହନାଥ ପୀଠ ଚଳଚଞ୍ଚଳ ହୋଇପଡିଛି । କୁଲତା ସମାଜର ରାମଚଣ୍ଡୀ ମନ୍ଦିରରୁ ଆରମ୍ଭ କରି ମା' ବିନ୍ଧ୍ୟବାସିନୀ ମନ୍ଦିର ଯାଏ ହଜାର ହଜାର ସଂଖ୍ୟାରେ ନିର୍ମାଣ ହୋଇଛି ଦୋକାନ । ପାଇକମାଳରୁ ନୃସିଂହନାଥ ଯାଏ ବିଦ୍ୟୁତୀକରଣ ହୋଇଛି । ପୋଲିସ, ସ୍ୱାସ୍ଥ୍ୟ, ବିଦ୍ୟୁତ କ୍ୟାମ୍ପ ପଡିଛି । ମନ୍ଦିର ପ୍ରଶାସନ ତରଫରୁ ମଧ ସମସ୍ତ ବ୍ୟବସ୍ଥା କରାଯାଇଛି । ପଦ୍ମପୁର ଉପଜିଲାପାଳ ତନ୍ମୟ ଦରୱାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି ।

### ବୌଦ୍ଧରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ

ବୌଦ୍ଧ,୧୨।୫(ସ୍ୱ.ପ୍ର)
ବୌଦ୍ଧ ସେବିକା ପ୍ରଶିକ୍ଷଣ କେନ୍ଦ୍ରଠାରେ ରବିବାର ଆନ୍ତର୍ଜାତିକ ସେବିକା ଦିବସ ପାଳିତ ହୋଇଯାଇଛି। ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷା ରୀତାଞ୍ଜଳି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ଶୀତାଂଶୁ କୁମାର ରାଉତ ମୁଖ୍ୟଅତିଥି ଓ ଡା. ବିମଳାପ୍ରଭା ସାହୁ ଓ ଦୀପ୍ତିମୟୀ ନାଏକ ସମ୍ମାନିତ ଅତିଥି ଭାବେ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଆନ୍ତର୍ଜାତିକ ସେବିକା ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେବିକାମାନେ ସମାଜରେ ନିଜର ଏକ ସ୍ୱାତନ୍ତ୍ର୍ୟ ବଜାୟ ରଖିଛନ୍ତି ଓ ସେମାନେ ସେବାର ପ୍ରତୀକ ହୋଇଥିବାରୁ ସମାଜ ପ୍ରତି ସେମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ମତପ୍ରକାଶ ପାଇଥିଲା । ଏହି ଅବସରରେ ସେବାର ପ୍ରତୀକ ଫ୍ଲୋରେନ୍ସ ନାଇଟିଙ୍ଗଲଙ୍କ ଜନ୍ମ ଦିବସ ଉତ୍ସବ ପାଳନ କରାଯାଇଥିଲା। ଆଲୋଚନା ସଭା ପରେ ପ୍ରଶିକ୍ଷଣ କେନ୍ଦ୍ର ସେବିକା ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶେଷରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶିକ୍ଷକ ସୁରଭି ମାଝୀ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଶିକ୍ଷକ ପ୍ରଜ୍ଞା ପାରମିତା ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

### ମିନିଟ୍ରକକୁ ଧକ୍କା ଦେଲା ବାଇକ, ଜଣେ ମୃତ

ବୌଦ୍ଧ,୧୨।୫(ସ୍ୱ.ପ୍ର)
ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ମଧୁପୁର ଛକଠାରେ ଛିଡା ହୋଇଥିବା ମିନିଟ୍ରକକୁ ଏକ ବାଇକ ପଛପଟୁ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜିତେନ ଦେହୁରୀ (୨୪) । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଆକାଶ ବାଘ (୨୦) ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ, ଶନିବାର ରାତିରେ ଅନୁଗୋଳ ଜିଲା କିଆକଟା ହଟୁଆପଡା ଗ୍ରାମର ଜିତେନ ଦେହୁରୀ (୨୪) ଓ ଆକାଶ ବାଘ (୨୦) ଚରଦା ଗ୍ରାମରୁ ବାଇକ୍ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ଜାତୀୟ ରାଜପଥର ମଧୁପୁର ଛକ ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଏକ ମିନିଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲେ। ଫଳରେ ଉଭୟେ ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ଆଣିବା ବାଟରେ ଜିତେନଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଆକାଶଙ୍କୁ ବୁର୍ଲା ଚିକିତ୍ସା ପାଇଁ ପଠାଯାଇଛି । ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚ ଉଭୟ ଗାଡିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଛି । ଏ ନେଇ ବୌଦ୍ଧ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଚାଷୀଙ୍କୁ ଏବେ କାଳବୈଶାଖୀ ଚିନ୍ତା

- କ୍ଷେତ, ଖଳାରେ ପଡ଼ିଛି ଅମଳ ଧାନ
- ମଣ୍ଡିକୁ ଆଣିଲେ ମଧ୍ୟ ବିକ୍ରି ହେଉନି
- ସୋମବାରଠାରୁ ଧାନ ଉଠିବ କହିଲେ ସିଏସଓ

**ବରଗଡ଼ ଅଫିସ୍,୧୨।୫**



ବରଗଡ଼ ଜିଲା ଅତାବିରା ବ୍ଲକ ଅଞ୍ଚଳରେ ଚାଷୀମାନେ ଧାନ ଅମଳ କରୁଛନ୍ତି ।

ବରଗଡ଼ ଜିଲାରେ ଗତ ଦୁଇ ସପ୍ତାହ ପୂର୍ବରୁ ରବିଋତୁ ଧାନ ଅମଳ ଆରମ୍ଭ ହେଲାଣି । ଏବେ ଅମଳ ପ୍ରକ୍ରିୟା ଜୋର୍ ଧରିଛି । ଜିଲାରେ ଖୋଲିଥିବା ମଣ୍ଡିକୁ ପ୍ରତିଦିନ ହଜାର ହଜାର ବସ୍ତା ଧାନ ଆସୁଛି । ମାତ୍ର ମଣ୍ଡିରୁ ଧାନ ଉଠାଣ ଠପ୍ ପଡ଼ି ଯାଇଛି । ଜିଲାର ମଣ୍ଡି ଗୁଡ଼ିକରେ ଲକ୍ଷାଧିକ ବସ୍ତା ଧାନ ସଂଗୃହୀତ ହେଲାଣି । ମାତ୍ର ଏପର୍ଯ୍ୟନ୍ତ ଜିଲାର କୌଣସି ମଣ୍ଡିରୁ ବସ୍ତାଟିଏ ଧାନ ମଧ୍ୟ ବିକ୍ରି ହୋଇ ପାରି ନାହିଁ । ଫଳରେ ଚାଷୀଙ୍କୁ ବହୁବିଧ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଗୋଟିଏ ପଟେ ବିକ୍ରି ଆଶାରେ ମଣ୍ଡିକୁ ଆଣିଥିବା ଧାନ ଜଗିବାକୁ ପଡୁଥିବାବେଳେ ଅନ୍ୟପଟେ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ଦେଇ ନ ପାରି ଚାଷୀଙ୍କୁ ହୀନସ୍ତା ହେବାକୁ ପଡୁଛି। ତେବେ ଏଭଳି ଅଚଳାବସ୍ଥା ଯୋଗୁ ବରଗଡ଼ ଜିଲା ଚାଷୀଙ୍କ ଧାନ ଅଣ୍ଡର ରେଟ୍‌ରେ କିଣି ବେପାରୀମାନେ ଛତିଶଗଡ ନେଉଥିବା ଅଭିଯୋଗ ହେଉଛି । ଧାନ ଅମଳବେଳେ ରାଜ୍ୟକୁ ବାତ୍ୟା ଫନି ମାଡ଼ି ଆସିଥିଲା । ଏହି ବାତ୍ୟା ନେଇ ଚାଷୀ ଖୁବ୍ ଚିନ୍ତିତ ହୋଇ ପଡ଼ିଥିଲା । ରାଜ୍ୟର ଉପକୂଳ ଅଞ୍ଚଳ ଦେଇ ଫନୀ ଚାଲିଥିବାବେଳେ ଏବେ ଚାଷୀଙ୍କୁ କାଳବୈଶାଖୀ ଚିନ୍ତା ଘାରିଛି। ରବିବାର ସନ୍ଧ୍ୟାରେ ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥିଲା। ମାତ୍ରାଧିକ ବର୍ଷା ହୋଇ ନ ଥିଲେ ମଧ ଝିପିଝିପି ବୃଷ୍ଟିପାତ ସାଙ୍ଗକୁ ଝଡ଼ବତାସ ହୋଇଥିଲା। ଆକାଶ ମେଘାଚ୍ଛନ୍ନ ରହିବା ସହିତ ଘଡ଼ଘଡ଼ି ହେଉଥିବାରୁ କୌଣସି ମୁହୂର୍ତ୍ତରେ ଝଡ଼ବତାସ ଓ ବର୍ଷା ହେବାର ସମ୍ଭାବନା ରହିଛି । ମଣ୍ଡିରୁ ଏପର୍ଯ୍ୟନ୍ତ ଧାନକ୍ରୟ କିମ୍ବା ଉଠାଣ କାର୍ଯ୍ୟ ହୋଇ ପାରି ନ ଥିବାରୁ ଏହି ଚିନ୍ତା ଚାଷୀଙ୍କୁ ଘାରିଛି।

କଳାପାଣିର ଜଣେ ଚାଷୀ ସୁରେଶ ନେକେଣ୍ଟି କହିଛନ୍ତି, ସେ ଗତ ୮ତାରିଖରୁ ପ୍ରାୟ ୨୫୦ ପ୍ୟାକେଟ୍ ଧାନ ବିକ୍ରି ପାଇଁ କଳାପାଣି ମଣ୍ଡିରେ ପକାଇଛନ୍ତି । ଗତ ୮ତାରିଖରେ ଅତିରିକ୍ତ ଜିଲାପାଳ ଆସି ମଣ୍ଡିର ଶୁଭାରମ୍ଭ କଲେ । ମାତ୍ର ଏପର୍ଯ୍ୟନ୍ତ ମଣ୍ଡିକୁ ଆଣିଥିବା ଧାନରୁ ପ୍ୟାକେଟ୍‌ଟିଏ ମଧ୍ୟ ବିକ୍ରି ହୋଇ ପାରି ନ ଥିବା ନେକେଣ୍ଟି କହିଛନ୍ତି । ମିଲର୍ସ ଓ ଯୋଗାଣ ବିଭାଗ ଅଧିକାରୀଙ୍କ ମଧ୍ୟରେ ଚାଲିଥିବା ଅସାଧୁ ମେଣ୍ଟ ଯୋଗୁ ଜାଣିଶୁଣି ଧାନ ଉଠାଣ ପ୍ରକ୍ରିୟାକୁ ବିଳମ୍ବ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ସେହିପରି ଚାଷୀନେତା ଲକ୍ଷ୍ମଣ ପ୍ରଧାନ କହିଛନ୍ତି, ପ୍ରଶାସନିକ ଅଧିକାରୀ ଓ ମିଲର୍ସଙ୍କ ମିଳିଭଗତ୍ ଯୋଗୁ ଧାନ କିଣାବିକା ବିଳମ୍ବ ହେଉଛି । ବିଭାଗୀୟ ଅଧିକାରୀମାନେ ଧାନକ୍ରୟ ପାଇଁ ଆବଶ୍ୟକ କାଗଜାତ୍, ତଥ୍ୟ ଚୂଡ଼ାନ୍ତ ହୋଇ ନାହିଁ ବୋଲି କହୁଛନ୍ତି ଏବଂ ସମୟ ଗଡ଼ାଇ ଚାଲିଛନ୍ତି । ପ୍ରଶାସନିକ ଅଧିକାରୀଙ୍କ ଅବହେଳା ପାଇଁ ଚାଷୀମାନେ କଣ ଦାୟୀ ବୋଲି ପ୍ରଧାନ ପ୍ରଶ୍ନ କରିଛନ୍ତି ଏବଂ ଧାନ କିଣାବିକା ପ୍ରକ୍ରିୟାକୁ ତୁରନ୍ତ ସ୍ୱାଭାବିକ କରା ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସେ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ (ସିଏସଓ) ଶ୍ରୀକର ମାଝିଙ୍କୁ ପଚାରିବାରୁ ଧାନ କିଣା ପାଇଁ ସମସ୍ତ ପ୍ରସ୍ତୁତି ସରି ଯାଇଛି ଏବଂ ସୋମବାରଠାରୁ ଧାନ କିଣାବିକା ହେବ ବୋଲି କହିଥିଲେ ।

## ଅଜଣା ବୃଦ୍ଧଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

**ବୌଦ୍ଧ,୧୨।୫(ସ୍ୱ.ପ୍ର)**

ବୌଦ୍ଧ ସହରର ବୁଢ଼ୁପାଲି ଠାରେ ଥିବା ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତି ପକ୍ଷରୁ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ସତ୍କାର କରାଯାଇଛି। ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଗତ ୭ ତାରିଖଠାରୁ ଉକ୍ତ ଅଜଣା ବୃଦ୍ଧ ଝାଡାବାନ୍ତି ୱାର୍ଡରେ ଚିକିତ୍ସିତ ହୋଇ ଆସୁଥିଲେ। ଗତ ଶନିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ବୌଦ୍ଧ ପୋଲିସ ମୃତଦେହ ଜବତ କରିବା ସହ ରବିବାର ବ୍ୟବଚ୍ଛେଦ କରାଇଥିଲା। ଯେହେତୁ ମୃତ ବୃଦ୍ଧଙ୍କ ପରିଚୟ ମିଳିପାରି ନ ଥିଲା ପୋଲିସ ଶବ ସତ୍କାର ପାଇଁ ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତିକୁ ଖବର ଦେଇଥିଲା। ଏହି ସମିତି ଅଜଣା ଶବର ସତ୍କାର କାର୍ଯ୍ୟ କରିଆସୁଛି। ସମିତି ପକ୍ଷରୁ ବୌଦ୍ଧର ରାଜଘାଟକୁ ନେଇ ଶବକୁ ପୋତି ଦିଆଯାଇଥିଲା। ଏହି ସତ୍କାର ସମୟରେ ସମିତିର ଇନ୍ଦ୍ରମଣି ମେହେର, ସନ୍ତୋଷ ମେହେର, ମୀନୁପ୍ରସାଦ ମିଶ୍ର, ରାମଚନ୍ଦ୍ର ମେହେର, ରମେଶ ପ୍ରସାଦ ମେହେର ଓ ପ୍ରଦୀପ କୁମାର ଯୋଶୀ ସାମିଲ ହୋଇଥିଲେ ।

## ବିଶ୍ୱ ମାତୃ ଦିବସରେ ରକ୍ତଦାନ ଶିବିର

**ବରଗଡ଼ ଅଫିସ୍,୧୨।୫**

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ରବିବାର ବିଶ୍ୱ ମାତୃ ଦିବସରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସତ୍ୟସାଇ ସେବା ସମିତି ପକ୍ଷରୁ ଆୟୋଜିତ ଏହି ଶିବିରରେ ୬୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏନ.କେ ପାଢ଼ୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିର ପରିଚାଳନାରେ ସ୍ଥାନୀୟ ରକ୍ତ ଭଣ୍ଡାର କର୍ମଚାରୀ ଏବଂ ସତ୍ୟସାଇ ସେବା ସମିତିର ସଭ୍ୟାସଭ୍ୟ ସହଯୋଗ କରିଥିଲେ ।




ଶିବିରରେ ଏକ ଦମ୍ପତି ଏକକାଳୀନ ରକ୍ତଦାନ କରୁଛନ୍ତି ।

## ରବି ଧାନ ଅମଳ ସମୟରେ ଚକଡା ପୋକ ପ୍ରାଦୁର୍ଭାବ



ଧାନକ୍ଷେତରେ ଚକଡା ପୋକ ଦମନ ଲାଗି ଔଷଧ ସ୍ପ୍ରେ କରାଯାଉଛି ।

**ଅତାବିରା, ୧୨।୫ (ଡି.ଏନ.ଏ)**

ବରଗଡ଼ ଜିଲାରେ ପାଚିଲା ଧାନରେ ଚକଡା ପୋକଙ୍କ ପ୍ରାଦୁର୍ଭାବ ଦେଖାଯିବାରୁ ଚାଷୀମାନେ ଚିନ୍ତିତ ହୋଇ ଗଲେଣି । ବରଗଡ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଅତାବିରା ଓ ଭେଡେନ ବ୍ଲକ ମୁଖ୍ୟତଃ ଧାନ ଫସଲ ଉପରେ ନିର୍ଭର କରିଥାନ୍ତି । ପ୍ରାୟତଃ ଅଧିକାଂଶ ଚାଷୀଙ୍କ ଧାନ ପାଚିଗଲାଣି । ଶ୍ରମିକ ଅଭାବରୁ ଧାନ ଅମଳ ଆଗେଇପାରୁନାହିଁ । ବର୍ତ୍ତମାନ ଧାନ ଫସଲରେ ବର୍ତ୍ତମାନ ଚକଡା, ଗଣ୍ଡିପୋକଙ୍କ ପ୍ରାଦୁର୍ଭାବ ଦେଖାଯାଇଛି । ଚାଷୀମାନେ ବିଭିନ୍ନ କମ୍ପାନୀର କୀଟନାଶକ ଔଷଧ ପ୍ରୟୋଗ କରୁଥିଲେ ମଧ କାମକୁ ଆସୁନି । ଏ ବିଷୟରେ କୃଷି ଅଧିକାରୀ ମାନିନୀ ଭୋଇଙ୍କୁ ପଚରାଯିବାରୁ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଥିଲେ ।

## ଝୁମ୍ପୁଡିପଡାରେ ପାନୀୟ ଜଳ ସମସ୍ୟା ଉତ୍କଟ

**ଅତାବିରା, ୧୨।୫ (ଡି.ଏନ.ଏ)**

ଅତାବିରା ବ୍ଲକ ଟାମ୍ପରସରା ପଞ୍ଚାୟତ ଅନ୍ତର୍ଗତ ଅଁଳାପାଲି ଝୁମ୍ପୁଡିପଡାରେ ବର୍ତ୍ତମାନ ପାନୀୟ ଜଳ ଉତ୍କଟ ସମସ୍ୟା ଉତ୍କଟ ହୋଇଛି। ଏହି ପଡାରେ ୧୨ଟି ପରିବାର ବସବାସ କରୁଛନ୍ତି । ପାନୀୟ ଜଳ ସୁବିଧା ପାଇଁ ପଞ୍ଚାୟତ ତରଫରୁ ଏଠାରେ ଏକ ନଳକୂପ ଖନନ କରାଯାଇଥିଲା। ଦୀର୍ଘ ସମୟ ନଳକୂପର ହ୍ୟାଣ୍ଡେଲ ମାରିଲେ ଟୋପାଏ ପାଣି ବାହାରୁଛି । ପାନୀୟ ଜଳ ପାଇଁ ପଡାବାସୀ ଡହଳ ବିକଳ ହେଉଛନ୍ତି । ଏ ନେଇ ୱାର୍ଡ ମେମ୍ବର ପୁଷ୍ପାଞ୍ଜଳି ଗୁରୁ ପଞ୍ଚାୟତରେ ଅଭିଯୋଗ କରିଥିଲେ ମଧ ଏପର୍ଯ୍ୟନ୍ତ ଦୃଷ୍ଟି ଦିଆଯାଇ ନାହିଁ । ଏ ସମ୍ପର୍କରେ ପଞ୍ଚାୟତ ଇଓ ଅନିରୁଦ୍ଧ ସାଗରିଆଙ୍କୁ ପଚରାଯିବାରୁ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଥିଲେ ।

## ଭୋଟ୍ ଦେଇ ପରିବାର ବାସନ୍ଦ ଘଟଣା
## ଜିଲା ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଲେ

**ଭଟଲି,୧୨।୫(ଡି.ଏନ.ଏ)**

ଗ୍ରାମବାସୀଙ୍କ ନିଷ୍ପତ୍ତି ବିରୋଧରେ ଯାଇ ଭୋଟ୍ ଦେଇଥିବାରୁ ଭଟଲି ବ୍ଲକ ଖରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ରସାଳି ଗ୍ରାମର ଦୁଇଟି ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିଲା । ତେବେ ବାସନ୍ଦ ହୋଇଥିବା ପରିବାର ୭ଜଣ ସଦସ୍ୟ ଏହି ଘଟଣାରେ ଜିଲା ପ୍ରଶାସନର ହସ୍ତକ୍ଷେପ ଲୋଡିଛନ୍ତି। ଘଟଣାକୁ ୨୪ ଦିନ ବିତିଯାଇଥିଲେ ସୁଦ୍ଧା ସେହି ପରିବାର ମୁଖ୍ୟ ସ୍ରୋତକୁ ଆସିପାରି ନ ଥିବା ଅଭିଯୋଗ କରିଛନ୍ତି। ଏପରିକି ଦିନକୁ ଦିନ ସେମାନଙ୍କ ଅବସ୍ଥା ଦୁର୍ବିସହ ହୋଇପଡୁଛି। ଗ୍ରାମର କେହି ସେମାନଙ୍କ ସହିତ କଥାବାର୍ତ୍ତା ହେଉ ନ ଥିବାବେଳେ ସେମାନଙ୍କ ପାଇଁ ନିଆଁପାଣି ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିବା ବାସନ୍ଦ ପରିବାର ଲୋକେ ଭଟଲି ତହସିଲଦାର ଏବଂ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏପରିକି ଘଟଣାର ସମାଧାନ ପାଇଁ ଗତ ୧ ତାରିଖରେ ବିଡିଓ ଧିରେନ୍ଦ୍ର ସେଠୀ, ତହସିଲଦାର ଅଞ୍ଜଳିନା ପଧାନ ଏବଂ ଭଟଲି ପୋଲିସ ଉକ୍ତ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ମିଳିମିଶି ରହିବା ପାଇଁ ପରାମର୍ଶ ଦେଇଥିଲେ । ମାତ୍ର ଏପର୍ଯ୍ୟନ୍ତ ବାସନ୍ଦ ପରିବାରକୁ କୌଣସି ପ୍ରକାର ସୁଫଳ ମିଳିନାହିଁ । ଗ୍ରାମବାସୀ ପ୍ରଥମେ ଉକ୍ତ ପରିବାରକୁ ବାସନ୍ଦ କରି ନ ଥିବା କହିଥିଲେ । ମାତ୍ର ପରେ ସେମାନଙ୍କୁ ବାସନ୍ଦ କରାଯାଇଥିବା ଜଣାପଡିଥିଲା। ଏ ନେଇ ଉକ୍ତ ପରିବାର ସୋମବାର ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟଇ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି ।

## ■ ମାଲବାହୀ ଟ୍ରେନ ଧକ୍କା, ଯୁବକ ଆହତ
## ଜଗୁଆଳି ଫାଟକ ପାଇଁ ଦାବିକଲେ ଗ୍ରାମବାସୀ

**ଭଟଲି,୧୨।୫(ଡି.ଏନ୍.ଏ.)**

ବରଗଡ଼ ଜିଲା ଭଟଲି ଦେଇ ଡୁଙ୍ଗୁରୀ ଚୂନପଥର ଖଣିକୁ ଯାଇଥିବା ଏସିସି ସିମେଣ୍ଟ କାରଖାନାର ମାଲବାହୀ ଟ୍ରେନ ଧକ୍କାରେ ରବିବାର ଜଣେ ସାଇକେଲ ଆରୋହୀ ସାମାନ୍ୟ ଆହତ ହୋଇଛନ୍ତି । ଆହତ ଯୁବକ ଜଣକ ବାଞ୍ଜିପାଲି ଗ୍ରାମର ସତ୍ୟବାଦୀ ଭୁଏ । ତେବେ ଟ୍ରେନ ଡ୍ରାଇଭର ମଧ ଯୁବକଙ୍କୁ ବଞ୍ଚାଇବାକୁ ଯାଇ ବ୍ରେକ ଲଗାଇବାରୁ ରେଳ ଡବାଗୁଡ଼ିକ ଲାଇନଚ୍ୟୁତ ହୋଇଯାଇଛି। କାରଖାନାର କର୍ମଚାରୀ ମାନେ ଲାଇନଚ୍ୟୁତ ହୋଇଥିବା ଡବାଗୁଡ଼ିକୁ ଟ୍ରାକ୍‌ରେ ପୁନଃ ସ୍ଥାପନ କରୁଥିବାବେଳେ ବାଞ୍ଜିପାଲି ଗ୍ରାମବାସୀ ବିରୋଧ କରିବା ସହିତ ସେହି ସ୍ଥାନରେ ଏକ ଫାଟକ ବ୍ୟବସ୍ଥା କରିବାକୁ ଦାବି କରିଥିଲେ । ଏଥିପାଇଁ ମରାମତି କାର୍ଯ୍ୟକୁ ଗ୍ରାମବାସୀ କରାଇ ଦେଇ ନ ଥିଲେ । ପରେ ରେଳ ଟ୍ରାକ୍‌ର ମୁଖ୍ୟ ପିତାମ୍ବର ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହିତ ଖୁବଶୀଘ୍ର ଉପରିସ୍ଥ କର୍ମଚାରୀଙ୍କ ସହିତ କଥାବାର୍ତ୍ତା କରି ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଗ୍ରାମବାସୀ ଏଥିରେ ରାଜି ହୋଇ ନ ଥିଲେ । ଆଗାମୀ ୧୫ଦିନ ମଧ୍ୟରେ ଜଗୁଆଳି ଫାଟକ ତିଆରି କରିବାର ପ୍ରତିଶ୍ରୁତି ନ ପାଇଲେ ଉକ୍ତ ରେଳ ଧାରଣାରେ ଟ୍ରେନ ଗଡ଼ିପାରିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।



ରେଳ ଫାଟକ ନିର୍ମାଣ ଦାବିରେ ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି ।

## କାଳବୈଶାଖୀ: ତାତିରୁ ମିଳିଲା ନିସ୍ତାର

**ଭେଡ଼େନ, ୧୨।୫(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅଞ୍ଚଳରେ ରବିବାର ସନ୍ଧ୍ୟାରେ ମେଘୁଆ ପାଗ ହେବା ସହ କାଳ ବୈଶାଖି ଜନିତ ସାମାନ୍ୟ ବର୍ଷା ହୋଇଛି । ଫଳରେ ଦୀର୍ଘ ସପ୍ତାହେ କାଳ ଲାଗି ରହିଥିବା ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ତେବେ ଧାନ ଅମଳ ଚାଲିଥିବାରୁ ଅଧିକ ବର୍ଷାପବନ ହେଲେ ଧାନ ଫସଲ ନଷ୍ଟ ହେବା ଆଶଙ୍କା ରହିଛି ।

## ■ ରାଜୀବ ଗାନ୍ଧୀ ଗ୍ରାମ୍ୟ ବିଦ୍ୟୁତୀକରଣ ଯୋଜନା ବାଟବଣା
# ଡିବିରି, ଲଣ୍ଠନରେ ବିତୁଛି ଜୀବନ

**ଜାମଟିକ୍ରା, ୧୨।୫ (ଡି.ଏନ.ଏ)**

ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନାରେ ବିପିଏଲ ପରିବାରମାନଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଉଛି। ହେଲେ ଏହି ଯୋଜନା ବରଗଡ ଜିଲା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଖଲିଆପାଲି କୁଡାପଡାକୁ ଅପହଞ୍ଚ ହୋଇପଡିଛି । ଏହି ପଡାରେ ୬୦ଟି ଗରିବ ପରିବାର ବସବାସ କରୁଛନ୍ତି। ଲୋକ ସଂଖ୍ୟା ପ୍ରାୟ ୩୦୦ ହେବ । ଗାଁରେ ବିଦ୍ୟୁତ ଖୁଣ୍ଟ ପୋତା ଯାଇଛି। ଟ୍ରାନ୍ସଫର୍ମର ବସାଯାଇଛି । ଘରେ ଘରେ ମିଟର, ସୁଇଚ ବୋର୍ଡ ଲଗାଯିବା ସହ ବିଦ୍ୟୁତ ତାର ମଧ ଟଣାଯାଇଛି । ହେଲେ ୨ବର୍ଷ ବିତିଯାଇଥିଲେ ମଧ ଉକ୍ତ ପରିବାରଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇନି। ଫଳରେ ପଡାବାସୀ ଡିବିରି, ଲଣ୍ଠନ ଜଳାଇ ରାତି ବିତାଉଛନ୍ତି। ଏବେ ଗ୍ରୀଷ୍ମ ଋତୁରେ ଦୁଃଖ ଆହୁରି ବଢ଼ିଯାଇଛି । ପଙ୍ଖା ଲଗାଇବାକୁ ଇଚ୍ଛା ଅଛି । ହେଲେ ବିଦ୍ୟୁତ ନାହିଁ । ତେଣୁ ହାତ ପଙ୍ଖା ଚଳାଇ ଦିନ କାଟୁଛନ୍ତି। ଧାନ କ୍ଷେତ ପାଖରେ ଉକ୍ତ ପଡାଟି ଥିବାରୁ ରାତିରେ ସାପ, ବିଛା ଭୟ ଲାଗିରହିଛି। ୨ବର୍ଷ ବିତିଯାଇଥିଲେ ମଧ ବିଭାଗୀୟ ଅଧିକାରୀ କି ଠିକାଦାରଙ୍କ ଦେଖା ଦର୍ଶନ ମିଳୁନାହିଁ । ପଡାବାସୀ ଅନେକ ଥର ୱେସ୍କୋ ଅଫିସକୁ ଯାଇ ନିରାଶ ହୋଇଛନ୍ତି । ଏ ନେଇ ପଡାର ୮୦ ବର୍ଷର ବୃଦ୍ଧ ଭାଗିରଥି ରଣା କୁହନ୍ତି, ଲାଇନ ଟିକେ ଲାଗି ଯେନ୍ ଗୁଲଗୁଲା ହେଉଛୁ ନାଏଁ କହନ ବାବୁ, ମରିଯିବାର ହେଲିନ ହେଲେ ଲାଇନ ଦେଖିନାଇଁ ପାରଲି। ଏ ବାବଦରେ ବୁଗବୁଗା ସରପଞ୍ଚ ପୁଷ୍ପକାନ୍ତି ସେଠଙ୍କୁ ପଚାରିବାରୁ ୱେସ୍କୋ ଅଧିକାରୀଙ୍କ ସହିତ କଥା ହୋଇ ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ ।

# ସଂଗ୍ରାମୀଙ୍କ ତ୍ୟାଗପୂତ ଜୀବନୀ ଆଲୋଚନା

**ବରଗଡ଼ ଅଫିସ୍/ବିଜେପୁର,୧୨।୫**

ବରପାଲି ବ୍ଲକ ଅନ୍ତର୍ଗତ ଲେଣ୍ଡା ଗ୍ରାମର ସ୍ୱୟଂସିଦ୍ଧା ଫାଉଣ୍ଡେଶନ ପକ୍ଷରୁ ରବିବାର ବିଜେପୁର ବ୍ଲକ ସମଲେଇପଦରସ୍ଥିତ ପାର୍ବତୀଗିରି ଅନାଥା ବୃଦ୍ଧାଶ୍ରମରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍ସବରେ ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ସାହିତ୍ୟିକ ଟେକଚାନ୍ଦ ଦୁଆନ, ଖବରଦାତା ଉମେଶ ଚନ୍ଦ୍ର ବିଶ୍ୱାଳ, ସାମାଜିକ କର୍ମୀ ଏମ. ଭେଙ୍କଟରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାତ୍ମାଗାନ୍ଧୀ ଏବଂ ପାର୍ବତୀ ଗିରିଙ୍କ ତ୍ୟାଗପୂତ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ତଥା ସ୍ୱାଧୀନତା ସଂଗ୍ରାମୀ ପ୍ରଧାନଙ୍କୁ ଫାଉଣ୍ଡେଶନର ଟ୍ରଷ୍ଟି ଅନିରୁଦ୍ଧ ବାଗ ଉପଢ଼ୌକନ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସ୍ୱୟଂସିଦ୍ଧା ଫାଉଣ୍ଡେଶନ ପକ୍ଷରୁ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ବସ୍ତ୍ର, ଫଳ ବଣ୍ଟନ କରାଯାଇଥିଲା । ଉତ୍ସବ ପ୍ରାରମ୍ଭରେ ଅତିଥିମାନେ ମହାତ୍ମାଗାନ୍ଧୀ ଓ ପାର୍ବତୀ ଗିରିଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ସୁଶୀଲ କୁମାର ବାଗ ସ୍ୱାଗତ ଭାଷଣ ଦେଇଥିଲେ । ଟ୍ରଷ୍ଟି ରମେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପାର୍ବତୀ ଗିରି ଅନାଥ ବୃଦ୍ଧାଶ୍ରମର ପରିଚାଳକ ଜଳନ୍ଧର ପଟେଲ, ଉପେନ୍ଦ୍ର ମହାପାତ୍ର, ରାଜ୍ୟ ଯାଦବ ସମାଜ ଉପସଭାପତି ଧନସିଂହ ଭୋଇ, ଖବରଦାତା ସୁବ୍ରତ କୁମାର ସାହୁ, ସୁଦାମ ଭୋଇ, ମିତ୍ରଭାନୁ ନାଗଙ୍କ ସମେତ ବୃଦ୍ଧାଶ୍ରମର ସମସ୍ତ ଅନ୍ତେବାସୀ ଉପସ୍ଥିତ ଥିଲେ ।



ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ


କାଳବୈଶାଖୀ ଯୋଗୁ ବଲାଙ୍ଗୀର କଦମପଡା ରାସ୍ତାରେ ଗଛ ପଡି ରାସ୍ତା ବନ୍ଦ ହୋଇଯାଇଛି ।


ସର୍କିଟହାଉସ ରାସ୍ତାରେ ଭାଙ୍ଗି ପଡିଥିବା ଗଛକୁ ଲୋକେ କାଟି ରାସ୍ତାରୁ ହଟାଉଛନ୍ତି ।


ଖଲିଆପାଲିରେ ଗୋଟିଏ ଘର ଉପରେ ଗଛ ଉପୁଡି ପଡିଛି ।

# କାଳବୈଶାଖୀ: ଗଛ ଉପୁଡ଼ି ରାସ୍ତା ଅବରୋଧ

**ବଲାଙ୍ଗୀର ଅଫିସ, ୧୨।୫**

ବଲାଙ୍ଗୀର ସହରରେ ରବିବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ଗଛ ଉପୁଡି ପଡିବା ସହ ଏକ ବିବାହ ଟେଣ୍ଟ ଛନଛତ୍ର ହୋଇଯାଇଛି । ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଓ ଘର ଉପରେ ଗଛ ପଡିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗିଛନ୍ତି । ଅନେକ ଘରର ଅଜବେଷ୍ଟସ ଉଡିଯାଇଛି । କିଛି ଘର ଉପରେ ଗଛ ପଡିଯିବାରୁ ସେଠାରେ ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ବଲାଙ୍ଗୀର ସର୍କିଟ ହାଉସ ରାସ୍ତାର ଆୟୁର୍ବେଦିକ କଲେଜ ନିକଟରେ ଏକ ଚାଖୁଣ୍ଡା ଗଛ ପଡି ଯାଇଥିଲା । ଫଳରେ ରାସ୍ତାରେ ଯିବା ଆସିବା କରିବା ବାଧାପ୍ରାପ୍ତ ହୋଇଥିଲା । ପ୍ରଶାସନ ପକ୍ଷରୁ କେହି ଏହି ଗଛ ଉଠାଇବାକୁ ନ ଆସିବାରୁ ଶେଷରେ ସ୍ଥାନୀୟ ଲୋକେ ଏହି ଗଛ କାଟି ରାସ୍ତା ଅବରୋଧ ହଟାଇଥିଲେ । ସେହିପରି ବଲାଙ୍ଗୀର-ଖଲିଆପାଲି ରାସ୍ତାରେ ମଧ୍ୟ ଏକ ବଡ ଗଛ ପଡିଯିବାରୁ ରାସ୍ତାରେ ଯିବାଆସିବା ବାଧାପ୍ରାପ୍ତ ହୋଇଥିଲା । ଏହି ସ୍ଥାନରେ ପଡିଯାଇଥିବା ଗଛକୁ ମଧ୍ୟ ବିଭାଗୀୟ କର୍ମଚାରୀମାନେ ସଫା କରି ନ ଥିବାରୁ ଏହା ଦୀର୍ଘ ସମୟ ଧରି ରାସ୍ତା ଉପରେ ପଡି ରହିଛି । ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ଖଲିଆପାଲିର ହେମସାଗର ମହାନନ୍ଦଙ୍କ ଘର ଉପରେ ମଧ୍ୟ ଏକ ଗଛ ପଡିଯିବାରୁ ଘର ଛପର ନଷ୍ଟ ହୋଇଯାଇଛି । ସୀତୟା ତାଣ୍ଡିଙ୍କ ଘର ଆଜବେଜଷ୍ଟସ ଉଠି ଯାଇଛି । କଦମପଡା ଟଙ୍କଧର ବାଗଙ୍କ ଘର ଉପରେ ମଧ୍ୟ ଗଛ ପଡିଛି । ଏସବୁ ଘରଲୋକେ ଅଳ୍ପକେ ରକ୍ଷା ପାଇଛନ୍ତି। ବିଷ୍ଣୁମୁଣ୍ଡା-ଖଲିଆପାଲି ରାସ୍ତାକଡରେ ଥିବା ଏକ କୁକୁଡା ଦୋକାନ ଉପରେ ମଧ୍ୟ ଏକ ବମୁର ଗଛ ପଡିଛି । ସହରର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଘୂର୍ଣ୍ଣିଝଡରେ କ୍ଷତି ହୋଇଛି । ଘୂର୍ଣ୍ଣିଝଡ ପରେ ବିଜୁଳି କାଟ କରାଯାଇଥିବାରୁ ସହରର ବିଭିନ୍ନ ସ୍ଥାନରେ ଦୀର୍ଘ ୪ଘଣ୍ଟା ହେଲା ବିଜୁଳି ଯୋଗାଣ ସମ୍ଭବ ହୋଇ ପାରି ନାହିଁ। ଅନେକ ପଡାରେ ବାରମ୍ବାର ବିଜୁଳି ଯିବା ଆସିବା ଲାଗି ରହିଛି । ତେବେ ସାମାନ୍ୟ ବର୍ଷା ହୋଇଥିବାରୁ ଗରମ କମିଛି ।

## ସଂକ୍ଷେପରେ



### ଭୀମଭୋଇ ମହିମା ମଠରେ ମହିମା ବ୍ରହ୍ମଯଜ୍ଞ

**ସୋନପୁର,୧୨।୫(ନି.ପ୍ର.):** ଭୀମଭୋଇ ମହିମା ମଠ ସୁବର୍ଣ୍ଣପୁରରେ ଶନିବାର ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମହିମା ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି, ଭୀମଭୋଇ ସମାଧି ପୀଠ ଟ୍ରଷ୍ଟର ସଭ୍ୟ ଗୋରେଖନାଥ ସାହୁ ଓ ପେରା ବାବା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଯଜ୍ଞ ପୂର୍ବରୁ ବ୍ଲକ ଛକରେ ସନ୍ଥକବି ମହାଯୋଗୀ ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା। ମଠର ମହନ୍ତ ଓଁକାର ବାବା ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଭକ୍ତ ମିଲୁ ତାଣ୍ଡି, ଗୋବିନ୍ଦ ବାବା, ତପନ ଭକ୍ତ, ଜୟ ସିଂ ଭକ୍ତ, ସୁଧୀର ଜଗଦଲା, ଅନନ୍ତ ଭେସ୍ରା ଓ ଦୁର୍ଗା କଲତା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଏଥିରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ। ଏଠାରେ ଭୀମଭୋଇ ମହାନଦୀ ପାଣି ଛୁଇଁ ସଙ୍କଳ୍ପ କରିଥିବା ଜନଶୃତି ରହିଛି। ତେଣୁ ଏହି ମଠକୁ ସତ୍ୟ ମହିମା ଧର୍ମୀମାନେ ଏକ ପବିତ୍ର ସ୍ଥାନ ମନେ କରନ୍ତି।



### ଭାରତ ସ୍କାଉଟ୍ ଏବଂ ଗାଇଡ୍ ପକ୍ଷରୁ ଜଳଛତ୍ର

**ସୋନପୁର,୧୨।୫(ନି.ପ୍ର.):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ତାତିକୁ ଦୃଷ୍ଟିରେ ରଖି ଭାରତ ସ୍କାଉଟ୍ ଏବଂ ଗାଇଡ୍ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ସହରର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ଜଳଛତ୍ର ଖୋଲାଯାଇଛି। ବାଟୋଇ ଓ ଜନସାଧାରଣଙ୍କୁ ଏଠାରେ ଛାତ୍ରୀଛାତ୍ର ଓ ସ୍କାଉଟ୍ ମାଷ୍ଟର ଦହି ସରବତ ପ୍ରଦାନ କରୁଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଶାରିରୀକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ମେହେର, ସୋନପୁର ବ୍ଲକ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ଗାଇଡ୍ କ୍ୟାପଟେନ ସନ୍ଧ୍ୟାରାଣୀ କ୍ଷେତି, ସ୍କାଉଟ୍ ମାଷ୍ଟର ଯଶୋବନ୍ତ ପୁଟେଲ, ଅନ୍ତରାମ ମେଣ୍ଡଲି, ତୁଷାର କାନ୍ତ ମିଶ୍ର ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ମହିଳାଙ୍କଠାରୁ ମୋବାଇଲ, ଟଙ୍କା ଲୁଟ୍: ଯୁବକ ଗିରଫ

**ଟିପିଲିମା,୧୨।୫(ଡି.ଏନ୍.ଏ.):** ଜଣେ ମହିଳାଙ୍କଠାରୁ ୧୦ହଜାର ଟଙ୍କା ଓ ମୋବାଇଲ ଲୁଟ ଘଟଣାରେ ବୁର୍ଲା ପୋଲିସ ୱାନଆର୍ କଲୋନୀର ପ୍ରକାଶ ସୁନା ଓରଫ ବର୍ଣ୍ଣିଙ୍କୁ ଗିରଫ କରିଛି। ଟିଟିଲାଗଡ଼ କତକିଆପଡ଼ାର ପ୍ରୀତମ କୁମ୍ଭାରଙ୍କ ସ୍ତ୍ରୀ ଶିବାନୀ କୁମ୍ଭାର ବୁର୍ଲା ବୋର୍ଡ କଲୋନୀସ୍ଥିତ ତାଙ୍କ ଭଉଣୀ ଘରକୁ ଯାଉଥିବାବେଳେ ଲୁଟର ଶିକାର ହୋଇଥିଲେ।

## ବିଦ୍ୟୁତ୍ ଖୁଣ୍ଟ ଢଳିଲା, ଘର ଉପରେ ମାଡ଼ିବସିଲା ଗଛ

**ଲୋଇସିଂହା,୧୨।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ଣରେ କାଳବୈଶାଖି ପ୍ରଭାବରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍‌ଖୁଣ୍ଟ ଢଳିବା ସହ ଘର ଉପରେ ଗଛ ମାଡି ବସିଛି । ମାହାରପାଲି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘର ଉପରେ ବରଗଛ ମାଡି ବସିଛି। ଫଳରେ ସେହି ପରିବାରର ୪ ଜଣ ସଦସ୍ୟ ଆହତ ହୋଇଛନ୍ତି। ରବିବାର ସକାଳୁ ମେଘୁଆ ପାଗ ରହିଥିଲା। ମଧ୍ୟାହ୍ନରେ ପ୍ରଚଣ୍ଡ ରୌଦ୍ର ତାପ ଦେଖିବାକୁ ମିଳିଥିଲା । ହଠାତ ଅପରାହ୍ଣ ୫ଟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବେଗରେ ପବନ ବହିଥିଲା। ଘଡଘଡି ସହ ବର୍ଷା ହୋଇଥିଲା। ଝଡବର୍ଷା ଯୋଗୁ ଯୋଗୀସର୍ଡା ପଞ୍ଚାୟତ ଅଧୀନ ମାହାରପାଲି ଗ୍ରାମର ଆଦିତ୍ୟ ରାଉତ(୬୩)ଙ୍କ ଘର ନିକଟରେ ଥିବା ବରଗଛ ଘର ଉପରେ ମାଡି ବସିଥିଲା। ଘରେ ଥିବା ତାଙ୍କ ସ୍ତ୍ରୀ ଯଶୋବନ୍ତୀ ଓ ଦୁଇ ନାତୀନାତୁଣୀଙ୍କ ଉପରେ ଘର ଚାପି ହୋଇଯାଇଥିଲା। ଗ୍ରାମବସୀ ସେମାନଙ୍କୁ ଉଦ୍ଧାର କରିଥିଲେ । ସେହିଭଳି ଏହି କାଳବୈଶାଖୀରେ ବସ୍ତିରେ ଥିବା ୨ଟି ବିଦ୍ୟୁତ୍ ଖୁଣ୍ଟ ଢଳି ପଡିଛି ବୋଲି ସ୍ଥାନୀୟ ୱାର୍ଡ ସଭ୍ୟ ସୁଦାମ ସହାଣୀ ପ୍ରକାଶ କରିଛନ୍ତି। କେଉଁଟିପାଲି ଗ୍ରାମର ଜଙ୍ଗରାମ ଧରୁଆଙ୍କ ଘର ଅଗଣାରେ ଥିବା କୃଷ୍ଣଚୂଡା ଗଛ ମଧ୍ୟ ଭାଙ୍ଗି ପଡିଥିଲା। ନିକଟରେ ଯାଇଥିବା ବିଦ୍ୟୁତ କେବୁଲ ଯୋଗୁ ପଡୋଶୀ ପରିବାର ରକ୍ଷା ପାଇଯାଇଥିଲେ। ଝଡତୋଫାନ ଏତେ ପ୍ରଖର ଥିଲା ଯେ ଗ୍ରାମର ସାଧୁ ଗଡତ୍ୟାଙ୍କ ଘରେ ଲାଗିଥିବା ଟିଣ ଆଜବେଷ୍ଟସ ସବୁକୁ ଉଡାଇ ନେଇଥିଲା। ସେହିପରି ହୀରାପୁର ପଞ୍ଚାୟତ ଅନ୍ତର୍ଗତ ପନେସରା, ଗୋପାଳପୁର, ହୀରାପୁର, ବାରଡୋଲ, ଟେଭାଡୁଙ୍ଗରୀ ଅଞ୍ଚଳରେ ବଡବଡ ଗଛ ଢଳି ପଡିଛି । ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଲୋଇସିଂହା ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ବିଦ୍ୟୁତ୍ ତାର ମଧ୍ୟ ଛିଣ୍ଡି ପଡିଛି।


କେଉଁଟିପାଲିର ରାମ ଧରୁଆଙ୍କ ଘର ଆଗରେ ଥିବା ଗଛ ଉପୁଡି ପଡିଛି ।

## ନୀରୋଗ ଜୀବନଯାପନ ପାଇଁ ଯୋଗ ଅପରିହାର୍ଯ୍ୟ

**ଦେଓଗାଁ,୧୨।୫ (ଡି.ଏନ.ଏ.)**

ବର୍ତ୍ତମାନ ସମସ୍ତଙ୍କ ନିରୋଗ ଜୀବନ ଯାପନ ପାଇଁ ଯୋଗ ଅପରିହାର୍ଯ୍ୟ। ଏଣୁ ଶିଶୁଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଯୋଗକୁ ପ୍ରାଧାନ୍ୟ ଦେବା ଉଚିତ୍। ବଲାଙ୍ଗୀର ଜଲା ଦେଓଗାଁ ବ୍ଲକ ସାଲେପାଲି ଶିଶୁସେବା ସଂସ୍ଥାରେ ପଞ୍ଚ ଦିବସୀୟ ଜୀବନ କୌଶଳ ଓ ଯୋଗ ଶିବିର ଉଦ୍‌ଘାଟନ ଅବସରରେ ଅତିଥିମାନେ ଏହି ପରାମର୍ଶ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ୍ର ତ୍ରୀପାଠୀ, ସମ୍ମାନୀତ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ସମିତିର କର୍ମକର୍ତ୍ତା ଅରୁଣ କୁମାର ଖୁଆସ, ସାରିକା ପୁରୋହିତ, ପତଞ୍ଜଳି ଯୋଗ ସମିତି ବଲାଙ୍ଗୀର ଶାଖାର ସଭାପତି ଅଶୋକ କୁମାର ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗୀତ ଗୁରୁ ଶିବ ପ୍ରସାଦ ସାହୁଙ୍କ ପରିଚାଳନାରେ ଅନ୍ତେବାସିନୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପାଠାଗାରର ସଭାପତି ପ୍ରହଲ୍ଲାଦ ପଧାନ ଏଥିରେ ସଭାପତିତ୍ୱ କରିଥିଲେ। ଯୋଗ ପ୍ରଚାରିକା କଲ୍ୟାଣୀ ଯୋଷୀ ଓ ଅରୁଣ କୁମାର ଯୋଷୀ ଯୋଗଦେଇ ଶିଶୁମାନଙ୍କୁ ବିଭିନ୍ନ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରିଶେଷରେ ପାଠାଗାରର ସମ୍ପାଦକ କ୍ଷମାନିଧି ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏ ଅବସରରେ ପ୍ଲାକାର୍ଡ ଧାରି ଅନ୍ତେବାସିନୀମାନେ ଗାଁରେ ଯୋଗ ସଚେତନତା ଶୋଭାଯାତ୍ରା କରିଥିଲେ। କାର୍ଯ୍ୟକ୍ରମକୁ ଠାକୁର ଭୋଇ, ଉତ୍ତମ ଭୋଇ, ଝସକେତନ ସାମଲ, ଚତୁର ଭୋଇ ଓ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସ୍ଥାନୀୟ ଗ୍ରାମ ମଙ୍ଗଳ ପାଠାଗାର ଆନୁକୁଲ୍ୟରେ ଓ ଜଲା ଶିଶୁ ସୁରକ୍ଷା ସମିତି ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


ସାଲେପାଲିରେ ପଞ୍ଚ ଦିବସୀୟ ଯୋଗ ଶିବିର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

## ବର୍ଷା, କୁଆ ପଥର ମାଡ ଯୋଗୁ ବ୍ୟାପକ ଫସଲ କ୍ଷତି

**ଡୁଙ୍ଗୁରିପାଲି, ୧୨।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ଗ୍ରାମ ପଞ୍ଚାୟତ ଅର୍ନ୍ତଗତ ବଡନୂଆପାଲି ଗ୍ରାମରେ ରବିବାର ଅପରାହ୍ଣରେ ପ୍ରବଳ ବର୍ଷା ହେବା ସହିତ କୁଆ ପଥର ମାଡ ହୋଇଥିଲା। ଏଥିଯୋଗୁଁ ଚାଷୀଙ୍କ ବ୍ୟାପକ ଫସଲ ହାନୀ ହୋଇଥିବା ଅଭିଯୋଗ ହୋଇଛି। ଅମଳ ସମୟରେ ବର୍ଷା ସହିତ କୁଆ ପଥର ମାଡ ଯୋଗୁ ଅମଳ ହେବା ଅପେକ୍ଷାରେ ଥିବା ରବିଧାନ କ୍ଷେତରେ ଲୋଟି ଯାଇଛି। ଚାଷୀ ପୌଷ ସାହୁ, ପ୍ରଦୀପ ପଧାନ, ଡୋଳାମଣି ସାହୁ, ରୁଦ୍ରକିଶୋର ସାହୁ, ସଦାନନ୍ଦ ପଧାନ, ଅରୁଣ କୁମାର ସାହୁ, ବିପିନ ସା, ଭୋଜରାଜ ସା ପ୍ରମୁଖ ତାଙ୍କ ଫସଲ କ୍ଷତିଗ୍ରସ୍ଥ ହୋଇଥିବା କହିଛନ୍ତି। ସୋମବାର ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ ରାମପୁର ତହସିଲଦାର ଓ ଚେରୁପାଲି ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି ।

## ■ ଚାର ମୁଜି କିଲୋ ୧ଶହ ଟଁକା

## ପରିବାର ପିଛା ବଛରକ କମଉଛନ୍ ୫ ହଜାର

**ସୁଶାନ୍ତ ବାରିକ**
**ଲୋଇସିଂହା,୧୨।୫(ଡି.ଏନ.ଏ)**



ପ୍ରକୃତିରୁ ଆମକୁ ଅନେକ ପରକାର ଜିନିଷ ମିଳୁଛେ। ଭିନେ ଭିନେ ଋତୁରେ ଅନେକ ପରକାର ଫଳମୂଳ ମିଳୁଛେ। ଇଥିରେ ଅନେକ ପରିବାରର ଜୀବନ୍ ଜୀବ୍‌କା ଚଲୁଛେ। ସେନ୍‌ତା ଆଦିବାସୀ ସମାଜର ଲୋକମାନେ ଜଂଗଲଜାତ ଦରବ୍ ଠୁଲେଇ ସେଟାକେ ବିକା ଭଂଗା କରି ନିଜର ଜୀବନ୍ ଜୀବ୍‌କା ଚଲଉଥିବାର ଦେଖିବାକେ ମିଲସି। ଖରା ଦିନେ ଚାର, ମହୁଲ, କେଁନ୍ଦୁ, ଆମ୍, ପନସ ଲେଖେଁ ଋତୁଫଲ ମିଲସି। ଇସବୁର ଫଲର ଚାହିଦା ବି ଆମର ସମାଜରେ କହିଁରେ କେତେ ଥିଲାବେଲେ ଅନେକ ଫଲର ମୁଜି ବି କାମେ ଲାଗୁଛେ। ଇ ଖରାଦିନେ ଜଂଗଲ ଆସର ପାସର ଗାଁର ଲୋକମାନେ ଚାର ମୁଜି ଠୁଲେଇ ସେଟାକେ ବିକାଭଂଗା କରି ନିଜର ତେଲନୁନ୍ ସଁସାର ଚଲଉଛନ୍। ସୂଚନା ଅନ୍‌ସାରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଙ୍ଗାବାହାଲ ଗାଁବାସୀ ଇ ଚାର ମୁଜି ଠୁଲେଇ କିଲୋ ପିଛା ୧ଶହ ଟଁକା ତକ୍ ବିକୁଥିବାର ଜନାଯାଇଛେ। ଗାଁର ଅନେକ ପରିବାର ବଛରକ ଥରେ ଖରାଦିନେ ୪ରୁ ୫ ହଜାର ଟଁକାର ଚାର ମୁଜି ବିକୁଛନ୍। ଗାଁଟା ପାହାଡ଼ ଆର ଜଂଗଲ ଘେରା ଭିତରେ ରହିଛେ। ଗାଁରେ ଡୁମାଲ, ଗଉଡ଼, ତେଲି, ହରିଜନ ସମେତ ଉନିଆ ସମାଜର ପାଖାପାଖି ୧ଶହ ପରିବାର ରହୁଛନ୍। ହେଲେ ଦୁଖର କଥା ଗାଁଟା ଥାନୀୟ ଗାଇଖାଇ ଡ୍ୟାମର ତଲି ଅଂଚଲରେ ଥିଲେ ବି ଲୋକ୍ ଚାଷବାସ ଲାଗି କେନାଲ ପାଏନ୍ ପାଏବାରୁ ବଁଚିତ୍ ହେଇ ରହିଛନ୍। ଗାଁର କେତେ ଲୋକ ଖରିଫ୍ ଚାଷ୍ ଉପରେ ନିରଭର କରୁଥିଲାବେଲେ ଅନେକ ଜଂଗଲଜାତ ଦରବ୍ ବିକାଭଂଗା କରି ଚଲୁଛନ୍। ଏପ୍ରିଲରୁ ମେ’ ଦୁଇମାସ ଗାଁବାସୀ ପାସର ଜଂଗଲରୁ ଚାର ମୁଜି ଠୁଲାସନ। ଲୋକ୍ ଚାରକେ ଦେବୀଦେବତାକରନେ ଭୋଗ୍ ହିସାବେ ବି ଲଗାସନ। ଚାରର ସୁଆଦ୍‌ଟା ଜାନ ନାଇଁଜାନ ଆମଲିଆ ମିଶା ମିଠା ଲାଗ୍‌ସି। ସେଥିରଲାଗି ଦେଶୀ ଭାଷାରେ ଲୋକ୍ ତୁନ୍ ତରକାରୀ ବାସି ହେଲେ ଚାର ଆମଲିଆ ଲାଗୁଛେ ବଲି କହେସନ୍। ଖରାଦିନେ ଝାର ଜଂଗଲରେ ଚାର ପାଚି ଗଛତଲେ ପଡ଼ିଥିସି। ସେଟାକେ ଗାଁବାସୀ ଠୁଲେଇ ଖରାରେ ଶୁଖେଇ ବତର କରସନ୍। ବଙ୍ଗାବାହାଲ ଗାଁବାସୀ ଇ ବତର ଚାର ମୁଜିକେ ବେଉସାୟୀମାନକରନେ କିଲୋ ପିଛା ୧ଶହ ଟଁକାରେ ବିକୁଥିବାର କହିଛନ୍। ଯଦି ଚାର ମୁଜି ଲେଖେଁ ମହୁଲ ଫୁଲର ଦରଦାମ୍‌ଟା ହେତା ଗରିବ୍ ଲୋକ୍‌ମାନେ ବନେ ଦୁଇପଏସା ଲାଭ ପାଏତେ ବଲି ଗାଁର ଲଳିତ ମହାକୁର, ଠାକୁର ମହାକୁର, ଫଟୁ କଲତା, ହାଡୁ ପଧାନ, ନେତ୍ର ସାହୁ, ହେମସାଗର ପରମୁଖ କହିଛନ୍। ହେଲେ ଇ ଚାର ମୁଜି କାଣା ହେଉଛେ ବଲି ଗାଁବାସୀକୁ ପଚରାଲାରୁ ଆମେ ନାଇଁ ଜାନି ଆଗିଆଁ, ବେପାରୀକେ ପଚରାଲେ ସେ ନାଇଁ କହେ। ଚାରମୁଜିରୁ କେହେନ୍‌ସି ଦାମ୍‌କିଆ ଉଷୋକଷା ହେଉଥିବା ଲେଖେଁ ଲାଗୁଛେ, ନାଇଁହେଲେ କିଲୋ ଶହେ ଟଁକା ହେବା କାଏଁ ଆଗିଆଁ ବଲି ସେମାନେ କହିଥିଲେ।

## ଫଟୋରେ ଖବର


ବଲାଙ୍ଗୀର ୟୁଥ୍ ଆକ୍ସନ କମିଟି ପକ୍ଷରୁ ଭାଗୀରଥି ଛକଠାରେ ଲୋକଙ୍କୁ ଦହି ସରବତ୍ ବଣ୍ଟନ କରାଯାଉଛି ।


ଲାଙ୍ଗୀର ଟିକ୍ରାପଡା ବିକ୍ରମ ଛକରେ ସ୍ୱେଚ୍ଛାସେବୀମାନେ ବାଟୋଇଙ୍କୁ ଘୋଳଦହି ବଣ୍ଟନ କରୁଛନ୍ତି ।



ବଲାଙ୍ଗୀର ଆରଟିଓ ଅଫିସ ଛକରେ ଦିବ୍ୟ ଜୀବନ ସଂଘ ପକ୍ଷରୁ ଜଳ ବଣ୍ଟନ କରାଯାଉଛି । **(ଫଟୋ-ସୁନୀଲ)**

## ସଂକ୍ଷେପରେ



### ଦାଦନଙ୍କ ପୁଅଙ୍କୁ ରକ୍ତଦାନ କଲେ ବଜରଙ୍ଗଦଳ କର୍ମୀ

ନୂଆପଡା ଅଫିସ,୧୨।୫

ମା'ବାପା ରାଜ୍ୟ ବାହାରକୁ ଆଜକୁ ୪/୫ମାସ ହେବ ଦାଦନ ଖଟିବାକୁ ଯାଇଛନ୍ତି। ଏପଟେ ଗୋଟିଏ ବୋଲି ପୁଅ ନିଜ ସମ୍ପର୍କୀୟଙ୍କ ଘରେ ରହି ରୋଗରେ ଛଟପଟ ହେଉଛନ୍ତି । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ରକ୍ତହୀନତା ରୋଗରେ ପୀଡିଥିବାରୁ ଏହି ଖବର ପାଇ ବଜରଙ୍ଗ ଦଳ କର୍ମୀମାନେ ହସ୍ପିଟାଲରେ ପହଞ୍ଚି ରକ୍ତଦାନ କରିଛନ୍ତି । ଶିଶୁଟି ହେଲେ ନୂଆପଡ଼ା ଜିଲା କୋମନା ବ୍ଲକ ଢୋର୍ଲାମୁଣ୍ଡା ଗାଁର କୁନ୍ଦନ ମହାନନ୍ଦ (୧୨) । ତାଙ୍କୁ ବଜରଙ୍ଗ ଦଳର ଦିନେଶ ସୁନାନୀ ରକ୍ତଦାନ କରିଛନ୍ତି । ରକ୍ତଦାନ ସମୟରେ ଦଳ ତରଫରୁ ସଭାପତି ରୋହିତ ସାହୁ, ବିରୁ ମହାନନ୍ଦ, ତାରା ସିଂ, ନିର୍ମଳ ରାଉତ, ପିଣ୍ଟୁ ସାହୁ, ଆତିଶ ମଲ୍ଲିକ, ବିମଳ ସାହୁ, ଅଭିଶେକ, ଲାଲେଶ୍ୱର, ଧୀରଜ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

### ଜୟପାଟଣାରେ ଝଡ଼ବର୍ଷା, ଥୁଆମୂଳ ରାମପୁରରେ କାଳବୈଶାଖୀ

# ଜଣେ ମୃତ: ଭାଙ୍ଗିଲା ଘର, ଉଜୁଡ଼ିଲା ଚାଷ

ଭବାନୀପାଟଣା,୧୨।୫
(ଡି.ଏନ.ଏ./ସ୍ୱ.ପ୍ର.)





ଜୟପାଟଣା ଅଞ୍ଚଳରେ ଏକ ଘର ଉପରେ ଗଛ ଭାଙ୍ଗି ପଡ଼ିଛି (ବାମ) । ଥୁ.ରାମପୁର ଅଞ୍ଚଳରେ ଧାନ ଫସଲ ନଷ୍ଟ ହୋଇଛି ।

କଳାହାଣ୍ଡି ଜିଲା ଜୟପାଟଣା ଅଚଞ୍ଚଳରେ ଶନିବାର ଅପରାହ୍ନରେ ଝଡବର୍ଷା ଓ କରାମାଡରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏଥି ଯୋଗୁ ବଡ ବଡ ଗଛ ରାସ୍ତାରେ ଭାଙ୍ଗି ପଡିଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିବାରୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। କୁଆପଥର ମାଡରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ବଜ୍ରପାତରେ ଉଜ୍ଜ୍ୱଳା ସଞ୍ଚାୟତ ଖଇର ଭାଡି ଗାଁର ବଳଭଦ୍ର ରାଉତ୍ (୫୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ବଳଦ ମଧ୍ୟ ମୃତ୍ୟୁ ହୋଇଥିବା ଜଣାଯାଇଛି। ସୂଚନା ମୁତାବକ, ଶନିବାର ଅପରାହ୍ନ ପ୍ରାୟ ୪ଟା ବେଳେ ଝଡ଼ବର୍ଷା ସହ କରାମାଡ ହୋଇଥିଲା। ବିଲ ଓ ଖଳାରେ ରହିଥିବା ଧାନ ସବୁ ପାଣିରେ ବୁଡି ଯାଇଛି। ଏହାଛଡା ଆମ୍ବ, କଦଳୀ ଗଛସବୁ ଧରାଶାୟୀ ହୋଇଛି। ଏହାଛଡା ବଡ ବଡ ଗଛ ଉପୁଡି ଯିବାରୁ କେତେକ ସ୍ଥାନରେ ରାସ୍ତା ଅବରୋଧ ରହିଛି। ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯିବା ସହ ତାର ସବୁ ତଳେ ପଡିଛି। ଫଳରେ ବିଦ୍ୟୁତ୍ ସେବା ଅନେକ ଅଞ୍ଚଳରେ ବନ୍ଦ ରହିଛି। ତେବେ

#### ବିଦ୍ୟୁତ୍ ସେବା ବ୍ୟାହତ

ସ୍ୱେଚ୍ଛାସେବୀ, ପୋଲିସ, ଅଗ୍ନିଶମ ବିଭାଗ ଗଛ କାଟି ରାସ୍ତା ସଫା କରୁଥିବା ଦେଖିବାକୁ ମିଳିଛି। ବିଦ୍ୟୁତ ସେବା ସ୍ୱାଭାବିକ ହେବାକୁ ୨ ଦିନ ଲାଗିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ ପାଇଛି। ଜୟପାଟଣା ପଞ୍ଚାୟତ ଚିର୍କା, ପୋଡାଗୁଡା, ସମେତ ୬ଟି ପଞ୍ଚାୟତ ପ୍ରାଭାବିତ ହୋଇଥିବା କରାଯାଇଛି। ସେହିପରି ଭଇଁରିପାଲିରେ କରାମାଡ ଯୋଗୁ ଆମ୍ବ ସବୁ ଝଡି ପଡିଛି। ଏହାଛଡା ଅନେକ ଘରର ଛପର ଉଡି ଯାଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରାଯାଇ ସହାୟତା ରାଶି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ସେହିପରି ଥୁଆମୂଳ ରାମପୁର ବ୍ଲକରେ ଶନିବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ଘରଗୁଡିକ ଭାଙ୍ଗିଯିବା ସହ ଧାନ କ୍ଷେତରେ ପଡିଯାଇ ନଷ୍ଟ ହୋଇଥିବା ଜଣାପଡିଛି। ବିଭିନ୍ନ ସ୍ଥାନରେ ଗଛଗୁଡିକ ଭାଙ୍ଗିଯିବା ଯୋଗୁ ବିଦ୍ୟୁତ ସରବାରହ ମଧ୍ୟ ବନ୍ଦ ରହିଥିଲା। ଥୁଆମୂଳ ରାମପୁର ବ୍ଲକ ଚିଙ୍ଗୁଡିପାସ୍, ବଣ୍ଡାବାଗ, ଭିତରପଦର ଓ ମୂଷାଜାଲ ଆଦି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଜୋରରେ ପବନ ବୋହିବା ଯୋଗୁ ଘରଗୁଡିକ ଟିଣ ଆଜବେଷ୍ଟ ଉଡେଇ ନେଇ ଭାଙ୍ଗି ଚୁରମାର କରିଦେଇଥିଲା। ଫଳରେ ଗରିବ ଲୋକମାନେ ଏବେ ଘର ଭାଙ୍ଗି ଯିବାରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେହିପରି କୁଆପଥର ବର୍ଷା ଯୋଗୁ ଏଠାରେ ଚାଷ ହୋଇଥିବା ଧାନ ଫସଲଗୁଡିକ କ୍ଷେତରେ ପଡି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳୁଛି। ଏହାସହ ଗୃହପାଳିତ ଛେଳି, ମେଣ୍ଢା ଓ କୁକୁଡା ମଧ୍ୟ ମରିପଡିଥିବା ଜଣାପଡିଛି। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ଶୀଘ୍ର ଚିହ୍ନଟ କରି ସହାୟତା ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଘାରିଲି ଡାଲି ରସୁଣ ପକାଇ**
**ବାହାର ଚୁଲିରେ ନେଇ;**
**ଯଉବନ ଗଲା ମୁଖ ମଉଳିଲା**
**ପଚାରିଲେ କାହିଁ ପାଇଁ ।**

ଯୌବନ ଚିରସ୍ଥାୟୀ ନୁହେଁ। ଯୌବନାବସ୍ଥା ପରେ ଶରୀର କ୍ରମଶଃ ମଳିନ ପଡ଼ିଯିବା ସହ ବ୍ୟକ୍ତି ନିଜର ପୂର୍ବ ଚମକ ଓ ତେଜ ହରାଇ ବସିଥାଏ । ଏପରିସ୍ଥଳେ ଛୁଆପିଲା, ରନ୍ଧାବଢ଼ା ଭଳି ସାଂସାରିକ ଜଞ୍ଜାଳରେ ଛନ୍ଦି ହୋଇଯାଇଥିବା ମହିଳା ସମୟକ୍ରମେ ନିଜର ଆକର୍ଷଣ ହରାଇବସିବା ସହ ସ୍ୱାମୀ ଆଖିରେ ଅଲୋଡ଼ା ହୋଇଯିବା ନେଇ ମନ ଊଣା କରି ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବାପ ପୁଅ ଦୁହେଁ ରାତି ଅନିଦ୍ରା,**
**ଏଣେ ମୁଗୁରା ଗାଣ୍ଡି ମେଲା ।**

ମୁଗୁରା ପଛପଟ ଠିକ୍ ଭାବରେ ବନ୍ଧା ହୋଇ ନ ଥିଲେ ବା କଣା ଥିଲେ କି ଖୋଲା ଥିଲେ ମାଛ ସେଇବାଟେ ଖସି ଯାଇଥାଏ । ଦି'ପଟ ଆଡ଼ିବନ୍ଧ ଯେତେ ଟାଣ କଲେ ବା ଚାରିପଟ ଘଳିଆ ଯେତେ ମାରିଲେ ବି ଲାଭ କିଛି ମିଳି ପାରି ନ ଥାଏ । ସାମାନ୍ୟ ଅସାବଧାନତା ଯୋଗୁ ସମସ୍ତ ଶ୍ରମ ଅଚୀରେ ପଣ୍ଡ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବେଆଇନ ଖଣି ଖନନ ଉପରେ ଚଢାଉ

ସିନାପାଲି,୧୨।୫ (ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅଞ୍ଚଳରେ ଦୀଘଦିନରୁ ବେଆଇନ ଖଣି ଖନନ ଓ ପଥର ଚୋରା ଚାଲାଣ ବୃଦ୍ଧି ପାଇଛି । ଗତ ବୁଧବାର ସିନାପାଲି ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝିଙ୍କ ଦ୍ୱାରା ବେଆଇନ ଖନନ ହୋଇଥିବା ଖଣି ଉପରେ ଚଢାଉ କରାଯାଇଥିଲା। ପ୍ରକାଶ ଯେ, ବରଗାଁ ନିକଟସ୍ଥ ଡୁର୍କାଡୁଙ୍ଗରୀ ଅଞ୍ଚଳରେ ବେଆଇନ ଭାବେ ବିସ୍ଫୋରଣ ଦ୍ୱାରା ପଥର ଉତ୍ତୋଳନ ହେଉଥିବାରୁ ଅଞ୍ଚଳବାସୀ ଅନେକ ସମୟରେ ଆତଙ୍କିତ ଅବସ୍ଥାରେ ରହୁଥିବା ବେଳେ ସେମାନେ ଏ ନେଇ ସିନାପାଲି ଅତିରିକ୍ତ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତି କରି ମାଝି ବରଗାଁ ଅଞ୍ଚଳରେ ବେଆଇନ ଖନନ ହେଉଥିବା ପଥର ଖଣି ଉପରେ ଚଢାଉ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୧୧ ତାରିଖରେ ଉକ୍ତ ଖଣି ଖନନ ଲିଜ୍‌କୁ ବାତିଲ କରାଯାଇଥିଲା। ଏହା ସତ୍ତ୍ୱେ ଏ ବେଆଇନ କାର୍ଯ୍ୟ ଚାଲୁ ଥିବାରୁ ଗ୍ରାମବାସୀଙ୍କ ଦ୍ୱାରା ବରମ୍ବାର ଅଭିଯୋଗ ହୋଇଆସୁଥିଲା । ଏତଦ୍ ବ୍ୟତୀତ ଡୁର୍କାଡୁଙ୍ଗରୀ ନିକଟସ୍ଥ ପାଙ୍ଗିନିବାହାଲ ଓ ତଳମୁଣ୍ଡାର ଦୁଇଟି ରୟତି ଜମିର ପଥର ଖଣିରେ ବିସ୍ଫୋରକ ସାମଗ୍ରୀ ବ୍ୟବହାର କରି ପଥର ଫଟାଉଥିବା ଦେଖିବାକୁ ମଳିଥିଲା। ଉକ୍ତ ଜମିର ମାଲିକମାନଙ୍କୁ ମଧ୍ୟ ତହସିଲଦାର ପଚରଉଚୁରା କରିଥିଲେ। ଉକ୍ତ ଜମି ମାଲିକମାନେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ବିସ୍ଫୋରକ ସାମଗ୍ରୀ ବ୍ୟବହାର କରି ପଥର ଫଟାଉଥିବା ସ୍ୱୀକାର କରିଥିଲେ। ଉକ୍ତ ବ୍ୟକ୍ତିମାନଙ୍କୁ ଆଗାମୀ ଦିନରେ ବେଆଇନ ପଥର ନ ଫଟାଇବା ପାଇଁ ତାଗିଦ କରାଯାଇଥିଲା। ଏଥିସହ ଏକ ଟ୍ରିପ୍ ପଥର ଜବତ କରାଯାଇଥିଲା। ଉକ୍ତ ଚଢାଉରେ ସିନାପାଲି ରାଜସ୍ୱ ନିରୀକ୍ଷକ ଦିଲୀପ କୁମାର ମାଝି ଓ ଘନେଶ୍ୱର ପଟେଲ ସହଯୋଗ କରିଥିବା ବେଳେ ସ୍ଥାନୀୟ ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ । ଏ ନେଇ ସିନାପାଲି ଅତିରିକ୍ତ ତହସିଲଦାର ମାଝିଙ୍କୁ ପଚାରିବାରୁ ବେଆଇନ ଖଣି ଖନନରେ ଚଢାଉ କରି ପଥର ଜବତ କରାଯାଇଛି ବୋଲି କହିଥିଲେ। ଗତ ନଭେମ୍ବରରେ ଲିଜ୍ ବାତିଲ ହୋଇଥିବା ବେଳେ ବର୍ତ୍ତମାନ କାହା ଇଙ୍ଗିତରେ ଏହା ଚାଲିଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ବେଆଇନ ବ୍ଲାଷ୍ଟିଂ ଦ୍ୱାରା ଅଞ୍ଚଳର ଧନଜୀବନ ପ୍ରତି ବିପଦ ଥିବା ବେଳେ ଏଥିରେ ସମ୍ପୃକ୍ତଙ୍କୁ ଚିହ୍ନଟ କରି ଉଚିତ କାର୍ଯ୍ୟାନୁଷ୍ଠାନ ନେବା ସହ ବେଆଇନ ଖଣି ଖନନକୁ ବନ୍ଦ କରିବା ପାଇଁ ଦାବି ହେଉଛି।





କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

## ବରଗଡ଼ରେ ଶିକ୍ଷକ କର୍ମଶାଳା

ବରଗଡ଼ ଅଫିସ୍,୧୨।୫

ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଏକ ଦିବସୀୟ ଶିକ୍ଷକ କର୍ମଶାଳା ଜାଗରଣ-୧ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଏହି କର୍ମଶାଳାରେ ନୂତନ କରି ନିୟମିତ ହୋଇଥିବା ୨୦୧୨-୧୩ ବ୍ୟାଚ୍‌ର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବର୍ତ୍ତମାନର ଶୈକ୍ଷିକ ପରିବେଶରେ ସଫଳ ଭାବେ କାଯର୍ୟ ସମ୍ପାଦନ ପାଇଁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଉଦ୍ୟମରେ ହୋଇଥିବା ଏହି କର୍ମଶାଳାରେ ଅବସରପ୍ରାପ୍ତ ପ୍ରଫେସର ଉମେଶ ଚନ୍ଦ୍ର ଖେଡ଼ଙ୍ଗା ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ଉକ୍ତ କର୍ମଶାଳାରେ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଫାଲଗୁନୀ ପଣ୍ଡା, ଜ୍ଞାନପ୍ରକାଶ ସାହୁ, ପୃଥ୍ୱୀରାଜ ପଧାନ, ମୁକୁନ୍ଦ ମହାନନ୍ଦ, ସୁଶାନ୍ତ ପ୍ରଧାନ, ମନବୋଧ ଲୁହୁରା ପ୍ରମୁଖ ସହଯୋଗ କରିଥିଲେ।

## ରାଜଶ୍ରୀ ପବ୍ଲିକ ସ୍କୁଲର ତ୍ରୟୋଦଶ ବାର୍ଷିକ ଉତ୍ସବ

ସିନାପାଲି,୧୨।୫ (ଡି.ଏନ.ଏ.)





ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ନୂଆପଡା ଜିଲା ସିନାପାଲିସ୍ଥିତ ରାଜଶ୍ରୀ ପବ୍ଲିକ ସ୍କୁଲର ତ୍ରୟୋଦଶ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ପରିଚାଳକ ରାଜେଶ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସିନାପାଲି ବ୍ଲକ୍ ଅଧ୍ୟକ୍ଷା ତପସ୍ୱିନୀ ମାଝି ମୁଖ୍ୟଅତିଥି, ସିନାପାଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସିନାପାଲି ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ମୋହନ ସାହୁ, ଅଧିରାଜ ପାଣିଗ୍ରାହୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନୀଳମଣି ମେହେର, ଉମାକାନ୍ତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଅତିଥି ଶିକ୍ଷାର ବିକାଶ ହେଲେ ଅଞ୍ଚଳର ବିକାଶ ହେବା ବୋଲି ମତ ପ୍ରକାଶ କରିବା ସହ ବର୍ତ୍ତମାନ ଇଂରାଜୀ ଶିକ୍ଷାର ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ ଏହି ଅବସରରେ ସ୍ଥାନୀୟ ଶିକ୍ଷକ ରିତେଶ ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଛାତ୍ର ପ୍ରିନ୍‌ସ ଅଗ୍ରୱାଲ ଓ ଅର୍ପିତା ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରକାଶ ଯେ, ଗତ ଫେବୃୟାରୀ ୧୦ ତାରିଖ ସରସ୍ୱତୀ ପୂଜା ଅବସରରେ ରିଜିଓନାଲ ଅଫିସର ସିବିଏସ୍‌ଇ ଭୁବନେଶ୍ୱର ଶ୍ରୀ ଥାଙ୍କେଲେଟ୍ ମାଠେ ବାହାଲପଡାସ୍ଥିତ ଏହି ବିଦ୍ୟାଳୟର ନୂତନ ଭବନକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ପରିଶେଷରେ ରିତେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସ୍ଥାନୀୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995, 7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ଫୋନ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765, 8512004851

FINANCE

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469, 8395030162

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755, 7894961299

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813, 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708, 8929606415
SCO- 106, Second Floor, Vishal Tower, Cannaught Place, Delhi.

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆର୍ଥିକ ସହାୟତା

**କର୍ଲାମୁଣ୍ଡା,୧୨।୫ (ଡି.ଏନ.ଏ.)**- ଓଡିଶାରେ ଫନୀ ବତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟରେ ସହାୟତା ପାଇଁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ରାଶି ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ଦାସ, ଫାର୍ମାଶିଷ୍ଟ ପବିତ୍ର କୁମାର ରଣା ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବନଲତା ଦେବୀଙ୍କ ଜରିଆରେ ପ୍ରଦାନ କରିଥିଲେ।

ପ୍ରହସନ ପାଲଟିଛି କେଗାଁକୁ ପାନୀୟ ଜଳ ଯୋଗାଣ

# ପାନୀୟ ଜଳ ପାଇଁ ଡହଳବିକଳ

**ଭବାନୀପାଟଣା/କେଗାଁ, ୧୨।୫(ସ୍ୱ.ପ୍ର./ଡି.ଏନ.ଏ.)**



**ଗୋଲାମୁଣ୍ଡା ବ୍ଲକ**

- ଲକ୍ଷାଧିକ ଟଙ୍କାର ପ୍ରକଳ୍ପ କାମରେ ଆସୁନାହିଁ
- ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନି, ଠିକାଦାରଙ୍କ ଦେଖାନାହିଁ
- ଜଳ ଯୋଗାଣ ପାଇଁ ମାଟି ତଳେ ପାଇପ ବିଛା ଯାଇଛି

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଜଳ ଓ ପରିମଳ (ଆରଡବ୍ଲ୍ୟୁଏସଏସ୍) ବିଭାଗ ପକ୍ଷରୁ ଗ୍ରାମୀଣ ଜଳ ଯୋଗାଣ ପ୍ରକଳ୍ପ ବସୁଧା ଯୋଜନା ଏବେ ପ୍ରହସନ ପାଲଟିଛି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁ ପଞ୍ଚାୟତରେ ଏପରି ଏକ ଅଭିଯୋଗ ହୋଇଛି । ଗ୍ରାମୀଣ ଜଳ ଯୋଗାଣ ପ୍ରକଳ୍ପ ବସୁଧା ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କେଗାଁ ପଞ୍ଚାୟତ କେଗାଁ ଓ ସାନଚେରଗାଁକୁ ପାନୀୟ ଜଳ ଯୋଗାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇ ଇତିମଧ୍ୟରେ ଶେଷ ହୋଇଛି । କେଗାଁ ଉଦନ୍ତି ନଦୀରୁ ପାଣି ଉଠାଇ କେଗାଁ ଓ ସାନଚେର ଗାଁକୁ ପାନୀୟ ଜଳ ଯୋଗାଣ ଲାଗି ୨ଟି ଓଭର ହେଡ ଟ୍ୟାଙ୍କ ମଧ୍ୟ ନିର୍ମାଣ ହୋଇଛି। ଗତ ନିର୍ବାଚନ ପୂର୍ବରୁ କେଗାଁ ଓ ସାନଚେରଗାଁକୁ ଉକ୍ତ ଓଭରହେଡ ଟ୍ୟାଙ୍କରୁ ପାନୀୟ ଜଳ ଯୋଗାଣ କରାଯିବ ବୋଲି ଯୋଜନା ରହିଥିବା ବେଳେ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇପାରିନାହିଁ।

ଚଳିତବର୍ଷ ଟାଣ ଖରାରେ ଲୋକେ ପାନୀୟ ଜଳ ପାଇଁ ଡହଳବିକଳ ହେଉଥିବା ବେଳେ ଏହି ଯୋଜନାରେ ଲୋକେ ପାଣି କେବେ ପାଇବେ ସେ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ନିର୍ମାଣକାରୀ ଠିକା ସଂସ୍ଥା କାର୍ଯ୍ୟ ସାରି ଦେଖା ନ ଥିବା ବେଳେ ସ୍ଥାନୀୟ ଲୋକେ ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ଜଣାପଡିଛି। ଜଳ ଯୋଗାଣ ପାଇଁ ମାଟି ତଳେ ପାଇପ ବିଛା ଯାଇଥିବା ବେଳେ ବିଭିନ୍ନ ଛକ ଯାଗାରେ ପାଣି ପାଇପ ସଂଯୋଗ ସ୍ଥାନରେ ଏକ କୁଣ୍ଡ ତିଆରି କରାଯାଇଛି। ହେଲେ ଏହା ଖୋଲା ଥିବାରୁ ତାହା ବର୍ତ୍ତମାନ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଥିବା ଅଭିଯୋଗ ହେଉଛି। ସ୍ୱଚ୍ଛ ପାଣି ପାଇଁ ଲୋକେ ଡହଳବିକଳ ହେଉଥିବା ବେଳେ ଲକ୍ଷାଧିକ ଟଙ୍କାର ପ୍ରକଳ୍ପ କାମରେ ଆସୁନାହିଁ। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଉକ୍ତ ଯୋଜନାରେ ଲୋକଙ୍କୁ ପାଣି ମୁନ୍ଦାଏ ମିଳୁ ନ ଥିବା ବେଳେ ବିଭାଗୀୟ ଅଧିକାରୀମାନେ ଚୁପ ରହି ବସି ରହିବା ଘଟଣା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଜିତ କୁମାର ସେଠିଙ୍କୁ ପଚାରିବାରୁ ଶୀଘ୍ର ଏହାର ସମାଧାନ ହେବ ବୋଲି କହି ନିଜ ଦାୟିତ୍ୱ ସାରି ଦେଇଛନ୍ତି। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି ।




ଭୁବନେଶ୍ୱରକୁ ପଠାଯାଉଥିବା ରିଲିଫ ସାମଗ୍ରୀ ବୋଝେଇ ଟ୍ରକ୍ ।

## ଏସ୍‌ବିଆଇ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଫନୀ ବିପନ୍ନଙ୍କୁ ରିଲିଫ୍ ପ୍ରଦାନ

**ଭବାନୀପାଟଣା,୧୨।୫ (ଡି.ଏନ.ଏ.)**

ଫନୀ ବାତ୍ୟାର ଏକ ସପ୍ତାହରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଆଜିସୁଦ୍ଧା ବିଜୁଳି, ପାଣି, ମୋବାଇଲ ଟାୱାର ଓ ବ୍ୟାଙ୍କିଙ୍ଗ୍ ସେବା ବର୍ତ୍ତମାନ ଯାଏଁ ସ୍ୱାଭାବିକ ହୋଇନାହିଁ। ବାତ୍ୟା ବିପନ୍ନଙ୍କ ସହାୟତା ନିମନ୍ତେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ସହଯୋଗ ହାତ ବଢାଯାଉଛି । ଭବାନୀପାଟଣାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗତ ୧୧ ତାରିଖ ସନ୍ଧ୍ୟାରେ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ରବୀନ୍ଦ୍ର ସେନାପତି, ମୁଖ୍ୟ ପରିଚାଳକ ସୁଧିର ମିଶ୍ର, ଉପ ପରିଚାଳକ ବିଜୟ ମିଶ୍ର ସୁକାନ୍ତ ପତି, ଏସବିଆଇ ଷ୍ଟାଫ୍ ଆସୋସିଏଶନ୍ ଆଞ୍ଚଳିକ ସମ୍ପାଦକ ନିମାଇ ପାଣି, ଜୋନାଲ ସମ୍ପାଦକ ଦୁଖୀଶ୍ୟାମ ତ୍ରିପାଠୀ, ସୌମ୍ୟଜିତ୍ ମୁଣ୍ଡ ଓ ଶାଖା ପରିଚାଳକ ଧର୍ମଜୟ ନାଏକ ଉପସ୍ଥିତ ରହି ଏହି ରିଲିଫ ଟ୍ରକ୍‌କୁ ପତାକା ଦେଖାଇ ବାତ୍ୟା ବିପନ୍ନଙ୍କ ନିମନ୍ତେ ରାଜଧାନୀ ଅଭିମୁଖେ ପଠାଇଥିଲା । ଏଥିରେ ଚୂଡା, ଗୁଡ, ପଲିଥିନ୍, ଟର୍ଚ୍ଚ ଲାଇଟ, ମାଚିସ୍ ଓ ପାଣି ବୋତଲ ଆଦି ବିଭିନ୍ନ ସାମଗ୍ରୀ ପଠାଯାଇଛି ବୋଲି ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ରବିନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି ।

## କଳାହାଣ୍ଡି କୃଷି ମହାବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ

**ଭବାନୀପାଟଣା,୧୨।୫ (ଡି.ଏନ.ଏ.)**

ଭବାନୀପାଟଣା କୃଷି ମହାବିଦ୍ୟାଳୟର ସପ୍ତମ ପ୍ରତିଷ୍ଠା ଦିବସ ଗତ ଶୁକ୍ରବାର ଓ ଶନିବାର ୨ ଦିନ ମହାବିଦ୍ୟାଳୟ ଅଡିଟୋରିୟମ୍‌ଠାରେ ପାଳିତ ହୋଇଯାଇଛି। ଭବାନୀପାଟଣା କୃଷି ମହାବିଦ୍ୟାଳୟ ଆସୋସିଏଟ୍ ଡିନ୍ ଡ. ଶାନ୍ତନୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଅଜିତ କୁମାର ବାବୁ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଚଳଚିତ୍ର ଅଭିନେତ୍ରୀ ଲୋଚନୀ ବାଗ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଚରିତ୍ର ଗଠନ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ କୃଷିମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ରାକେଶ କୁମାର ସାହୁ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଚତୁର୍ଥ ବାର୍ଷିକ ଛାତ୍ର ତଥା ଛାତ୍ର ସଂସଦ ସଭାପତି ରାକେଶ ସାହୁଙ୍କୁ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ତୃତୀୟ ବାର୍ଷିକ ଛାତ୍ରୀ ପଲ୍ଲବୀ ସାହୁ ଓ ଦ୍ୱିତୀୟ ବାର୍ଷ ଛାତ୍ର ଅସିତ୍ ଶୁଭ୍ରଜିତ୍‌ଙ୍କୁ ଯଥାକ୍ରମେ ଶ୍ରେଷ୍ଠ ଛାତ୍ରୀ ଓ ଛାତ୍ର ଭାବେ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଚତୁର୍ଥ ବାର୍ଷିକ ଛାତ୍ରୀ ପ୍ରଜ୍ଞା ପରିଡା ଓ ସାଜିଆ କାଦ୍ରୀ ପରିଚାଳନା କରିଥିଲା ବେଳେ ଛାତ୍ର ସଂସଦ ସାଧାରଣ ସମ୍ପାଦକ ରାକେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। କୃଷି ମହାବିଦ୍ୟାଳୟ ଆସୋସିଏଟ୍ ଡିନ୍ ଡ. ଶାନ୍ତନୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାକୁ ବର୍ଷୀଆନ୍ ଚିତ୍ରଶିଳ୍ପୀ ତଥା ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ମୁକୁନ୍ଦ ରେଡ୍ଡି ମୁଖ୍ୟଅତିଥି ଭାବରେ ଯୋଗଦେଇ ସାଂସ୍କୃତିକ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ପାରମ୍ପରିକ ଓଡିଶୀ ନୃତ୍ୟଠାରୁ ଆରମ୍ଭ କରି ଛାତ୍ରୀଛାତ୍ରଙ୍କ ବିଭିନ୍ନ ନୃତ୍ୟ, ସଙ୍ଗୀତ ତଥା ଏକାଙ୍କିକା ଉପସ୍ଥିତ ଛାତ୍ରୀଛାତ୍ର ଓ ଦର୍ଶକମାନଙ୍କ ମନ ଜିଣି ନେଇଥିଲେ। ଶାଶ୍ୱତ ଶ୍ରୀମତ୍ ପ୍ରଧାନ, ଏଚ୍. ସିରିସା, ସୁସଙ୍ଗୀତା ସାହୁ, ଶ୍ରୀପାଲି ଭରଦ୍ୱାଜ, ଭାଗ୍ୟଲକ୍ଷ୍ମୀ ସାହୁ, ଅମ୍ରିତା ବାନାର୍ଜି ଓ ଜ୍ୟୋତିଶ୍ରୀ ଅଂଶୁମାନ ପ୍ରମୁଖ ଛାତ୍ରୀଛାତ୍ରମାନେ ସାଂସ୍କୃତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ର ସଂସଦ ଉପଦେଷ୍ଟା ଅଧ୍ୟାପକ ଉତ୍ତମ କୁମାର ବେହେରା, କଲେଜ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀମାନେ ୨ ଦିନିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।



କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି ।

## ବୋଲେରୋ ଧକ୍କାରେ ବଡ଼ଭାଇ ମୃତ, ସାନ ଗୁରୁତର

- କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

**କେଗାଁ/ଭବାନୀପାଟଣା, ୧୨।୫(ଡି.ଏନ.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଖଲିଆକାନୀ ନିକଟରେ ରବିବାର ଏକ ବୋଲେରୋ ପିକଅପ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ନକଟିକାନି ପଞ୍ଚାୟତ ବାହାଦୁରପଡାର ପ୍ରଭୁଲାଲ ବୋଡକିଆ ଓ ଗୁରୁତର ବ୍ୟକ୍ତି ହେଲେ ତାଙ୍କ ସାନ ଭାଇ ତ୍ରିନାଥ। ଘଟଣା ପରେ ସେଠାରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଧର୍ମଗଡ-ଗୋଲାମୁଣ୍ଡା ମୁଖ୍ୟ ରାସ୍ତାକୁ ୩ ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଶତାଧିକ ଯାନବାହନ ଅଟକି ରହିଥିଲା। ଖବର ପାଇ ସ୍ଥାନୀୟ ତହସିଲଦାର ମୋନିଷା ଦାସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବା ସହ ଗୋଲାମୁଣ୍ଡା ଆଇଆଇସି ସ୍ନେହାଙ୍ଗିନୀ ପଧାନ ଦୁର୍ଘଟଣା ଘଟାଇଥିବା ଗାଡିକୁ ଯଥାଶୀଘ୍ର ଧରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନାରୁ ପ୍ରକାଶ ଯେ, ରବିବାର ଅପରାହ୍ନ ୨ଟାରେ ନକଟିକାନି ପଞ୍ଚାୟତ ବାହାଦୁରପଡାର ଦୁଇ ଭାଇ ନୂଆପଡା ଜିଲା ଚଲାନା ବଜାରରୁ ଚାଷ କାର୍ଯ୍ୟ ପାଇଁ ବଳଦ କିଣି ଫେରୁଥିଲେ। ଗୋଲାମୁଣ୍ଡା ଥାନା ଖଲିଆକାନି ନିକଟରେ ଏକ ବୋଲେରୋ ପିକଅପ୍ ଗାଡି ଦ୍ରୁତ ଗତିରେ ଆସି ପଛପଟୁ ପ୍ରଭୁଲାଲଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ହିଁ ପ୍ରଭୁଲାଲଙ୍କ ମୃତ୍ୟୁ ହୋଇଥିଲା। ସାଙ୍ଗରେ ଥିବା ତାଙ୍କ ସାନ ଭାଇ ତ୍ରିନାଥ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣା ଘଟାଇ ବୋଲେରୋ ପିକଅପ ଗାଡି ଫେରାର ହୋଇ ଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନ ପ୍ରକାଶ ପାଇଥିଲା। ଜୁନାଗଡ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତଥା ବ୍ଲକ କିଷାନ ସଂଘ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ନକଟିକାନି ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର ସେନାପତି ଓ ଶତାଧିକ ଉତ୍ତ୍ୟକ୍ତ ଲୋକେ ଯଥାଶୀଘ୍ର ଫେରାର ଗାଡିକୁ ଧରିବା ସହିତ କ୍ଷତିପୂରଣ ଦାବିରେ ଧର୍ମଗଡ ଗୋଲାମୁଣ୍ଡା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ନକଟିକାନି ପଞ୍ଚାୟତ ପକ୍ଷରୁ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଘଟଣାସ୍ଥଳରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ ମଧ୍ୟ ଉପସ୍ଥିତ ଥିଲେ । ଗୋଲାମୁଣ୍ଡା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି ।

## ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

**ସିନାପାଲି,୧୨।୫(ଡି.ଏନ.ଏ.)**

ନୂଆପଡା ଜିଲା ପୋଲିସ୍ ପ୍ରଶାସନ ତଥା ଆମ ପୋଲିସ ତରଫରୁ ସ୍ଥାନୀୟ ଆଇଆଇସି ଜ୍ୟୋତିରନ ଗୌଡଙ୍କ ତତ୍ତ୍ୱାବଧାନରେ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ଚଳିତ ଗ୍ରୀଷ୍ମ ଋତୁରେ ଦିନକୁ ଦିନ ତାତି ବଢିବାକୁ ଲାଗିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଦିନ ୧୦ଟାରୁ ପ୍ରବଳ ତାତି ଯୋଗୁ ଲୋକେ ବାହାରକୁ ବାହାରି ପାରୁନାହାନ୍ତି। ସିନାପାଲି ଅଞ୍ଚଳର ଏକ ମୁଖ୍ୟାଳୟ ସହିତ ବାଣିଜ୍ୟିକ କେନ୍ଦ୍ରସ୍ଥଳ ହୋଇଥିବା ବେଳେ ପ୍ରାୟ ହଜାର ହଜାର ଲୋକଙ୍କ ଭିଡ ହୋଇଥାଏ। ବିଭିନ୍ନ କାର୍ଯ୍ୟରେ ଲୋକେ ଆସି ଅସହ୍ୟ ଗ୍ରୀଷ୍ମ ତାତିରେ ଏଠାରେ ହଇରାଣ ହେଉଥିବା ଦେଖିବାକୁ ମିଳିଥାଏ। ଏସବୁକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ତରଫରୁ ଲୋକଙ୍କ ସୁବିଧା ପାଇଁ ଜଳଛତ୍ର ଖୋଲା କରାଯାଇଛି। ଏହି ଉଦ୍‌ଘାଟନୀ ଅବସରରେ ସ୍ଥାନୀୟ ଜନସାଧାରଣଙ୍କୁ ଦହିପଣା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିନାପାଲି ଥାନା ଅନ୍ତର୍ଗତ ସମସ୍ତ ପୋଲିସ ଅଧିକାରୀ କର୍ମଚାରୀଙ୍କ ସମେତ ଆମ ପୋଲିସ କମିଟି ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ।

ପାତାଳେଶ୍ୱର ପୀଠରେ ଷୋହଳ ପ୍ରହର ନାମଯଜ୍ଞ

## ନଗର କୀର୍ତ୍ତନରେ ଝୁମିଲେ ଭକ୍ତ

**ନୂଆପଡା ଅଫିସ,୧୨।୫**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ବୁଦ୍ଧିକୋମନାସ୍ଥିତ ପ୍ରସିଦ୍ଧ ପାତାଳେଶ୍ୱର ପୀଠରେ ଷୋହଳ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଯାଇଛି । ଏଥିରେ ଦୁଇ ଦିନ ଧରି ଭକ୍ତମାନେ ହରିନାମରେ ଝୁମିଥିଲେ । ଏଥିରେ କର୍ତ୍ତା ଭାବେ ପଦ୍ମାବତୀ ଦଣ୍ଡସେନା ଏବଂ ଚିତ୍ତ ରଞ୍ଜନ ଦଣ୍ଡସେନା ଯଜ୍ଞରେ ବସିଥିବାବେଳେ ଜିଲା ଏବଂ ଜିଲାବାହାରୁ ମୋଟ ୮ଟି ସଂକୀର୍ତ୍ତନ୍ୟ ଦଳ ଯୋଗଦେଇଥିଲେ । ଯଜ୍ଞକୁ ପ୍ରତ୍ୟହ ଦେଖିବାକୁ ଶତାଧିକ ଭକ୍ତଙ୍କ ଭିଡ ଜମୁଥିଲା। ପ୍ରବଳ ଖରା ସତ୍ତ୍ୱେ ପାତାଳେଶ୍ୱର ମନ୍ଦିର ପରିସରରେ ଭିଡଦେଖିବାକୁ ମିଳୁଥିଲା। ଶେଷ ଦିନ ଯଜ୍ଞ ଶେଷରେ ସମସ୍ତ ସଂକୀର୍ତ୍ତନ୍ୟ ଦଳ ନଗର କୀର୍ତ୍ତନରେ ବାହାରିଥିଲେ । ଖରା ସହ ଗ୍ରୀଷ୍ମ ପ୍ରବାହକୁ ଏଡାଇବାକୁ ଗାଁର ସମସ୍ତ ପରିବାର ଲୋକ ସ୍ଥାନେ ସ୍ଥାନେ ଥଣ୍ଡା ପାନୀୟ, ସର୍ବତ ଏବଂ ପାଇପ ଯୋଗେ ରାସ୍ତାକୁ ପାଣିଢାଳୁଥିଲେ । ଏଥିରେ ସଂକୀର୍ତ୍ତନ୍ୟ ଦଳ ସହ ଗ୍ରାମବାସୀ ନାଚି ହରିନାମ ଗାନ କରିଥିଲେ। ସଭାପତି ଭାବେ ନେତାବାଗ ଏବଂ ଶିବ ଶଙ୍କର ପଣ୍ଡା ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ ।



ବୁଦ୍ଧିକୋମନା ଗାଁ ବସ୍ତିରେ ସଂକୀର୍ତ୍ତନ ଦଳର ଭକ୍ତମାନେ ହରିନାମ ଗାନ କରି ନାଚୁଛନ୍ତି ।

## ଗ୍ରୀଷ୍ମକାଳୀନ ଜୁନିୟର କ୍ରିକେଟ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭବାନାପାଟଣା,୧୨।୫ (ଡି.ଏନ.ଏ.)**

କଳାହାଣ୍ଡି କ୍ରୀଡ଼ା ସଂସ୍ଥା ଆନୁକୁଲ୍ୟରେ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଗତ ୩ ତାରିଖରୁ ଚାଲିଥିବା ଜୁନିୟର କ୍ରିକେଟ ପ୍ରଶିକ୍ଷଣ ଶିବିର ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ମୋଟ ୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଏନ୍‌ଆଇଏସ୍ କୋଚ୍ ପଙ୍କଜ କୁମାର ପଟ୍ଟନାୟକ, ବରିଷ୍ଠ କ୍ରିକେଟ ଖେଳାଳି ବିପିନ ମିଶ୍ର, ସାଜୁ ବାଲାନ୍, ମହମ୍ମଦ ସାହେବ, ସାକ୍ଷୀଗୋପାଳ ପଣ୍ଡା, ଦିନେଶ ମାଝି, ରୋନକ ବାଣୁଆ ଓ ଅଜିତ ଚନ୍ଦନ ଏହି ଶିବିରରେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନ ଅବସରରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା କ୍ରିଡ଼ା ସଂସ୍ଥା ସାଧାରଣ ସମ୍ପାଦକ ତଥା ଓଡିଶା ଆଥେଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଯୋଗଦେଇ ଶ୍ରେଷ୍ଠ ପ୍ରଶିକ୍ଷୀତ ସ୍ୱାସ୍ଥି ପ୍ରକାଶ ପଟ୍ଟନାୟକ, ଅଲରାଉଣ୍ଡର ଆକାଶ ନାଏକ ଗଉଡ, ବେଷ୍ଟ ଟ୍ରେନର ଜୁନିୟର ପ୍ରିୟାତମ୍ପା ଶେଖର ସାହୁଙ୍କୁ ବବୁଲୁ ମେମୋରିଆଲ ଟ୍ରଫି ପ୍ରଦାନ କରିବା ସହିତ ସମସ୍ତ ପ୍ରଶିକ୍ଷକଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରିଡା ସଂସ୍ଥାର କ୍ରିକେଟ ସମ୍ପାଦକ ସନ୍ତ ସିଂ, ଯୁଗ୍ମସମ୍ପାଦକ ସୁନିଲ କୁମାର ବେହେରା, ଫୁଟବଲ ସମ୍ପାଦକ କାଦର ଖାଁନ, ସଭ୍ୟ ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ, ଅଜୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କ୍ରିଡା ସଂସ୍ଥାର ଉପସଭାପତି ସୁରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।




ଜୁନିୟର କ୍ରିକେଟ ପ୍ରଶିକ୍ଷଣ ଶିବିରରେ ଜଣେ କୃତୀ ଛାତ୍ରକୁ ପୁରସ୍କୃତ କରାଯାଉଛି ।

## ସରକାରୀ ଯୋଜନାରୁ ବଂଚିତ କୁଟିଆକଂଧ୍

**ଭବାନୀପାଟଣା, ୧୨।୫ (ଡିଏନଏ)**

ଓଡ଼ିଶାର ଗୁଟେ ବିରଳ ଜନଜାତି ଭିତରେ କୁଟିଆକଂଧ୍ ଅଲଗ୍ ଆଏ। ସମତଲ ଆର ପାହାଡ଼ର ତଳି ଅଂଚଲରେ ଇମାନେ ରହାବସା କରସନ୍। ଉନିଆ ଜନଜାତି ଲେଖେଁ ଇମାନେ ବି ଜଂଗଲଜାତ ଦରବ ଉପରେ ନିରଭର କରି ଚଲସନ୍। ହେଲେ ଦୁଖର କଥା ସୁଆଧୀନତାର ୭୨ ବଛର ବିତିଯାଇଥିଲେ ବି ଇମାନେ ସମାଜର ମୁଖିଆ ଧାରରେ ସାମିଲ ନାଇଁ ହେଇପାରି। ଇମାନର ଅର୍ଥନୈତିକ ଆର ସାମାଜିକ ବିକାଶ ଲାଗି ସଶକ୍ତିକରଣ ଆର ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଆର ଅନ୍ୟାନ୍ୟ କଲ୍ୟାଣ ପଛୁଆ ବିଭାଗ ତରଫୁ ଖାସ୍ କୁଟିଆକଂଧ୍ ଉନ୍‌ନୟନ ସଂସ୍ଥା ଖୁଲାଯାଇଛେ। ଇ ଯୋଜନା ଜରିଆରେ ସରକାର କୁଟିଆକଂଧକର ଉନ୍‌ନତି ଲାଗି କୋଟି କୋଟି ଟଁକା ଯୁଗେଇ ଦେଉଛନ୍। ହେଲେ ଆଏଜ୍ ବି ଇ ବିରଲ ଜନଜାତି ଅନେକ ସରକାରୀ ଯୋଜନାରୁ ବଂଚିତ ହେଇ ରହିଛନ୍। ଇ ଯୋଜନା ଜରିଆରେ ପହେଲା ଲାଞ୍ଜିଗଡ଼ ବ୍ଲକର ୧୪ଟା ଗାଁକେ ସାମିଲ କରାଯାଇଥିଲା ଆର ପଛେ ଇ ସଂଖ୍ୟାକେ ବଢ଼ା ଯାଇଥିଲା। ହେଲେ ଆଏଜ୍‌ବି ଇ ଗାଁବାସୀମାନେ ଶିକ୍ଷା, ସୁଆସ୍ତିଅ, ରାସ୍ତାଘାଟ, ପିଇଲା ପାଏନ୍ ଲେଖେଁ ମଉଲିକ ସୁବିଧାରୁ ବଂଚିତ୍ ହେଇ ରହିଛନ୍। ସରକାର କହୁଛନ୍ ସବୁ କୁଟିଆକଂଧ୍‌କୁଁ ଘର ମିଳିଛେ, ହେଲେ ଦେଖିବାକେ ଗଲେ ଆଏଜ୍‌ବି ଶହ ଶହ କୁଟିଆ ଝାଟିମାଟି ଘରେ ରହୁଛନ୍। ଭୂମିହୀନମାନେ ଜଂଗଲ ଜମିପଟ୍ଟାରୁ ବଂଚିତ ଅଛନ୍। ସେନ୍‌ତା ପୁଷ୍ଟିକର ଖାଏଦ୍ ଜାଗାରେ ମଡ଼ିଆ ଜାଉ, ଆମ୍, କୁଲୁଥ୍ ଆର ଜଂଗଲଜାତ ଦରବ୍ ଇମାନକର ମୁଖିଆ ଆହାର ପାଲଟିଛେ। ପିଇଲା ପାଏନ୍‌ର ସୁବିଧା ନାଇଁଥିବାର ଲାଗି ଇମାନେ ନାଲ ନଲିଆ, ଝରନ୍‌ର ପାଏନ୍ ପିଇ ନିଜର ଶୋଷ୍ ମେଟଉଛନ୍। ଲାଞ୍ଜିଗଡ଼ ବ୍ଲକର ୧୪ କୁଟିଆକଂଧ୍ ବାସକରୁଥିବାର ଗାଁକେ ରାସ୍ତାଘାଟ ନାଁଇଁନ। ଯେନ୍‌ଥିରଲାଗି ଅନେକ ସମିଆରେ ଜରୁକାଲିନ ପରିସ୍ଥିତିରେ ଦମକଲ, ଆମ୍ବୁଲାନ୍ସ ନାଇଁ ଆସିପାରେ। ଗାଁରେ କାହାରି ଦିହିପା ଖରାପ ହେଲେ ଏକାଧିକ୍ କିଲୋମିଟର ଖଟେ ବୁହି ଡାକ୍‌ତରଖାନା ପୁହୁଁଚାବାକେ ପଡୁଛେ। ସରକାର 'ସଭେ ପଢୁନ ସଭେ ବଢୁନ' ନାରା ଦେଇ ପିଲାକୁ ସ୍କୁଲ ମୁହାଁ କରବାର ଲାଗି ବହି, ପେଣ୍ଟସାର୍ଟ, ଜୁତା ଆଦି ଦେଉଛନ୍। ହେଲେ କୁଟିଆକଂଧ୍ ବାସକରୁଥିବାର ଅନେକ ଗାଁରେ ପିଲା ପଢ଼ବାର ଲାଗି ସ୍କୁଲ ନାଁଇଁନ। ଯେନ୍ ଗାଁରେ ସ୍କୁଲ ଅଛେ ସେଠାନ୍‌କେ ଶିକ୍ଷକ ନାଇଁଯିବାର। ଏନ୍‌ତା କି ଅନେକ ଗାଁରେ ଅଙ୍ଗନୱାଡି କେନ୍ଦ୍ର ନାଇଁ ଥିବାରଲାଗି ଗରଭବତୀ ମହିଲା ଆର ଛୁଆମାନେ ଅପପୁଷ୍ଟିର ଶିକାର ହେଉଛନ୍। ଇ ବାବ୍‌ଦେ ଖୋଦ୍ ପରଶାସନ ଜାନିଥିଲେ ବି କେହେନ୍‌ସି ପରକାର ପଦକ୍ଷେପ ନାଇଁ ନେବାର। ଆରଗୁଟେ ଆଡ଼େ କେନ୍ଦ୍ର ଆର ରାଏଜ୍ ସରକାର ସମେତ ଅନେକ ଏନ୍‌ଜିଓ କୁଟିଆ କଂଧମାନକର ବିକାଶ ଲାଗି କାମ କରୁଥିବାର କହୁଥିଲେ ବି ଅବଗା ସତ୍ କଥାଟା ଅଲଗ ଆଏ। ଇ ଦିଗେ ରାଏଜ ସରକାର ଆର ଥାନୀୟ ପରଶାସନ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।



କୁଟିଆକଂଧ୍ ବାସ୍ କରୁଥିବାର ଗୁଟେ ଗାଁର ଦୁରୁଶ୍।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

■ ଧରିତ୍ରୀ ପ୍ରଭାବ

### ୨ବର୍ଷର ଅଚଳ ନଳକୂପରୁ ବାହାରିଲା ପାଣି

ଚିପିଲିମା,୧୨।୫(ଡି.ଏନ୍.ଏ.): ସମ୍ବଲପୁର ଜିଲା କର୍ଡୋଲା ପଞ୍ଚାୟତ ଚିପିଲିମା ପାଏନ ଟାଙ୍କିପଡ଼ାରେ ପ୍ରାୟ ଅଢ଼େଇ ବର୍ଷ ତଳେ ଏକ ନଳକୂପ ଖନନ ହୋଇଥିଲା। ହେଲେ ୬ମାସ ପରେ ନଳକୂପଟି ଅଚଳ ହୋଇଯାଇଥିଲା। ଅନେକ ଅଭିଯୋଗ ପରେ ନଳକୂପ ସଜାଡ଼ିବା ପାଇଁ ପଞ୍ଚାୟତ କର୍ମଚାରୀ ଆସିଥିଲେ ମଧ ସେମାନଙ୍କ ଦ୍ୱାରା ଏହାର ମରାମତି ସମ୍ଭବ ହୋଇ ନ ଥିଲା। ସେମାନେ ବ୍ଲକ ଅଧିକାରୀଙ୍କୁ ଏ ନେଇ ଅଭିଯୋଗ କରିଥିଲେ। ହେଲେ ବ୍ଲକ କର୍ମଚାରୀ ଏହାକୁ ଗୁରୁତ୍ୱ ଦେଇ ଦେଇ ନ ଥିଲେ। ପଡ଼ାବାସୀ ପାଣି ମୁନ୍ଦେ ପାଇଁ ଡହଳବିକଳ ହୋଇ ୱାର୍ଡ ସଭ୍ୟଙ୍କଠାରୁ ଆରମ୍ଭ କରି ସରପଞ୍ଚ, ବ୍ଲକ ଅଧକ୍ଷା, ଆର୍‌ଡବ୍ଲୁଏସ୍‌ଏସ୍, ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଗତ ୧୬ ତାରିଖ 'କେନାଲର ଦୂଷିତ ପାନି ପିଉଛନ୍ ଚିପିଲିମା ପାଏନଟାଙ୍କି ପଡ଼ାବାସୀ' ଶୀର୍ଷକ ଏକ ମତାମତ ଭିତ୍ତିକ ଖବର ପ୍ରକାଶିତ ହୋଇଥିଲା। ଏହାପରେ ବିଭାଗୀୟ ଅଧିକାରୀଙ୍କ ତତ୍ପରତା ପ୍ରକାଶ ପାଇଛି। ବିଳମ୍ବରେ ହେଲେ ବି ନଳକୂପ ମରାମତି ହୋଇଛି। ଏବେ ନଳକୂପରୁ ପାଣି ବାହାରୁଥିବାରୁ ପଡ଼ାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏ ନେଇ ପଡ଼ାର କିଶୋର ବାଗ, କୌଶଲ୍ୟା ନାଏକ, ଶୋଭା ନାଏକ, ପୂର୍ଣ୍ଣିମା ନାଏକ, ସୁରେଖା ବାର୍ଲା ପ୍ରମୁଖଙ୍କ ସମେତ ସମସ୍ତ ପଡ଼ାବାସୀ ଧରିତ୍ରୀକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।



ଜଂଗଲି ବର୍‌ହା ଫସଲ ମାଡ଼ିଦଲି କେଚ୍‌କେଚା କରିଦେଇଛନ୍।



ବର୍‌ହା ଉପଦ୍ରବ ଲାଗି ମଚାନ୍ ବାନ୍ଧି ଦୁଇଜନ୍ ଚାଷୀ ଫସଲ ଜୁଗିଛନ୍।

■ ମାତିଛନ୍ ଜଂଗଲି ବର୍‌ହା, ଉଜାଡୁଛନ୍ ଫସଲ

## ମଚାନ୍ ବାଁଧି ଫସଲ ଜୁଗିଛେ ଚାଷୀ

ବିନିକା, ୧୨।୫(ଡି.ଏନ୍.ଏ.)

ବିନିକା ବ୍ଲକ ଅଂଚଲରେ ଏହେଦେ ଚାଷୀ ରବିଧାନ ଫସଲ କରିଛନ୍। ଫସଲ ଅମଲ କରବାର ସମିଆ ପାଖେଇ ଆଏଲାନ, ଧାନ ମଥା ନଇଁ ଲପ୍‌ଲପେଇ ଯାଉଛେ। ଅଂଚଲର ଚାଷୀ ଇଥର ଭଲ ଅମଲ ହେବାର ଆଶ୍ ବାଁଧି ବସିଛେ। ହେଲେ ଏନ୍‌ତାଥି ଦାଉ ସାଧୁଛନ୍ ଜଂଗଲି ବର୍‌ହା। ବିନିକା ବ୍ଲକର ସିଂଘିଝୁବା, ଜାମପାଲି, ପାପି, ଭଣ୍ଡାର, ସର୍ଗୁଣା, କଦଲୀପାଲି, ଅମରପାଲି, ଅନ୍ତର୍ଡ଼ା, ମହୁଲପାଲି ଚରଦା, ବାଞ୍ଜିପାଲି, ସିଆଲଜୁରୀ, ନକ୍‌ଟାମୁଣ୍ଡା, ପଥରଖଣ୍ଡି, ମହଦା, ସିଆଲି, ଅମାମୁଣ୍ଡା ମଉଜାମାନକେ ଜଂଗଲି ବର୍‌ହା ମାତିଛନ୍। ବର୍‌ହା ଧାନ୍‌ଖେତ୍‌କେ ପସି ମଡ଼ାଦଲା କରବାର ସଂଗେ ଫସଲ ଉଜାଡ଼ି ଦେଉଛନ୍। ଇଥିରଲାଗି ଫିଦିନ ଚାଷୀକର ବଡ଼ଭାରି ନୁକ୍‌ସାନ ହେଉଛେ। ଅନେକ ଜାଗାରେ ଚାଷୀ ଖେତ୍‌ମାନକେ ମଚାନ୍ ବାଁଧି ଦିନ୍‌ରାଏତ୍ ବର୍‌ହା ଖେଦ୍‌ବାର ଲାଗି ଜୁଗିରହିଛନ୍। ବିଭାଗୀୟ ଅଧିକାରୀମାନକୁ ଇ ବାବ୍‌ଦେ ଯେତେ କହେଲେ ନାଇଁ ଶୁନୁଥିବାର ଚାଷୀ ମହଲରୁ ଅଭିଯୋଗ ହେଉଛେ। ଗଲା ଖରିଫ୍‌ରେ ବି ବର୍‌ହା ଉପଦ୍ରବରେ ଅନେକ ଚାଷୀକର ଫସଲ ଖରାପ ହେଇଥିଲା। ହେଲେ ଯେନ୍‌ହିସାବେ ଚାଷୀକର କ୍ଷତି ହେଇଥିଲା ସେ ହିସାବେ କ୍ଷତିପୂରନ ନାଇଁମିଲି। ଗଲା ଖରିଫ୍‌ରେ ବର୍‌ହା ଉପଦ୍ରବର କ୍ଷୟକ୍ଷତି ବାବ୍‌ଦେ ୫ରୁ ୬ ଏକର ପଟ୍ଟାଧାରୀ ଚାଷୀକୁ ୯ଶହରୁ ୧୨ଶହ ଟଁକା ତକ୍ ମିଲିଥିଲା। ଯେନ୍‌ଟା ଚାଷୀର କ୍ଷତିର ୫ ଭାଗ୍ ବି ଭରନା ନାଇଁ ହେଇପାରି। ବିନିକା ଅଂଚଲର ଚାଷୀ ଗୁଟେ ପରେ ଗୁଟେ ଅସବିଧାର ସାମନା କରୁଛନ୍। କେତେବେଲେ ପାଏନ୍ ଅଭାବୁ ଚାଷ୍ ମରୁଛେ ତ ଆର କେତେବେଲେ ରୋଗ୍‌ପୋକ୍, ଜଂଗଲି ବର୍‌ହାକର ଉତ୍‌ପାତରେ ଫସଲ ମାଡ଼୍ ଖାଉଛେ। ଏହେଦେ ରବିଧାନ ଫସଲ ଅମଲ ହେବାର ପାସ ପାସ ହେଲାନ। ଇ ସମିଆରେ ଜଂଗଲ ତରାମାନକେ ଥିବାର ଗାଁମାନ୍‌କେ ଜଂଗଲି ବର୍‌ହା ଚାଷୀକର ଫସଲ ଉଜାଡୁଛନ୍। ବେଲବୁଡ଼ଲେ ଦଲ ଦଲ ବର୍‌ହା ଖେତ୍‌ମାନକୁ ପସି ଫସଲ ମାଡ଼ିଦଲି କେଚ୍‌କେଚା କରିପକଉଛନ୍। ଏନ୍‌ତାଥି ଫସଲର ବଡ଼ଭାରି ନୁକ୍‌ସାନ ହେଉଥିବାର ଚାଷୀମାନେ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଚାଷୀ ବିଦ୍ୟାଧର ସାହୁଙ୍କୁଁ ପଚରାଲାରୁ ଫିବଛର ଧାନ ଫସଲ ଅମଲ କରବାର ଆଗ୍‌ରୁ ଜଂଗଲି ବର୍‌ହା ଉପଦ୍ରବ କରୁଛନ୍। ଖରିଫ୍ ଆର ଡାଲୁଅ ଦୁଇ ଫସଲରେ ବର୍‌ହାକର ଉପଦ୍ରବରେ ବଡ଼ଭାରି ନୁକ୍‌ସାନ ହେଉଛେ। ହେଲେ ଚାଷୀ ସେ ହିସାବେ କ୍ଷତିପୂରନ ନାଇଁ ପାଏବାର। ସରକାରୀ ନିୟମ ହିସାବେ ଚାଷୀକୁ ୧୫ ଦିନ୍ ଭିତରେ କ୍ଷତିପୂରନ୍ ଯୁଗେଇ ଦେବାର କଥା, ହେଲେ କିଏ କାହାକେ ପଚରଉଛେ ବଲି ସେ କହିଥିଲେ। ସେନ୍‌ତା ଚାଷୀ ଚୌବନ ସାହୁକେ ପଚରାଲାରୁ ଫିବଛର ଇ ଜଂଗଲି ବର୍‌ହାକର ଉତ୍‌ପାତ୍ ଗୁଟେ ମୁଡ଼୍‌ଦୁଖା ହେଇଗଲାନ ଆଗିଆଁ। ଯାହାକେ କହେଲେ କେହି ନାଇଁ ଶୁନବାର। ଗଲା ବଛର୍ ହେଇଥିବାର କ୍ଷୟକ୍ଷତିର ଟଁକା ଆଏଜ୍‌ଯାଏ ନୁହେମିଲେ। ଧାନ୍ ଅମଲ କରବାର ଆଗ୍‌ରୁ ଖେତେ ମଚାନ୍ ବାଁଧି ଦିନ୍‌କେ ରାଏତ୍ ଜୁଗବାକେ ପଡୁଛେ ବଲି ସେ କହିଥିଲେ। ଇ ଦିଗେ ବନବିଭାଗ ଦୁରୁଷ୍ଟି ଦେଇ କ୍ଷତିଗ୍ରସ୍ତ ଚାଷୀକୁ ଚିନ୍‌ହଁଟ କରବାର ସଂଗେ ଯେତେ ଜଲଦି ହେବା କ୍ଷତିପୂରନ ଯୁଗେଇ ଦେବାକେ ଅଂଚଲର ଚାଷୀମାନେ ଦାବି କରିଛନ୍।

■ ଚେତି ଶୁଇଛେ ବିଭାଗ

## ଗାଁ ମଝିରେ ବିପଦ୍ ଅବସ୍‌ତାରେ ବିଦ୍ୟୁତ୍ ଖୁଁଟା

ବିନିକା,୧୨।୫(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ପଁଚେତ୍ ଅଧୀନ ଝାରକଦଲିପାଲି ଗାଁ। ଗାଁର ଲୋକ୍ ସଂଖ୍ୟା ୧୨ଶହରୁ ଅଧିକା। ଗାଁର ମୁଖିଆ ରାସ୍‌ତା ମଝିରେ ଗୁଟେ ବିଦ୍ୟୁତ୍ ଖୁଁଟା ଅନେକ ବଛର ହେଲା ବିପଦ ଅବସ୍‌ତାରେ ରହିଛେ। ଇ ବାବ୍‌ଦେ ଗାଁବାସୀ ବିଭାଗୀୟ ଅଧିକାରୀଙ୍କୁ ଗୁହାରି କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ସୂଚନା ଅନ୍‌ସାରେ ଝାରକଦଲିପାଲି ଗାଁ ମଝିରେ ଗୁଟେ ବିଦ୍ୟୁତ୍ ଖୁଁଟା ବିପଦ ଅବସ୍‌ତାରେ ରହିଛେ। ଆଏଜ୍‌କେ ୪ ବଛର ହେଲା ଖୁଁଟାର ତଲିଆଡୁ ସିମେଟ ଛାଡ଼ିଯାଇ ଲୁହାଛଡ଼୍ ଦିଶୁଛେ। ଇ ଖୁଁଟା ଉପରେ ଦେଇ ଯାଇଥିବାର ତାରରେ ବିଦ୍ୟୁତ୍ ସପ୍ଲାଏ ହେଉଛେ। କେତେବେଲେ ଇ ଖୁଁଟା ଧୁକାଗରେଲ, ବରଷା ପାଏନ୍‌ରେ ଢଲିପଡ଼ି ଗାଁବାସୀକର ଲାଗି ବିପଦ୍ ଡାକିଆନ୍‌ବା କିଛି କହି ନାଇଁହୁଏ। ଗାଁବାସୀ ଇ ସମସିଆ ବାବ୍‌ଦେ ବାରବାର ବିଭାଗୀୟ ଅଧିକାରୀଙ୍କୁ ଜନେଇଥିଲେ ବି ତାର ପରତିକାର ବେବସ୍‌ତା ନାଇଁ କରାଯିବାର। ଯଦି ଇ ଖୁଁଟାର ଲାଗି ଗାଁରେ ଧନ୍ ଜୀବନ୍‌ର କ୍ଷୟକ୍ଷତି ହେଲା ସେଥିରଲାଗି ଥାନୀୟ ବିଦ୍ୟୁତ୍ ବିଭାଗ ଦାୟୀ ରହିବା ବଲି ଗାଁବାସୀ କହିଛନ୍। ଇ ବାବ୍‌ଦେ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ରଶ୍ମିରଞ୍ଜନ ଜେନାଙ୍କୁଁ ପଚରାଲାରୁ ଝାରକଦଲିପାଲିରେ ୬୩/୧୦୦ କେଭିର ଗୁଟେ ନୂତନ ଟ୍ରାନ୍ସଫର୍ମର ଲଗାଯିବା। ଯେନ୍‌ଟା ମାସେ ଉତାରୁ କାମ୍ ହେବା, ସେ ସମିଆରେ ଇ ପୁରନା ଖୁଁଟାକେ ବଦ୍‌ଲେଇ ଦିଆଯିବା ବଲି ସେ କହିଥିଲେ।



ଗାଁ ମଝିରେ ବିପଦ୍ ଅବସ୍‌ତାରେ ରହିଥିବାର ବିଦ୍ୟୁତ୍ ଖୁଁଟା।

■ ସୁବର୍ଣ୍ଣପୁରରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ

## ନିଷ୍ଠାପର ସେବା ପାଇଁ ନର୍ସମାନେ ବନ୍ଦନୀୟ

ସୋନପୁର,୧୨।୫(ନି.ପ୍ର.)

ସୁବର୍ଣ୍ଣପୁର ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରଠାରେ ନ୍ତର୍ଜାତୀୟ ନର୍ସ ଦିବସ ରବିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଷ୍ଠାପର ସେବା ପାଇଁ ନର୍ସ ମାନଙ୍କ ଅବଦାନ ସର୍ବଦା ବନ୍ଦନୀୟ ହୋଇ ରହିବ ବୋଲି କହିଥିଲେ। ତାଲିମ କେନ୍ଦ୍ରର ଅଧକ୍ଷା କନକଲତା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡାକ୍ତର ପ୍ରଦୀପ କୁମାର ଗୁରୁ ଓ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ହେମନ୍ତ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଦ୍ୱାରା ନାଟ୍ୟକାର ରତି ମିଶ୍ରଙ୍କ ଲିଖିତ ଏବଂ ଅବିନାଶ ହୋତାଙ୍କ ନିର୍ଦ୍ଦେଶିତ ନାଟକ ହଂସ ଶିକାର ମଞ୍ଚସ୍ଥ ହୋଇଥିଲା। ଏହାବ୍ୟତୀତ ଫେସନ ଶୋ ଏବଂ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମିଶ୍ର, ଜିତେନ୍ଦ୍ର ମହାପାତ୍ର ଓ ସିନେ ଅଭିନେତା ପ୍ରଦ୍ୟୁମ୍ନ ସାହୁ ବିଚାରକ ଦାୟିତ୍ୱ ତୁଲାଇ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସେହେଲି ହାଂସଦା, ସ୍ମିତାଶ୍ରୀ ନାୟକ, ରୋଶନୀ ହାଂସଦା, ସମୀର ସାହୁ, କ୍ଷୀରୋଦ ବିଶ୍ୱାଳ, ପ୍ରଭାତି ଦାଶ, ଗଣେଷ ଚୌଧୁରୀ, ବାବୁଲୁ କୁମ୍ଭାର, ନାରାୟଣ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।



ନର୍ସ ଦିବସ ପାଳନ ଅବସରରେ ଅତିଥି ଓ ଛାତ୍ରୀ ବୃନ୍ଦ ।

## ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ

ସମ୍ବଲପୁର,୧୨।୫(ବ୍ୟୁରୋ)

■ ମୃତଦେହ ଛାଡ଼ି ଯୁବକ ଫେରାର
■ ଠିକଣା ପାଉନି ପୋଲିସ

ସମ୍ବଲପୁର ଜିଲା ଯୁଯୁମୁରା ଗ୍ରାମରେ ଘର ଭଡ଼ା ନେଇ ଜଣେ ଯୁବକଙ୍କ ସହ ସ୍ୱାମୀସ୍ତ୍ରୀ ଭାବେ ରହୁଥିବା ଜଣେ ଯୁବତୀଙ୍କର ରବିବାର ସକାଳେ ବୁର୍ଲା ଭିମସାରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଯୁବତୀଙ୍କ ନାମ ଠିକ୍ ଭାବେ ଜଣାପଡ଼ିନାହିଁ। କେହି କେହି ତାଙ୍କ ନାମ ରେବତୀ କହୁଥିବାବେଳେ ପୋଲିସ ସୁନୀତା ମାଝି ଏବଂ ତାଙ୍କ ବୟସ ୧୯ବର୍ଷ ବୋଲି କହିଛି। ଯୁବତୀଙ୍କ ମୃତ୍ୟୁ ପରେ ଯୁବକ ଜଣକ ମେଡିକାଲରେ ମୃତଦେହ ଛାଡ଼ି ଫେରାର ହୋଇଯାଇଛନ୍ତି। ଯୁବକଙ୍କ ନାମ କୁନା ପ୍ରଧାନ। ତାଙ୍କ ଘର ଦେବଗଡ଼ ଜିଲା ଛେଲିଆମେଣ୍ଡିଆ ଗ୍ରାମରେ ବୋଲି ପୋଲିସ କହୁଛି। ସେ ଡ୍ରାଇଭର ଭାବେ କାର୍ଯ୍ୟ କରିବା ସହ ଯୁଯୁମୁରା ଗ୍ରାମରେ ଭଡ଼ା ନେଇ ରହୁଥିଲେ। କୁନା ଓ ରେବତୀ ସ୍ୱାମୀସ୍ତ୍ରୀ ଭାବେ ରହୁଥିଲେ। ରେବତୀ ନିଆଁରେ ପୋଡ଼ି ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏ ନେଇ ବୁର୍ଲା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ କହିବା ଅନୁଯାରୀ, କୁନା ପରିବାର ଲୋକଙ୍କୁ ଡାକି ଆଣିବାକୁ ଯାଉଛି କହି ମେଡିକାଲରୁ ପଳାଇ ଯାଇଥିଲେ। ସେପଟେ ଯୁବତୀଙ୍କ ଘର ଠିକଣା ମିଳୁ ନ ଥିବାରୁ ପୋଲିସର ଅଡୁଆ ବଢ଼ିଯାଇଛି। କେହି ସମ୍ପର୍କୀୟ ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ନ ହୋଇ ପଡ଼ିରହିଛି। ଅନ୍ୟପକ୍ଷରେ ଉଭୟ ଯୁବତୀ ଓ ଯୁବକଙ୍କ ଠିକ୍ ଠିକଣା ନ ଜାଣି ଘର ମାଲିକ କିପରି ଘର ଭଡ଼ାରେ ଦେଇଥିଲେ ବୋଲି ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ଓ ସରକାର ଘରଭଡ଼ା ଦେବା ସମୟରେ ଘର ମାଲିକମାନଙ୍କ ପାଇଁ ଅନେକ ନିୟମ ତିଆରି କରିଛନ୍ତି। ହେଲେ ଏଠାରେ ଘର ମାଲିକ ନିୟମ ପାଳନ କରିନାହାନ୍ତି। ଝିଅର ଠିକଣା ଘର ମାଲିକଙ୍କ ପାଖରେ ରହିଥିଲେ ଏବେ ପୋଲିସ ପାଇଁ ଅଡୁଆ ହୋଇ ନ ଥାନ୍ତା। ସେହିପରି ଏମାନଙ୍କ ବିବାହ ହୋଇଛି ନା ଯୁବକଙ୍କ ସହ ଯୁବତୀ ଜଣକ ଘରୁ ପଳାଇ ଆସି ଏଠାରେ ରହୁଥିଲେ ତାହା ମଧ ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ଯୁଯୁମୁରା ଥାନା ଏଏସ୍‌ଆଇ ଭିକାରୀ ଚରଣ ବେହେରା କହିଛନ୍ତି ଯେ କୁନାଙ୍କ ସହ ସୁନୀତାଙ୍କର ବର୍ଷକ ତଳେ ବିବାହ ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ସୁନୀତା ଦେହରେ ଡିଜେଲ ଢାଳି ନିଆଁ ଲଗାଇ ହୋଇଥିବା ଖବର ପୋଲିସକୁ ମିଳିଥିଲା। କୁନା ରହୁଥିବା ଘର ମାଲିକ ଏ ନେଇ ଫୋନ କରିଥିଲେ। ଗୁରୁତର ଅବସ୍ଥାରେ କୁନା ରେବତୀ ଓରଫ ସୁନୀତାଙ୍କୁ ନେଇ ବୁର୍ଲା ମେଡିକାଲରେ ପହଞ୍ଚିଥିଲେ।

## ଶ୍ରୀ ଗଣେଶ୍ୱର ବାବାଙ୍କ ନବବିଗ୍ରହ ଶୋଭାଯାତ୍ରା

ଉଲୁଣ୍ଡା, ୧୨।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲାସ୍ଥିତ ଶ୍ରୀ ଗଣେଶ୍ୱର ମହାଦେବ ବାବାଙ୍କ ନବ କଳେବର ପାଇଁ ନବନିର୍ମିତ ନାଗ ପ୍ରତିମାକୁ ରବିବାର ଏକ ଭବ୍ୟ ଶୋଭାଯାତ୍ରାରେ ଅଣାଯାଇଛି। ଏହି ଶୋଭାଯାତ୍ରାରେ ପଞ୍ଚମହଲା ସମେତ ଗଣେଶ୍ୱର ମୌଜାର ୨୨ଖଣ୍ଡ ଗ୍ରାମର ଶ୍ରଦ୍ଧାଳୁ ଭାଗ ନେଇଥିଲେ। ଯାତ୍ରା ପରିଚାଳନା ପରିଷଦ ସଭାପତି କୈଳାସ ଚନ୍ଦ୍ର ପୁରୋହିତଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପଞ୍ଚମହଲା, କପାସିରା, କୁକିଆ ପ୍ରଭୃତି ଗ୍ରାମର ସଂକୀର୍ତ୍ତନ୍ୟ ଓ ଘଣ୍ଟ ଦଳ ସାମିଲ ହୋଇଥିଲେ। ପ୍ରକାଶ ଯେ, ୧୫୦ବର୍ଷର ପୁରାତନ ଶ୍ରୀ ଗଣେଶ୍ୱର ବାବାଙ୍କ ନାଗବିଗ୍ରହର ନବକଳେବର ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାଯାଇ ପ୍ରତିଷ୍ଠା ଓ ସ୍ଥାପନ କରାଯିବ। ଏହି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ବିଶ୍ୱଶାନ୍ତି ହୋମ, ହବନ ଓ ପୂଜନ କାର୍ଯ୍ୟକ୍ରମର ଆୟୋଜନ କରାଯିବାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମଣ ପଣ୍ଡିଆ, ଡିଙ୍ଗର ମେହେର, ଅଶୋକ ପଣ୍ଡା, ଶିରୀଶ ପୁରୋହିତ, ପ୍ରମୋଦ ଭୋଇ, କୃଷ୍ଣଚନ୍ଦ୍ର ଥନାପତି, ବୃହସ୍ପତି ଥନାପତି, ଅଶୋକ ପୁରୋହିତ, ଲିଙ୍ଗ ପୁରୋହିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶ୍ରୀ ଗଣେଶ୍ୱର ମହାଦେବ ବାବାଙ୍କ ନବକଳେବର ପାଇଁ ନବନିର୍ମିତ ନାଗ ପ୍ରତିମାକୁ ରବିବାର ଏକ ଭବ୍ୟ ଶୋଭାଯାତ୍ରାରେ ଅଣାଯାଉଛି।

■ ଖବରଦାତା ସମ୍ମିଳନୀରେ ଗୁରୁତର ଅଭିଯୋଗ ଆଣିଲେ ନରସିଂହ

## ବଲାଙ୍ଗୀର ବାଏପାସ ରାସ୍ତା ନ ହେବା ପଛରେ କେନ୍ଦ୍ର, ରାଜ୍ୟ ସରକାର ଦାୟୀ

ବଲାଙ୍ଗୀର ଅଫିସ, ୧୨।୫

■ ଲୋୟର ସୁକତେଲ ପ୍ରକଳ୍ପ ବନ୍ଦ କରିବାକୁ ସରକାରୀ ଚକ୍ରାନ୍ତ ଚାଲିଛି
■ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଘୋଷଣା ନିର୍ବାଚନୀ ଚାଲ ନ ହେଉ
■ ବିଭାଗୀୟ ଅପାରଗତା ପାଇଁ ପିଇବା ପାଣି ସମସ୍ୟା ହେଉଛି



ବିଧାୟକ ନରସିଂହ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଜାତୀୟ ରାଜପଥ ତିଆରି ପାଇଁ ସ୍ପଷ୍ଟ ନିୟମ ରହିଛି । ସରକାର ଚାହିଁଲେ ଯେକୌଣସି ପରିସ୍ଥିତିରେ ଜମି ଅଧିଗ୍ରହଣ କରି ବାଇପାସ୍ ରାସ୍ତା ତିଆରି କରିପାରିବେ । ଜମି ହରାଇବାକୁ ଥିବା ବ୍ୟକ୍ତିମାନେ କ୍ଷତିପୂରଣ ବାବଦ ଓ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ଅଦାଲତର ଆଶ୍ରୟ ନେଇପାରିବେ । ଏହା ସତ୍ତ୍ୱେ ବଲାଙ୍ଗୀରରେ ଜାତୀୟ ରାଜପଥ ବାଇପାସ୍ ରାସ୍ତା ତିଆରି ହେଉନାହିଁ । ଏଥିପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ହିଁ ଦାୟୀ ବୋଲି ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ରବିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି । ବାଇପାସ୍ ରାସ୍ତାର ଏଷ୍ଟିମେଟକୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଆଳ ଦେଖାଇ ଏହାର ମଞ୍ଜୁରୀକୁ ଅଟକାଇଛନ୍ତି। ପିଏସି କମିଟି ବୈଠକରେ ଏନେଇ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା । ୬ ମାସ ମଧ୍ୟରେ ବାଇପାସ୍ ରାସ୍ତା କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ଉକ୍ତ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ସମୟସୀମା ବିତିଯାଇଥିଲେ ମଧ ଏହା ଆରମ୍ଭ ହୋଇନାହିଁ । ଏହାକୁ ନେଇ ଆନ୍ଦୋଳନ ହେବ ବୋଲି ମିଶ୍ର କହିଥିଲେ। ୨୦୧୩ ଭୂମି ଅଧିଗ୍ରହଣ ଆଇନ ଲାଗୁ ନ ହେଲେ ଲୋୟର ସୁକତେଲ ପ୍ରକଳ୍ପ କାମ ଆଉ ହେବନାହିଁ । ଏକଥା ଜାଣି ମଧ ରାଜ୍ୟ ସରକାର ଏଦିଗରେ ପଦକ୍ଷେପ ନେଉନାହାନ୍ତି । ଏହି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ସରକାରୀ ଷଡଯନ୍ତ୍ର କରାଯାଇଛି ବୋଲି ମିଶ୍ର କହିଥିଲେ। ୨୦୧୩ ବିସ୍ଥାପନ ଆଇନ ଆସିବା ପରେ ପୁରୁଣା ଭୂମି ଆଇନ ଖାରଜ ହୋଇସାରିଛି । ଲୋୟର ସୁକତେଲ ପ୍ରକଳ୍ପରେ ୨୦୧୩ ଆଇନ ଲଗାଇବା ବାଧ୍ୟତାମୂଳକ । ଏବେ ୮ ମାସ ହେଲା ପ୍ରକଳ୍ପ କାମ ବନ୍ଦ ହୋଇଥିଲେ ମଧ ସରକାର କିଛି ବି ପଦକ୍ଷେପ ନେଉନାହାନ୍ତି । ଚାଷୀଙ୍କର ଉନ୍ନତି ପାଇଁ ଅଙ୍ଗ, ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ । ଏପରି କି ଜିଲାରେ ଏକମାତ୍ର ବିଜୟାନନ୍ଦ ଚିନିକଳର ପୁନଃପ୍ରଚଳନ ପାଇଁ ଅନେକ ଚେଷ୍ଟା କରାଯାଇଥିଲେ ହେଁ ସରକାରଙ୍କ ତରଫରୁ ଏହାକୁ ଚାଲୁ କରିବା ପାଇଁ ତିଳେମାତ୍ର ଆନ୍ତରିକତା ନାହିଁ ବୋଲି ସେ କହିଥିଲେ । କର୍ମନିଯୁକ୍ତି ଅଭାବରୁ ପଞ୍ଜାବ ଭଳି ବଲାଙ୍ଗୀରରେ ମଧ ଯୁବକମାନେ ନିଶାଗ୍ରସ୍ତ ହେଉଥିବା ଦେଖାଯାଉଛି । ଏଥିରେ ସରକାରୀ ଦଳର ପ୍ରତିନିଧି ଭୂମିକା ରହିଛି ବୋଲି ସେ ଅଭିଯୋଗ କରିଥିଲେ । ଏହା ସହିତ ବଲାଙ୍ଗୀର ସହରରେ ପାନୀୟ ଜଳ ସମସ୍ୟା ଉପରେ କହିଥିଲେ। ୨୦୧୪ ମସିହାରେ ସହରର ୨୧ଟି ୱାର୍ଡରେ ଟ୍ୟାଙ୍କର ଓ ଟାଙ୍କି ଜରିଆରେ ପାଣି ଦିଆଯାଉଥିଲା। ଏବେ ବିଭାଗୀୟ ଅବହେଳା କାରଣରୁ ସବୁ ୱାର୍ଡକୁ ପାଣି ପହଞ୍ଚୁନାହିଁ। ଏଦିଗରେ ବାରମ୍ବାର ଆଲୋଚନା ପରେ ମଧ ବିଭାଗୀୟ ଅଧିକାରୀମାନେ ଆନ୍ତରିକତା ପ୍ରକାଶ କଲେ ନାହିଁ। ତେବେ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ସହ ଆଲୋଚନା ପରେ ପ୍ରତ୍ୟେକ ୱାର୍ଡକୁ ପୁଣି ଥରେ ପାଣି ଯୋଗାଇବାକୁ ପ୍ରତିଶ୍ରୁତି ଦିଆଯାଇଛି । ବଲାଙ୍ଗୀର ସହରର ଟ୍ରାଫିକ୍ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି । ରାସ୍ତା ଉପରେ, ଛକ ମଝିରେ ଲୋକେ ମନଇଚ୍ଛା ଗାଡ଼ି ପାର୍କିଂ କରୁଛନ୍ତି । ଏ ନେଇ ପୋଲିସ ବିଭାଗ ଓ ଜିଲା ପ୍ରଶାସନ ଆଦୌ ଦୃଷ୍ଟି ଦେଉନାହିଁ। ତୁରନ୍ତ ଟ୍ରାଫିକ୍ ବ୍ୟବସ୍ଥା ସୁଧାରିବାକୁ ସେ କହିଥିଲେ । ରାଜେନ୍ଦ୍ର କଲେଜକୁ ନିର୍ବାଚନ ପୂର୍ବରୁ ବିଶ୍ୱବିଦ୍ୟାଳୟ ଘୋଷଣା କରାଗଲା । ମାତ୍ର ଏ ନେଇ କୌଣସି ବିଧିବଦ୍ଧ ପଦକ୍ଷେପ ନିଆଯାଇ ନ ଥିବାରୁ ଚଳିତବର୍ଷ ଏହି ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବା ସନ୍ଦେହ ଦେଖା ଦେଇଛି ବୋଲି ସେ କହିଥିଲେ। ଏହାବାଦ୍ ଆନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ବୈଠକରେ ବିଧାୟକ ମିଶ୍ରଙ୍କ ସହ କଂଗ୍ରେସ ନିର୍ବାଚନ ପ୍ରଚାର କମିଟି ଅଧ୍ୟକ୍ଷ ଅସୀମ ପଟ୍ଟନାୟକ, ଚାଷୀନେତା ଡା. ସୁଧୀର ପରିଚ୍ଛା, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ଜିଲା କଂଗ୍ରେସ ମୁଖପାତ୍ର ସାନନ୍ଦ ମିଶ୍ର ଏବଂ ଯୁବ କଂଗ୍ରେସ ସଭାପତି ପ୍ରେମ ପ୍ରକାଶ ମିଶ୍ର ମଞ୍ଚାସୀନ ଥିଲେ ।